

ସୁପ୍ରିମକୋର୍ଟରୁ ପାଇଲେ ଆଶ୍ୱସ୍ତି | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



କୋଟି କୋଟି ଟଙ୍କାର ଦାମୀ ଘଣ୍ଟା ପିନ୍ଧନ୍ତି ଜୁନିଅର ଏନ୍‌ଟିଆର | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୯୩ Vol. 21 No-293 21 JANUARY 2025 TUESDAY BHUBANESWAR ମଙ୍ଗଳବାର, ୨୧ ଜାନୁଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ୨ ନକ୍ସଲ ନିହତ

ନୂଆପଡ଼ା, ୨୦।୧ (ଭାସ୍କର ନ୍ୟୁଜ): ନୂଆପଡ଼ା ଜିଲ୍ଲା ସୀମାନ୍ତ ଛତିଶଗଡ଼ର ଗରିଆବନ୍ଧ ଜଙ୍ଗଲରେ ମାଓବାଦୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ଏଥିରେ ୨ଜଣ ନକ୍ସଲ ନିହତ ହୋଇଛନ୍ତି। ଓଡ଼ିଶା-ଛତିଶଗଡ଼ ସୀମାନ୍ତରେ ନକ୍ସଲ ଥିବା ନେଇ ସୁରକ୍ଷାବାହିନୀର ୧୦ଟି ଟିମ୍ ମିଳିତ ଅଭିଯାନ ଆରମ୍ଭ କରିଥିଲେ। ଏଥିରେ ଏସଓଜିର ୩, ଛତିଶଗଡ଼ ପୋଲିସର ୨, • ପୃଷ୍ଠା ୫ ଦେଖନ୍ତୁ

### ଭାଲୁ ଆକ୍ରମଣରେ ବାପା-ପୁଅ ମୃତ

ଉମରକୋଟ, ୨୦।୧ (ଭାସ୍କର ନ୍ୟୁଜ୍) : ଭାଲୁ ଆକ୍ରମଣରେ ବାପାପୁଅଙ୍କ ମୃତ୍ୟୁ ହୋଇଥିବା ବେଳେ ଫରେଷ୍ଟଗାର୍ଡ ଗୁରୁତର ହୋଇଛନ୍ତି । ଏଭଳି ଏକ ଅଭାବନୀୟ ଘଟଣା କାଙ୍କେର ଜିଲ୍ଲା ଡଙ୍ଗରକଟା ଗାଁ ଜେଲାନକାସା ଜଙ୍ଗଲରେ ଘଟିଛି । ଜେଲାନକାସା ଜଙ୍ଗଲରେ ବାପାପୁଅ କାଠ ପାଇଁ ଯାଇଥିବା ବେଳେ ଭାଲୁର ଆକ୍ରମଣର ଶିକାର ହୋଇଛନ୍ତି । ଖବର ପାଇ ଉଭୟଙ୍କୁ ଉଦ୍ଧାର ପାଇଁ ଯାଇଥିବା ଜଣେ ବନ କର୍ମଚାରୀଙ୍କୁ ମଧ୍ୟ ଭାଲୁ ଆକ୍ରମଣ କରି ଲହୁଲୁହାଣ କରିଛି । ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଛି । ଅନ୍ୟ ବନ କର୍ମଚାରୀ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ଦୁଇଦିନିଆ ଜାତୀୟ ଖଣିମନ୍ତ୍ରୀ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ

# ଓଡ଼ିଶା ରତ୍ନଗର୍ଭା




- ଖଣିଜ ସମ୍ପଦରେ ଭରପୁର ଓଡ଼ିଶା
- କେନ୍ଦୁଝର ହେଉଛି ଓଡ଼ିଶାର ଗୌରବ
- ବିକଶିତ ଭାରତ ପାଇଁ ଓଡ଼ିଶା ଦେବ ସହଯୋଗ
- ତ୍ୱରାନ୍ୱିତ ହେଉଛି ଓଡ଼ିଶାର ବିକାଶ

ଭୁବନେଶ୍ୱର/କୋଣାର୍କ, ୨୦।୧ (ଭାସ୍କର ନ୍ୟୁଜ): ଖଣିଜ ସମ୍ପଦରେ ଭରପୁର ଓଡ଼ିଶା। ବାସ୍ତବରେ ଓଡ଼ିଶା ହେଉଛି ରତ୍ନଗର୍ଭା। କେବଳ କେନ୍ଦୁଝର ନୁହେଁ, ଓଡ଼ିଶାର ଅନ୍ୟ ଅଞ୍ଚଳରେ ବି ଖଣିଜ ସମ୍ପଦ ଭରି ରହିଛି। ଦେଶର ବିକାଶରେ ଓଡ଼ିଶାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏବେ ଓଡ଼ିଶା ମାଟିରେ ଲିଥିୟମ ଥିବା ସଙ୍କେତ ମିଳିଛି। ଇ-ବ୍ୟାଟେରୀ ଶିଳ୍ପପାଇଁ ଏହା ଏକ ଭଲ ଖବର ବୋଲି ସୋମବାର କୋଣାର୍କରେ ଆୟୋଜିତ ଦୁଇଦିନିଆ ଜାତୀୟ ଖଣିମନ୍ତ୍ରୀ ସମ୍ମିଳନୀରେ ଯୋଗଦେଇ କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଶ୍ରୀ ମାଝୀ କହିଥିଲେ, ଉତ୍କର୍ଷ ଓଡ଼ିଶା ଅବ୍ୟବହିତ ପୂର୍ବରୁ ଓଡ଼ିଶାରେ ଆୟୋଜିତ ହୋଇଛି ତୃତୀୟ ଜାତୀୟ ଖଣିମନ୍ତ୍ରୀ ସମ୍ମିଳନୀ। ଏବେ ଦେଶର ଦୁଇ ତୃତୀୟାଂଶ ଖଣିଜ ସମ୍ପଦକୁ ସାରା ଦେଶକୁ ଯୋଗାଉଛନ୍ତି ଓଡ଼ିଶା, ଛତିଶଗଡ଼ ଓ ଝାଡ଼ଖଣ୍ଡ। ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ ଏହି ୩ ରାଜ୍ୟ ଇନ୍ଧନ ଯୋଗାଇବେ। ସେଥିରେ ଓଡ଼ିଶା ପ୍ରମୁଖ ଭୂମିକା ତୁଲାଇବ। ସେ ଆହୁରି କହିଥିଲେ ଯେ ଆମର ମନେ ରଖିବା ଉଚିତ, ପ୍ରାକୃତିକ ସମ୍ପଦ ଚିରସ୍ଥାୟୀ ନୁହେଁ। ତେଣୁ ପରିବେଶକୁ କ୍ଷତି ନ ପହଞ୍ଚାଇ ଏହାକୁ କିଭଳି ଦୀର୍ଘସ୍ଥାୟୀ କରିପାରିବା ଏ ନେଇ ବାଟ ବାହାର କରିବାକୁ ପଡ଼ିବ ବୋଲି ସେ କହିଥିଲେ। ଓଡ଼ିଶାରେ କୋଇଲା ସମେତ ପ୍ରାୟ ସବୁପ୍ରକାର ଧାତୁର ୫୦ ଭାଗ ରହିଛି। ବିଭିନ୍ନ କାରଣରୁ ଓଡ଼ିଶାର ବାସ୍ତବ ସମ୍ଭାବନାକୁ ଆବିଷ୍କାର କରାଯାଇପାରି ନାହିଁ। ଏକଦା ରାଉରକେଲାରେ କେବଳ ଗୋଟିଏ ଷ୍ଟିଲପ୍ଲାଣ୍ଟ ଥିବାବେଳେ ଏବେ ଓଡ଼ିଶାରେ ୩୬ଟି ପ୍ଲାଣ୍ଟ ରହିଛି, ଯାହାକି ଦେଶର ମୋଟ ଷ୍ଟିଲ ଉତ୍ପାଦନ କ୍ଷମତାର ୨୫ ଭାଗ ସହ ଓଡ଼ିଶାକୁ ଦେଶର ଷ୍ଟିଲ କ୍ୟାପିଟାଲରେ ପରିଣତ କରିଛି। ଆମ ସରକାର କ୍ଷମତାକୁ ଆସିବା ପରେ ଆମେ ଅନୁକୂଳ ଶିଳ୍ପନୀତି ପ୍ରସ୍ତୁତ କରିଛୁ। ଆମେ ଖଣିଜ ସମ୍ପଦର ବ୍ୟବହାର କରି ଟେକ୍ନୋଲୋଜିରେ ପୁଞ୍ଜି ଖଟାଇ ଏବଂ ସାମାଜିକ ଦାୟିତ୍ୱବୋଧକୁ ଗୁରୁତ୍ୱ ଦେଇ ଓଡ଼ିଶାକୁ ବାସ୍ତବରେ ଉତ୍କର୍ଷ କରିବାକୁ ଲକ୍ଷ୍ୟ • ପୃଷ୍ଠା ୫ ଦେଖନ୍ତୁ

## ପୁଣି ହ୍ୱାଇଟ୍‌ହାଉସ୍‌କୁ ଫେରିଲେ ଟ୍ରମ୍ପ

# ୪୭ତମ ରାଷ୍ଟ୍ରପତି ଭାବେ ଶପଥ ନେଲେ



ୱାଶିଂଟନ, ୨୦।୧: ସୋମବାର ଭାରତୀୟ ସମୟ ରାତି ୧୦.୩୦ରେ ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଶପଥ ନେଇଛନ୍ତି ଡୋନାଲ୍ଡ ଟ୍ରମ୍ପ। ଆମେରିକାର ମୁଖ୍ୟ ବିଚାରପତି ଜନ୍ ରବର୍ଟ୍ସ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ। ପ୍ରଥମେ ଉପରାଷ୍ଟ୍ରପତି ଭାବେ ଜେଡି ଭେନ୍ସ ଶପଥ ନେଇଥିଲେ। ସଂସଦର ଏକ ନିଭୃତ ସ୍ଥାନରେ ଏହି ଶପଥଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଥିଲା। ଫଳରେ ଆମେରିକାରେ ଦ୍ୱିତୀୟ ଥରପାଇଁ ଟ୍ରମ୍ପ ଯୁଗ ଆରମ୍ଭ ହୋଇଛି। ଏଥିନେଇ ୱାଶିଂଟନ ଡିସି ଏବଂ ଆଖପାଖ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ଦୁଇଟି ବାଇବେଲ ଉପରେ ହାତ ରଖି ଟ୍ରମ୍ପ ପଦ ଓ ଗୋପନୀୟତାର ଶପଥ ନେଇଥିଲେ। ଆମେରିକାରେ ପ୍ରବଳ ଶୀତ ହେଉଥିବାରୁ ଟ୍ରମ୍ପଙ୍କ ଶପଥଗ୍ରହଣ ଏକ ନିଭୃତ ସ୍ଥାନରେ କରାଯାଇଥିଲା। ଆମେରିକାର • ପୃଷ୍ଠା ୫ ଦେଖନ୍ତୁ

### ଶୁଭେଚ୍ଛା ଜଣାଇଲେ ମୋଦୀ




ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ଜଗତସିଂହପୁର(ଭାସ୍କର ନ୍ୟୁଜ୍): ୨୯ତମ ଜଗତସିଂହପୁର ଜ଼ିଲ୍ଲା ଜୁନିଅର ରେଡ଼କ୍ରସ ପକ୍ଷରୁ ଦୁଇଦିନିଆ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାସ୍ତରୀୟ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ରେଡ଼କ୍ରସ ପତାକାକୁ ଆନୁଷ୍ଠାନିକ ଭାବେ ଉତୋଳନ କରିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ବିଧାୟକ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ ।ମୁଖ୍ୟ ବକ୍ତା ଭାବେ ଜଗତସିଂହପୁର ପୌରପରିଷଦ ଅଧକ୍ଷ ଅର୍ଚ୍ଚନା ସିଂ, ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିବହନ ଅଧିକାରୀ ନିର୍ମଳ କୁମାର ମହାନ୍ତି, ଅତିରିକ୍ତ ଜ଼ିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର । ରାଜଶ୍ରୀ ସାହୁ,ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ତଥା ଜିଲ୍ଲା ଜୁନିଅର ରେଡ଼କ୍ରସ ସମ୍ପାଦକ ଦିଲ୍ଲୀପ କୁମାର ଦାସ । ଜଗତସିଂହପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମିହିର କୁମାର ପାଳ ପ୍ରମୁଖ ଯୋଗଦେଇଥିଲେ । ଶେଷରେ ଜୁନିଅର ରେଡ଼କ୍ରସ ଅଫିସର ତ୍ରିଲୋଚନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ପ୍ରଶିକ୍ଷଣ ଶିବିରରେ ଜିଲ୍ଲା ର ବିଭିନ୍ନ ବିଦ୍ୟାଳୟରୁ ୨ ଶହରୁ ଉର୍ଦ୍ଧ୍ୱ ଜୁନିଅର ରେଡକ୍ରସ ଛାତ୍ରଛାତ୍ରୀ ଯୋଗଦେଇଥିଲେ ।



# ରୋଗୀସେବାରେ ଆସୁନି ଧରଣୀଧର ଭେଷଜ ଚିକିତ୍ସାଳୟ

## ଭିତ୍ତିଭୂମି ଓ ଡାକ୍ତର ଅଭାବରୁ କାର୍ଯ୍ୟକ୍ଷମ ହୋଇପାରୁନି ଅନ୍ତଃବିଭାଗ ଓ ଆଇସିୟୁ




କେନ୍ଦୁଝର(ଭାସ୍କର ନ୍ୟୁଜ୍)): ଆଦିବାସୀବହୁଳ କେନ୍ଦୁଝରବାସୀଙ୍କୁ ହାତପାହାନ୍ତାରେ ନିଃଶୁଳ୍କ ଚିକିତ୍ସା ସେବା ଯୋଗାଇ ଦେବାପାଇଁ କେନ୍ଦୁଝର ସହର ଉପକଣ୍ଠ କବିଟ୍ରା ଠାରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ନିମନ୍ତେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨ ନଭେମ୍ବର ୨୦୧୬ ରେ ଶିଳାନ୍ୟାସ କରିଥିଲେ। ଶିଳାନ୍ୟାସର ଦୀର୍ଘ ୬ବର୍ଷ ପରେ ୧୩ ଫେବୃୟାରୀ ୨୦୨୩ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦୁଝର ଗସ୍ତ କରି ୧୦୦ ସିଟ୍ ବିଶିଷ୍ଟ ଉକ୍ତ ମେଡିକାଲ କଲେଜ ଓ ୫୦୦ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟକୁ ଜିଲ୍ଲାବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରିଥିଲେ। ୨୦୨୪ ସାଧାରଣ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବା ପୂର୍ବରୁ ୨ ମାର୍ଚ୍ଚ ୨୦୨୪ରେ ଏହାର ନାମ ଧରଣୀଧର ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ନାମରେ ନାମିତ କରାଯାଇଥିଲା । ଜିଲା ଖଣିଜ ପାଣ୍ଠିରୁ ୪୮୧ କୋଟିରୁ ଅଧିକ ଟଙ୍କା ବ୍ୟୟରେ ନବନିର୍ମିତ ଏହି ମେଡକାଲ କଲେଜ ଓ ହସ୍ପିଟାଲରେ ଭେଷଜ, ଚର୍ମ ଓ ଯୌନ, ମାନସିକ ଓ ଦନ୍ତ ରୋଗର ବର୍ହିଃବିଭାଗ ଚିକିତ୍ସା ସେବାକୁ ମଧ୍ୟ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ଯୋଗେ ଶୁଭାରମ୍ଭ କରିଥିଲେ। ଏହି ୪ବିଭାଗର ବର୍ହିଃବିଭାଗ ଚିକିତ୍ସା ସେବା ସରକାରୀ ଛୁଟି ଦିନକୁ ବାଦ୍ ଦେଲେ ରବିବାର କେବଳ ସକାଳ ୯ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଏବଂ ଅନ୍ୟ ଦିବସମାନଙ୍କରେ ସକାଳ ୯ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ବର୍ହିଃବିଭାଗ ରୋଗୀ ସେବା ଉପଲବ୍ଧ ହେବବୋଲି କୁହାଯାଇଥିଲା। ଚିକିତ୍ସାଳୟ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ନିମନ୍ତେ ଅନ୍ୟ ବିଭାଗମାନଙ୍କରେ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଥିବା ବେଳେ ବର୍ଷକ ମଧ୍ୟରେ ଧରଣୀଧର ଭେଷଜ ଚିକିତ୍ସାଳୟରେ ସମସ୍ତ ବିଭାଗ କାର୍ଯ୍ୟକ୍ଷମ ହେବା ସହିତ ରୋଗୀଙ୍କୁ ଅନ୍ତଃବିଭାଗ ସହ ପୂର୍ଣ୍ଣକାଳୀନ ଚିକିତ୍ସା ସେବା ଯୋଗାଇ ଦିଆଯିବ ବୋଲି କୁହାଯାଇଥିଲା। ସରକାରୀ ଭେଷଜ ଚିକିତ୍ସାଳୟ କାର୍ଯ୍ୟକ୍ଷମ ହେଲେ ଜିଲ୍ଲାବାସୀଙ୍କୁ ଉନ୍ନତମାନର ଚିକିତ୍ସାସେବା ମିଳିବା ନେଇ ବେଶ୍ ଆଶାବାଦୀ ଥିବାବେଳେ ବର୍ହିଃବିଭାଗ କାର୍ଯ୍ୟକ୍ଷମ ୧୦ମାସ ପରେ ମଧ୍ୟ ୪ଟି ବିଭାଗକୁ ବାଦ୍ ଦେଲେ ଶିଶୁ, ସ୍ତ୍ରୀ ଓ ପ୍ରସୂତୀ, ଅସ୍ଥିଶଲ୍ୟ, ଶଲ୍ୟ, ପାକସ୍ଥଳୀ ଓ ଯକୃତ, କର୍ଣ୍ଣ,ନାସା ଓ ଗଳା ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ପକ୍ଷରୁ ରୋଗୀଙ୍କୁ ବର୍ହିଃବିଭାଗ ଚିକିତ୍ସା ସେବା ମିଳିପାରିଲା ନାହିଁ। ସେଭଳି ଖଣି ଓ ଶିଳ୍ପବହୁଳ ଏହି ଜିଲ୍ଲାରୁ ମାତ୍ରାଧିକ ଖଣିଜସମ୍ପଦ ବୋଝେଇ ଯାନବାହାନ ଚଳାଚଳ ଯୋଗୁଁ ଜିଲାବ୍ୟାପୀ ସଡକପଥ ମରଣଯନ୍ତା ପାଲଟିବା ସହ ସମଗ୍ର ରାଜ୍ୟରେ ଦୁର୍ଘଟଣାଜନିତ ମୃତ୍ୟୁହାର ଢ଼େର ଅଧିକ ରହିଛି। ତଥାପି ଦୁର୍ଘଟଣାଗ୍ରସ୍ତଙ୍କୁ ଆଶୁ ଚିକିତ୍ସା ଯୋଗାଇବା ଲକ୍ଷ୍ୟରେ ଟ୍ରମା କେୟାର ଭିତ୍ତିଭୂମି ଅଭାବ ସାଙ୍ଗକୁ ଡାକ୍ତର ପଦ ଖାଲି ପଡ଼ିଥିବାରୁ ଏହା ମଧ୍ୟ ଆଜିପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ। ଧରଣୀଧର ଭେଷଜ ଚିକିତ୍ସାଳୟରେ ରୋଗୀଙ୍କୁ ଚିକିତ୍ସା ସହାୟତା ଯୋଗାଇ ଦେବାପାଇଁ ଆବଶ୍ୟକ ଡାକ୍ତର ପଦ ଖାଲି ପଡ଼ିଥିବାରୁ ୫୦୦ଶଯ୍ୟା ବିଶିଷ୍ଟ ଅନ୍ତଃବିଭାଗ ଓ ୩୦ଶଯ୍ୟା ବିଶିଷ୍ଟ ଆଇସିୟୁ ମଧ୍ୟ କାର୍ଯ୍ୟକ୍ଷମ ହୋଇନପାରିବା ଜିଲ୍ଲାବାସୀଙ୍କୁ ନିରାଶ ହେବାକୁ ପଡ଼ିଛି। କେନ୍ଦୁଝର ସଦର ବିଧାୟକ ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ହେବାପରେ ଧରଣୀଧର ଭେଷଜ ଚିକିତ୍ସାଳୟ ଖୁବ୍ ଶୀଘ୍ର ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବାନେଇ ଜିଲ୍ଲାବାସୀ ଆଶାବାନ୍ଧି ରହିଥିଲେ। ଏସ୍ସିବି ମେଡିକାଲ କଟକ ଓ ଧରଣୀଧର ଭେଷଜ ଚିକିତ୍ସାଳୟ କେନ୍ଦୁଝରର ଅଭିଜ୍ଞ ଡାକ୍ତରମାନଙ୍କୁ ନେଇ ୨୧ ସେପ୍ଟେମ୍ବର ୨୦୨୪ରେ ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆରେ ଆୟୋଜିତ ବୃହତ୍ ମାଗଣା ସ୍ୱାସ୍ଥ୍ୟ ଶିବିରକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉଦ୍‌ଘାଟନ କରିବା ଅବସରରେ ଧରଣୀଧର ଭେଷଜ ଚିକିତ୍ସାଳୟକୁ ଖୁବ୍ ଶିଘ୍ର ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯିବା ସହ ଦୁର୍ଘଟଣାଗ୍ରସ୍ତଙ୍କୁ ଆଶୁ ଚିକିତ୍ସା ନିମନ୍ତେ ୨୦୨୪ ଡିସେମ୍ବର ଶେଷ ସୁଦ୍ଧା ଟ୍ରମା କେୟାର ସେଣ୍ଟର ମଧ୍ୟ କାର୍ଯ୍ୟକ୍ଷମ ହେବବୋଲି ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ ଏହା କହିଥିଲେ। ଧରଣୀଧର ଭେଷଜ ଚିକିତ୍ସାଳୟରେ ବ୍ଲଡ ବ୍ୟାଙ୍କ ଅଧିକାରୀ ଓ କାଜୁଆଲିଟି ମେଡିକାଲ ଅଫିସର ଭଳି ଦୁଇ ଗୁରୁତ୍ୱପୂର୍ଣ୍ଣ ପଦ ଖାଲି ପଡ଼ିଥିବା କାରଣରୁ ନିଦାନ ସେବା ମଧ୍ୟ ସମ୍ପୂର୍ଣ୍ଣ ଭାବେ ମିଳିପାରୁନି। ଏଭଳିସ୍ଥିତିରେ ବହୁ ପ୍ରତିକ୍ଷୀତ ଧରଣୀଧର ଭେଷଜ ଚିକିତ୍ସାଳୟ କେବେ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ ଏବଂ ରୋଗୀଙ୍କୁ କଥା କଥାକେ କଟକ ବଡ ମେଡିକାଲ ପରିବର୍ତ୍ତେ କିଭଳି ହାତପାହାନ୍ତାରେ ଚିକିତ୍ସା ସେବା ମିଳିପାରିବ ସେ ନେଇ ଜିଲ୍ଲାବାସୀ ଆଶା ଆଶଙ୍କା ଦେଇ ଗତି କରୁଛନ୍ତି। ଧରଣୀଧର ଭେଷଜ ଚିକିତ୍ସାଳୟ ଅଧିକ୍ଷକ କହିଛନ୍ତି ଯେ ଧରଣୀଧର ଭେଷଜ ଚିକିତ୍ସାଳୟରେ ରୋଗୀ ସେବା ପାଇଁ ଆବଶ୍ୟକ ୩୮ଜଣ ଜୁନିୟର ରେସିଡେନ୍ସ ଡାକ୍ତର ପଦ ପୂରଣ ହୋଇନପାରିବା ଏବଂ ରୋଗୀଙ୍କ ନିମନ୍ତେ ଉଦ୍ଦିଷ୍ଟ ବେଡ୍ ଯୋଗାଣରେ ଅହେତୁକ ବିଳମ୍ବ ଯୋଗୁଁ ଅନ୍ତଃବିଭାଗ କାର୍ଯ୍ୟକ୍ଷମରେ ବିଳମ୍ବ ହେଉଛି। ଭେଷଜ ଚିକିତ୍ସାଳୟ ଏବଂ ଆଇସିୟୁ ପାଇଁ ଆବଶ୍ୟକ ବେଡ୍ ନିମନ୍ତେ ଓଡିଶା ଷ୍ଟେଟ ମେଡିକାଲ କର୍ପୋରେସନକୁ ବହୁବାର ପତ୍ରାଳାପ ପରେ ମଧ୍ୟ ବେଡ୍ ଯୋଗାଣ ହୋଇପାରିଲା ନାହିଁ। ସେହିଭଳି ଟ୍ରମା କେୟାର କାର୍ଯ୍ୟକ୍ଷମ ପାଇଁ ଆନୁସଙ୍ଗିକ ବ୍ୟବସ୍ଥାରେ ଉନ୍ନତିକରଣ କାର୍ଯ୍ୟ ଶେଷ ନହେବା ସାଙ୍ଗକୁ ତାଲିମପ୍ରାପ୍ତ ଅଭିଜ୍ଞ ଡାକ୍ତର ନିଯୁକ୍ତି ହୋଇନଥିବାରୁ ଟ୍ରମା କେୟାର ମଧ୍ୟ କାର୍ଯ୍ୟକ୍ଷମରେ ବିଳମ୍ବ ହୋଇଛି। ତେବେ ଆସନ୍ତା ଫେବୃୟାରୀ ଶେଷ ସୁଦ୍ଧା ଅତ୍ୟାଧୁନିକ ପରୀକ୍ଷା ସରଞ୍ଜାମ ସାମଗ୍ରୀ ସଂଯୋଗ କାର୍ଯ୍ୟ ଶେଷ ହୋଇ ଧରଣୀଧର ଭେଷଜ ଚିକିତ୍ସାଳୟରେ ପୂର୍ଣ୍ଣକାଳୀନ ନିଦାନ ସେବା ଯୋଗାଇ ଦିଆଯିବ।

# ଷେଣ୍ଟପୁର-ଦୋବଲ ରାସ୍ତା ନିର୍ମାଣ ନିମ୍ନମାନର



ଅଧିକାରୀଙ୍କ ଅନୁପସ୍ଥିତିରେ ଚାଲିଛି କାମ

ଧାମନଗର(ଭାସ୍କର ନ୍ୟୁଜ୍): ଦୋବଲ ଠାରୁ ସେଣ୍ଡପୁର ରାସ୍ତା ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ କାର୍ଯ୍ୟ ଚାଲିଥିବା ବେଳେ କାର୍ଯ୍ୟବେଳେ କେହି ଅଧିକାରୀ ରହୁ ନଥିବାରୁ ରାସ୍ତା କାର୍ଯ୍ୟର ସ୍ଥାୟିତ୍ୱ ନେଇ ସନ୍ଦେହ ସୃଷ୍ଟି ହୋଇଛି। ପ୍ରକାଶ ଥାଉକି ଭଦ୍ରକ ଜିଲ୍ଲା ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ଶେଣ୍ଡପୁର-ଦୋବଲ ରାସ୍ତାର ପ୍ରଶସ୍ତିକରଣ ଓ ସୁଦୃଢ଼ୀକରଣ କାମ ଚାଲିଛି। ଏଥିଲାଗି ୪ କୋଟି ୭୧ ଲକ୍ଷ ଟଙ୍କାର ବ୍ୟୟ ଅଟ୍ଟକଳ କରାଯାଇଛି। ଠିକାଦାର ଠିକା ନେଇ କାମ କରୁଛନ୍ତି। ପ୍ରଥମ ପର୍ଯ୍ୟାୟରେ ଖଡ଼ିପଦାରୁ ଦୋବଲ ମଧ୍ୟରେ ୨ କିଲୋମିଟର ଲମ୍ବର ରାସ୍ତା କାମ ଆରମ୍ଭ ହୋଇଛି। ରାସ୍ତାର ଦୁଇ ପାର୍ଶ୍ୱରେ ଖୋଳାଯାଇ ଗାର୍ଡ ଓ୍ୱାଲ ବେସ୍ ନିର୍ମାଣ କରାଯାଉଛି। ତେବେ ରାସ୍ତା ନିର୍ମାଣ କାମ ସଂପୂର୍ଣ୍ଣ ନିମ୍ନମାନର ହେଉଛି। କାଦୁଆ ବାଲି ବାଲିଆ ମାଟି ପକାଯାଉଛି। ସେହିପରି ନିର୍ଦ୍ଧାରିତ ଚିପ୍ସ ବଦଳରେ ଶସ୍ତା ଓ ନିମ୍ନମାନର ଚିପ୍ସ, ବୋଲଡର ବ୍ୟବହାର କରାଯାଉଛି। ସେହିଭଳି ରାସ୍ତା ନିର୍ମାଣ ଲାଗି ରାଜ୍ୟ ସରକାର ନିର୍ଦ୍ଧାରଣ କରିଥିବା ସିମେଣ୍ଟ ବଦଳରେ ଅନ୍ୟ କମ୍ପାନୀର ସିମେଣ୍ଟ ବ୍ୟବହାର କରାଯାଉଛି। ରାସ୍ତା ପାଇଁ ପ୍ରସ୍ତୁତ ହୋଇଥିବା ଲେଆଉଟ୍, ଡ଼ିଜାଇନ୍ ଓ ସ୍ପେସିଫିକେସନ ରେ ଗ୍ରେଡ ୪୩ ଓ ୫୩ ସିମେଣ୍ଟ ବ୍ୟବହାର ଓ ଏମ -୨୫ ସିମେଣ୍ଟ ମିକ୍ସରେ କାମ ହେବା କଥା। ହେଲେ ମନଇଛା ସିମେଣ୍ଟ, ବାଲି ଓ ଚିପ୍ସ ଭାଗ ମିକ୍ସ କରି ଗାର୍ଡ ଓ୍ୱାଲ୍ କରାଯାଇଛି। ସିମେଣ୍ଟ ମିକ୍ସ ବା କଂକ୍ରିଟ ମିକ୍ସରେ କୌଣସି ପ୍ରକାର ବୁଝାମଣା କରାଯିବା ଅନୁଚିତ। ଏହା ସହ ବଡ଼ ପ୍ରକଳ୍ପ କାର୍ଯ୍ୟ ହୋଇଥିବାରୁ କଂକ୍ରିଟ କାମ ବେଳେ ବିଭାଗୀୟ ଅଧିକାରୀ ଯନ୍ତ୍ରୀ ଉପସ୍ଥିତ ରହି କାମ କରିବା କଥା। ବଡ଼କଥା ହେଉଛି, ଯିଏ ଠିକା ନେଇଛନ୍ତି, ସିଏ କି ତାଙ୍କ ଲୋକ କେହି ରହୁନାହାନ୍ତି। ଏମିତିକି ପୂର୍ତ୍ତ ବିଭାଗର କୌଣସି କର୍ମଚାରୀ ରହୁନାହାନ୍ତି। ଏଣୁ ସୁପର ଭାଇଜର କରୁଥିବା ଲୋକ କାମର ସ୍ଥାୟିତ୍ୱ ଓ ଦୃଢ଼ତା ବଦଳରେ ନିଜର ଲାଭକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏଣୁ ସଂପୂର୍ଣ୍ଣ ନିମ୍ନମାନର କାମ କରାଯାଉଥିବା ଦେଖିବାକୁ ମିଳିଛି। ସରକାରୀ ଅଧିକାରୀ କେହି ରହୁ ନଥିବାରୁ କାମର ସ୍ଥାୟିତ୍ୱ ପ୍ରତି ସନ୍ଦେହ ସୃଷ୍ଟି କରିଛି। ଅନ୍ୟପକ୍ଷରେ କାମକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଦୈନିକ ହଜାର ହଜାର ଲୋକ ଉକ୍ତ ରାସ୍ତା ଉପରେ ନିର୍ଭର କରୁଥିବାରୁ ଭଲ କାମ ହେବା ଆବଶ୍ୟକ ବୋଲି ଲୋକେ କହିଛନ୍ତି। ଏ ଦିଗରେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି। ପ୍ରକାଶ ଥାଉ କି କିଛିଦିନ ତଳେ ଖଡିପଦା ଠାରେ ଏହି ନିମ୍ନମାନର କାର୍ଯ୍ୟକୁ ସ୍ଥାନୀୟ ଲୋକ ବିରୋଧ କରିବାରୁ କିଛିଦିନ କାମ ବନ୍ଦ ରହିଥିଲା । ପରବର୍ତ୍ତୀ ସମୟରେ କାମ କରାଯାଇଥିଲା। ଏବେ ଦୋବଲ ନିକଟସ୍ଥ ଘୋଡ଼ା ନାଳ ନିକଟରେ ଉକ୍ତ ରାସ୍ତା କାର୍ଯ୍ୟ ନିର୍ମାଣ ଚାଲିଥିବାବେଳେ ଅତି ନିମ୍ନମାନର କାର୍ଯ୍ୟ ହେଉଛି। ରାସ୍ତା ମଝିରେ ରଡ ଦିଆଯାଉନଥିବାରୁ ରାସ୍ତା ମଝିରେ ପରେ ଫାଟ ସୃଷ୍ଟି ହେବ ମାତ୍ର ଏ ଦିଗରେ ଠିକାଦାର ତାହା କରୁନାହାନ୍ତି। ଏ ଦିଗରେ ବିଭାଗୀୟ ଉଚ୍ଚ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଅବସରପ୍ରାପ୍ତ କିରାଣିଙ୍କ ବିୟୋଗ

କେନ୍ଦୁଝର(ଭାସ୍କର ନ୍ୟୁଜ୍): ଅବସରପ୍ରାପ୍ତ ମୁଖ୍ୟ କିରାଣୀ ନୃସିଂହ ନାରାୟଣ ଦ୍ୱିବେଦୀଙ୍କ ଶନିବାର ପୂର୍ବାହ୍ନ ୯ ଘଟିକା ସମୟରେ ଜନାର୍ଦ୍ଦନପୁର ଶାସନରେ ହୃଦଘାତରେ ବିୟୋଗ ଘଟିଛି । ମୃତ୍ୟୁବେଳକୁ ତାଙ୍କୁ ୬୮ ବର୍ଷ ହୋଇଥିଲା । ସେ ଜିଲ୍ଲା ମଙ୍ଗଳ ବିଭାଗରେ ମୁଖ୍ୟ କିରାଣୀ ଭାବେ କାର୍ଯ୍ୟ କରି ଅବସର ନେଇଥିଲେ । ସେ ସ୍ୱଭାବରେ ବହୁତ ସରଳ ଏବଂ ଅମାୟିକ ଥିବାରୁ ତାଙ୍କର ସହକର୍ମୀ,ପରିବାର ଲୋକ ଓ ବନ୍ଧୁ ପରିଜନଙ୍କ ବେଶ ନିକଟତର ଥିଲେ । ତାଙ୍କର ଅନ୍ୟ ଏକ ପରିଚୟ ସେ ଜିଲ୍ଲାର ସୁନାମଧନ୍ୟ ଲେଖକ ସ୍ୱର୍ଗତ ଗଦାଧର ଦ୍ୱିବେଦୀଙ୍କ କନିଷ୍ଠ ପୁତ୍ର ଅଟନ୍ତି ଓ ତାଙ୍କର ବଡ ଭାଇ ରାମନାରାୟଣ ଦ୍ୱିବେଦୀ ବିଭିନ୍ନ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ଗୁଡିକରେ ପ୍ରତ୍ୟକ୍ଷ ଭାବରେ ଜଡିତ ଅଟନ୍ତି । ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସହଧର୍ମିଣୀ,ବଡ ଭାଇ ରାମ ନାରାୟଣ ଦ୍ୱିବେଦୀ, ଭାଉଜ, ଭଉଣୀ, ଭିଣୋଇ, ଭଣଜା, ଭାଣିଜୀ, ପୁତୁରା, ଝିଆରୀ, ବୋହୂ ସଂଯୁକ୍ତା ଦ୍ୱିବେଦୀ ଓ ଅନ୍ୟ ବନ୍ଧୁ ପରିଜନ ଉପସ୍ଥିତ ଥିଲେ । ତାଙ୍କ ଶେଷ ଦର୍ଶନ ପାଇଁ ସହରର ବିଭିନ୍ନ ବର୍ଗର ବହୁ ବ୍ୟକ୍ତି ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଜନାର୍ଦ୍ଦନପୁର ଶ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା । ତାଙ୍କର ଏକମାତ୍ର ପୁତ୍ର ବ୍ରଜେନ୍ଦ୍ର ଦ୍ୱିବେଦୀ ମୁଖାଗ୍ନି ଦେଇଥିଲେ ।

# ଭାଗବତ ସପ୍ତାହ ଉଦ୍‌ଯାପିତ



ଏରସମା(ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ବାମଦେଇପୁର ପଞ୍ଚାୟତର ବାମଦେଇପୁର ବାବା ବାଲୁଙ୍କେଶ୍ୱର ପୀଠରେ ସାତ ଦିନ ବ୍ୟାପି ଭାଗବତ ସପ୍ତାହ ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି ।ଏହି ଭାଗବତ ସପ୍ତାହ ନିମନ୍ତେ ସାତ ଦିନ ବ୍ୟାପି ପୂଜକ ଶୁକଦେବ ଶତପଥୀ ଓ ସୁରେଶ ଚନ୍ଦ୍ର ମିଶ୍ର ଭାଗବତ ପାରାୟଣ ପଠନ କରିଥିଲେ। ଏଥିରେ କର୍ତ୍ତା ଭାବେ ଶିଶିର ମହାନ୍ତି ଓ କର୍ତ୍ତି ଭାବେ ବିନ୍ଦୁ ମହାନ୍ତି ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମକୁ ବାମଦେଇପୁର ସମିତି ସଭ୍ୟ ବିକ୍ରମ ମହାପାତ୍ର, ଶଙ୍କର ମହାନ୍ତି,ବିଦ୍ୟାଧର ଦଳାଇ, ପ୍ରେମାନନ୍ଦ ବିଶ୍ୱାଳ, ବିଚିତ୍ର ମହାପାତ୍ର, କ୍ଷୀରୋଦ ମହାନ୍ତି,ପ୍ରଫୁଲ୍ଲ ଦଳାଇ, ଦୁର୍ଗା ଚରଣ ସ୍ୱାଇଁ, ବିଶ୍ୱନାଥ ସାହୁ, ଅର୍ଜ୍ଜୁନ ମହାନ୍ତି, ବନମାଳୀ ମହାପାତ୍ର, ବିକାଶ ମହାପାତ୍ର, ମଥୁରୀ ଜେନା, ଚୁବାନୀ ମହାନ୍ତି, ଭ୍ରମର ବର ଓଝା, ଶିବାନୀ ମହାନ୍ତି, ଜୀତୁ ଓଝା ଓ ରବୀନ୍ଦ୍ର ମହାନ୍ତି ପ୍ରମୁଖଙ୍କ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ। ବାବା ବାଲୁଙ୍କେଶ୍ୱରଙ୍କ ପୀଠରେ ଶ୍ରଦ୍ଧାଳୁମାନେ ସାତଦିନ ବ୍ୟାପି ପ୍ରସାଦ ସେବନ କରିଥିଲେ।

## ପଞ୍ଚାୟତସ୍ତରୀୟ ଯୋଗ ଶିବିର



ବେତନଟୀ(ଭାସ୍କର ନ୍ୟୁଜ୍): ବେତନଟୀ ଥାନା ଅନ୍ତର୍ଗତ ସୁରେଇଡିହି ପଞ୍ଚାୟତର ଜାମଶୋଳ ଠାରେ ପ୍ରଥମ ବାର୍ଷିକ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି । ସମାଜସେବୀ ନବୀନ କୁମାର ମହାନ୍ତଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ଏହି ଯୋଗ ଶିବିରକୁ ସମାଜସେବୀ ବାସୁଦେବ ମହାନ୍ତ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବରେ ସମାଜସେବୀ ଅମରେନ୍ଦ୍ର ମହାନ୍ତ, ଦିଲ୍ଲୀପ କୁମାର ମହାନ୍ତ ଓ ସୁବାସଚନ୍ଦ୍ର ମହାନ୍ତ ପ୍ରମୁଖ ଯୋଗଦାନ କରି ଯୋଗ ଶିବିର ଆୟୋଜକଙ୍କୁ ଭୂୟସୀ ପ୍ରଶଂସା ଓ ସହଯୋଗ ପ୍ରଦାନ କରିଥିଲେ । ଏହି ଯୋଗ ଶିବିରରେ ଉଭୟ ପୁରୁଷ ଓ ମହିଳା ମିଶି ମୋଟ ୬୨ ଜଣ ଯୋଗ ପ୍ରଶିକ୍ଷଣ ଗ୍ରହଣ କରିଥିଲେ ଏବଂ ଯୋଗାଭ୍ୟାସ କରିଥିଲେ । ବାରିପଦା ପ୍ରେମକାଲ ଯୋଗ ମନ୍ଦିରର ଯୋଗ ଶିକ୍ଷକ ରାକେଶ ମହାନ୍ତ ଯୋଗ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି ଯୋଗ ଶିବିର ଅବସରରେ ଦୀର୍ଘଦିନରୁ ଯୋଗ ଅଭ୍ୟାସ କରି ଆସୁଥିବା ସ୍ଥାନୀୟ ବ୍ୟକ୍ତି ମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



କୁଜଙ୍ଗ(ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ଆଞ୍ଚଳିକ ପରିବହନ ପ୍ରାଧିକରଣ କାର୍ଯ୍ୟାଳୟ ତରଫରୁ କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଣ୍ଡୁଆ ଗ୍ରାମ ପଞ୍ଚାୟତରେ ସଡ଼କ ସୁରକ୍ଷା ସଚେତନତା ମାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ସମାଜସେବୀ ତଥା ରାଜ୍ୟ ମଦର ଟେରେସା ଫାଉଣ୍ଡେସନ ଅଧକ୍ଷ ଡ଼ଃ ସୁନାକର ବେହେରା ସଭାପତିତ୍ୱ କରିଥିଲେ। ପଣ୍ଡୁଆ ଗ୍ରାମପଞ୍ଚାୟତର ସମସ୍ତ 'ଏସ୍ଏଚ୍‌ଜି' ସ୍ୱୟଂ ସହାୟିକା ମହିଳା ମାନେ ଯୋଗଦେବା ସହିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି, ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ କିଶୋର କୁମାର ଶତପଥୀ, ସ୍ୱତନ୍ତ ଅତିଥିଭାବେ ବ୍ୟାସ ଫାଉଣ୍ଡେସନ ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଧିକାରୀ ବିଜୟ କୁମାର ସାହୁ,ଏମବିକେ ଅନୁସ୍ୱୟା ସାମନ୍ତରାୟ, ଓ୍ୱାର୍ଡ ସଭ୍ୟ ହେମନ୍ତ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସଚେତନତା କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ସଡ଼କ ସୁରକ୍ଷା ଦିଗରେ ସଡ଼କ ଦୁର୍ଘଟଣା ଏଡାଇବା ନିମନ୍ତେ ମାର୍ଗଦର୍ଶକ ପତ୍ରିକା ବଣ୍ଟନ କରାଯାଇଥିଲା। ମୁଖ୍ୟ ଅତିଥି ଶ୍ରୀ ମହାନ୍ତି ତାଙ୍କର ଅଭିଭାଷଣରେ ଉପସ୍ଥିତ ଏସଏଚଜି ମହିଳା ଓ ଜନସାଧାରଣ ମାନଙ୍କୁ ହେଲମେଟ୍ ନପିନ୍ଧି ଗାଡ଼ି ଚଲାଇବା,ସିଟ ବେଲ୍ଟ ନ ଦେଇ କାର ଡ୍ରାଇଭିଙ୍ଗ କରିବା, ନିଶାସକ୍ତ ହୋଇ ମୋବାଇଲରେ କଥା ହୋଇ ଗାଡି ନଚଳାଇବାକୁ ପରାମର୍ଶ ଦେଇଥିଲେ। ୧୮ ବର୍ଷରୁ କମ ବୟସ ପୁଅ ଝିଅଙ୍କୁ ଗାଡି ଚଲାଇବାକୁ ନଦେବା ନିମନ୍ତେ ଅନୁରୋଧ କରିଥିଲେ।

# ଜୟଶୋଳ ସାଇରାମ ମହିଳାଗୋଷ୍ଠିରେ ବିଦ୍ରୋହ

## ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବା ସଦସ୍ୟ ଓ ସିଆର୍‌ପିଙ୍କ ନାମରେ ଅଭିଯୋଗ

### ବହିଷ୍କାର ଦାବି କଲେ ୧୦ ସଭ୍ୟା




ରଘୁନାଥପୁର(ଭାସ୍କର ନ୍ୟୁଜ୍): ରଘୁନାଥପୁର ବ୍ଲକ ଜୟଶୋଳ ପଞ୍ଚାୟତ ରେ ଥିବା ସାଇରାମ ମହିଳା ସ୍ୱୟଂସହାୟକ ଗୋଷ୍ଠିରେ ଜୈନିକା ସଭ୍ୟାଙ୍କ ବିରୁଦ୍ଧରେ ଗୋଷ୍ଠୀର ୧୦ଜଣ ସଭ୍ୟା ବ୍ଲକର ଦ୍ୱାରସ୍ଥ ହୋଇଛନ୍ତି। ଏହି ସଭ୍ୟା ଜଣକ ଗୋଷ୍ଠୀର ବିଭିନ୍ନ ପଦ ପଦବୀରେ ରହି ଟଙ୍କା ହେରଫେର କରିଥିଲେ। ଏବେ ସେ ଏହି ଗୋଷ୍ଠିର ସଭ୍ୟା ରହିବା ସହ ଜୟଶୋଳ ମଞ୍ଚର ସିଆରପି ଅଛନ୍ତି। ଯେହେତୁ ସେ ସିଆରପି ଅଛନ୍ତି ତାଙ୍କ ପାଖକୁ ମହିଳା ଗୋଷ୍ଠିମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ଆସୁଥିବା ନିର୍ଦ୍ଦେଶନାମାକୁ କୌଣସି ସଭ୍ୟାଙ୍କୁ ନଜଣାଇବା, ଗୋଷ୍ଠିର କାଗଜ ପତ୍ରକୁ ଫିଙ୍ଗିଦେବା, ନେଇଥିବା ଲୋନଟଙ୍କା କୁ ପୈଠ ନକରିବା, କାର୍ଯ୍ୟ ନକରି ଅନେକ ସମୟରେ ସଭ୍ୟାମାନଙ୍କୁ ଧମକ ଦେବାରୁ ଗୋଷ୍ଠିର ଅନ୍ୟ ସଭ୍ୟା ମାନେ ଏହାର ବିରୋଧ କରିବାରୁ ସଭ୍ୟା ଜଣଙ୍କ ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଛନ୍ତି। ଯାହାକୁ ନେଇ ସାଇରାମ ଗୋଷ୍ଠିର ମହିଳାମାନେ ସୋମବାର ରଘୁନାଥପୁର ମିଶନ ଶକ୍ତି ବିପିସି ଶଶାଙ୍କ ଶେଖର ସ୍ୱାଇଁ ଙ୍କୁ ଭେଟିବା ସହ ଓ୍ୱିୟଲଏମ ଲିପିକା ଷଡଙ୍ଗୀ ଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ।ତେବେ ବିପିସ ଏବଂ ଓ୍ୱିୟଲଏମ ଷଡଙ୍ଗୀ ଅଭିଯୋଗ ପାଇ ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ସଭ୍ୟାମାନେ ସେଠାରୁ ଫେରିଥିଲେ। ତୁରନ୍ତ ଏହି ଦୁର୍ନିତିଖୋର ସଭ୍ୟାଙ୍କ ତଥା ସିଆରପିଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ତାଙ୍କୁ ଗୋଷ୍ଠୀରୁ ବହିଷ୍କାର ଦାବୀ କରିଛନ୍ତି ଗୋଷ୍ଠିର ସଭାପତି ଲିପିକା ନାୟକ, ସମ୍ପାଦିକା ରଶ୍ମୀ ରେଖା ରାଉତ, ସଭ୍ୟା ସ୍ୱରନତା ସାହୁ, ତ୍ରିବେଣୀ ସାହୁ, ଗୀତାଞ୍ଜଳି ନାୟକ, ଅନ୍ନପୂର୍ଣ୍ଣା ବାରିକ, ସସ୍ମିତା ମଲ୍ଲିକ, ରୀନାମଲ୍ଲିକ, ଟିକିନା ସାହୁ, ଆରତୀ ମଲ୍ଲିକ ପ୍ରମୁଖ।

# ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ



ପରଜଙ୍ଗ (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ବାରିହାପୁର -ବଡଝରା ୫୩ନଂ ଜାତୀୟ ରାଜପଥ ଠାରୁ ଜଡ଼ାପାଳ ଛକ ପର୍ଯ୍ୟନ୍ତ ରେଙ୍ଗାଳି ବାମପାର୍ଶ୍ୱ କେନାଲ ବନ୍ଧର ରାସ୍ତା ସମ୍ପ୍ରସାରଣ ପାଇଁ ସୋମବାର ପଥରଖମ୍ବ ଛକ କେନାଲ ବନ୍ଧ ଠାରେ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି ଆୟୋଜିତ କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧକ୍ଷା ଯଶସ୍ୱିନୀ ରାଉତ, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଜୟନ୍ତ ପ୍ରସାଦ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ସେଠୀ,କନିଷ୍ଠ ଯନ୍ତ୍ରୀ ପ୍ରଦୀପ୍ତ କିଶୋର ଦଳାଇ ଓ କୁନାରାମ ମହନ୍ତ ଯୋଗ ଦେଇ ଆନୁଷ୍ଠାନିକ ଭାବେ ପୂଜାର୍ଚ୍ଚନା ପୂର୍ବକ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକୁ ଉଦ୍‌ଘାଟନ କରିଥିଲେ ।ଏହି ଜନହିତକର ୧୯. ୫କିମି ରାସ୍ତା ଜାତୀୟ ରାଜପଥ ଅପେକ୍ଷା ପରଜଙ୍ଗ ଅଞ୍ଚଳରୁ ଢେଙ୍କାନାଳ ଅଭିମୁଖେ ଯିବାଆସିବା ପାଇଁ କେନାଲ ରାସ୍ତାରେ ସ୍ୱଳ୍ପ ସମୟ ଏବଂ ସ୍ୱଳ୍ପ ଖର୍ଚ୍ଚରେ ଯାତ୍ରୀ ଯାତାୟାତ କରିପାରିବେ । ରାସ୍ତା ତିଆରି କାମ ପାଇଁ ବିରଜା କନଷ୍ଟ୍ରକ୍ସନ ଠିକା ସଂସ୍ଥା ଦାୟିତ୍ୱ ନେଇଥିବା ବେଳେ,ବିଭାଗୀୟ ପକ୍ଷରୁ ୩୩ କୋଟି ଟଙ୍କାର ବ୍ୟୟ ଅଟକଳରେ କାର୍ଯ୍ୟ ୯/୯/୨୬ ସୁଦ୍ଧା ସମ୍ପାଦନ ହେବାର ଧାର୍ଯ୍ୟ କରାଯାଇଛି ।ଏହି କାର୍ଯ୍ୟକ୍ରମ ରେ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଆଖପାଖ ଗ୍ରାମର ଶତାଧିକ ଗ୍ରାମବାସୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ମଞ୍ଚ ସଂଚାଳନ ଓ ଅତିଥି ପରିଚୟ ପ୍ରଦାନ ଦାୟିତ୍ୱ ସମାଜସେବୀ ରମେଶ ଚନ୍ଦ୍ର ସାହୁ ନିର୍ବାହ କରିଥିଲା ବେଳେ, ପରିଶେଷରେ ସମାଜସେବୀ ବସନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଡଲଫିନ ଗଣନା ପାଇଁ ଜହ୍ନିକୁଦା - ସାତପଡ଼ା ଚିଲିକାରେ ବିପଦସଙ୍କୁଳ ନୌକା ଯାତ୍ରା



କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ )ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଜହ୍ନିକୁଦା ଠାରୁ ସାତପଡା ପାଞ୍ଚ କିଲୋମିଟର ଜଳରାସ୍ତା ପାର ହେବା ପାଇଁ ଲାଗିଛି ଭିଡ଼ । ଆଜି ଠାରୁ ୨୨ତାରିଖ ପର୍ଯ୍ୟନ୍ତ ଚିଲିକାରେ ଡ଼ଲଫିନ ଗଣତି ଚାଲିଥିବାରୁ ଚିଲିକା ବନ୍ୟପ୍ରାଣୀ ବାନାଞ୍ଚଳ ବିଭାଗ ତରଫରୁ ଚିଲିକାରେ ମେସିନ ଚାଳିତ ଡ଼ଙ୍ଗା ଚଲାଇବା ପାଇଁ ବାରଣ ଥିବାରୁ କେବଳ ନିର୍ଦ୍ଧିଷ୍ଟ ଘାଟ ଡ଼ଙ୍ଗା ନିର୍ଦ୍ଧାରିତ ସମୟରେ ଯାତ୍ରା କରୁଥିବାରୁ ଡ଼ଙ୍ଗାରେ ବିପଦ ସଂକୁଳ ଭାବେ ଜୀବନକୁ ବାଜି ଲଗାଇ ଦୁଇଚକିଆ ଯାନ ସହ ଶତାଧିକ ଯାତ୍ରୀ ନୌଯାତ୍ରା କରୁଛନ୍ତି। ଏଥିପ୍ରତି ପ୍ରଶାସନ ଜାଣିଶୁଣି ଚୁପ ରହୁଛି। ତେଣୁ ସାଧାରଣ ରେ ଦାବି ହେଉଛି ଯେ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆଉ ଏକ ଯାତ୍ରୀବାହୀ ନୌକା ବ୍ୟବସ୍ଥା କଲେ ଜନସାଧାରଣ ଏହି ବିପଦ ସଂକୁଳ ଜଳଯାତ୍ରାରୁ ମୁକ୍ତ ହୋଇପାରନ୍ତେ ।




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପାଳନ ଚାଲିଛି ଜାତୀୟ ସଡ଼କ ସୁରକ୍ଷା ମାସ । ଏନେଇ କେଉଁଠି ସଭା, ଆଲୋଚନାଚକ୍ର, ର୍‍ୟାଲି ଚାଲିଥିବା ବେଳେ ରାଜଧାନୀ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳର ୧୦ବର୍ଷ ବୟସର କୁନି ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ ରଙ୍ଗ ତୂଳୀରେ 'ଚକ୍ରବ୍ୟୂହରେ ଆମ୍ବୁଲାନ୍ସ' ଶୀର୍ଷକ ଚିତ୍ର ଆଙ୍କି ସଡ଼କ ସୁରକ୍ଷା, ଜୀବନ ରକ୍ଷାର ବଳିଷ୍ଠ ବାର୍ତ୍ତା ଦେଇଛନ୍ତି । ଦେଖିବାକୁ ମିଳୁଛି ଅନେକ ସମୟରେ ସ୍ମାର୍ଟନଗରୀ ଭୁବନେଶ୍ୱରରେ ଟ୍ରାଫିକ୍ ଭିଡ଼ ଭିତରେ ଦୀର୍ଘ ସମୟ ଧରି ଆମ୍ବୁଲାନ୍ସ ଫସି ରହୁଛି । ତାହା କୌଣସି ଚକ୍ରବ୍ୟୂହ ଠୁ କମ୍ ନୁହେଁ । ଚାଲିଯାଉଛି ଅନେକ ମୂଲ୍ୟବାନ୍ ଜୀବନ । ଆମ୍ବୁଲାନ୍ସ ଯିବା ଆସିବା ଲାଗି ନିର୍ଦ୍ଦିଷ୍ଟ ପଥ ଚିହ୍ନଟ ହେଉ । ଏ ସମ୍ପର୍କରେ ଜନସାଧାରଣମାନଙ୍କୁ ସଚେତନତା ଲାଗି ଆମ୍ବୁଲାନ୍ସ ପଥରେ ସୂଚନା ଫଳକ ଲଗାଯାଉ । ଆମ୍ବୁଲାନ୍ସ ପଥ ଅବରୋଧକାରୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ କିମ୍ବା ମୋଟା ଅଙ୍କର ଜୋରିମାନା ହେଉ । ସମସ୍ତେ ଭାବିବା ଦରକାର ଆମ୍ବୁଲାନ୍ସରେ ନିଜ ପରିବାର ଓ ବନ୍ଧୁ ପରିଜନ ଯାଉଛନ୍ତି । ଆମ୍ବୁଲାନ୍ସ ସାଇରନ୍ ଶୁଣିବା ମାତ୍ରେ ରାସ୍ତାକଡ଼ରେ ନିଜର ଯାନବାହାନକୁ ଅଟକାଇ ଆମ୍ବୁଲାନ୍ସକୁ ବାଟ ଛାଡ଼ିବା ପାଇଁ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଶାନ୍ତନୁ ଚିତ୍ର ମାଧ୍ୟମରେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।



### ମହାନ୍ ବିପ୍ଳବୀ ଚନ୍ଦନ ହଜୁରୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ

# 'ଚାଖି ଖୁଣ୍ଟିଆଙ୍କ ବଳିଷ୍ଠ ନେତୃତ୍ୱ ଚିରସ୍ମରଣୀୟ ହୋଇ ରହିଛି'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତବର୍ଷକୁ ପରାଧିନତାର ବନ୍ଧନରୁ ମୁକ୍ତ କରିବା ପାଇଁ ବହୁ ବୀର ସ୍ୱାଧୀନତା ସଂଗ୍ରାମୀ ଜୀବନ ଉତ୍ସର୍ଗ କରିଛନ୍ତି । ସେମାନଙ୍କ ତ୍ୟାଗପୂର୍ଣ୍ଣ ବଳିଦାନ ପାଇଁ ଆମ ଦେଶ ଶେଷରେ ସ୍ୱାଧୀନ ହେଲା । ସେହିପରି ଜଣେ ମହାନ ସ୍ୱାଧୀନତା ସଂଗ୍ରାମୀ ହେଲେ ଚାଖି ଖୁଣ୍ଟିଆ । ଜଗନ୍ନାଥଙ୍କ ପରମ ସେବକ ଚାଖି ଖୁଂଟିଆଙ୍କ ବଳିଷ୍ଠ ନେତୃତ୍ୱ, ଅବଦମିତ ଦେଶପ୍ରେମ, ଅତୁଳନୀୟ ତ୍ୟାଗ ଏବଂ ସମାଜସେବା ଜନମାନସରେ ଚିରସ୍ମରଣୀୟ ହୋଇରହିଛି ଏବଂ ରହିବ ବୋଲି ହଜୁରୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ଅତିଥିମାନେ ଉଲ୍ଲେଖ କରିଛନ୍ତି । ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ଚାଖି ଖୁଣ୍ଟିଆ ସ୍ମୃତି ସମିତିର ମିଳିତ ଆନୁକୂଲ୍ୟରେ ଜୟଦେବ ଭବନରେ ଆୟୋଜିତ ମହାନ ବିପ୍ଳବୀ ଚନ୍ଦନ ହଜୁରୀ (ଚାଖି ଖୁଣ୍ଟିଆ)ଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ




ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ବିଭାଗ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଚନ୍ଦନ ହଜୁରୀଙ୍କ ଦେଶପ୍ରେମ, ବୀରତ୍ୱ ବିଷୟରେ ଆଲୋକପାତ କରିବା ସହ ଚନ୍ଦନ ହଜୁରୀ ଏକାଧାରରେ ଜଣେ ମହାନ ବିପ୍ଳବୀ, ଯୋଦ୍ଧା, ଦେଶଭକ୍ତ, ସେବକ, ସମାଜ ସଂସ୍କାରକ ଏବଂ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପରମ ଭକ୍ତ ଥିଲେ ବୋଲି ଉଲ୍ଲେଖ କରିଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ଶିକ୍ଷାବିତ ଓ ସାହିତ୍ୟିକ ଡ଼. ନଟବର ଶତପଥୀ ଚାଖି ଖୁଂଟିଆଙ୍କ ଜୀବନାଦର୍ଶ ସଂପର୍କରେ ଆଲୋଚନା କରି କହିଲେ ସଂସ୍କୃତିର ଚମତ୍କାରିତା ହେଉଛି ରୂପାନ୍ତରଣ ପ୍ରକ୍ରିୟା । ଯେଉଁ ଜାତି ଇତିହାସର ଦର୍ପଣରେ ରୂପାନ୍ତରଣ ପ୍ରକ୍ରିୟା ଦେଖେ ସେତେବେଳେ ଚନ୍ଦନ ହଜୁରୀଙ୍କ ନାମ ଆସେ ବୋଲି ସେ ଉଲ୍ଲେଖ କରିଥିଲେ । ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଚାଖି ଖୁଂଟିଆଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିବାକୁ ଯାଇ କହିଲେ ଯେ ଚନ୍ଦନ ହଜୁରୀଙ୍କ ବୈପ୍ଳବିକ ଚିନ୍ତାଧାରା ଅନନ୍ୟ ଥିଲା । ସୂଚନା ଓ ଲୋକସଂପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ଦେଇ ଚନ୍ଦନ ହଜୁରୀଙ୍କୁ ମହାନ ବିପ୍ଳବୀ, କ୍ରାନ୍ତିକାରୀ ପୁରୁଷ ଓ ପରମ ଯୋଦ୍ଧା ଭାବେ ଅଭିହିତ କରିଥିଲେ । ପ୍ରାରମ୍ଭରେ ଅତିଥିମାନେ ମହାନ ବିପ୍ଳବୀ ଚାଖି ଖୁଣ୍ଟିଆଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଚାଖି ଖୁଂଟିଆ ସ୍ମୃତି ସମିତି, ଭୁବନେଶ୍ୱରର ସଭାପତି ଡାକ୍ତର ବସନ୍ତ କୁମାର ପତି ଧନ୍ୟବାଦ ଅର୍ପଣ କରିଥିଲେ । ପଞ୍ଚମ ସାଂସ୍କୃତିକ ଅନୁଷ୍ଠାନ, ଭୁବନେଶ୍ୱର ଆନୁକୂଲ୍ୟରେ ଭକ୍ତି ସଙ୍ଗୀତ, ଦେବଦାସୀ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା । ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମରେ ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ଜୟଦେବ ଭବନ ଉପନିର୍ଦ୍ଦେଶକ ଦିପ୍ତିମୟୀ ମହାପାତ୍ର ଓ ଲୋକସଂପର୍କ ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ଛାତ୍ରଛାତ୍ରୀ, ଗଣମାଧ୍ୟମ ପ୍ରତିନିଧି ଏବଂ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।

# ଟ୍ୱିନ୍‌ସିଟିରେ ସୁରକ୍ଷା ଓ ନିରାପତ୍ତା ନେଇ ଅଚାନକ ଯାଞ୍ଚ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଟ୍ୱିନ୍‌ସିଟିରେ ସାଧାରଣ ଲୋକଙ୍କ ସୁରକ୍ଷା ଓ ନିରାପତ୍ତା ନେଇ ଅଚାନକ ଯାଞ୍ଚ କରିଛନ୍ତି ଏସ୍‌ସିପି ଡକ୍ଟର ଉମାଶଙ୍କର ମିଶ୍ର । ଅପରାହ୍ନ ୫.୩୦ ସମୟରେ ଡକ୍ଟର ମିଶ୍ର ପିସିଆର ୟୁନିଟ୍ ସହ ଏହି ଅଚାନକ ଯାଞ୍ଚ କରିଥିଲେ । ଯାଞ୍ଚ ସମୟରେ ପିସିଆର୍ ୟୁନିଟଗୁଡ଼ିକୁ ଏକ କଲ୍ କରାଯାଇଥିଲା ଏବଂ ୧୦ ମିନିଟ୍ ମଧ୍ୟରେ ମୋଟ ସାତଟି ପିସିଆର୍ ଭ୍ୟାନ ଟ୍ରାଫିକ୍ ପୋଲିସ ଷ୍ଟେସନକୁ ରିପୋର୍ଟ କରାଯାଇଥିଲା। ବିଭିନ୍ନ ଖଟିରେ ଅପରାଧ ଏବଂ କାର୍ଯ୍ୟାନୁଷ୍ଠାନକୁ ରୋକିବା ପାଇଁ ରାସ୍ତା ପାଟ୍ରୋଲିଂକୁ ତୀବ୍ର କରିବା ଏବଂ ସକ୍ରିୟ ନଜର ରଖିବା ନିଶ୍ଚିତ କରିବାକୁ ସେମାନଙ୍କୁ ସୂଚନା ଦିଆଯାଇଥିଲା। ସେ ଯେକୌଣସି ସମ୍ଭାବ୍ୟ ଅଭାବ ପାଇଁ ସିଷ୍ଟମକୁ ମଧ୍ୟ ଯାଞ୍ଚ କରିଥିଲେ। ବର୍ଦ୍ଧିତ ସୁରକ୍ଷା ଏବଂ ପ୍ରଭାବଶାଳୀ ପାଟ୍ରୋଲିଂ ସୁନିଶ୍ଚିତ କରିବା ପାଇଁ ପିସିଆର୍ ସିଷ୍ଟମକୁ ଆହୁରି ସୁଦୃଢ଼ କରାଯାଇଛି।

## ଜାନୁଆରୀ ୨୪ରୁ ଆବାସ ସର୍ଭେ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜାନୁୟାରୀ ୨୪ରୁ ଆବାସ ସର୍ଭେ । ଉଭୟ ଅଫଲାଇନ ଏବଂ ଅନଲାଇନରେ ଆବେଦନ କରିପାରିବେ ହିତାଧିକାରୀ । ୨୪ରେ ଆବାସ ପୋର୍ଟାଲର ବିଧିବଦ୍ଧ ଲଞ୍ଚ କରିବେ ରାଜ୍ୟ ସରକାର । ଦେଢ଼ରୁ ୨ ମାସ ଚାଲିବ ଆବାସ ସର୍ଭେ । ଏଥିପାଇଁ ବିଭାଗ ସଂପୂର୍ଣ୍ଣ ପ୍ରସ୍ତୁତ ଥିବା କହିଛନ୍ତି ପଂଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ । ଆବେଦନକରି ପଂଚାୟତିରେ ଅଫଲାଇନରେ ଆବେଦନ କରିପାରିବେ କିମ୍ବା ଅନଲାଇନରେ ମଧ୍ୟ ଆବେଦନ କରିପାରିବେ । ଏଥି ପାଇଁ ବିଭାଗ ପଞ୍ଚାୟତ ଗୁଡିକରେ ପଲ୍ଲୀ ସଭା କରି ସଚେତନ କରି ସାରିଛି ବିଭାଗ । କେନ୍ଦ୍ର ସରକାର ଆବାସ ସଂଖ୍ୟା ୨ କୋଟିରୁ ୩ କୋଟିକୁ ବଢ଼ାଇଛନ୍ତି । ଓଡିଶାକୁ ଅଧିକ ମିଳିବା ନେଇ ଆଶା କରାଯାଉଛି । କେନ୍ଦ୍ର ସରକାର ନିୟମବଳିକୁ କୋହଳ କରିଛନ୍ତି ବାଇକ, ଫ୍ରିଜ ଥିଲେ ମଧ୍ୟ ଆବେଦନ କରିପାରିବେ । ବାର୍ଷିକ ୧୫୦୦୦ ଆୟ ଥିଲେ ବି କରିପାରିବେ ଆବେଦନ । କାହାକୁ ବଂଚିତ ହେବାକୁ ଦିଆଯିବ ନାହିଁ । ବାପଠୁ ଭିନ୍ନ ହୋଇଥିବା ପୁଅ ବି ଆବେଦନ କରିପାରିବେ । ସ୍ୱାମୀଠୁ ଅଲଗା ରହୁଥିବା ମହିଳା ମଧ୍ୟ ଆବେଦନ କରିପାରିବେ । ପୂର୍ବରୁ ଆବେଦନ କରି ଅପେକ୍ଷାରେ ଥିବା ଲୋକ ବି ନୂଆ ଆବେଦନ କରିବାକୁ ହେବ । ଦୁଇମାସ ଭିତରେ ସର୍ଭେ ପ୍ରକ୍ରିୟା ସାରିବାକୁ ଲକ୍ଷ୍ୟ ରଖିଛନ୍ତି ସରକାର ବୋଲି ମନ୍ତ୍ରୀ କହିଛନ୍ତି ।

### ଜାତୀୟ ଉଠାଦୋକାନୀ ଦିବସ ପାଳିତ

# ଉଠାଦୋକାନୀ ୱେଲ୍‌ଫେୟାର ବୋର୍ଡ଼ ଗଠନ କରାଯାଉ: ମେୟର




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର ଜାତୀୟ ଉଠାଦୋକାନୀ ଦିବସ ପାଳିତ ହୋଇଯାଇଛି। ୨୦୧୪ ମସିହା ଜାନୁଆରୀ ୨୦ରେ ପାର୍ଲାମେଣ୍ଟରେ ଉଠାଦୋକାନୀଙ୍କ ପାଇଁ ଏକ ସ୍ୱତନ୍ତ୍ର ଆଇନ ପାରିତ ହୋଇଥିଲା। ସେହିଦିନକୁ ସ୍ମରଣୀୟ କରିବା ପାଇଁ ପ୍ରତିବର୍ଷ ୨୦ରେ ସାରା ଭାରତବର୍ଷରେ ଜାତୀୟ ଉଠାଦୋକାନୀ ଦିବସ ପାଳନ ହୋଇଆସୁଛି। ସୋମବାର ହଜାର ହଜାର ଉଠାଦୋକାନୀଙ୍କ ଏକ ବିଶାଳ ରାଲି ରାଜମହଲ ଛକରୁ ବାହାରି ୟୁନିଟ୍-୧ ଫଳ ଭେଣ୍ଡିଂଜୋନରେ ପହଞ୍ଚିବା ପରେ ଉଠାଦୋକାନୀ ମହାସଂଘ ପ୍ରତିଷ୍ଠାତା ସଭାପତି ପ୍ରତାପ ସାହୁଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ, ଉଠାଦୋକାନୀଙ୍କ ଅଧିକାରକୁ କେହି ଛଡ଼ାଇ ନେଇପାରିବେ ନାହିଁ। ସେମାନଙ୍କୁ ସଠିକ୍ ଭାବରେ ଥଇଥାନ କରାଯିବ ଓ ପରିଚୟ ପତ୍ର, ଭେଣ୍ଡିଂ ସାର୍ଟିଫିକେଟ ପ୍ରଦାନ କରାଯିବ। ମୁଖ୍ୟବକ୍ତା ଭାବରେ କଟକ ମହାନଗର ନିଗମ ମେୟର ସୁବାସ ସିଂ ଯୋଗଦେଇ କହିଲେ ଯେ, ଉଠାଦୋକାନୀମାନେ ରାସ୍ତାକଡ଼ରେ ବସି ବ୍ୟବସାୟ କରିବାର ଅଧିକାର ରହିଛି। ସେମାନଙ୍କୁ କେହି ଉଚ୍ଛେଦ କରିପାରିବେ ନାହିଁ। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ କହିଲେ ଯେ, ମୁଁ ମେୟର ଥିବା ସମୟରେ ବହୁ ଉଠାଦୋକାନୀଙ୍କୁ ଭେଣ୍ଡିଂଜୋନ ମାଧ୍ୟମରେ ଥଇଥାନ କରାଯାଇଛି। ଦେଶ ବିଦେଶରୁ ବହୁ ଲୋକ ଆସି ଏହି ଭେଣ୍ଡିଂଜୋନ ଦେଖି ପ୍ରଶଂସା ମଧ୍ୟ କରିଛନ୍ତି। ଏବେ ରାଜ୍ୟ ସରକାର ଉଠାଦୋକାନୀଙ୍କୁ ଉଚ୍ଛେଦ ନକରି ଥଇଥାନ କରିବା ଦରକାର ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବହୁ କର୍ପୋରେଟର ଯୋଗ ଦେଇଥିଲେ। ମହାସଂଘର ସାଧାରଣ ସମ୍ପାଦକ ଅନୁଜ କୁମାର ପ୍ରଧାନ, ବିପିନ ଜେନା, ସୂର୍ଯ୍ୟମଣି ସାହୁ, ନିରଞ୍ଜନ ପାଣ୍ଡେ, ଲଲାଟ ଓଝା, ଶୁଭଲକ୍ଷ୍ମୀ ମହାନ୍ତି, ସସ୍ମିତା ସାହୁ, ଶାନ୍ତନୁ କୁମାର ସାହୁ, ପ୍ରଶାନ୍ତ କୁମାର ନାୟକ, ଶରତ କୁମାର ସାହୁ, ନାରୁଆ ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଯୁଗ୍ମ ସମ୍ପାଦକ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପଠାଣି ସାମନ୍ତ ପ୍ଲାନେଟୋରିୟମ୍‌ରେ ଦେଖିହେବ ଗ୍ରହପୁଞ୍ଜ ପ୍ୟାରେଡ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆମ ସୌର ଜଗତର ମଙ୍ଗଳ, ଶୁକ୍ର, ବୃହସ୍ପତି, ଶନି, ନେପଚୁନ୍ ଓ ୟୁରେନସ୍ ସମେତ ୬ଟି ଗ୍ରହଙ୍କୁ ନେଇ ବିରଳ ମହଜଗତିକ ଦୃଶ୍ୟ ଆସନ୍ତା ଜାନୁଆରି ୨୧ରୁ ୩୧ ତାରିଖ ପର୍ଯ୍ୟନ୍ତ ଦେଖିବାକୁ ମିଳିବ । ଏହି ଗ୍ରହଗୁଡ଼ିକ ଏକ ସରଳ ରେଖାରେ ରହିବା ଦ୍ୱାରା ଆକାଶରେ ଏକ ସୁନ୍ଦର ଦୃଶ୍ୟ ଦେଖିହେବ । ମଙ୍ଗଳ, ଶୁକ୍ର, ବୃହସ୍ପତି ଏବଂ ଶନି ଭଳି ଗ୍ରହ ଏକ ସରଳରେଖାରେ ରହି ସୁନ୍ଦର ଦୃଶ୍ୟ ସୃଷ୍ଟି କରିବେ ଏବଂ ଏଗୁଡିକୁ ଖାଲି ଆଖିରେ ଦେଖିହେବ। ସେହିଭଳି ଦୂରବୀକ୍ଷଣ ଏବଂ ଟେଲିସ୍କୋପ୍ ମାଧ୍ୟମରେ ନେପଚୁନ୍ ଏବଂ ୟୁରେନସ୍ ଦୃଶ୍ୟମାନ ହେବେ। ସର୍ବସାଧାରଣଙ୍କ ପାଇଁ ଏଥି ନିମନ୍ତେ ବ୍ୟବସ୍ଥା କରାଯାଇଛି । ବିଜ୍ଞାନ ଓ କାରିଗରୀ ବିଭାଗ ଅଧୀନରେ ଥିବା ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟୋରିୟମରେ ଏହି ବିରଳ ଦୃଶ୍ୟ ଦେଖିବାର ଆବଶ୍ୟକୀୟ ବ୍ୟବସ୍ଥା କରାଯାଇଛି । ସୋମବାର ବ୍ୟତୀତ ଏହି ଦିନଗୁଡ଼ିକରେ ସନ୍ଧ୍ୟା ସାଢ଼େ ୫ଟାରୁ ସାଢ଼େ ୭ଟା ପର୍ଯ୍ୟନ୍ତ ଏଭଳି ବିରଳ ଦୃଶ୍ୟ ଦେଖିପାରିବେ।

### ରାଜ୍ୟରେ ଲାଗୁ ହେବ ଜାତୀୟ ଶିକ୍ଷା ନୀତି ୨୦୨୦

# ପ୍ରସ୍ତୁତ କରିବା ପାଇଁ ତିନି ଦିନିଆ ଜାତୀୟସ୍ତରୀୟ କର୍ମଶାଳା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ଦ୍ୱାରା ଜାରି କରାଯାଇଥିବା ଜାତୀୟ ଶିକ୍ଷା ନୀତି, ୨୦୨୦ ସମସ୍ତଙ୍କୁ ଉଚ୍ଚମାନର ଶିକ୍ଷା ପ୍ରଦାନ ସହ ଏକବିଂଶ ଶତାବ୍ଦୀର ଶିକ୍ଷା ବ୍ୟବସ୍ଥାରେ ଐତିହାସିକ ପରିବର୍ତ୍ତନ ଆଣିବା ନେଇ ସଂକଳ୍ପବଦ୍ଧ । ସୁଗମତା, ସମାନତା, ଗୁଣାତ୍ମକ ଶିକ୍ଷା ଏବଂ ଦାୟିତ୍ୱବୋଧ ଆଦି ସ୍ତମ୍ଭ ଆଧାରରେ ପରିଚାଳିତ ଜାତୀୟ ଶିକ୍ଷା ନୀତି ୨୦୨୦ ଧନ୍ଦାମୂଳକ ଦକ୍ଷତା, ମାତୃଭାଷାରେ ଶିକ୍ଷା, ଡିଜିଟାଲ୍ ଶିକ୍ଷା, ଶିଶୁର ସାମଗ୍ରିକ ବିକାଶ, ଦକ୍ଷତା-ଆଧାରିତ ମୂଲ୍ୟାଙ୍କନ, ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ଦକ୍ଷତା ହାସିଲ୍ କରିବାରେ ସହାୟକ ହେବ । ରାଜ୍ୟ ସରକାର ୨୦୨୫-୨୬ ଶିକ୍ଷାବର୍ଷରୁ ଜାତୀୟ ଶିକ୍ଷା ନୀତି ୨୦୨୦କୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରିବାକୁ ଯୋଜନା କରିଛନ୍ତି । କାର୍ଯ୍ୟକାରିତାର ପ୍ରଥମ ପର୍ଯ୍ୟାୟରେ ରାଜ୍ୟରେ ଜାତୀୟ ଶିକ୍ଷା ନୀତି କାର୍ଯ୍ୟକାରୀ କରିବା ଏବଂ ସ୍ଥାନୀୟ ପ୍ରସଙ୍ଗୀକରଣ ସହିତ ଜାତୀୟ ପାଠ୍ୟକ୍ରମ ରୂପରେଖ ଢାଞ୍ଚାରେ ରାଜ୍ୟ ପାଠ୍ୟକ୍ରମ ରୂପରେଖକୁ ପ୍ରସ୍ତୁତ କରିବା ନେଇ ଚଳିତ ମାସର ଆରମ୍ଭରେ ବିଜ୍ଞପ୍ତି ମାଧ୍ୟମରେ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ଘୋଷଣା କରିଥିଲା । ନୀତି କାର୍ଯ୍ୟାନ୍ୱୟନ ପାଇଁ ରାଜ୍ୟର ପ୍ରାରମ୍ଭିକ ପଦକ୍ଷେପର ଏକ ଅଂଶ ଭାବରେ, ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନକୁ ପ୍ରାଧାନ୍ୟ ଦେଇ ଜାତୀୟ ନୀତି ନିର୍ଦ୍ଦେଶାବଳୀ ସହ ସମନ୍ୱୟ ରଖି ସେପ୍ଟେମ୍ବର ୨୦୨୪ରେ ନିପୁଣ ଓଡ଼ିଶା ଯୋଜନା ଆରମ୍ଭ କରାଯାଇଥିଲା । ରାଜ୍ୟ ସରକାର ପିଏମ୍ ଶ୍ରୀ ଯୋଜନାକୁ କାର୍ଯ୍ୟକାରୀ କରି ରାଜ୍ୟର ବିଦ୍ୟାଳୟଗୁଡ଼ିକୁ ଜାତୀୟ ଶିକ୍ଷା ନୀତି କାର୍ଯ୍ୟାନ୍ୱୟନ ପାଇଁ ଆଦର୍ଶ ବିଦ୍ୟାଳୟ ଭାବେ ଉନ୍ନୀତ କରୁଛନ୍ତି । ସମ୍ପୃକ୍ତ ଶିକ୍ଷାବର୍ଷ ସେପ୍ଟେମ୍ବର ୧ରୁ ପ୍ରଥମ ଶ୍ରେଣୀ ପାଇଁ ନାମଲେଖା ବୟସକୁ ସଂଶୋଧିତ କରି ୬ ବର୍ଷ ଓ ଉର୍ଦ୍ଧ୍ୱ ବୟସ କରାଯାଇଛି ଏବଂ ଜାତୀୟ ଶିକ୍ଷା ନୀତି ୨୦୨୦ର ପରିକଳ୍ପନା ଅନୁଯାୟୀ, ୫ ବର୍ଷ ଓ ଉର୍ଦ୍ଧ୍ୱ ବୟସର ପିଲାଙ୍କ ପାଇଁ ପ୍ରାକ୍-ବିଦ୍ୟାଳୟ ଶିକ୍ଷା ନିମନ୍ତେ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ 'ଶିଶୁ ବାଟିକା' ଖୋଲିବା ନେଇ ରାଜ୍ୟ ସରକାରଙ୍କ ବିଜ୍ଞପ୍ତିରେ ଘୋଷଣା କରାଯାଇଛି । ୨୦୨୫-୨୬ ଶିକ୍ଷାବର୍ଷରୁ ପର୍ଯ୍ୟାୟକ୍ରମେ ରାଜ୍ୟ ପାଠ୍ୟକ୍ରମ ରୂପରେଖର ସଂଶୋଧନ ଆରମ୍ଭ କରାଯିବ, ପ୍ରଥମ ପର୍ଯ୍ୟାୟରେ ଜାତୀୟ ପାଠ୍ୟକ୍ରମ ରୂପରେଖ ଢାଞ୍ଚାରେ ରାଜ୍ୟ ପ୍ରସଙ୍ଗୀକରଣ ସହ ପ୍ରାରମ୍ଭିକ ପର୍ଯ୍ୟାୟକୁ ଗ୍ରହଣ କରାଯିବ । ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁସାରେ, ଶିଶୁର ପ୍ରଥମ ୧୫ ବର୍ଷ ଶିକ୍ଷା ( ୩-୧୮ ବର୍ଷ ବୟସ) ପର୍ଯ୍ୟାୟକ୍ରମେ ୫+୩+୩+୪ ଭିତ୍ତିରେ ପରିବର୍ତ୍ତନ କରାଯିବ । ପ୍ରାରମ୍ଭିକ ପର୍ଯ୍ୟାୟ ଦୁଇ ଭାଗରେ, ଅର୍ଥାତ୍ ୩ ବର୍ଷ ଅଙ୍ଗନବାଡ଼ି, ୨ ବର୍ଷ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ, ବୟସ ୩ ବର୍ଷରୁ ୮ ବର୍ଷ, ପ୍ରସ୍ତୁତି ପର୍ଯ୍ୟାୟ ( (ତିନି ବର୍ଷ ଅର୍ଥାତ୍ ତୃତୀୟ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ, ବୟସ ୮ ବର୍ଷରୁ ୧୧ ବର୍ଷ), ମଧ୍ୟ ପର୍ଯ୍ୟାୟ ତିନି ବର୍ଷ ଅର୍ଥାତ୍ ଷଷ୍ଠରୁ ଅଷ୍ଟମ ଶ୍ରେଣୀ, ବୟସ ୧୧ ବର୍ଷରୁ ୧୪ ବର୍ଷ), ମାଧ୍ୟମିକ ପର୍ଯ୍ୟାୟ ( ଚାରି ବର୍ଷ ଅର୍ଥାତ୍ ନବମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ, ବୟସ ୧୪ ବର୍ଷରୁ ୧୮ ବର୍ଷ । ନୀତି କାର୍ଯ୍ୟାନ୍ୱୟନର ପ୍ରଥମ ଭାଗରେ ଶିକ୍ଷାର ପ୍ରାରମ୍ଭିକ ପର୍ଯ୍ୟାୟ ପରିବର୍ତ୍ତନ ଉପରେ ରାଜ୍ୟ ଧ୍ୟାନ ଦେବ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରସ୍ତୁତି, ମଧ୍ୟ ଏବଂ ଦ୍ୱିତୀୟ ପର୍ଯ୍ୟାୟ ପାଇଁ କାର୍ଯ୍ୟାନ୍ୱୟନ ଆରମ୍ଭ କରାଯିବ । ରାଜ୍ୟରେ ଜାତୀୟ ଶିକ୍ଷାନୀତିର କାର୍ଯ୍ୟକାରିତାକୁ ସୁଗମ କରିବା ପାଇଁ, ଓଡ଼ିଶାରେ ଏକ ୩ଦିନିଆ ଜାତୀୟ କର୍ମଶାଳା ଜାନୁଆରୀ ୨୧ରୁ ୨୩ ପର୍ଯ୍ୟନ୍ତ ଆୟୋଜନ କରାଯାଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ କର୍ମଶାଳାର ଉଦଘାଟନ କରାଯିବ । କର୍ମଶାଳା ରାଜ୍ୟର ଶିକ୍ଷା ଗୋଷ୍ଠୀଙ୍କୁ ସଚେତନ କରିବ ଏବଂ ଓଡ଼ିଶାରେ ଜାତୀୟ ଶିକ୍ଷାନୀତିର ପର୍ଯ୍ୟାୟକ୍ରମେ କାର୍ଯ୍ୟକାରିତା ପାଇଁ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରିବ ।

## ରାଜ୍ୟପାଳଙ୍କୁ ସାକ୍ଷାତ କଲେ ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟପାଳଙ୍କୁ ସାକ୍ଷାତ କରିଛନ୍ତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ । ଏନେଇ ରାଜ୍ୟପାଳଙ୍କ ଅଫିସିଆଲ ଏକ୍ସ ହ୍ୟାଣ୍ଡେଲରେ ଫଟୋ ସେୟାର କରିବା ସହ କୁହାଯାଇଛି ଯେ, ଓଡିଶା ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ରିସର୍ଚ୍ଚର କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ଆଜି ରାଜଭବନରେ ରାଜ୍ୟପାଳଙ୍କୁ ସାକ୍ଷାତ କରିଛନ୍ତି ।

## ବିପ୍ଳବୀ ଯୋଦ୍ଧା ଚାଖି ଖଣ୍ଟିଆଙ୍କୁ ସ୍ମରଣ କଲେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିପ୍ଳବୀ ଯୋଦ୍ଧା ଚାଖି ଖଣ୍ଟିଆଙ୍କ ସ୍ମୃତିଚାରଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏକ୍ସ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାନ ସ୍ୱାଧୀନତା ସଂଗ୍ରାମୀ, ରାଷ୍ଟ୍ରଭକ୍ତ, ବିପ୍ଳବୀ ଯୋଦ୍ଧା ଚାଖି ଖୁଣ୍ଟିଆଙ୍କ ଜୟନ୍ତୀରେ ବିନମ୍ର ଶ୍ରଦ୍ଧାଞ୍ଜଳି। ତାଙ୍କର ବୀରତ୍ୱର ଗାଥା, ପରାକାଷ୍ଠା ଏବଂ ସାହସ ଭାରତ ଇତିହାସରେ ଏକ ସ୍ୱତନ୍ତ୍ର ପୃଷ୍ଠା ମଣ୍ଡନ କରିଛି। ତାଙ୍କର ବ୍ୟକ୍ତିତ୍ୱ ଆଜିର ସମାଜ ପାଇଁ ଏକ ପ୍ରେରଣାର ଉତ୍ସ। ସେହିପରି ଚାଖି ଖୁଣ୍ଟିଆଙ୍କ ସ୍ମରଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏକ୍ସ ହ୍ୟାଣ୍ଡେଲରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଭାରତ ମୁକ୍ତି ସଂଗ୍ରାମର ମହାନ ଯୋଦ୍ଧା ତଥା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ ଚାଖି ଖଣ୍ଟିଆ (ଚନ୍ଦନ ହଜୁରୀ)ଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ।

# ଆମ୍ବେଦକରଙ୍କ ସ୍ୱପ୍ନକୁ ଆଧାର କରି ରାଷ୍ଟ୍ରର ଭବିଷ୍ୟତ ନିର୍ମାଣ କରୁଛି ବିଜେପି: ଅନୁରାଗ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଡ.ବାବାସାହେବ ଆମ୍ବେଦକରଙ୍କୁ କଂଗ୍ରେସ ଦଳ ବାରମ୍ବାର ଅପମାନିତ କରିଛି । ଏପରିକି ମୃତ୍ୟୁ ପରେ ଦିଲ୍ଲୀରେ ଶବଦାହ କରିବାକୁ ମନା କରି ଦେଇ ଆମ୍ବେଦକରଙ୍କ ପାର୍ଥିବ ଶରୀରକୁ ମଧ୍ୟ ଅସମ୍ମାନ କରିବାକୁ ପଛାଇ ନଥିଲା କଂଗ୍ରେସ । ଡ. ଆମ୍ବେଦକରଙ୍କୁ ବିଧାନସଭା ନିର୍ବାଚନରେ ପରାସ୍ତ କରିବା ପାଇଁ କଂଗ୍ରେସର ବମ୍ବେ ପ୍ରିମିୟର ବି.ଜି.ଖେର ଜାଣିଶୁଣି ଷଡ଼ଯନ୍ତ୍ର କରିଥିଲେ । ୧୯୫୨ ଲୋକସଭା ନିର୍ବାଚନରେ, କଂଗ୍ରେସ ଏବଂ କମ୍ୟୁନିଷ୍ଟ ନେତାମାନେ ନେହରୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡ.ଆମ୍ବେଦକରଙ୍କୁ ହରାଇବା ପାଇଁ ବ୍ୟକ୍ତିଗତ ସହାୟକ ନାରାୟଣ ରାଓ କାଜରୋଲକରଙ୍କୁ ପ୍ରାର୍ଥୀ କରିଥିଲେ । ନେହରୁ ବ୍ୟକ୍ତିଗତ ଭାବେ ଡ.ଆମ୍ବେଦକରଙ୍କ ବିରୋଧରେ ପ୍ରଚାର କରିଥିଲେ । କ୍ଷମତା ପାଇଁ ସମ୍ବିଧାନର ମୌଳିକ ଆତ୍ମାକୁ ବାରମ୍ବାର ଉଲ୍ଲଂଘନ କରିଥିବା କଂଗ୍ରେସକୁ ଡ.ବାବାସାହେବଙ୍କ ଉତ୍ତରାଧିକାରୀ ପ୍ରସଙ୍ଗରେ କହିବାର କୌଣସି ନୈତିକ ଅଧିକାର ନାହିଁ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଠାକୁର କହିଛନ୍ତି । 'ସମ୍ବିଧାନ ଗୌରବ ଅଭିଯାନ' ପ୍ରସଙ୍ଗରେ ଆଲୋଚନାଚକ୍ରରେ ଶ୍ରୀ ଠାକୁର କହିଛନ୍ତି ଯେ, କାଶ୍ମୀର ପ୍ରସଙ୍ଗରେ ନୀତି, ଦଳିତଙ୍କୁ ଅଣଦେଖା, ତୁଷ୍ଟିକରଣ ରାଜନୀତି, ତ୍ରୁଟିପୂର୍ଣ୍ଣ ବୈଦେଶିକ ନୀତି, ହିନ୍ଦୁ କୋଡ ବିଲକୁ ବିରୋଧ କରୁଥିବା କାରଣରୁ ଡ. ଆମ୍ବେଦକର ୧୯୫୧ରେ ନେହରୁଙ୍କ କ୍ୟାବିନେଟରୁ ଇସ୍ତଫା ଦେଇଥିଲେ । ଜନତା ସରକାର ସମୟରେ ୯ଟି ଏବଂ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱାଧୀନ ବିଜେପି ସରକାର ଅମଳରେ ୧୪ଟି ସଂଶୋଧନ ହୋଇଥିଲା । ଯେତେବେଳେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେବଳ ୮ଟି ସଂଶୋଧନ କରାଯାଇଛି । ସାମାଜିକ ନ୍ୟାୟ, ଆର୍ଥିକ ଏବଂ ସମାବେଶୀ ବିକାଶକୁ ସୁଦୃଢ଼ କରିବା ପାଇଁ ଦୁଇ ଦଳୀୟ ସହମତିରେ ମୋଦିଙ୍କ ସରକାର ଏହି ସଂଶୋଧନ କରିଥିଲେ । ଆମ୍ବେଦକରଙ୍କ ବିଚାରଧାରା ଆଜି ମଧ୍ୟ ବିଜେପିର ନୀତିକୁ ପ୍ରେରିତ କରୁଛି । ଆମ୍ବେଦକର ଏଭଳି ଭାରତବର୍ଷର ସ୍ୱପ୍ନ ଦେଖିଥିଲେ, ଯାହା ନ୍ୟାୟ, ସମାନତା ଓ ଏକତାକୁ ମହତ୍ୱ ଦେଇଥାଏ । ଏହି ସ୍ୱପ୍ନକୁ ଆଧାର କରି ବିଜେପି ରାଷ୍ଟ୍ରର ଭବିଷ୍ୟତ ନିର୍ମାଣ କରୁଛି ବୋଲି ସେ କହିଛନ୍ତି । ଏହି ଅବସରରେ ରାଜ୍ୟ ସଭାପତ ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ସାଂସଦ ସୁଜିତ କୁମାର, ବିଧାୟକ ଇରାସିସ ଆଚାର୍ଯ୍ୟ, ସନାତନ ବିଜୁଳି, ସରୋଜ ପାଢ଼ୀ, ରାଜ୍ୟ ସାଧାରଣ ସଂପାଦକ ସୀମଂଚଳ ଖଟେଇ, ଉମାକାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ସରକାରୀ ଅଧିକାରୀଙ୍କୁ ରାସନ କାର୍ଡ ଫେରାଇବାକୁ ଯୋଗାଣ ମନ୍ତ୍ରୀଙ୍କ ଚେତାବନୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସରକାରୀ ଅଧିକାରୀଙ୍କୁ ରାସନ କାର୍ଡ ଫେରାଇବାକୁ ଚେତାବନୀ ଦେଇଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର । ରାସନ କାର୍ଡ଼ ତାଲିକାରେ ସରକାରୀ ଅଧିକାରୀଙ୍କ ନାଁ ଥିବା ତଥ୍ୟ ସାମ୍ନାକୁ ଆସିଛି । ଏହାକୁ ବିଭାଗ ଅନୁଧ୍ୟାନ କରୁଛି । ଅପିଲ କରୁଛି ସରକାରୀ ଅଧିକାରୀ ରାସନ କାର୍ଡ ଫେରନ୍ତୁ । ନ ହେଲେ ସରକାରୀ ନିୟମ ଅନୁସାରେ ଆକ୍ସନ ହେବେ ବୋଲି ଚେତାବନୀ ଦେଇଛନ୍ତି ମନ୍ତ୍ରୀ । ବହୁ ନକଲି ରାସନ କାର୍ଡଧାରୀ ବାହାରିଲେଣି । ଇ-କେୱାଇସି ପରେ ନକଲିଙ୍କ ସଂଖ୍ୟା କେତେ ଜଣାପଡିବ ବୋଲି ମନ୍ତ୍ରୀ କହିଛନ୍ତି ।

## ମହାନ ବିପ୍ଳବୀ ଚାଖି ଖଣ୍ଟିଆଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ନବୀନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମହାନ ବିପ୍ଳବୀ ଚାଖି ଖୁଣ୍ଟିଆଙ୍କ ସ୍ମୃତିଚାରଣ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏକ୍ସ ହ୍ୟାଣ୍ଡେଲରେ ନବୀନ କହିଛନ୍ତି ଯେ, ସ୍ୱାଧୀନତା ସଂଗ୍ରାମର ମହାନ ବିପ୍ଳବୀ ଚାଖି ଖଣ୍ଟିଆ (ଚନ୍ଦନ ହଜୁରୀ)ଙ୍କ ଜୟନ୍ତୀରେ ମୋର ଶ୍ରଦ୍ଧାଞ୍ଜଳି ଜଣାଉଛି। ତାଙ୍କ ଅମାପ ଦେଶପ୍ରେମ ଓ ନିର୍ଭୀକ ସଂଗ୍ରାମୀ ଜୀବନ ସର୍ବଦା ପ୍ରେରଣାର ଉତ୍ସ।

# ଜନଅଭିଯୋଗ ଶୁଣାଣିରେ ୧୧ ଅଭିଯୋଗ ସମାଧାନ




କଟକ(ଭାସ୍କର ନ୍ୟୁଜ୍): କଟକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂହ, ଅତିରିକ୍ତ ଉପଆୟୁକ୍ତ ପୋଲିସ୍ କମିଶନରେଟ୍ ଦେବଦତ କର, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଉପଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଆଜିର ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୬୧ଟି ଅଭିଯୋଗ ହସ୍ତଗତ ହୋଇଥିବା ବେଳେ ତନ୍ମଧ୍ୟରେ ୪୭ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୪ଗୋଟି ସାମୁହିକ ଅଭିଯୋଗ ରହିଥିଲା । ଅଭିଯୋଗ ଶୁଣାଣି ଶିବିରରେ ୧୧ଗୋଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଏହି ଶୁଣାଣିରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲ୍ଲା କୃଷି ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ପ୍ରାଣୀସମ୍ପଦ ଅଧିକାରୀ, ଅବକାରୀ ସୁପରିନଟେଣ୍ଡେନଟ, ଅଧିକ୍ଷଣ ଯନ୍ତ୍ରୀ, ଜିଲ୍ଲା ନିଯୋଜନ ଅଧିକାରୀ, ଜିଲ୍ଲା ଜନମଙ୍ଗଳ ଅଧିକାରୀ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରମୁଖ ଅଭିଯୋଗ ଶୁଣାଣି ଶିବିରରେ ଯୋଗ ଦେଇଥିଲେ ।

## ବଡବଡ଼ିଆଙ୍କୁ ରଷିଆନ ଯୁବତୀ ଗିଫ୍ଟ ଦେଉଥିଲେ ହଂସିତା ଓ ଅନିଲ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀରୁ ହାଇପ୍ରୋଫାଇଲ ଠକ ଦମ୍ପତି ହଂସିତା ଅଭିଲିପ୍ସା ଏବଂ ଅନିଲ ମହାନ୍ତି ଗିରଫ ଘଟଣା । ସାମ୍ନାକୁ ଆସିଲା ସାଙ୍ଘାତିକ ସତ । ବଡ଼ ବଡ଼ିଆଙ୍କୁ ଏସ୍କର୍ଟ ସର୍ଭିସ ଯୋଗାଉ ଥିଲେ ହଂସିତା ଓ ଅନିଲ । ଯାହାର ପ୍ରମାଣ ସ୍ପେଶାଲ କ୍ରାଇମ ୟୁନିଟ ହାତରେ ଲାଗିଛି । ହଂସିତା ଓ ଅନିଲ ବିଭିନ୍ନ କାମ ହାତେଇବା ପାଇଁ ବଡବଡ଼ିଆଙ୍କୁ ରଷିଆନ ଯୁବତୀ ଗିଫ୍ଟ ଦେଉଥିଲେ । ହଂସିତା ଏବଂ ଅନିଲଙ୍କ ମୋବାଇଲରୁ ସ୍ପେଶାଲ କ୍ରାଇମ ୟୁନିଟ ତଥ୍ୟ ପାଇଥିବା ସୂଚନା ମିଳିଛି । ସେଥିପାଇଁ ଇନଫୋସିଟି ଥାନା ପୋଲିସ ଅନିଲ ଓ ହଂସିତାଙ୍କ ନାଁରେ ମାନବ ଚାଲାଣ ଏବଂ ଆୟକର ଆକ୍ଟରେ ମାମଲା ରୁଜୁ କରିଛି । ସେପଟେ ଯେଉଁ ବଡ଼ବଡ଼ିଆଙ୍କୁ ଅନିଲ ହଂସିତା ଝିଅ ଯୋଗାଉଥିଲେ ସେମାନଙ୍କ ପାଇଁ ଅଡୁଆ ବଢ଼ିଛି । ଅନିଲ ହଂସିତାଙ୍କ ଲିଙ୍କରେ ଥିବା ବଡ଼ ବଡ଼ିଆଙ୍କୁ ଜେରା କରିପାରେ ସ୍ପେଶାଲ କ୍ରାଇମ ୟୁନିଟ ।

# ମାଣ୍ଡିଆ କ୍ରୟର ସମୀକ୍ଷା କଲେ କୃଷି ସଚିବ ଡ଼ ଅରବିନ୍ଦ ପାଢ଼ୀ

**ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରିବାକୁ ଦେଲେ ନିର୍ଦ୍ଦେଶ**




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼. ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଶ୍ରୀ ଅନ୍ନ ଅଭିଯାନ ଅଧିନରେ ମାଣ୍ଡିଆ କ୍ରୟ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ କୃଷି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଚଳିତ ବର୍ଷ ଚାଷୀମାନଙ୍କୁ ମାଣ୍ଡିଆର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଂଟାଲ ପିଛା ୪୨୯୦/- ଟଙ୍କା ସହ ରାଜ୍ୟ ସରକାରଙ୍କ ଅତିରିକ୍ତ ପ୍ରୋତ୍ସାହନ ରାଶି ୨୧୦ ଟଙ୍କା ମିଶି କୁଇଂଟାଲ ପିଛା ସର୍ବମୋଟ ୪୫୦୦/- ଟଙ୍କା ପ୍ରଦାନ କରାଯିବାକୁ ସରକାର ଅନୁମୋଦନ ପ୍ରାପ୍ତ କରିଛନ୍ତି । ଚାଷୀ ତଥା ଜନସାଧାରଣଙ୍କୁ ଏନେଇ ସଚେତନ କରିବା ଏବଂ ଜିଲ୍ଲା ଅନୁଯାୟୀ ଧାର୍ଯ୍ୟ ଲକ୍ଷ୍ୟକୁ ପୂରଣ କରିବା ପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ସଚେତନତା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଛି । ଏହି ଅବସରରେ ମାଣ୍ଡିଆ କ୍ରୟ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଡ଼ ପାଢ଼ୀ ପରାମର୍ଶ ଦେବା ସହ ଚାଷୀ ଭାଇ ଭଉଣୀ ଯେପରି ନିଜର ପ୍ରାପ୍ୟ ପାଇବାରୁ ବଞ୍ଚିତ ନ ହୁଅନ୍ତି ତାହା ଉପରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ଼. ଅରବିନ୍ଦ କୁମାର ପାଢ଼ୀ ଗୁରୁତ୍ୱାରୋପ କରିଥିଲେ । ଏଥି ସହିତ ପ୍ରାପ୍ୟ ପ୍ରଦାନରେ ଅନିୟମିତତା ଦୃଷ୍ଟିଗୋଚର ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ଏହି ବୈଠକ ରେ କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀଙ୍କ ସମେତ ଯୋଗାଣ ବିଭାଗ, ଆଦିବାସୀ ଉନ୍ନୟନ ବିଭାଗ, କୃଷି ବିଭାଗ ଏବଂ ଶ୍ରୀ ଅନ୍ନ ଅଭିଯାନର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ ।



"ଭଗବତ୍ କରୁଣା, ଭଗବତ୍ ଇଛା ଓ ଭଗବତ୍ କର୍ମରେ ପୂର୍ଣ୍ଣ ବିଶ୍ୱାସ ରଖି ଚାଲ। ସବୁ କିଛି ଠିକ୍ ହୋଇଯିବ।"
-ଶ୍ରୀମା



"ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ।"
- ଉତ୍କଳମଣି ଗୋପବନ୍ଧୁ ଦାସ



### ଦ୍ୱିତୀୟ ପାଳି ଶାସନର ଅୟମାରମ୍ଭ

# ଆମେରିକା ଶାସନ ଗାଦିରେ ଟ୍ରମ୍ପ

ବିଶ୍ୱର ପ୍ରଥମ ମହାଶକ୍ତି ଯୁକ୍ତରାଷ୍ଟ୍ର ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋମବାର ବିଧିବଦ୍ଧ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆମେରିକାରେ ପ୍ରଚଳିତ ପରମ୍ପରା ଅନୁଯାୟୀ ରାଷ୍ଟ୍ରପତି ନିର୍ବାଚନ ନଭେମ୍ବର ମାସରେ ଅନୁଷ୍ଠିତ ହୋଇ ନୂତନ ରାଷ୍ଟ୍ରପତିଙ୍କୁ ନିର୍ବାଚିତ କରାଗଲେ ମଧ୍ୟ ପରବର୍ତ୍ତୀ ଜାନୁଆରୀ ୨୦ ତାରିଖରେ ହିଁ ତାଙ୍କର ଶପଥଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥାଏ। ସେହି ପରମ୍ପରା ଅନୁଯାୟୀ ଟ୍ରମ୍ପଙ୍କ ଦ୍ୱିତୀୟ ପାଳି ଶାସନର ଆନୁଷ୍ଠାନିକ ଭାବେ ଅୟମାରମ୍ଭ ହୋଇଛି। ଆଗାମୀ ୪ବର୍ଷ ପର୍ଯ୍ୟନ୍ତ ଆମେରିକାରେ ଟ୍ରମ୍ପ ଶାସନ ବଳବତ୍ତର ରହିବା ସଙ୍ଗେ ସଙ୍ଗେ ସମଗ୍ର ବିଶ୍ୱ ରାଜନୀତିକୁ ସେ ନିୟନ୍ତ୍ରଣ କରିବେ। କାରଣ ଆମେରିକା ରାଷ୍ଟ୍ରପତି ହେଉଛନ୍ତି ସମଗ୍ର ବିଶ୍ୱର ସର୍ବୋଚ୍ଚ ପ୍ରଭାବଶାଳୀ ନେତା ଏବଂ ଅର୍ଥନୀତି, ରାଜନୀତି ଓ କୂଟନୈତିକ ସ୍ତରରେ ତାଙ୍କର ଭୂମିକା ସବୁଠାରୁ ମହତ୍ତ୍ୱପୂର୍ଣ୍ଣ। ଶପଥଗ୍ରହଣ ଉତ୍ସବରେ ବିଶ୍ୱର ବିଭିନ୍ନ ଦେଶର ଅନେକ ରାଷ୍ଟ୍ର ମୁଖ୍ୟଙ୍କୁ ନିମନ୍ତ୍ରଣ କରାଯାଇଥିବା ଦୃଷ୍ଟିରୁ ରାଜଧାନୀ ୱାଶିଂଟନ୍ ଡିସିରେ ସୁରକ୍ଷା ବ୍ୟବସ୍ଥାକୁ ଖୁବ୍ କଡ଼ାକଡ଼ି କରାଯାଇଥିଲା। ତେବେ ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବାର ଠିକ୍ ପୂର୍ବରୁ କେତେକ ପ୍ରସଙ୍ଗକୁ ନେଇ ଟ୍ରମ୍ପ କିଛିଟା ବିବାଦୀୟ ହୋଇପଡିଥିବାର ଲକ୍ଷ୍ୟ କରାଯାଉଛି। ଗତଥର ରାଷ୍ଟ୍ରପତି ଥିବା ସମୟରେ ଡୋନାଲ୍ଡ ଟ୍ରମ୍ପ ଯେପରି ବିବାଦୀୟ ହୋଇ ପରବର୍ତ୍ତୀ ନିର୍ବାଚନରେ ଜୋ ବାଇଡେନ୍‌ଙ୍କ ଦ୍ୱାରା ପରାଜିତ ହେଲେ, ଏଥର ରାଷ୍ଟ୍ରପତି ନହେଉଣୁ ସେହିପରି ବିବାଦ ଘେରରେ ଛନ୍ଦି ହୋଇ ପଡିଥିଲେ। ସେ ଚାପ ପ୍ରୟୋଗର ରାଜନୀତି ଆରମ୍ଭ କରିବା ସହିତ ନିଜର ସହଯୋଗୀ ତଥା ବ୍ୟବସାୟୀ ବନ୍ଧୁ ଏଲନ୍ ମସ୍କଙ୍କ ସହ ମିଶି ଗୋଟିଏ ପରେ ଗୋଟିଏ ଦେଶକୁ ଧମକ ଦେଇ ଚାଲିଥିଲେ। କେଉଁ ଦେଶକୁ ଶୁଳ୍କ ବଢ଼ାଇବାକୁ ଧମକ ଦେଉଥିଲେ ତ ଅନ୍ୟ କେଉଁ ଦେଶକୁ ଆମେରିକାର ମୂଳ ଭୂଖଣ୍ଡରେ ମିଶାଇ ଦେବାକୁ ନାଲିଆଖି ଦେଖାଇଥିଲେ। ଅନ୍ୟ କେଉଁ ଦେଶର ପ୍ରଧାନମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ ଧମକ ଦେଇ ନିଜର କର୍ତ୍ତୃତ୍ୱ ଜାହିର କରିବାକୁ ପ୍ରଚେଷ୍ଟା ଚଳାଇଥିଲେ। ଆମେରିକାର ନିକଟତମ ପଡୋଶୀ କାନାଡ଼ା ଏକ ସ୍ୱାଧୀନ ଓ ସାର୍ବଭୌମ ରାଷ୍ଟ୍ର ଏବଂ ନିକଟରେ ଏହାର ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ମାତ୍ର ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ନିର୍ବାଚନରେ ବୃହତ୍ ବିଜୟ ହାସଲ କରିବା ପରେ ଏବେ ଏହି ପଡ଼ୋଶୀ ଦେଶକୁ ଆମେରିକାରେ ମିଶାଇ ଦେଇ 'ମେକ୍ ଆମେରିକା ଗ୍ରେଟ୍' ସ୍ୱପ୍ନକୁ ସାକାର କରିବାକୁ ପ୍ରସ୍ତାବ ଦେଇଛନ୍ତି। କାନାଡ଼ା ଯଦି ତାଙ୍କ ପ୍ରସ୍ତାବରେ ରାଜି ନହୁଏ, ତେବେ ସେହି ଦେଶକୁ ଆର୍ଥିକ ସହାୟତା ବନ୍ଦ କରିବାକୁ ମଧ୍ୟ ସେ ପରୋକ୍ଷରେ ଧମକ ଦେଇଛନ୍ତି। ଆମେରିକା ଏବେ ୫୦ଟି ରାଜ୍ୟର ସମିଶ୍ରଣରେ ଏକ ସଂଘୀୟ ରାଷ୍ଟ୍ର ହୋଇଥିବା ସ୍ଥଳେ କାନାଡ଼ାକୁ ୫୧ତମ ରାଜ୍ୟ ରୂପେ ମୂଳ ଭୂଖଣ୍ଡରେ ସାମିଲ କରିବା ଟ୍ରମ୍ପଙ୍କ ଅଭିପ୍ରାୟ ବୋଲି କୁହାଯାଉଛି। ନୂତନ ରାଷ୍ଟ୍ରପତିଙ୍କ ଅନ୍ୟ ଏକ ପ୍ରସ୍ତାବ ବର୍ତ୍ତମାନ ବିବାଦର କେନ୍ଦ୍ରବିନ୍ଦୁ ହୋଇଛି। ଗ୍ରୀନ୍‌ଲ୍ୟାଣ୍ଡ, ପାନାମା କେନାଲ ଏବଂ ଗଲ୍‌ଫ ଅଫ୍ ମେକ୍ସିକୋକୁ ମଧ୍ୟ ଆମେରିକା ନିଜ ଦଖଲକୁ ନେବା ପାଇଁ ଟ୍ରମ୍ପ କେବଳ ଯୋଜନା କରିନାହାନ୍ତି, ଖୋଲାଖୋଲି ଏଥିନେଇ ଧମକ ମଧ୍ୟ ଦେଇସାରିଛନ୍ତି। ଯଦି ବାସ୍ତବ କ୍ଷେତ୍ରରେ ଏହିସବୁ ଅଞ୍ଚଳ ଆମେରିକାରେ ସାମିଲ ହେବ, ତେବେ ଏହାର କ୍ଷେତ୍ରଫଳ ୨କୋଟି ୩୪ଲକ୍ଷରେ ପହଞ୍ଚିବ ଏବଂ କ୍ଷେତ୍ରଫଳ ଦୃଷ୍ଟିରୁ ଆମେରିକା ବିଶ୍ୱର ସର୍ବବୃହତ୍ ଦେଶରେ ପରିଣତ ହେବ। କାନାଡ଼ାକୁ ଆମେରିକା ସହ ମିଶାଇ ଦେବା ପଛରେ ଅବଶ୍ୟ କେତେକ ଯୁକ୍ତି ଦର୍ଶାଯାଉଛି। ସୀମାକୁ ଲାଗିଥିବାରୁ କାନାଡ଼ାରୁ ବେଆଇନ ଭାବରେ ଆମେରିକାକୁ ଅନୁପ୍ରବେଶ ଜାରି ରହିଛି ଏବଂ ଏହାଫଳରେ ଆମେରିକାରେ ବେକାରୀ ହାର କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଦେଶର ସୁରକ୍ଷା ପ୍ରତି ମଧ୍ୟ ଏହା ବିପଦ ସୃଷ୍ଟି କରିବାର ସମ୍ଭାବନା ଦେଖାଦେଇଛି। ତେବେ ବିଧିବଦ୍ଧ ଭାବରେ ଶପଥ ଗ୍ରହଣ କରିସାରିଥିବାରୁ ନୂତନ ରାଷ୍ଟ୍ରପତି ତାଙ୍କର ଏହିସବୁ ଦୁଃସାହସିକ ପରିକଳ୍ପନାଗୁଡିକୁ କେତେଦୂର କାର୍ଯ୍ୟକାରୀ କରିପାରିବେ ତାହା ଭବିଷ୍ୟତ ହିଁ କହିବ।

# ଆସ୍ଥା ଓ ବିଶ୍ୱାସର ସଙ୍ଗମ କୁମ୍ଭ



ସୌର ଚନ୍ଦ୍ର ମହାପାତ୍ର
ବରିଷ୍ଠ ଆଇନଜୀବୀ,
ଓଡ଼ିଶା ହାଇକୋର୍ଟ, କଟକ
ମୋ : ୯୪୩୭୦୦୪୪୬୬

ବିଶ୍ୱାସ ଯେଉଁଠି, ଭଗବାନଙ୍କ ସ୍ଥାନ ସେଇଠି। ସନାତନ ଧର୍ମର ଆସ୍ଥା ଓ ବିଶ୍ୱାସର ମହାକୁମ୍ଭ ପ୍ରୟାଗରାଜ କୁମ୍ଭ ମେଳା। ନିକଟରେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ନିୟମିତ ରେଡ଼ିଓ କାର୍ଯ୍ୟକ୍ରମ 'ମନ୍ କି ବାତ୍'ରେ ମହାକୁମ୍ଭ ଓ ରାମ ଲାଲାଙ୍କ ବିଷୟରେ ଆଲୋକପାତ କରିଛନ୍ତି। ମୋଦିଜୀ ତାଙ୍କ ଅଭିଭାଷଣରେ କହିଛନ୍ତି ଏହା ସାମାଜିକ ସଦ୍‌ଭାବର ଏଭଳି ସଙ୍ଗମ ଯେଉଁଠାରେ ଭେଦଭାବ କିମ୍ବା ଜାତିବାଦ ନାହିଁ। କୁମ୍ଭ ମେଳା ହେଉଛି ବିବିଧତାରେ ଏକତାର ଉତ୍ସବ। ପୂର୍ବରୁ ପଶ୍ଚିମ, ଉତ୍ତରରୁ ଦକ୍ଷିଣ ଏହା ଗୋଟିଏ ସୂତ୍ରରେ ବାନ୍ଧି ରଖିଛି। ଏହି ପରମ୍ପରା ହଜାର ହଜାର ବର୍ଷର। ଏହାସହ ମୋଦିଜୀ ଜାନୁଆରୀ ୧୧ରେ ପୌଷ ଶୁକ୍ଳ ଦ୍ୱାଦଶରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ ଏହି ଦିନ ଏବେ ପ୍ରତିଷ୍ଠା ଦ୍ୱାଦଶୀ ପାଲଟି ଯାଇଛି। ପ୍ରୟାଗରାଜର ମହାକୁମ୍ଭ ମେଳା ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ଗଭୀର ଆଧ୍ୟାତ୍ମବାଦ ଏବଂ ସଂଗଠନାତ୍ମକ କ୍ଷମତାର ଏକ ଶାଶ୍ୱତ ପ୍ରତୀକ। ପୌରାଣିକ ଆଧାରରୁ ଆରମ୍ଭ କରି ଆଧୁନିକ ଆୟୋଜନ ପର୍ଯ୍ୟନ୍ତ, ଏହି ଉତ୍ସବ ଏକ ବୈଶ୍ୱିକ ମେଳାର ରୂପ ଧାରଣ କରିସାରିଛି। ବହୁ ଆହ୍ୱାନ ସତ୍ତ୍ୱେ, ଏହା କୋଟି କୋଟି ଶ୍ରଦ୍ଧାଳୁଙ୍କ ମଧ୍ୟରେ ଶ୍ରଦ୍ଧା, ଭକ୍ତି ଏବଂ ଏକତାର ଭାବନାକୁ ପ୍ରେରିତ କରୁଛି। ମହାକୁମ୍ଭ ଭାରତର ଶତାବ୍ଦୀ ପ୍ରାଚୀନ ପରମ୍ପରାର ପ୍ରତୀକ, ଯାହା ଆମକୁ ବିଶ୍ୱାସର ଶକ୍ତି, ସାଂସ୍କୃତିକ ସଂରକ୍ଷଣର ମହତ୍ତ୍ୱ ମାନବିକତାର ମନ୍ତ୍ର ଶିଖାଇଥାଏ।

ଭାରତର ଧାର୍ମିକ ଐତିହ୍ୟର ପ୍ରତୀକ, ସନାତନ ଧର୍ମର ଆସ୍ଥା ଓ ବିଶ୍ୱାସର ମହାପର୍ବ ମହାକୁମ୍ଭ ମେଳା। ଏହା ଏପରି ଏକ ଆୟୋଜନ ଯାହା ଆସ୍ଥା, ପରମ୍ପରା ଏବଂ ଆଧ୍ୟାତ୍ମିକତାର ପ୍ରତୀକ। ପ୍ରତି ବାର ବର୍ଷରେ ପ୍ରୟାଗରାଜ, ହରିଦ୍ୱାର, ଉଜ୍ଜୟିନୀ ଓ ନାସିକରେ ଆୟୋଜିତ ହୋଇଥାଏ କୁମ୍ଭ ମେଳା। ତେବେ ମହାକୁମ୍ଭ ମେଳା ସ୍ୱତନ୍ତ୍ର, ଅନନ୍ୟ ଏବଂ ଅଦ୍ୱିତୀୟ। କାରଣ ୧୪୪ ବର୍ଷରେ ଥରେ ଆୟୋଜିତ ହୋଇଥାଏ ଏହି ଭବ୍ୟ ମେଳା। ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀର ତ୍ରିବେଣୀ ସଙ୍ଗମରେ ଆୟୋଜିତ ହେଉଥିବାବେଳେ ଏହାର ଧାର୍ମିକ ଏବଂ ତାତ୍ତ୍ୱିକ ଗୁରୁତ୍ୱ ରହିଛି। ଚଳିତ ବର୍ଷ ପୌଷ ପୂର୍ଣ୍ଣିମାରୁ ଆରମ୍ଭ ହୋଇଥିବା ଏହି ମେଳା ଆସନ୍ତା ଫେବୃଆରୀ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ।

କୁମ୍ଭ ମେଳା ସହିତ ବେଶ କିଛି ପୌରାଣିକ କାହାଣୀ ଜଡ଼ିତ। ବିଶେଷକରି ସମୁଦ୍ର ମନ୍ଥନ ଏବଂ ନଦୀଗୁଡ଼ିକର ପବିତ୍ରତା ସହିତ ଏହାର ସଂଯୋଗ ରହିଛି। କିନ୍ତୁ ଏହି ମେଳା ସହିତ 'କୁମ୍ଭ' ଶବ୍ଦଟିର ସଂଯୋଗ କିପରି ହେଲା ? ବେଦ ଓ ପୁରାଣ ଭଳି ପ୍ରାଚୀନ ଧର୍ମଗ୍ରନ୍ଥରେ ଏହାର କୌଣସି ଉଲ୍ଲେଖ ଅଛି କି ? କୁମ୍ଭ ଶବ୍ଦଟି ବେଦର ବିଭିନ୍ନ ସ୍ଥାନରେ ଉଲ୍ଲେଖ କରାଯାଇଛି ଯାହା ଗୋଟିଏ ପାତ୍ର ବା ଜଳ ପ୍ରବାହର ପ୍ରତୀକ। ବେଦ ଅନୁସାରେ ଅମୃତ ମନ୍ଥନ ବା ହରିଦ୍ୱାର, ପ୍ରୟାଗରାଜ, ଉଜ୍ଜୟିନୀ ଏବଂ ନାସିକର କୁମ୍ଭ ଉତ୍ସବର କିମ୍ବଦନ୍ତୀ ସହିତ ଏହାର କୌଣସି ପ୍ରତ୍ୟକ୍ଷ ସମ୍ପର୍କ ନାହିଁ। ରଗବେଦରେ ଇନ୍ଦ୍ରଦେବଙ୍କ ସଂପର୍କରେ ଗୋଟିଏ ସ୍ତୋତ୍ରରେ କୁମ୍ଭ ଶବ୍ଦଟି ଉଲ୍ଲେଖ କରାଯାଇଛି। ରଗବେଦର ସେହି ସ୍ତୋତ୍ର ଅନୁସାରେ କୁମ୍ଭ ଏକ କଞ୍ଚା ମାଟିର ପାତ୍ରକୁ ବୁଝାଇଥାଏ ଏବଂ ଇନ୍ଦ୍ରଙ୍କୁ ଶତ୍ରୁ ବିନାଶକାରୀ ଏବଂ ଜଳ ସରବରାହକାରୀ ଭାବରେ ବର୍ଣ୍ଣନା କରାଯାଇଛି। କୁମ୍ଭ ମେଳା ବା ଆଚାରଗତ ସ୍ନାନର କୌଣସି ଉଲ୍ଲେଖ ରଗ ବେଦରେ ନାହିଁ। ତେବେ ପୂର୍ଣ୍ଣ କୁମ୍ଭ ଶବ୍ଦଟି ପ୍ରଥମେ ଅଥର୍ବବେଦରେ ଉଲ୍ଲେଖ କରାଯାଇଥିଲା, ଯାହା ରଗବେଦର ପ୍ରାୟ ୬୦୦ ବର୍ଷ ପରେ ଲିଖିତ ହୋଇଥିଲା। ଏହାର ଚତୁର୍ଥ ମଣ୍ଡଳର ୩୪ତମ ସ୍ତୋତ୍ରରେ ଉଲ୍ଲେଖ ଅଛି, ଏହା ସମୟର ଧାରଣାର ପ୍ରତୀକ। ରଗବେଦର ଦଶମ ମଣ୍ଡଳରେ ଗଙ୍ଗା, ଯମୁନା ଏବଂ ସରସ୍ୱତୀ ନଦୀର କଥା ମଧ୍ୟ ଉଲ୍ଲେଖ କରାଯାଇଛି ଯାହା ସେମାନଙ୍କ ଏକତ୍ରିତ ହେବାର ଇଙ୍ଗିତ ଦେଇଥାଏ। ଏହା ବ୍ୟତୀତ ମହାଭାରତ ଏବଂ ପୁରାଣରେ ପ୍ରୟାଗର ଉଲ୍ଲେକ ଅଛି। କିନ୍ତୁ କୁମ୍ଭକୁ ମେଳା ବା ଉତ୍ସବ ଭାବରେ ସ୍ପଷ୍ଟ ଉଲ୍ଲେଖ ନାହିଁ।

କୁମ୍ଭ ମେଳାର ପ୍ରାଥମିକ ଉଲ୍ଲେଖ ଭାରତୀୟ ପୌରାଣିକ କାହାଣୀରେ ଦେଖିବାକୁ ମିଳେ। ବିଶେଷକରି ସମୁଦ୍ର ମନ୍ଥନରୁ ପ୍ରାପ୍ତ ଅମୃତ କୁମ୍ଭ କଳସ କଥା ସହିତ ଏହା ଗଭୀର ଭାବେ ସମ୍ବନ୍ଧିତ। ସେହି କୁଣ୍ଡରୁ ଚାରିବୁନ୍ଦା ଅମୃତ ପୃଥିବୀ ପୃଷ୍ଠର ଯେଉଁ ଚାରୋଟି ସ୍ଥାନରେ ଭୂପତିତ ହୋଇଥିଲା ସେହି ସ୍ଥାନରେ ପ୍ରତିବର୍ଷ ୧୨ ବର୍ଷରେ ପୂର୍ଣ୍ଣ କୁମ୍ଭ ମେଳା ଆୟୋଜିତ ହୋଇଆସୁଛି। ଭାରତର ସବୁଠୁ ପ୍ରାଚୀନ ଗ୍ରନ୍ଥ, ରଗ ବେଦରେ ନଦୀମାନଙ୍କ ପବିତ୍ରତା ବିଷୟରେ ଉଲ୍ଲେଖ ଥିବାବେଳେ ତିନି ନଦୀର ସଙ୍ଗମ ସ୍ଥଳରେ ସ୍ନାନ କଲେ ପୁଣ୍ୟ ମିଳେ ବୋଲି ଉଲ୍ଲେଖ ଅଛି। ମହାଭାରତରେ ପ୍ରୟାଗରାଜକୁ ଆଧ୍ୟାତ୍ମିକ ସ୍ଥାନ ପାଇଁ ସବୁଠୁ ପବିତ୍ର ସ୍ଥଳ ଭାବେ ଦର୍ଶାଯାଇଛି। ପିତାମହ ଭୀଷ୍ମ ଯୁଧିଷ୍ଠିରଙ୍କୁ ତ୍ରିବେଣୀ ସଙ୍ଗମରେ ସ୍ନାନ କରିବାର ପରାମର୍ଶ ଦେଇଥିଲେ।

ପ୍ରସିଦ୍ଧ ଦାର୍ଶନିକ ତଥା ଆଧ୍ୟାତ୍ମିକ ଗୁରୁ ଆଦି ଶଙ୍କରାଚାର୍ଯ୍ୟ ଅଷ୍ଟମ ଶତାବ୍ଦୀରେ ହିନ୍ଦୁ ତୀର୍ଥ ଯାତ୍ରାର ପରମ୍ପରାକୁ ଔପଚାରିକ ରୂପରେ ପ୍ରତିଷ୍ଠା କରିଥିଲେ। ସେ ଏକ ପରମ୍ପରା ଆରମ୍ଭ କରିଥିଲେ ଯେଉଁଥିରେ ସାଧୁ ସଂପ୍ରଦାୟ କୁମ୍ଭ ମେଳାରେ ଏକତ୍ରିତ ହେଉଥିଲେ ଏବଂ ଆଧ୍ୟାତ୍ମିକ ଚର୍ଚ୍ଚା ତଥା ଧାର୍ମିକ କାର୍ଯ୍ୟ କରୁଥିଲେ। ପୁଣି ୧୪୪ ବର୍ଷରେ ଥରେ ସମ୍ପୂର୍ଣ୍ଣ ତିଥି ବାର ନକ୍ଷତ୍ରର ମିଳନ ହୁଏ। ଏହାକୁ ଅମୃତ ମହାକୁମ୍ଭ କୁହାଯାଏ। ଆସ୍ଥା ଓ ବିଶ୍ୱାସର ସଙ୍ଗମ କୁମ୍ଭ। ତୀର୍ଥରାଜ ପ୍ରୟାଗରୁ ଆରମ୍ଭ କରି ଆହ୍ଲାବାଦ ଏବଂ ବର୍ତ୍ତମାନର ପ୍ରୟାଗରାଜ ପର୍ଯ୍ୟନ୍ତ ମହାକୁମ୍ଭ ବିକାଶର ଗାଥା ଅସୀମ, ଅକଳ୍ପନୀୟ। ମହାକୁମ୍ଭ ମେଳା ଭାରତରେ ଏକ ଭବ୍ୟ ଧାର୍ମିକ ଆୟୋଜନ। ଏହି ଉତ୍ସବର ଐତିହାସିକ ଗୁରୁତ୍ୱ ଯେତିକି, ଆଧ୍ୟାତ୍ମକ ମହତ୍ୱ ବି ସେତିକି। ଏହାର ମୌଳିକତା ପ୍ରାଚୀନ ଭାରତୀୟ ଗ୍ରନ୍ଥରେ ସମାହିତ। କୋଟି କୋଟି ଶ୍ରଦ୍ଧାଳୁଙ୍କ ସମର୍ପିତ ମନୋଭାବରେ ସଙ୍ଗମ ନଗରୀର ମହାକୁମ୍ଭ ଏବେ ବିଶ୍ୱର ସବୁଠୁ ବଡ଼ ଧାର୍ମିକ ମେଳା। ଏହି ଆସ୍ଥା, ଭକ୍ତି, ବିଶ୍ୱାସର କୁମ୍ଭ ହିଁ ସନାତନର ଅମୃତ ଧାରାକୁ ଚିରନ୍ତନ ଭାବେ ଉଜ୍ଜୀବିତ ରଖି ଆସୁଥିବ।

# ଶତ୍ରୁ ଭାବରେ ସାଧନା



ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
ମୋ : ୯୪୩୭୦୫୧୯୫୭

ପ୍ରତିହିଂସା ପରାୟଣତା, ଯୌନାତୁରତା, ପ୍ରେମ, ହିଂସା, ପ୍ରକୃତି ଓ ପରିବେଶକୁ ଭଲ ପାଇବା, ଶଠତା ଓ ଠକାମି – ଏସବୁ ପ୍ରବୃତ୍ତି ମଣିଷ ସୃଷ୍ଟି ଠାରୁ ଆଜିଯାଏଁ ବଳବତ୍ତର ହୋଇ ରହିଛି। ସେଥିପାଇଁ କୁହାଯାଇଛି ଯେ ମଣିଷ ହିଁ ମଣିଷର ସବୁଠୁ ବଡ଼ ବନ୍ଧୁ ଏବଂ ମଣିଷ ହିଁ ମଣିଷର ସବୁଠୁ ବଡ଼ ଶତ୍ରୁ। କିନ୍ତୁ ମଣିଷ ଯେ ମଣିଷର ବଡ଼ ଶତ୍ରୁ ତା'ର ଇତିହାସ ଦୀର୍ଘତର। ଦୁର୍ବଳ ଉପରେ ସବଳର ଅତ୍ୟାଚାର ଏବଂ ସବଳକୁ ପ୍ରତିହତ କରିବା ପାଇଁ ଦୁର୍ବଳର ଜ୍ଞାନ କୌଶଳ ଉଣା ଅଧିକେ ସମସ୍ତଙ୍କୁ ଜଣା। ଏସବୁ ନିଜକୁ ବଞ୍ଚାଇବା ପାଇଁ ଏକ କୌଶଳ।

ଜୀବନରେ ଶତ୍ରୁତା ଓ ଶଠତା ସମ୍ପର୍କରେ ଆଲୋଚନା କଲାବେଳେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ କଥିତ ଆଧ୍ୟାତ୍ମିକ ପ୍ରସଙ୍ଗର 'ଶତ୍ରୁ ଭାବରେ ସାଧନା ହୁଏ କି ନାହିଁ' ପ୍ରସଙ୍ଗଟି ଏଠାରେ ଉଦ୍ଧୃତ କରୁଛି। ଜନୈକ ବ୍ୟକ୍ତି ପଚାରିଲେ- ପୌରାଣିକ ବିଷୟକୁ ନେଇ ଯେଉଁସବୁ ନାଟକ ଦେଖାଯାଏ ତା' ମଧ୍ୟରେ ବେଶୀଭାଗ ବହିରେ ସାଧନାକୁ ଶତ୍ରୁ ଭାବରେ ବଡ଼କରି ଦେଖାଇ ଦିଆଯାଇଛି। ଶତ୍ରୁ ଭାବରେ ଭଗବାନଙ୍କର ଉପାସନାଟା କେଉଁ ପ୍ରକାର ?

ଏହାର ଉତ୍ତରରେ ପ୍ରେମମୟ ଭଗବାନ ଶ୍ରୀ ଶ୍ରୀଠାକୁର ଅନୁକୂଳଚନ୍ଦ୍ର ଶତ୍ରୁ ଭାବରେ ପୁଣି ସାଧନା କ'ଣ ହୁଏ ? ଏହା (ହୀନମନ୍ୟତା)ର କଥା। ଲେଖକମାନଙ୍କ ଭିତରେ (ହୀନମନ୍ୟତା) ରହିଲେ, ତାହା କଲମ ମାଧ୍ୟମ ଦେଇ ବାହାରି ଆସେ। କଲ୍ୟାଣକାମୀ ସତ୍ ଓ ଶକ୍ତିମାନ ଯେଉଁମାନେ, ସେମାନେ ଦୁର୍ନୀତି ପରାୟଣ ଦକ୍ଷ ଯେଉଁମାନେ ସେମାନଙ୍କର ଦୁର୍ନୀତିକୁ ନିରୋଧ କରିବାକୁ ନିଶ୍ଚେଷ୍ଟ ରହନ୍ତି ନାହିଁ। ଦୁର୍ନୀତି ପରାୟଣ ଦକ୍ଷ ଓ ରାବଣ ଭଳି ଯେଉଁମାନେ, ସେମାନେ ଯଦି ଠିକ୍ ସେହି ସମୟରେ ନିଜକୁ ସଂଶୋଧନ କରିଦିଅନ୍ତି, ତାହା ହେଲେ ହୁଏତ ବଞ୍ଚି ଯାଇପାରନ୍ତି, କିନ୍ତୁ ତାହା ଯଦି ନ କରନ୍ତି, ତେବେ ସତ୍ ଓ ଶୁଭ ଶକ୍ତିର ନିକଟରେ ସେମାନେ ପରାଭୂତ ହେବେ ହିଁ, ଯେପରି ହୋଇଥିଲା ଦକ୍ଷରାଜାର ପତନ, ରାବଣର ପତନ ଓ କଂସଙ୍କର ପତନ। ଏହିଟା ହେଲା ବିଧିର ବିଧାନ। ଏହାରି ମଧ୍ୟରେ ଭକ୍ତ-ଭଗବାନଙ୍କର କଥା ଆସେ କିପରି ? ଏହି ଧରଣର ପରିବେଷଣ ମଣିଷର ପ୍ରବୃତ୍ତିକୁ ହିଁ ପୁଷ୍ଟ କରିତୋଳେ। ଆପଣମାନେ ନୂଆ ଧରଣର ବହି ଲେଖି ଏହିସବୁ ଭୁଲ୍‌କୁ ଭାଙ୍ଗିଦେବେ। ଅସତ୍ ଯିଏ ତାକୁ ଅସତ୍ ବୋଲି ଜ୍ଞାତ କରାଇବା ଯୁକ୍ତିଯୁକ୍ତ ଅଟେ। ମାତ୍ର ଏହି ଧାରଣା ଉପରେ ରଙ୍ଗ ଚଢ଼ାଇ ଅବାନ୍ତର ତାତ୍ତ୍ୱିକତାର ଅବତାରଣା କରାଇବାରେ କିଛି ମାନେ ହୁଏ ନାହିଁ। ମଣିଷ ସେହିପ୍ରକାର ଅବତାରଣାରେ ବିଭ୍ରାନ୍ତ ହୁଏ, ଭାବର ଘୁ ଘୁ ବନାଇଯାଏ, ଅପକର୍ମ କରି ପୁଣି ମୁହଁରେ କହିଉଠେ-ଏହା ତ ଈଶ୍ୱରଙ୍କର ଇଚ୍ଛା। ମଙ୍ଗଳ-ସ୍ୱରୂପ ଯିଏ, ସ୍ୱେଚ୍ଛାରେ ଅମଙ୍ଗଳର ପଥରେ ଚାଲି ତାଙ୍କ ଦିଗରେ ଆଗେଇ ହୁଏ ନାହିଁ। ତେବେ ପରମପିତାଙ୍କର ରାଜ୍ୟରେ ଏକ ସୁବିଧା ଅଛି। ଯିଏ ଯେତେ ହିଁ ଅପକର୍ମ କରୁ, ସତ୍ତାର ଅବଲୁପ୍ତି କେହି ଚାହାଁନ୍ତି ନାହିଁ। ତେଣୁ ଅପକର୍ମ ଯେତେବେଳେ ନିଧନ ଡାକି ଆଣିବାକୁ ଚାହେଁ ସେତେବେଳେ ସତ୍ତା ତାହାର ଆତ୍ମରକ୍ଷାର ତାଗିଦରେ ଅପକର୍ମ ଠାରୁ ନିବୃତ୍ତ ହେବାର ପ୍ରେରଣା ମନୁଷ୍ୟକୁ ଯୋଗାଏ। ସେହି ସମୟରେ ଯଦି ମଣିଷ ଫେରେ, ତାହା ହେଲେ ବି ପଥ ଥାଏ।

ଅନ୍ୟ ଜଣେ ପଚାରିଲେ- ଲୋକମାନେ କହନ୍ତି; ଶତ୍ରୁ ଭାବରେ ଡାକିଲେ ଶତ୍ରୁର ଧ୍ୟାନ ସର୍ବଦା ରହିଥାଏ, ତେଣୁ ସହଜରେ ଭଗବାନଙ୍କୁ ପାଏ। ଏହାର ଉତ୍ତରରେ ପ୍ରେମମୟ ଭଗବାନ ଶ୍ରୀ ଶ୍ରୀଠାକୁର ଅନୁକୂଳଚନ୍ଦ୍ର ଅପକର୍ମ ଯେ କରିଥାଏ, ପୋଲିସର ଧ୍ୟାନ ତ ତା'ର ଲାଗି ହିଁ ରହିଥାଏ। ସେ ଅବସ୍ଥାରେ ସେ ପୋଲିସ୍ ନିକଟକୁ ଆଗେଇବାକୁ ଚାହେଁ ନା ପୋଲିସ ଠାରୁ ଦୂରରେ ରହିବାକୁ ଚାହେଁ ?

ଆମେ ଯାହାକୁ କୌଶଳ ବୋଲି କହୁଛେ, ତାହା ପ୍ରକୃତରେ ଶଠତା ବା ଠକାମି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ମହାଭାରତରେ ଅର୍ଜୁନଙ୍କୁ ଧନୁର୍ବିଦ୍ୟାରେ ଶ୍ରେଷ୍ଠତା ହେବା ପାଇଁ ଗୁରୁ ଦ୍ରୋଣାଚାର୍ଯ୍ୟ ମହାବିକ୍ରମୀ ଶୂଦ୍ରପୁତ୍ର ଏକଲବ୍ୟର ଦକ୍ଷିଣ ହସ୍ତର ବୃଦ୍ଧାଙ୍ଗୁଳିକୁ ଗୁରୁ ଦକ୍ଷିଣା ଭାବେ ମାଗି ନେଇଥିଲେ। ଉଦ୍ଦେଶ୍ୟ ଥିଲା ରାଜାଙ୍କ ଦ୍ୱାରା ଧନସମ୍ପତ୍ତି ପାଇଁ ଅନୁଗୃହୀତ ହେବା। ଏପରିକି ଅର୍ଜୁନଙ୍କ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବା ଲାଗି ନିଜ ପୁତ୍ର ଅଶ୍ୱତ୍ଥାମାଙ୍କ ନାମ ଅର୍ଜୁନଙ୍କ ତଳେ ରଖିଦେଇଥିଲେ। ଅନୁରୂପ ଭାବରେ ଶଠତା ଆଚରଣ ପୂର୍ବକ ଦଶରଥଙ୍କୁ ପ୍ରଭାବିତ କରି କୈକେୟୀ ରାମଚନ୍ଦ୍ରଙ୍କୁ ୧୪ବର୍ଷ ବନବାସ ପଠାଇଥିଲେ। ରୋମ ସାମ୍ରାଜ୍ୟରେ ଜୁଲିୟସ୍ ସିଜରଙ୍କ ପ୍ରତି ତାଙ୍କ ବିଶ୍ୱସ୍ତ ବନ୍ଧୁ ବ୍ରୁଟସ୍‌ଙ୍କ ବିଶ୍ୱାସଘାତକତା ପୃଥିବୀ ଇତିହାସରୁ କେବେ ଲିଭିବାରେ ନୁହେଁ। ଆମେ ସମସ୍ତେ ଲୋକକଥାରୁ ଜାଣୁ ବିଲୁଆ ଓ କୁମ୍ଭୀରର ବନ୍ଧୁତା ଓ ବିଲୁଆର ଘୋର ହିଂସ୍ର ପ୍ରତାରଣାର କଥା। ଅଙ୍ଗରକ୍ଷୀ, ଭୃତ୍ୟ ଓ ପାଚକମାନଙ୍କ ଦ୍ୱାରା ପ୍ରତାରିତ ହୋଇ ଅନେକ ରାଜା, ମହାରାଜା ଓ ରାଜନୈତିକ ନେତା ମୃତ୍ୟୁବରଣ କରିବା ଭଳି ଘଟଣା ଜନମାନସକୁ ଚକିତ କରିଆସିଛି। କିନ୍ତୁ ସାମ୍ପ୍ରତିକ ସମୟରେ ଏହି ଶଠତା ଓ ଠକାମି ନିତିଦିନିଆ ଘଟଣାରେ ପରିଣତ ହେଲାଣି। ଏହି ଠକାମି ଗୁଣଟି ଏତେ ମାତ୍ରାରେ ବୃଦ୍ଧି ପାଇଛି ଯେ ତାହାକୁ ମଧୁମେହ ଓ କର୍କଟ ଭଳି ଜୀବନ ନାଶକାରୀ ବ୍ୟାଧି ସହ ମଧ୍ୟ ତୁଳନା କରାଯାଇପାରେ। ରାଜନେତାମାନେ ଠକୁଛନ୍ତି ସାଧାରଣ ଜନତାଙ୍କୁ, ବେପାରୀ ଠକୁଛି ଗ୍ରାହକଙ୍କୁ, ପ୍ରେମିକ ଠକୁଛି ପ୍ରେମିକାକୁ, ସ୍ୱାମୀ-ସ୍ତ୍ରୀ ଠକୁଛନ୍ତି ପରସ୍ପରକୁ, ଓକିଲ ଠକୁଛି ମହକିଲକୁ, ଆୟକରଦାତା ଠକୁଛି ସରକାରଙ୍କୁ ଇତ୍ୟାଦି ଇତ୍ୟାଦି..।

ତେବେ ଏ ଠକାମି କାହିଁକି ? ଏହା ପଛରେ ମଣିଷ ମନରେ ଥିବା ଏକ ଅସୁରକ୍ଷିତ ଭାବନା ରୂପୀ ଅଜଣା ଭୟ ହିଁ କାରଣ ଭାବେ ଛପି ରହିଛି। କିନ୍ତୁ ଜାଣିରଖିବାକୁ ପଡ଼ିବ ଯେ ମଣିଷ ଜୀବନରେ ଏମିତି ଏକ ଖେଳ ଅଛି ଯେଉଁଠି ଉଭୟ ପକ୍ଷ ବିଜୟୀ ହୁଅନ୍ତି। ଯିଏ ସେହି ବିଜୟର ସୂତ୍ରଟି ଜାଣିପାରିଛି ସିଏ ଏକ ଉନ୍ନତତର ଜୀବନଯାପନର ବାଟ ପାଇପାରିଛି। କାରଣ ଏ ପୃଥିବୀରେ ଥରେ ଜନ୍ମ ନେଲେ ଖସି ଯିବାର ବାଟ ନାହିଁ। କେଉଁଠି ନା କେଉଁଠି ଦିନେନା ଦିନେ ଠକାମିରେ ଲିପ୍ତ ଥିବା ମଣିଷ ନିଶ୍ଚୟ ଝୁଣ୍ଟିବ ଏବଂ ତାହା ଶେଷରେ ଅପକ୍ଷାତିର ଗ୍ଲାନିପୂର୍ଣ୍ଣ କରୁଣ ପରିଣତି ହିଁ ତା'ର ଭାଗ୍ୟଲିପି ହେବ।

# କାହାଣୀ ଶୁଣାନ୍ତୁ ପିଲାଙ୍କୁ



ଯଶସ୍ୱିନୀ ପଟ୍ଟନାୟକ
ଅଧକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ
ସେକ୍ଟର-୮, ସିଡିଏ, କଟକ

ଆଜିର ବ୍ୟସ୍ତ ବହୁଳ ସମୟ ଭିତରେ ଆମମାନଙ୍କ ଭିତରେ ଅଧିକାଂଶ ପିଲାମାନଙ୍କ ପାଇଁ ସେପରି ସମୟ ଦେଇପାରନ୍ତି ନାହିଁ। ବୃତ୍ତିଗତ କ୍ଷେତ୍ରର କାର୍ଯ୍ୟଚାପ, ପାରିବାରିକ ଜଞ୍ଜାଳ ଏବଂ ତେଲ ଲୁଣର ସଂସାର ଭିତରେ ଅନେକ ପିଲାମାନଙ୍କ ପାଇଁ ସମୟ ବଡ଼ କଷ୍ଟରେ କିଛି କାଢ଼ିଥାନ୍ତି। ପିଲାମାନଙ୍କୁ ନୀତିଶିକ୍ଷା ବ୍ୟବସ୍ଥିତ ସତ୍‌ଶିକ୍ଷା ଭିତ୍ତିକ ଛୋଟ କଥନିକ ବା ପୁରାଣ, ଐତିହାସିକ ବା ପ୍ରାସଙ୍ଗିକ କାହାଣୀ କହିବା ପାଇଁ ତ ଆଦୌ ସମୟ ଅନେକ ପ୍ରାୟ ପାଇନଥାନ୍ତି। ତେବେ ଆମ୍ଭେମାନେ ପ୍ରାୟ ଭୁଲି ଯାଉଛେ ଯେ ଆମ କୋମଳମତି ପିଲାମାନଙ୍କୁ କିଛି ନିତିଶିକ୍ଷା ସମ୍ବଳିତ କାହାଣୀ ଶୁଣାଇବା ଦ୍ୱାରା ସେମାନଙ୍କ ମାନସପଟ୍ଟରେ ଯେଉଁ ସାମାଜିକତା, ରାଷ୍ଟ୍ରଶିକ୍ଷା ଓ ପରୋପକାର, ସମାଜ ପ୍ରତି ଦାୟିତ୍ୱ ଗ୍ରହଣ କରିବାର ଗୁଣ ପ୍ରାୟତଃ ଲୁପ୍ତ ହେବାକୁ ବସୁଛି। ତେଣୁ ପିଲାମାନଙ୍କ ପାଇଁ ସମୟ କାଢ଼ି କିଛି କିଛି କାହାଣୀ କହିବା ଅତ୍ୟନ୍ତ ଜରୁରି। ଯେଉଁମାନଙ୍କୁ ମହାମାନବ କୁହାଯାଉଛି, ସେମାନଙ୍କ ବାଲ୍ୟକାଳରେ ସେମାନେ ଯେ ଏହି ସ୍ତରରେ ପହଞ୍ଚିବେ ତାହା କେହି କଳ୍ପନ କରିନଥିଲେ। ଏପରିକି ସେମାନଙ୍କର ପିତା, ମାତା ମଧ୍ୟ। ତେବେ ପିଲାମାନଙ୍କର ବ୍ୟକ୍ତିତ୍ୱ ଗଠନ କରିବା ପାଇଁ ସେମାନଙ୍କ ପିତାମାତା ଆନ୍ତରିକ ପ୍ରୟାସ କରୁଥିଲେ। ପିଲାଙ୍କ ବ୍ୟକ୍ତିତ୍ୱ ଗଠନର ଏକ ଉତ୍ତମ ପ୍ରୟାସ ହେଉଛି କାହାଣୀ। ଅର୍ଥାତ୍ ପିଲାଙ୍କୁ କାହାଣୀ ଶୁଣାଇବା। ଇତିହାସରେ ଏହାର ଶହ ଶହ ଦୃଷ୍ଟାନ୍ତ ରହିଛି। ଗୋଟିଏ କାହାଣୀ ହେଉଛି – ପଞ୍ଚତନ୍ତ୍ରର ମନ୍ଦବୁଦ୍ଧିଯୁକ୍ତ ଅଯୋଗ୍ୟ ରାଜକୁମାର। ରାଜାପୂର୍ଣ୍ଣତଃ ନିରାଶ ହୋଇଯାଇଥିଲେ। ସବୁପ୍ରକାର ଉପାୟ କରାଗଲେ ସୁଦ୍ଧା କୌଣସି ପ୍ରକାରେ ରାଜକୁମାରଙ୍କୁ ଯୋଗ୍ୟ କରାଯାଇପାରିଲା ନାହିଁ। ଅନ୍ତିମ ପ୍ରୟାସ ରୂପେ ରାଜ୍ୟରେ ଘୋଷଣା କରାଗଲା ଯେ ଯେଉଁ ବ୍ୟକ୍ତି ରାଜକୁମାରଙ୍କୁ ଶିକ୍ଷା ଦେବାର ଦାୟିତ୍ୱ ଗ୍ରହଣ କରିବେ ଏବଂ ତାଙ୍କୁ ସବୁ ଦିଗରୁ ଯୋଗ୍ୟ କରିବାରେ ସକ୍ଷମ ହେବେ, ସେ ଇଚ୍ଛାନୁରୂପ ପୁରସ୍କାର ପାଇବେ। ବିଷ୍ଣୁଶର୍ମା ନାମକ ଜଣେ ବିଦ୍ୱାନ ତପସ୍ୱୀ ରାଜପୁତ୍ରଙ୍କୁ ରାଜନୀତି, ଧର୍ମ ଓ ଶିକ୍ଷାରେ ନିଷ୍ଣାତ(ନିପୁଣ) କରାଇବାର ଦାୟିତ୍ୱ ବହନ କଲେ ଏବଂ କିଛି ସମୟ ଭିତରେ ପଶୁପକ୍ଷୀଙ୍କ ବିଷୟରେ ରୁଚିକର କାହାଣୀ ଶୁଣାଇ ବୁଦ୍ଧିହୀନ ରାଜକୁମାରଙ୍କୁ ନୀତି, ସଦାଚାର, ଧର୍ମ, ବ୍ୟବହାର କୁଶଳତା ଇତ୍ୟାଦିରେ ପାରଙ୍ଗମ କରିଦେଲେ। ଛତ୍ରପତି ଶିବାଜୀ ପିଲାଦିନେ ପ୍ରତିଭାବାନ ମନେ ହେଉନଥିଲେ। ପରେ କିଛି ଉଲ୍ଲେଖନୀୟ କାମ କରିବା ଯୋଗ୍ୟ ପରିସ୍ଥିତି ମଧ୍ୟ ନଥିଲା। ପତି-ଉପେକ୍ଷିତ ତାଙ୍କର ମାତା ଜୀଜାବାଈ ପୁଅ ସହିତ ରହୁଥିଲେ ପୁନାରେ। ବାଳକ ଶିବାର ଲାଳନ ପାଳନଠାରୁ ଆରମ୍ଭ କରି ଶିକ୍ଷା ଦୀକ୍ଷା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ତାଙ୍କ ଉପରେ ଥିଲା। ଏହି ଦାୟିତ୍ୱକୁ ସରଳ ଭାବରେ ନିର୍ବାହ କରିବାର ଉପାୟ ଜୀଜାବାଈ ଖୋଜି ନେଲେ। ସେ ନିଜ ଆଦରର ପୁଅକୁ ରାମାୟଣ, ମହାଭାରତ, ହନୁମାନ, କୃଷ୍ଣ ଓ ଅର୍ଜୁନଙ୍କ ଜୀବନର ପ୍ରେରଣାମୟ ବୀରତ୍ୱପରିପୂର୍ଣ୍ଣ କାହାଣୀ ଶୁଣାଇବା ଆରମ୍ଭ କଲେ।

ସେମିତି ଆଦର୍ଶ ବୀର ପୁରୁଷ ହେବାର ଅଭିଳାଷ ଜାଗ୍ରତ ହେଲା ବାଳକ ଶିବାଙ୍କ ମନରେ। ପିଲାଦିନରୁ ସେ ମାବଲା ଜାତିର ଅନୁନ୍ନତ ଆଦିବାସୀ ପିଲାମାନଙ୍କୁ ଭାଲୁ, ମାଙ୍କଡ଼ ଭଳି ସଂଗଠିତ କରିବା ଆରମ୍ଭ କଲେ। ସେମାନଙ୍କୁ ଯୁଦ୍ଧ ବିଦ୍ୟା ଶିକ୍ଷା ଦେଲେ। ବାଲ୍ୟକାଳର ପ୍ରେରଣାରୁ ଉଦ୍‌ଭୁତ ଶୁଭ ଅଭିଳାଷ ବଳରେ ସେ ନାନାଜୀ, ବାଜି ପ୍ରଭୁ, ଦେଶ ପାଣ୍ଡେ ଓ ସୂର୍ଯ୍ୟାଜୀଙ୍କ ଭଳି କେତେ ନର ରତ୍ନଙ୍କୁ ଖୋଜି ବାହାର କଲେ। ପରବର୍ତ୍ତୀ କାଳରେ ସେମାନେ ବିଶାଳ ମୋଗଲ ସାମ୍ରାଜ୍ୟ ଅଧିପତି ଆଉରଙ୍ଗଜେବଙ୍କ ଆଖିରୁ ନିଦ ଉଡ଼ାଇ ନେଲେ। ବର୍ତ୍ତମାନ ଯୁଗର ମହାମାନବ ମହାତ୍ମା ଗାନ୍ଧୀଙ୍କ ଜୀବନରେ ମଧ୍ୟ ଏଭଳି ଘଟିଥିଲା। ତାଙ୍କର ମାତା ପୁତଳୀବାଈ ଗାନ୍ଧୀଙ୍କୁ ପିଲାଦିନେ ରାମାୟଣ ଓ ମହାଭାରତର ଚରିତ୍ର ନିର୍ମାଣକାରୀ ପ୍ରସଙ୍ଗ ଶୁଣାଉଥିଲେ। ଏହାର ପରିଣାମ ରୂପେ ସେ ଆଜୀବନ ଚରିତ୍ର ଓ ନୈତିକତାକୁ ସର୍ବୋପରି ମହତ୍ତ୍ୱ ଦେଇଥିଲେ। ମହାରାଜା ହରିଶ୍ଚନ୍ଦ୍ର ନାଟକ ଦେଖି ଓ ତାଙ୍କର କାହାଣୀ ଶୁଣି ତାଙ୍କ ମନରେ ସତ୍ୟ ପ୍ରତି ଅବିଚଳ ନିଷ୍ଠା ଜାତ ହୋଇଥିଲା। ଯିଶୁ ଓ ବୁଦ୍ଧଙ୍କ ପ୍ରସଙ୍ଗ ଶୁଣି ଓ ପଢ଼ି ଅହିଂସା ଓ ପ୍ରେମ ପ୍ରତି ଶ୍ରଦ୍ଧା ଓ ନିଷ୍ଠା ଜାଗ୍ରତ ହୋଇଥିଲା। ପିଲାମାନେ ଏହି କାହାଣୀ ଶୁଣିବା ପରେ ସେମାନେ ନୀତିଶିକ୍ଷା ଭିତ୍ତିକ ସଦ୍‌ଜ୍ଞାନ ପ୍ରାପ୍ତ ହୋଇଥାନ୍ତି ଏବଂ ଆମେମାନେ ଜଣେ ପିଲାଟିର ଉତ୍ତମ ବନ୍ଧୁ ଭାବେ ତା'ର ମାନସପଟ୍ଟରେ ରହିପାରିବା। ଆସନ୍ତୁ ନିଜ କର୍ମବ୍ୟସ୍ତ ଜୀବନ ଭିତରେ ଆପଣଙ୍କର ଅମୂଲ୍ୟ ସମ୍ପଦ ସେହି ପିଲାମାନଙ୍କୁ କିଛି କିଛି କାହାଣୀ କହିବା ପାଇଁ ସମୟ କାଢ଼ିବା।

# ନଦୀ ସଂଯୋଗୀକରଣ ସ୍ୱାଗତଯୋଗ୍ୟ



ସୌଭାଗ୍ୟ ରଞ୍ଜନ ମହାନ୍ତି
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼
ମୋ: ୯୪୩୭୯୯୪୩୭୯

ଦେଶରେ ବୃହତ ନଦୀ ସଂଯୋଗର ପରିକଳ୍ପନା ଭବିଷ୍ୟତରେ ସମ୍ଭାବ୍ୟ ଜଳ ସଂକଟର ମୁକାବିଲା ପାଇଁ ଉଦ୍ଦିଷ୍ଟ ଏହା ନିଃସନ୍ଦେହ। ଅଶୀ ଦଶକରେ ତତ୍କାଳୀନ ସରକାର ବୃହତ ନଦୀ ସଂଯୋଗ ଯୋଜନାର ପରିକଳ୍ପନା କରିଥିବାବେଳେ ଏଭଳି ପ୍ରଥମ ପ୍ରକଳ୍ପ ଲାଗି ଦୀର୍ଘ ଚାରିଦଶନ୍ଧି ଲାଗିଯାଇଛି। ତେବେ ଏହି ବିଳମ୍ବ ସରକାରୀ ଅବହେଳା କିମ୍ବା ବିରୋଧ ପାଇଁ ହୋଇଛି, ତାହା ସ୍ପଷ୍ଟ ଜଣାପଡି ନଥିଲେ ମଧ୍ୟ ଖୁସିର ବିଷୟ ଏହା ଯେ, ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେନ-ବେଟୱା ନଦୀର ସଂଯୋଗୀକରଣ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। ଏହି ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ବଜେଟରେ ୪୪,୬୦୫ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା କେନ ନଦୀରୁ ବଳକା ଜଳ କେନାଲ ମାଧ୍ୟମରେ ବେଟୱା ନଦୀରେ ଛଡାଯିବ। କୃଷିକ୍ଷେତ୍ରକୁ ଜଳ ଯୋଗାଣ ଏବଂ ଜନସାଧାରଣଙ୍କୁ ପାନୀୟ ଜଳଯୋଗାଣ ହେଉଛି ଏଭଳି ଯୋଜନାର ମୁଖ୍ୟ ଲକ୍ଷ୍ୟ। କେବଳ ଏତିକି ନୁହେଁ, ବନ୍ୟା ସମୟରେ ତଳିଆ ଅଂଚଳର ଲୋକଙ୍କୁ ସୁରକ୍ଷା ଦେବା ସହ ଜଳ ବିଦ୍ୟୁତ ଉତ୍ପାଦନରେ ସହାୟକ ହେବ। ଏହା ନିଃସନ୍ଦେହ ଯେ, ଏବେ ଭୂତଳ ଜଳସ୍ତର କ୍ରମଶଃ ହ୍ରାସ ପାଉଥିବାବେଳେ ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ୨୦୫୦ ମସିହା ବେଳକୁ ଦେଶରେ ଉତ୍କଟ ପାନୀଳ ଜଳ ସଂକଟ ସୃଷ୍ଟି ହେବା ନେଇ ବୈଜ୍ଞାନିକମାନେ ଚେତାବନୀ ଦେଇସାରିଲେଣି। ଆହୁରି ମଧ୍ୟ ଚୀର ସ୍ରୋତା ନଦୀଗୁଡିକ ଖରାଦିନେ ଶୁଖିଲା ପଡିଲାଣି, ଏହା ଭବିଷ୍ୟତରେ ଜଳ ସଂକଟର ପୂର୍ବାଭାଷ ବୋଲି କହିଲେ ହୁଏତ ଅତ୍ୟୁକ୍ତି ହୋଇନପାରେ। ଉଲ୍ଲେଖଯୋଗ୍ୟ ଯେ, ଦୀର୍ଘ ଚାରି ଦଶନ୍ଧିର ପରିକଳ୍ପନାକୁ ବାସ୍ତବ ରୂପ ଦେବା ପାଇଁ ଗଲା ୨୦୨୧ରେ କେନ୍ଦ୍ର କ୍ୟାବିନେଟ ନଦୀ ସଂଯୋଗୀକରଣ ପ୍ରସ୍ତାବକୁ ଅନୁମୋଦନ କରିଥିଲେ। ଏହି ପ୍ରସ୍ତାବକୁ ସେତେବେଳେ ବିରୋଧର ସମ୍ମୁଖୀନ ହୋଇଥିବାବେଳେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲର ଅନୁମତି ଅପେକ୍ଷାରେ ରହିଛି। ସେହିପରି ଏହି ପ୍ରକଳ୍ପ ଦ୍ୱାରା ଜୈବ ବିବିଧତା କ୍ଷତିଗ୍ରସ୍ତ ହେବା ସହ ପରିବେଶକୁ ପ୍ରଭାବିତ କରିବା ନେଇ ବିଶାରଦମାନେ ମଧ୍ୟ ଚେତାବନୀ ଦେଇଛନ୍ତି। ଏପରିକି ମଧ୍ୟ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ବିଶେଷଜ୍ଞ କମିଟି ଓ ବିଶାରଦମାନଙ୍କ ପରାମର୍ଶକୁ ଏଡାଇ ଯୋଜନାକୁ କାର୍ଯ୍ୟକାରୀ କରିଛନ୍ତି। ଉଭୟ କେନ ଓ ବେଟୱା ନଦୀର ଅବବାହିକା ବନ୍ୟା ଓ ମରୁଡି ଦ୍ୱାରା ପ୍ରପୀଡିତ ହୋଇ ଆସୁଥିବାବେଳେ ଏହି ପ୍ରକଳ୍ପ ସହାୟକ ହେବା ନେଇ ଆଶା କରାଯାଏ। ଚାଷ ଜମିକୁ ଜଳସେଚନ ଓ ପାନୀୟ ଜଳଯୋଗାଣ ହୋଇପାରିବ। ଏହି ଯୋଜନା ଦ୍ୱାରା ଦେଶର ଦୁଇ ବୃହତ ରାଜ୍ୟ ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶର ବହୁ ଅଂଚଳ ଉଭୟ ବନ୍ୟା ଓ ମରୁଡି ଦାଉରୁ ସୁରକ୍ଷିତ ହେବ, ଏହା ନିସନ୍ଦେହ। ଉଲ୍ଲେଖଯୋଗ୍ୟ ଯେ, ଜାତୀୟ ଦଳ ବିକାଶ ଏଜେନସ୍ ହିମାଳୟ ଓ ଉପଦ୍ୱୀପ ଅଂଚଳରେ ୧୬୮ ବିଲିଅନ ଡଲାର ବିନିଯୋଗରେ ୩୦ଟି ବୃହତ ନଦୀର ସଂଯୋଗୀକରଣ ପାଇଁ ଚିହ୍ନଟ କରିଛନ୍ତି। ଯାହା ଫଳରେ ଦଳର ସୁଷମ ବଂଟନ ହେବା ସହ ବନ୍ୟା ନିୟନ୍ତ୍ରଣ, ମରୁଡି ମୁକାବିଲା, ପାନୀୟ ଜଳଯୋଗାଣ ଏବଂ ଜଳବିଦ୍ୟୁତ ଉତ୍ପାଦନ ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି ଯୋଜନାରେ ଆମ ରାଜ୍ୟରେ ନଦୀର ସଂଯୋଗୀକରଣ ନେଇ ୩ଟି ନଦୀକୁ ଚିହ୍ନଟ କରାଯାଇଛି। ଯାହାର ଫିଜିବିଲଟ୍ ରିପୋର୍ଟ ମଧ୍ୟ ପ୍ରସ୍ତୁତ ହୋଇସାରିଛି। ଏହି ଯୋଜନାରେ ମହାନଦୀ-ଋଷିକୁଲ୍ୟା-ଗୋଦାବରୀ, ଗଙ୍ଗା-ଦାମୋଦର-ସୁବର୍ଣ୍ଣରେଖା ଓ ସୁବର୍ଣ୍ଣରେଖା-ମହାନଦୀ-ସଂଯୋଗୀକରଣ ପ୍ରସ୍ତାବ ରହିଛି। ମହାନଦୀ-ଋଷିକୁଲ୍ୟା-ଗୋଦାବରୀ ସଂଯୋଗ ଦ୍ୱାରା ଓଡିଶା ଓ ଆନ୍ଧ୍ର ପ୍ରଦେଶ ଉପକୃତ ହେବା ସହ ଗଙ୍ଗା-ଦାମୋଦର-ସୁବର୍ଣ୍ଣରେଖା ଦ୍ୱାରା ଓଡ଼ିଶା, ପଶ୍ଚିମବଙ୍ଗ ଓ ଝାଡଖଣ୍ଡ ଚାଷ ଜମି ଜଳସେଚିତ ହେବା ସହ ପାନୀଳ ଜଳ ସଂକଟ ଦୂର ହୋଇପାରିବ। ଆହୁରି ମଧ୍ୟ ଜଳବିଦ୍ୟୁତ ଉତ୍ପାଦନ ଦ୍ୱାରା ବିଦ୍ୟୁତ ସଂକଟ ଦୂରିଭୂତ ହୋଇପାରିବା ନେଇ ଆଶା କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ମହାନଦୀରେ ଛତିଶଗଡର ଏକାଧିକ ବ୍ୟାରେଜ ଯୋଗୁଁ ଏବେ ଓଡିଶାର ଶୁଖିଲା ପଡିଛି। କେବଳ ମହାନଦୀ ନୁହେଁ, ବୈତରଣୀ, ବ୍ରାହ୍ମଣୀ, ସୁବର୍ଣ୍ଣରେଖା, ବୁଢାବଳଙ୍ଗ, ଋଷିକୁଲ୍ୟା, ବଂଶଧାରା ଆଦି ରାଜ୍ୟର ବଡବଡ ନଦୀ ଖରାଦିନେ ଶୁଖିଲା ପଡୁଛି। ଏହି ନଦୀ ସଂଯୋଗୀକରଣ ଦ୍ୱାରା ଭୂତଳ ଜଳସ୍ତରରେ ସୁଧାର ଆସିବ। ପ୍ରତି କାର୍ଯ୍ୟରେ ପ୍ରତିକ୍ରୀୟା ଥିବା ପରି ଏହି ପ୍ରକଳ୍ପ ଦ୍ୱାରା ପରିବେଶ ଉପରେ କି ପ୍ରକାର ପ୍ରଭାବ ପଡିବ, ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ। ଅନ୍ୟଥା ଏହା ବିପର୍ଯ୍ୟାୟର କାରଣ ହେବା ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ।



କେନ୍ଦୁଝର(ଭାସ୍କର ନ୍ୟୁଜ): ଜିଲ୍ଲା ଆଇନସେବା ପ୍ରାଧିକରଣ, କେନ୍ଦୁଝର ସୌଜନ୍ୟରୁ ପ୍ରଭାସ ମଞ୍ଜରୀ ଆଇନ ମହାବିଦ୍ୟାଳୟ ସଭାଗୃହଠାରେ ନାଗରିକଙ୍କ ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ ତଥା କର୍ମକ୍ଷେତ୍ରରେ ମହିଳାମାନେ ଯୌନ ଶୋଷଣର ଶିକାର ସମ୍ବନ୍ଧୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ପ୍ରାଧିକରଣ ଅଧ୍ୟକ୍ଷଙ୍କ ଅନୁମୋଦନକ୍ରମେ ସୋମବାର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପ୍ରାଧିକରଣ ସଚିବ ମାମୀ ବେହେରା ଯୋଗଦେଇ ଆଇନସେବା ପ୍ରାଧିକରଣ ଦ୍ୱାରା କରାଯାଉଥିବା ଜନମଙ୍ଗଳ କାର୍ଯ୍ୟକ୍ରମଗୁଡ଼ିକୁ ଅବତାରଣା କରି ଦେଶର ସମସ୍ତ ନାଗରିକମାନେ ସମ୍ବିଧାନଠାରେ ଉତ୍ତରଦାୟୀ ହେବା ତଥା ପ୍ରତ୍ୟେକ ନାଗରିକଙ୍କ ସାମ୍ବିଧାନିକ ଅଧିକାର ଓ ଦେଶ ମାତୃକା ପ୍ରତି ଥିବା କର୍ତ୍ତବ୍ୟ ଉପରେ ଆଲୋଚନା କରିଥିଲେ । କର୍ମକ୍ଷେତ୍ରରେ ମହିଳାମାନେ କିଭଳି ଯୌନଶୋଷଣ ଶିକାର ନହେବା ଉପାୟ, ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ଆଭ୍ୟନ୍ତରୀଣ କମିଟି ଓ ଜିଲ୍ଲାସ୍ତରରେ ମହିଳାଙ୍କୁ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ସ୍ଥାନୀୟ ଅଭିଯୋଗ କମିଟି ଉପରେ ଜଣାଇ ପୀଡ଼ିତାଙ୍କ ପାଇଁ ଆଇନଗତ ଦିଗ ଉପରେ ତର୍ଜମା କରିଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ଭାଗିରଥି ନାୟକ, ଅଧ୍ୟାପିକା କ୍ଷୀରାବ୍ଧି ତନୟା ଦାସ ମହାପାତ୍ର, ସ୍ମୃତିରେଖା ବାରିକ, ଢ଼ତନୁଜା ପଣ୍ଡା, ପାନେଲ ଅଧିବକ୍ତା ସୁନୀଲ କୁମାର ମହାନ୍ତ, ପିଏଲ୍ଭି ମମତା ମହାନ୍ତ, ଜିଲ୍ଲା ଆଇନସେବା ପ୍ରାଧିକରଣର ଦେବବ୍ରତ କୁମାର ଦାସ, ମାନସ ରଞ୍ଜନ ନାଏକ, ଶିଶିର କୁମାର ସାହୁ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### କୃଷି ଓ ବିଦ୍ୟୁତ୍ ବିଭାଗ ସମନ୍ୱୟ ଅଭାବରୁ ଉଜୁଡୁଛି ଫସଲ: କାନ୍ଦୁଛି ଚାଷୀ

## ଜଳଯୋଗାଣ ବ୍ୟବସ୍ଥା ହୋଇନପାରିବାରୁ ଫସଲ ମେଲାଣି



ମାଲକାନଗିରି(ଭାସ୍କର ନ୍ୟୁଜ): କେନ୍ଦ୍ର ଓ ରାଜ୍ୟ ସରକାର କୃଷି ଓ କୃଷକଙ୍କ ଉପରେ ପ୍ରାଧାନ୍ୟ ଦେଉଥିବା ଜଳସେଚିତ ଜମିରେ ଜଳଯୋଗାଣ ବ୍ୟବସ୍ଥା କରିବା ନିମନ୍ତେ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି । କେତୋଟି ବିଭାଗର ସମନ୍ୱୟ ଅଭାବ ଯୋଗୁ ଯୋଜନା ଗୁଡ଼ିକ ବାଟବଣା ହେଉଛି । ଏଭଳି ଘଟଣା ମାଲକାନଗିରି ସଦର ବ୍ଲକ ଗୌଡଗୁଡା ପଞ୍ଚାୟତର ନିଳିମାରି ଗ୍ରାମରେ ଦେଖିବାକୁ ମିଳିଛି । ଜିଲା କୃଷି ବିଭାଗ ଅଧୀନରେ ଓଡିଶା ଆଗ୍ରୋ ଇଣ୍ଡଷ୍ଟ୍ରି କର୍ପୋରେସନ ପକ୍ଷରୁ ଅଣଜଳସେଚିତ ଜମିରେ ଜଳସେଚନ ବ୍ୟବସ୍ଥା କରୁଛି । ସମସ୍ତ ଉପକରଣ ସରକାରଙ୍କ ତରଫରୁ ଦିଆଯାଉଛି । ଏହି ଯୋଜନାରେ ତାଲିକା ଭୁକ୍ତ ହେବା ନିମନ୍ତେ ପ୍ରତ୍ୟେକ ଚାଷୀଙ୍କ ୫ ଏକର ଲେଖାଏ ଅଣ ଜଳସେଚିତ ଜମି ଥିବା ବେଳେ ଅତି କମ୍ ୨ରେ ୫ ଚାଷୀ ଏକତ୍ରିତ ହୋଇ ଜିଲା କୃଷି ବିଭାଗ ନିକଟରେ ଆବେଦନ କଲେ ଏହି ଯୋଜନାରେ ଲାଭବାନ ହୋଇପାରିବେ ବୋଲି କୃଷି ବିଭାଗ ତରଫରୁ ସୂଚନା ଦିଆଯାଇଥିଲା । ଏହାକୁ ଭିତ୍ତି କରି ନିଳିମାରି ଗ୍ରାମର ଅନୁକୂଳ ନାୟକ, ଅର୍ଜୁନ ହନ୍ତାଳ, ଅର୍ଜୁନ ବେହେରା, ପର୍ଶୁରାମ ବେହେରା, ମନୀଷା ସିକଦାର, ପାଣ୍ଡୁ ବେଗରାଇ ଓ ତ୍ରିନାଥ ହନ୍ତାଳ କୃଷି ବିଭାଗ ନିକଟରେ ଆବଶ୍ୟକ କାଗଜପତ୍ର ଦେଇ ଗତ ବର୍ଷେ ପୂର୍ବେ ଆବେଦନ କରିଥିଲେ । ଏକବର୍ଷ ବିତି ଯାଇଥିଲେ ମଧ୍ୟ ଏହି ୭ ଚାଷୀ ଆଜି ପର୍ଯ୍ୟନ୍ତ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଏହି ଯୋଜନାର ସୁଫଳ ପାଇ ପାରି ନାହାଁନ୍ତି । ଫଳରେ ଜଳଯୋଗାଣ ଫସଲ ମଳା ନ ହେବା ପୂର୍ବରୁ ଚାଷୀମାନେ ବାରମ୍ବାର କାର୍ଯ୍ୟାଳୟକୁ ଦୌଡ଼ି ହଇରାଣ ହେଉଥିବା ବେଳେ ତାଙ୍କ କଥା କେହି ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି । ୭ ଚାଷୀ ୩୫ ଏକର ଜମିରେ ଚାଷ କରିବା ନିମନ୍ତେ ଯୋଜନା ପ୍ରସ୍ତୁତ କରି ଜଳଯୋଗାଣ ଲାଗି ବାରମ୍ବାର କୃଷି ଓ ବିଦ୍ୟୁତ୍ କାର୍ଯ୍ୟାଳୟକୁ ଦୌଡ଼ି ହଇରାଣ ହେଉଥିବା ବେଳେ ଗତ ଅକ୍ଟୋବର ଦୁର୍ଗା ପୂଜା ସମୟରେ ସମସ୍ତ କାର୍ଯ୍ୟ କରାଯିବ ବୋଲି ଉଭୟ ବିଭାଗ ତରଫରୁ ପ୍ରତିଶ୍ରୁତି ଦିଆଯାଇଥିଲା, କିନ୍ତୁ କରାଗଲା ନାହିଁ ଅଧିକାରୀଙ୍କ କଥାରେ ଚାଷୀମାନେ ଚାଷ କରିଛନ୍ତି । ତେବେ ଜଳ ଅଭାବରେ ବିଭିନ୍ନ ପନିପରିବା ଗଛ ସୁଖି ଯାଉଥିବା ଦେଖିବାକୁ ମିଳିଛି । ଏ ସମ୍ପର୍କରେ ଓଡିଶା ଆଗ୍ରୋ ଇଣ୍ଡଷ୍ଟ୍ରି କର୍ପୋରେସନ କନିଷ୍ଠ ଯନ୍ତ୍ରୀ ସାନ୍ତନୁ ସାମଲଙ୍କୁ ପଚାରିବାରୁ ପ୍ରକଳ୍ପ ନିମନ୍ତେ ୨.୫ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ ବିଦ୍ୟୁତୀକରଣ ନିମନ୍ତେ ୪.୫ ଲକ୍ଷ ଟଙ୍କାର ଅଟକଳ କରାଯାଇଥିଲା । ତେବେ ଚାଷୀଙ୍କୁ ମୋଟର, ପାଇପ୍ ଓ ଅନ୍ୟାନ୍ୟ ସାମଗ୍ରୀ ବର୍ଷେ ତଳେ ଦିଆଯାଇଥିବା ବେଳେ ବିଦ୍ୟୁତୀକରଣ ଏକ ପ୍ରକାର ଶେଷ ହୋଇଛି । ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରଦେଶ ପ୍ରସାଦ ନାୟକଙ୍କୁ ପଚାରିବାରୁ ବିଦ୍ୟୁତ୍‌କରଣ କରୁଥିବା ସମ୍ପୃକ୍ତ ଠିକାଦାର ଏପର୍ଯ୍ୟନ୍ତ ତାଙ୍କ କାର୍ଯ୍ୟ ଶେଷକରି ନାହାନ୍ତି । ଫଳରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନଥିବାରୁ ବିଦ୍ୟୁତ୍ ସଂଯୋଗ ହୋଇପାରୁନାହିଁ ବୋଲି ସେ କହିଛନ୍ତି । ଜିଲା ପ୍ରଶାସନ ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଚାଷୀଙ୍କୁ ନ୍ୟାୟ ଦେବାକୁ ସାଧାରଣରେ ଦାବି ହୋଇଥିବା ଜଣା ପଡ଼ିଛି ।

## ଶିକ୍ଷୟିତ୍ରୀଙ୍କୁ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ସମ୍ପାଦକଙ୍କ ଅସଦାଚରଣ ଅଭିଯୋଗ




ନିମାପଡା(ଭାସ୍କର ନ୍ୟୁଜ): ନିମାପଡା ବ୍ଲକ ତୁଳସୀପୁର ପଞ୍ଚାୟତରେ ଜଣେ ଶିକ୍ଷୟିତ୍ରୀ ଆଣିଲେ ଯୌନ ବ୍ୟଭିଚାର ମାମଲା । ଯାହାକୁ ନେଇ ଏହି ଘଟଣା ନିମାପଡାରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ସ୍କୁଲର ସଂପାଦକଙ୍କ ନାମରେ ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ସ୍କୁଲର ମୁଖ୍ୟଙ୍କୁ ପୋଲିସ୍ ଥାନାରେ ଅଟକ ରଖିଛି । ଶିକ୍ଷୟିତ୍ରୀ ମଧ୍ୟ ପୋଲିସ୍ ଆଗରେ ତାଙ୍କର ବୟାନ ଦେଇଥିବା ବେଳେ ପୋଲିସ୍ ବୟାନ ରେକର୍ଡ କରିଛି । କୋର୍ଟରେ ଶିକ୍ଷୟିତ୍ରୀ ବୟାନ ଦେବେ ବୋଲି ଜଣାପଡିଛି । ସ୍କୁଲର ମୁଖ୍ୟଙ୍କ ପକ୍ଷରୁ ମଧ୍ୟ ଥାନାରେ ପାଲଟା ଅଭିଯୋଗ ହୋଇଥିବା ଶୁଣିବାକୁ ମିଳିଛି । ମିଳିଥିବା ସୂଚନା ଅନୁଯାୟୀ ତୁଳସୀପୁର ଗ୍ରାମପଞ୍ଚାୟତ ପଥରପଦାରେ ଥିବା ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଚାଲୁଛି । ବ୍ରହ୍ମକୁଣ୍ଡି ଗ୍ରାମର ୨୪ ବର୍ଷୀୟ ଯୁବତୀ ସେଠାରେ ଶିକ୍ଷୟିତ୍ରୀ ଭାବେ ନିଯୁକ୍ତ ହୋଇଛନ୍ତି । ୫ବର୍ଷ ହେବ ଶିକ୍ଷୟିତ୍ରୀ ସେଠାରେ କାର୍ଯ୍ୟ କରୁଥିବା ବେଳେ ସୋମବାର ମଧ୍ୟାହ୍ନ ସମୟରେ ସ୍କୁଲରୁ ମୁଖ୍ୟ ଶିକ୍ଷୟିତ୍ରୀଙ୍କୁ ନିଜ ଅଫିସ୍‌କୁ ଡାକି ଅନ୍ୟତ୍ର ସ୍କୁଲକୁ ବଦଳି କରାଯିବ କହିବା ସହ ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ କରିଥିଲେ । ଶିକ୍ଷୟିତ୍ରୀ ଚିତ୍କାର କରି କୌଶଳ କ୍ରମେ କାନ୍ଦି କାନ୍ଦି ସେଠାରୁ ପଳାଇଆସି ପରିବାରକୁ ଫୋନ୍ ଯୋଗେ ଜଣାଇବା ପରେ ଶିକ୍ଷୟିତ୍ରୀଙ୍କ ସଂପର୍କୀୟ ପହଞ୍ଚି ତୁମ୍ବି ତୋଫାନ କରିବା ପରେ ପରିସ୍ଥିତି ଅଣାୟତ୍ତ ହୋଇଥିଲା । ଚାରିଛକ ଥାନା ପୋଲିସ୍ ପହଞ୍ଚି ପରସ୍ଥିତିକୁ ଆୟତ୍ତ କରିବା ସହ ଶିକ୍ଷାକେନ୍ଦ୍ର ମୁଖ୍ୟ ଦୁର୍ଗାପ୍ରସାଦ ତ୍ରିପାଠୀଙ୍କୁ ଆଣି ଥାନାରେ ଅଟକ ରଖିଥିବା ବେଳେ ଶିକ୍ଷୟିତ୍ରୀ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ପୋଲିସ୍ ଭାରତୀୟ ନ୍ୟାୟ ସଂହିତା ଦଫା ୭୫,୭୯/୨, ୩୫୧/୨ ଥାନା କେସ୍ ନଂ-୬/୨୦୨୫ରେ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଛି । ଦୁର୍ଗାପ୍ରସାଦଙ୍କ ପକ୍ଷରୁ ପାଲଟା ଅଭିଯୋଗ କରାଯାଇଥିବା ଜଣାପଡିଛି ।

## ଭୁବନ ଏନ୍‌ଏସିରେ ନୂତନ ନିର୍ବାହୀ ଅଧିକାରୀଙ୍କ ଯୋଗଦାନ



ଭୁବନ(ଭାସ୍କର ନ୍ୟୁଜ): ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦରେ ନୂତନ ନିର୍ବାହୀ ଅଧିକାରୀ ଭାବେ ଲୋକନାଥ ବେଜ୍ ସୋମବାର କାର୍ଯ୍ୟରେ ଯୋଗ ଦେଇଛନ୍ତି । ସେ ପୂର୍ବତନ ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ବେହେରାଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ । ଶ୍ରୀ ବେଜ ଆସ୍କା ଏନ୍‌ଏସିରୁ ଏଠାକୁ ବଦଳି ହୋଇଆସିଛନ୍ତି । ଅନୁଗୁଳ ଜିଲ୍ଲା ତାଳଚେର ତାଳପଦା ବାସିନ୍ଦା ଶ୍ରୀ ବେଜ୍ ୧ ଅପ୍ରେଲ ୧୯୯୦ ମସିହାରେ ପ୍ରଥମେ ପାଲଲହଡ଼ାରେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ । ପରେ ଅନୁଗୁଳ କଲେକ୍ଟରୋଟରେ ଦୀର୍ଘବର୍ଷ କାର୍ଯ୍ୟ କରିଥିଲେ । ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ସମେତ ସମସ୍ତ କର୍ମଚାରୀ ନୂତନ ନିର୍ବାହୀ ଅଧିକାରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ । ଜଣେ ସ୍ୱଚ୍ଛ ନିର୍ମଳ ଓ ଦୁର୍ନୀତିମୁକ୍ତ ଅଫିସର ଭାବେ ଜଣାଶୁଣା ବେଜ ଭୁବନ ଏନ୍‌ଏସିରେ ଉନ୍ନୟନମୂଳକ କାର୍ଯ୍ୟ ଓ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ବିଦାୟୀ ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ବେହେରା ଭୁବନରେ ପ୍ରଥମେ ଅତିରିକ୍ତ ତହସିଲଦାର ଓ ପରେ ଏନ୍‌ଏସି ନିର୍ବାହୀ ଅଧିକାରୀ ଭାବେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ । ଶ୍ରୀ ବେହେରା ବଦଳି ହୋଇଛନ୍ତି ।

## ନିମାପଡାରୁ ଭଲିପଡିଆ ଉଭାନ୍, କୋର୍ଟରେ ହେବ ମାମଲା

ନିମାପଡା(ଭାସ୍କର ନ୍ୟୁଜ): ନିମାପଡାରୁ ଭଲିବଲ ଖେଳପଡିଆ ଗାଏବ୍ ହୋଇଥିବା ନେଇ ଚର୍ଚ୍ଚା ଜୋର ଧରିଛି । ଖେଳପଡିଆ ନଥିବା ବେଳେ ଏହି ବାବଦରେ ୧୦ଲକ୍ଷ ଟଙ୍କାରୁ ଉର୍ଦ୍ଧ ଅନୁଦାନ କୁଆଡେ ଗଲା ବୋଲି ଜଣେ ସୂଚନା କର୍ମୀ ପଚାରିବାରୁ ଅଧିକାରୀ କହୁଛନ୍ତି ସେ ସଂପର୍କରେ ଆମ ପାଖରେ କୌଣସି ରେକର୍ଡ କିମ୍ବା ତଥ୍ୟ ନାହିଁ । ଖେଳପଡିଆ ଗାଏବ ଘଟଣା ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ଗଣମାଧ୍ୟମ ସମ୍ମୁଖରେ ସୂଚନା କର୍ମୀ ଜୈନିକ ଅଧିକାରୀଙ୍କ ପଚାରିବାରେ ଅଧିକାରୀଙ୍କ କଥା ତାଳମେଳ ରହୁନି ବୋଲି ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ଇନ୍‌ଡୋର ଷ୍ଟାଡିୟମ ସମ୍ମୁଖରେ ଏକ ଖେଳପଡିଆ କରାଯିବା ପାଇଁ ୧୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଅନୁଦାନ ଦିଆଯାଇଥିବା ଜାଣିବା ପରେ ପାଟପୁର ଗ୍ରାମର ଜଣେ ସୂଚନା କର୍ମୀ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟକୁ ଯାଇ ଜୈନିକ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ କନିଷ୍ଠ ଯନ୍ତ୍ରୀ ଉତ୍ତର ଦେଉଛନ୍ତି, ଆମ୍ଭେ ଏ ବିଷୟରେ ଜାଣିନୁ କିମ୍ବା ଏ ବିଷୟରେ କୌଣସି ତଥ୍ୟ ନାହିଁ । ସୂଚନା କର୍ମୀ ସମସ୍ତ ବିଷୟ ଜାଣିସାରିବା ପରେ ସୂଚନା ବଳରେ ତଥ୍ୟ ଆଣିବା ପରେ ଉଚ୍ଚ ନ୍ୟାୟାଳୟରେ ମାମଲା ଆଗତ କରିବେ ବୋଲି କହିଛନ୍ତି । ଏଠାରେ ପ୍ରଶ୍ନ ଉଠୁଛି ଯଦି ଭଲିପଡିଆ ଉନ୍ନତି ପାଇଁ ଖେଳ ପାଇଁ ଅନୁଦାନ ଦିଆଯାଇଛି, ତାହେଲେ ଖେଳପଡିଆ କୁଆଡେ ଗଲା । ଏପରି ଅନେକ ଖେଳପଡିଆ ନାମରେ ଅର୍ଥ ମଂଜୁର ହୋଇଥିବା ବେଳେ ତାହାର ହିସାବ ମିଳୁନାହିଁ । ଏହି ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ କରାଯିବା ସହ ଯଦି ସତ୍ୟତା ରହିଥାଏ, କାର୍ଯ୍ୟରେ ଅବହେଳା କରିଥିବା ଅଧିକାରୀ ଓ ଠିକାଦାର ବିରୁଦ୍ଧରେ ପଦକ୍ଷେପ ନେବା ପାଇଁ ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଛି ।

## ଅସ୍ତରଙ୍ଗରେ ୩ ଦିନବ୍ୟାପୀ ୪ ଟିମ୍‌ର ଡଲ୍‌ଫିନ୍ ଗଣନା



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ତିନିଦିନ ଧରି ପୁରୀ ଜିଲ୍ଲା ଅସ୍ତରଙ୍ଗ ଦେବୀ ନଦୀରେ ଓ ସମୁଦ୍ରରେ ବିରଳ ଡଲଫିନ୍‌ଙ୍କ ସଂଖ୍ୟା ବନବିଭାଗ ପକ୍ଷରୁ ଗଣନା ଜାରି ରହିବ । ନଦୀ ସମୁଦ୍ର ଘେରା ଅସ୍ତରଙ୍ଗ ଅଞ୍ଚଳ । ଏଠାରେ ପ୍ରବାହିତ ଦେବୀ ନଦୀ ସମୁଦ୍ର ମଧ୍ୟ ଦେଇ ବଙ୍ଗୋପସାଗର ସହିତ ମିଶିଛି । ଏଠାରେ ରହିଥିବା ହେନ୍ତାଳ ଜଙ୍ଗଲ ବନ୍ୟପ୍ରାଣୀଙ୍କ ପାଇଁ ପାଲଟିଛି ଅଭୟାରଣ୍ୟ । ବିଶେଷ ଭାବରେ ଶୀତଋତୁ ଆସିଲେ ଦେବୀ ନଦୀ ପାର୍ଶ୍ୱବର୍ତ୍ତୀ ସମୁଦ୍ରରେ ବିଭିନ୍ନ ପ୍ରଜାତିର ଡଲଫିନ୍ ଦେଖିବାକୁ ମିଳେ । ପୁରୀ ଜିଲ୍ଲା ବନଖଣ୍ଡ ଅଧୀନ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳରେ ସୋମବାର ସକାଳ ୬ଟାରୁ ଅପରାହ୍ନ ୨ଘଟିକା ପର୍ଯ୍ୟନ୍ତ ଡଲଫିନ୍ ଗଣନା ହୋଇଥିଲା । ଚଳିତବର୍ଷ ଅସ୍ତରଙ୍ଗ ବନ୍ୟପ୍ରାଣୀ ଅଞ୍ଚଳରେ ୪ଟି ଟିମ୍‌ରେ ବିଭକ୍ତ କରାଯାଇଥିବା ବେଳେ ୨ଟି ଟିମ୍ ଜଳଭାଗରେ ଓ ୨ଟି ଟିମ୍ ସ୍ଥଳଭାଗରେ ଗଣନା କରିଥିଲେ । ଏହି ଗଣନା ୩ ଦିନବ୍ୟାପି ଯଥା ୨୦, ୨୧ ଓ ୨୨ ତାରିଖ ପର୍ଯ୍ୟନ୍ତ ହେବ । ଗଙ୍ଗାଦେବୀଠାରୁ ଜାହାନିଆରେ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ମୋନାଲିସା ମହାପାତ୍ର ଓ ବନରକ୍ଷୀ ମିଳନ କୁମାର ମୁଦୁଲି, ଦେବୀ ମୁହାଁଣରୁ ଗଙ୍ଗାଦେବୀ ବନପାଳ ମାନସ ରଞ୍ଜନ ବେହେରା ଓ ବନରକ୍ଷୀ, ଜାହାନିଆରୁ ଡ଼ାଲୁଅକଣି ବନପାଳ ବବୁଲ ମଲ୍ଲିକ୍, ବନରକ୍ଷୀ ନିର୍ମଳ କୁମାର ଚାଟାର୍ଜି, ଡ଼ାଲୁଅକଣିରୁ କେଲୁଣୀ ମୁହାଁଣ ବନରକ୍ଷୀ ସୁଭାଶିଷ ବିଶ୍ୱାଳ ଓ ବନରକ୍ଷୀ ଦିଲ୍ଲୀପ ନାୟକ ପ୍ରମୁଖ ଗଣନା କାର୍ଯ୍ୟରେ ଥିବା ସହିତ ଟିମ୍‌ରେ ଡଲଫିନ୍ ବିଶେଷଜ୍ଞ ଓ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ । ଗଣନାକାରୀମାନେ ମୋଟର ବୋଟରେ ଯିବା ସହିତ ଭିଡ଼ିଓ ଗ୍ରାଫିକ୍ସ, ଫୋଟ ଗ୍ରାଫିକ୍ସ ଏବଂ ବାଇନା କୁଲାର ତାହା ସହିତ ଜିପିଏସ୍ ବ୍ୟବହାର କରି ଗଣନା କରାଯାଉଛି । ବିଭିନ୍ନ ସମୟରେ ଅସ୍ତରଙ୍ଗ ସମୁଦ୍ର କୂଳରେ ସଂଖ୍ୟାଧିକ ଇରଓ୍ୱାଡି, ବଟଲ୍ ନୋଜ୍ ଓ ହମ୍ପକ୍ୟାମ୍ପ ପ୍ରଜାତିର ଡଲଫିନ୍ ଆସି ବୁଲୁଥିବା ନଜର ରହିଛି । ତେଣୁ ଅସ୍ତରଙ୍ଗ ପାର୍ଶ୍ୱବର୍ତ୍ତୀ ସମୁଦ୍ରରେ ଡଲଫିନ୍ ସଂଖ୍ୟା ଗଣନା ବେଳେ ଅଧିକ ପ୍ରଜାତିର ଏହି ଡଲଫିନ୍ ଦେଖିବାକୁ ମିଳିବ ବୋଲି ଜଣାପଡୁଛି ।

## ଭୁବନରେ ଧାନମଣ୍ଡି ଉଦ୍‌ଘାଟିତ



ଭୁବନ(ଭାସ୍କର ନ୍ୟୁଜ): ଭୁବନ ଏନ୍‌ଏସିରେ ଚଳିତ ବର୍ଷ ଧାନମଣ୍ଡି ଉଦ୍‌ଘାଟନ ହୋଇଯାଇଛି ଓ ଭୁବନ ସେବା ସମବାୟ ସମିତି ତରଫରୁ ଶ୍ରୀରାମ ମନ୍ଦିର ପରିସରରେ ଆୟୋଜିତ ଧାନମଣ୍ଡିକୁ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ନଡ଼ିଆ ଭାଙ୍ଗି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏଆର୍‌ସିଏସ୍ ଶରତ ଚନ୍ଦ୍ର ପାଣିଗ୍ରାହୀ, ସମବାୟ ସମିତି ସଭାପତି ଶଙ୍କର୍ଷଣ ପୃଷ୍ଟି, ସମ୍ପାଦକ ବିଜୟ କୁମାର ପାତ୍ର, କର୍ମଚାରୀ ପ୍ରତାପ କୁମାର ଦାସ, ଟୁକୁନା ପୃଷ୍ଟି ଏବଂ ଚାଷୀମାନେ ଉପସ୍ଥିତ ଥିଲେ । ଚଳିତବର୍ଷ ସମବାୟ ସମିତିରେ ୯୬୪ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ୨୪ ହଜାର କ୍ୱିଣ୍ଟାଲ ଧାନ କିଣିବା ପାଇଁ ଲକ୍ଷ୍ୟ ରଖାଯାଇଛି ଓ ଆଜି ପ୍ରଥମ ଦିନରେ ୧୬ ଜଣ ଚାଷୀଙ୍କଠୁ ୩୩୭.୮୫ କ୍ୱିଣ୍ଟାଲ ଧାନ କିଣାଯାଇଛି ଓ ଭୁବନ ସେବା ସମବାୟ ସମିତିରୁ ଧାନ କିଣିବା ପାଇଁ ସରସ୍ୱତୀ ରାଇସ୍ ମିଲ୍, ଶାରଳା ରାଇସ୍ ମିଲ୍ ଓ ତ୍ରିଶକ୍ତି ଆଗ୍ରୋ ମିଲର ଦାୟିତ୍ୱ ନେଇଥିବା ବେଳେ ଚଳିତବର୍ଷ ବିନା କଟ୍‌ନି ଛଟ୍‌ନିରେ ଚାଷୀମାନେ ଯେପରି ସୁରୁଖୁରୁରେ ଧାନ ଦେଇପାରିବେ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି ବୋଲି ସମ୍ପାଦକ ବିଜୟ କୁମାର ପାତ୍ର ସୂଚନା ଦେଇଛନ୍ତି ଓ

## ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




ଭୁବନ(ଭାସ୍କର ନ୍ୟୁଜ): ଭୁବନ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଗତ ୧୦ ତାରିଖରେ ଆରମ୍ଭ ହୋଇଥିବା ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ସୋମବାର ଉଦଯାପିତ ହୋଇଯାଇଛି । +୨ ଅଧ୍ୟକ୍ଷା ସୁପ୍ତିମୟୀ ସେନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମହିଳା ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନେ ନିର୍ଭୀକ ଓ ସାହସୀ ହେବାକୁ ପରାମର୍ଶ ଦେବା ସହ ପ୍ରତିକୂଳ ପରିସ୍ଥିତିରେ ଏହି କୌଶଳ ଜରିଆରେ ନିଜକୁ ସୁରକ୍ଷା ଦେବା ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ସଂଯୋଜିକା ବାସନ୍ତୀ ବେହେରାଙ୍କ ତତ୍ତ୍ୱାବଧାନରେ ଆଠଦିନ ହେଲା ଦୁଇଜଣ ମାଷ୍ଟର ଟ୍ରେନର ଶୀଲା ବେହେରା ଓ ଅନିତା ପୃଷ୍ଟି ଛାତ୍ରୀମାନଙ୍କୁ ଜୁଡୋ, କରାଟେ ପ୍ରଶିକ୍ଷଣ ଦେଇଥିଲେ । ଓଡ଼ିଆ ବିଭାଗ ଅଧ୍ୟାପକ ବିଶ୍ୱ ଭୂଷଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପିକା ସୁପ୍ତିମୟି ମହାନ୍ତି ଓ ବରିଷ୍ଠ କିରାଣୀ ବିଜୟ କୁମାର ପୃଷ୍ଟି ସକ୍ରିୟ ଅଂଶଗ୍ରହଣ କରିଥିବା ବେଳେ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ୭ରୁ ଶୁଆକାଟି ଖଣିରୁ ପରିବହନ ବନ୍ଦ ଚେତାବନୀ



କେନ୍ଦୁଝର(ଭାସ୍କର ନ୍ୟୁଜ): ଓଡ଼ିଶା ଖଣି ନିଗମ ଅଧିନ ଶୁଆକାଟୀସ୍ଥିତ ଗନ୍ଧମାର୍ଦ୍ଦନ ଲୌହଖଣିରୁ ୧୦କି.ମି. ବ୍ୟାସାର୍ଦ୍ଧରେ ଥିବା ବଫର ଜୋନରେ ଅବସ୍ଥିତ ଟ୍ରକ ମାଲିକଙ୍କୁ ଖଣିରୁ ପରିବହନ ସମେତ ବେକାରୀଙ୍କୁ ନିଯୁକ୍ତି ଓ ପାରିପାର୍ଶ୍ୱିକ ବିକାଶ ପାଇଁ ଗନ୍ଧମାର୍ଦ୍ଦନ ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କୁ ନେଇ ଗଠିତ କୋର କମିଟି ସଦସ୍ୟ ସୋମବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ଜିଲାର ଅନ୍ୟ ଅଞ୍ଚଳରେ ଥିବା ଖଣିର ୧୦କି.ମି. ବ୍ୟାସାର୍ଦ୍ଧ ମଧ୍ୟରେ ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କୁ ଖଣିଜସମ୍ପଦ ପରିବହନ କ୍ଷେତ୍ରରେ ଲୋଡିଂ ପାଇଁ ଅଗ୍ରାଧିକାର ପ୍ରଦାନ କରାଯାଇ ଆସୁଛି । ହେଲେ ଶୁଆକାଟୀ ଖଣିରୁ ଖଣି ପ୍ରଭାବିତ କେନ୍ଦୁଝର ସହରର ଟ୍ରକ ମାଲିକଙ୍କୁ ଏହି ସୁବିଧା ପ୍ରଦାନ କରାଯାଉ ନଥିବା ଗନ୍ଧମାର୍ଦ୍ଦନ ଖଣି ପ୍ରଭାବିତ କୋର କମିଟି ସଦସ୍ୟ ନିହାର ଦାସ କହିଛନ୍ତି । ଏଥିସହ ଶୁଆକାଟୀ ଖଣିରୁ ଖଣି ପ୍ରଭାବିତ ଅଞ୍ଚଳବାସୀ ଭାବେ କେନ୍ଦୁଝର ସହରର ଟ୍ରକ ମାଲିକଙ୍କୁ ଖଣିଜ ସମ୍ପଦ ପରିବହନ ପାଇଁ ଅଗ୍ରାଧିକାର ଭିତ୍ତିରେ କେନ୍ଦୁଝର ଜିଲା ଟ୍ରକ ମାଲିକ ସଂଘ ପକ୍ଷରୁ ଲୋଡିଂ ସ୍ଲିପ୍ ଯୋଗାଇ ଦେବାକୁ ମଧ୍ୟ ନିହାର ଦାବି କରିଛନ୍ତି । ଏହି ମର୍ମରେ କୋର କମିଟି ସଦସ୍ୟ ଦିପ୍ତୀକାନ୍ତ ପଟ୍ଟନାୟକ, ସୁଶୀପ ସାହୁ, ପାର୍ଥସାରଥୀ ମିଶ୍ର, ଅମର ପଟ୍ଟନାୟକ, ଶିବବ୍ରତ ଧୀର ପ୍ରମୁଖ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ଏଥିସହ ଆସନ୍ତା ୨୬ ତାରିଖସୁଦ୍ଧା ଦାବି ପୂରଣ ନ ହେଲେ ବାଧ୍ୟ ହୋଇ ଆସନ୍ତା ୨୭ ତାରିଖରୁ ଶୁଆକାଟୀସ୍ଥିତ ଗନ୍ଧମାର୍ଦ୍ଦନ ଲୌହଖଣିରୁ ଖଣିଜସମ୍ପଦ ଲୋଡିଂ ପରିବହନକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରାଯିବ ବୋଲି କୋର କମିଟି ସଦସ୍ୟ ନିହାର ଦାସ କହିଛନ୍ତି ।

## ଜୁଆ ଆଡ୍ଡାରେ ଚଢାଉ: ୬ ଜୁଆଡି କୋର୍ଟଚାଲାଣ



ବ୍ରଜରାଜନଗର(ଭାସ୍କର ନ୍ୟୁଜ): ବିଶ୍ୱସ୍ତସୂତ୍ରରୁ ଖବରପାଇ ବ୍ରଜରାଜନଗର ପୋଲିସର ଏସ୍‌ଆଇ ପ୍ରଦୀପ କୁମାର ସାହୁ, ଏଏସଆଇ ଅଭୟ ମହାନ୍ତି, ଏଏସଆଇ ଦିଲ୍ଲୀପ ବାଗଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଗଙ୍ଗାନଗର ସନ୍ତୋଷୀ ପଡାର ଏକ ପରିତ୍ୟକ୍ତ ଘରେ ଚଢଉ କରି ୬ ଜୁଆଡିଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି । ଗିରଫ ଅଭିଯୁକ୍ତ ହେଲେ ଇବ ପିଟ୍‌ର ରମେଶ ପ୍ରସାଦ ଓରଫ ଶଟକା(୪୫), ବୁନ୍ଦିଆ କଲୋନୀର ନାନକୁ ରାଉତ (୪୫), ଗଙ୍ଗାନଗର, ସ୍କୁଲପଡାର ଜାରସା ଅଲି (୪୭), ଗଙ୍ଗାନଗର, ଗଞ୍ଜାମିଆପଡାର ନାରାୟଣ ପରିଡା (୩୪), ବିନାଶୀ ପଡା, ରାମପୁରର ସୁନୀଲ ଶର୍ମା (୪୫), ମେନ ମାର୍କେଟ, ବ୍ରଜରାଜନଗରର ରାଜେଶ ପିନିୟାନୀ (୫୧)କୁ ଗିରଫ କରିଛି । ଗିରଫ ସମୟରେ ୩୪୩୮୦ ଟଙ୍କା, ଗୁଲ ବୋର୍ଡ, ୨ ଟି ଗୁଲ ଖେଳାଉଥିବା ଗୋଟି, ୬ ମୋବାଇଲ ଜବତ କରିବା ସହ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଏସଡିପିଓ ଚିନ୍ତାମଣି ପ୍ରଧାନ ସୂଚନା ଦେଇଛନ୍ତି ।

## ରସୁଲପୁର ବ୍ଲକ୍ କାର୍ଯ୍ୟାଳୟରେ ଯୁଗ୍ମ ଜନଅଭିଯୋଗ ଶୁଣାଣି

ଯାଜପୁର(ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ରସୁଲପୁର ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ପି.ଅନ୍ୱେଷା ରେଡ୍ଡୀ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗଗୁଡ଼ିକ ଯାଞ୍ଚ କରି ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଆଜି ମୋଟ ୧୮୦ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୦୪ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୮ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୬୮ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୮୮ଟି ଅଭିଯୋଗର ତତ୍‌କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ଯାଜପୁର ସାଂସଦଙ୍କ ପ୍ରତିନିଧି ଫଣେନ୍ଦ୍ର ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅରବିନ୍ଦ ରାଉତରାୟ, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଅଶୋକ କୁମାର ବେହୁରିଆ, ଉପଜିଲ୍ଲାପାଳ ଅଂଶୁମାନ ଶତପଥି, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରସୁଲପୁର, ସତ୍ୟାନନ୍ଦ ଦାସ, ତହସିଲଦାର, ରସୁଲପୁର, ନିରଞ୍ଜନ ସାହୁ, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ୍‌ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ ।

## ଟ୍ୟାଙ୍କର ଯୋଗେ ପାନୀୟ ଜଳଯୋଗାଣ ସମୁଦ୍ରକୁ ଶଙ୍ଖେ: ପାଣି ପାଇଁ ଲମ୍ବା ଧାଡି



କଣାସ(ଭାସ୍କର ନ୍ୟୁଜ): ନୂଆଗାଁ, ନଈକୂଳପାଟଣା, ଗଡିଶାଗୋଡା, ଗୋପିନାଥପୁର, କଳାପଦର, ଜାଗୁଲେଇପଦରର ୧୦ହଜାରରୁ ଉର୍ଦ୍ଧ ବ୍ୟକ୍ତି ବର୍ଷତମାମ ନଦୀଜଳ ଉପରେ ନିର୍ଭର କରନ୍ତି । ପାନୀୟଜଳ ଓ ନିତ୍ୟ ବ୍ୟବହାର ମଧ୍ୟ କରୁଛନ୍ତି । ଭୁବନେଶ୍ୱର ଗଙ୍ଗୁଆ ନାଳର ବିଷାକ୍ତ ଜଳ ମିଶ୍ରଣ ହେବାଠାରୁ ଉକ୍ତ ଗ୍ରାମର ଅନେକ ବ୍ୟକ୍ତି ଚର୍ମରୋଗ, ପେଟରୋଗରେ ଆକ୍ରାନ୍ତ ହେଉଥିବା ବେଳେ ବର୍ଷ ସାରା ଝାଡାବାନ୍ତି ଲାଗିରହୁଛି । ଦୀର୍ଘ ୧୮ଦିନ ହେଲା ଝାଡାବାନ୍ତି ଲାଗିବା ପରେ ପ୍ରଶାସନ ପକ୍ଷରୁ ଲୋକମାନଙ୍କୁ ଜଳ ବ୍ୟବହାର ନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଟ୍ୟାଙ୍କର ଯୋଗେ ଜଳଯୋଗାଣ କାର୍ଯ୍ୟକ୍ରମ ଚାଲୁରହିଛି । ଯେଉଁ ଜଳଯୋଗାଣ ଚାଲିଛି ତାହା ସମୁଦ୍ରକୁ ଶଙ୍ଖେ ବୋଲି ନୂଆଗାଁ ଏବଂ ଜାଗୁଲେଇପଦର ଗ୍ରାମବାସୀ ଅଭିଯୋଗ କରିଛନ୍ତି । ପିଇବା ପାଇଁ ପାଣି ଯୋଗାଇଥିବା ବେଳେ ନିତ୍ୟ ବ୍ୟବହାର ପାଇଁ ପାଣି ଦିଆଯାଉନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗରା, ବାଲିଟ୍, ଡେକେଚି ଧରି ମହିଳାମାନେ ଗାଁ ଦାଣ୍ଡରେ ଘଣ୍ଟା ଘଣ୍ଟା ଧରି ଅପେଖା କରି ରହୁଛନ୍ତି । ପାଣି ନମିଳିବାରୁ କେତେକ ବ୍ୟକ୍ତି ମଧ୍ୟ ନଦୀର ଜଳକୁ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି ।

## ଜିଲ୍ଲା ବିଜେପି ସଭାପତି ପଦ ପାଇଁ ନାମାଙ୍କନ ଦାଖଲ ଶେଷ

ଜଗତସିଂହପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ବିଜେପି ସଭାପତି ପଦ ପାଇଁ ସୋମବାର ସର୍କିଟ ହାଉସରେ ଚାଲିଥିବା ନାମାଙ୍କନ ଶେଷ ହୋଇଛି । ମିଳିଥିବା ସୂଚନା ଅନୁସାରେ ୭ ଜଣ ଜିଲ୍ଲା ସଭାପତି ପଦ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ସେମାନଙ୍କ ମଧ୍ୟରେ ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ତଥା ଜଗତସିଂହପୁର ପୂର୍ବତନ ବିଜେପି ବିଧାୟକ ପ୍ରାର୍ଥି ପ୍ରତାପ ମିଶ୍ର ରହିଥିବା ସମୟରେ ସୌଭାଗ୍ୟ ମହାନ୍ତି, ମୋହିତ ମହାନ୍ତି, ବିଜୟ ଦାସ ଜଗବନ୍ଧୁ ସ୍ୱାଇଁ ଓ ସୁବୋଧ ବାରିକ ରହିଛନ୍ତି । ଜିଲ୍ଲା ସଭାପତି ପଦ ପାଇଁ ଜିଲ୍ଲାରେ ଥିବା ୨୯ଟି ମଣ୍ଡଳରୁ ୫୮ ଜଣ ମତଦାନ କରିବେ । ତେବେ ଜିଲ୍ଲା ସଭାପତି ପ୍ରାର୍ଥି ହେବା ପାଇଁ ଅତି କମ୍‌ରେ ଭୋଟରମାନଙ୍କ ମଧ୍ୟରୁ ୧୦ ଶତାଂଶ ସମର୍ଥକ ଓ ପ୍ରସ୍ତାବକ ରହିବେ ଅର୍ଥାତ ୫ ଜଣ ପ୍ରାର୍ଥୀଙ୍କ ପାଇଁ ସର୍ବନିମ୍ନ ୩୦ ଜଣ ପ୍ରସ୍ତାବକ ସମର୍ଥକ ରହିବେ । ଅବଶିଷ୍ଟ ୨୮ ଜଣଙ୍କ ମତାମତକୁ ନେଇ ରାଜ୍ୟ ବିଜେପି ଜିଲ୍ଲା ବିଜେପି ସଭାପତି ଚୟନ କରିବେ । ମାତ୍ର ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଜିଲ୍ଲା ବିଜେପି ସଭାପତି ପଦ ପାଇଁ ଏକ ପ୍ରକାର ଘୋଡା ବେପାର ଆରମ୍ଭ ହୋଇଛି । କିଏ ଜିଲ୍ଲା ସଭାପତି ହେବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ତେନ୍ତୁଳଖୁଣ୍ଟିରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର




ତେନ୍ତୁଳିଖୁଣ୍ଟି(ଭାସ୍କର ନ୍ୟୁଜ): ନବରଂଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ସିଡିଓ, ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ୍, ଉପଜିଲ୍ଲାପାଳ, ନବରଙ୍ଗପୁର ପ୍ରକାଶ ମିଶ୍ର, ବିଡିଓ ମନୋଜ ପାଣିଗ୍ରାହୀଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଏହି ଜନଶୁଣାଣି ଶିବିରରେ ମୋଟ ୪୪ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ । ସେଥିମଧ୍ୟରୁ ୨୯ ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଥିବାବେଳେ ୧୫ ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା । ସେଥିରୁ ୩ ଅଭିଯୋଗର ତତକ୍ଷଣାତ୍ ସମାଧାନ କରାଯାଇଥିଲା । ପରେ ଜିଲ୍ଲାପାଳ ଖାତୀଗୁଡ଼ାସ୍ଥିତ ନବୋଦୟ ବିଦ୍ୟାଳୟ ଗସ୍ତ କରି ଛାତ୍ରଛାତ୍ରୀଙ୍କୁ ଦୀର୍ଘ ୨ ଘଣ୍ଟା ପାଠ ପଢ଼ାଇଥିଲେ । ପରେ କୁଜାଜାନିଗୁଡ଼ା ଏସଏସଡି ହାଇସ୍କୁଲ ଗସ୍ତ କରି ଛାତ୍ରଛାତ୍ରୀଙ୍କ ସହ ପାଠ୍ୟ ସମ୍ବନ୍ଧୀୟ ବାର୍ତ୍ତାଳାପ କରି ପାଠ ପଢ଼ାଇଥିଲେ ଏବଂ ଲମତାଗୁଡା ଡବ୍ଲୁଟିପି ପରିଦର୍ଶନ କରିଥିଲେ ।

### ପୋର୍ଟ ଟ୍ରଷ୍ଟ ହାଇସ୍କୁଲ ୧୯୭୯ ବ୍ୟାଚ୍‌ର ବାର୍ଷିକ ବନ୍ଧୁମିଳନ

## ୪୫ ବର୍ଷ ପରେ ପ୍ରାକ୍ତନ ପ୍ରଧାନଶିକ୍ଷକଙ୍କ ଆଶୀର୍ବାଦ କାମନା କଲେ ପୁରାତନ ଛାତ୍ରଛାତ୍ରୀ



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ବନ୍ଦରର ପୋର୍ଟ ଟ୍ରଷ୍ଟ ହାଇସ୍କୁଲ ୧୯୭୯ ମସିହା ବ୍ୟାଚର ପୁରାତନ ଛାତ୍ରଛାତ୍ରୀମାନଙ୍କର ୧୧ତମ ବାର୍ଷିକ ବନ୍ଧୁମିଳନ କାର୍ଯ୍ୟକ୍ରମ ଭୁବନେଶ୍ୱରଠାରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୬ ଜଣ ପ୍ରାକ୍ତନ ଛାତ୍ରଛାତ୍ରୀ ଯୋଗଦେଇ ସେମାନଙ୍କ ସ୍କୁଲ ଜୀବନର ଅଲିଭା ସ୍ମୃତିକୁ ମନେ ପକାଇଥିଲେ । ପ୍ରଥମେ ଦିବଙ୍ଗତ ଶିକ୍ଷକ ଶୁକଦେବ ରାଉତ, ସହପାଠୀ ଦୁଷ୍ମନ୍ତ କୁମାର ସ୍ୱାଇଁ, ସହପାଠୀନି ସରସ୍ୱତୀ ପାଣିଙ୍କ ସ୍ୱାମୀ ଗୋଦାବରୀଶ କର ଓ ପିତା ବିଷ୍ଣୁ ଚରଣ ପାଣିଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା, ଗାୟତ୍ରୀ ମନ୍ତ୍ର ଓ ଶାନ୍ତି ମନ୍ତ୍ର ଉଚ୍ଚାରଣ କରାଯାଇଥିଲା । ଶେଷରେ ପୋର୍ଟ ଟ୍ରଷ୍ଟ ହାଇସ୍କୁଲର ପ୍ରଥମ ଓ ପ୍ରାକ୍ତନ ପ୍ରଧାନ ଶିକ୍ଷକ ବୈଦ୍ୟନାଥ ମହାନ୍ତିଙ୍କ ବାସଗୃହରେ ପହଞ୍ଚି ତାଙ୍କର ଆଶୀର୍ବାଦ ଭିକ୍ଷା କରାଯାଇଥିଲା ଏବଂ ଏକ ଭାବବିହ୍ୱଳ ପରିବେଶରେ ପ୍ରଧାନ ଶିକ୍ଷକ ଓ ତାଙ୍କ ପରିବାରର ଅତୁଟ ସ୍ୱାସ୍ଥ୍ୟ ପାଇଁ ପ୍ରାକ୍ତନ ଛାତ୍ରଛାତ୍ରୀ ପ୍ରାର୍ଥନା କରିଥଲେ । ଦୀର୍ଘ ୪୫ ବର୍ଷର ବ୍ୟବଧାନ ପରେ ନିଜର ପ୍ରିୟ ଶିକ୍ଷକଙ୍କ ଦର୍ଶନ କରି ସମସ୍ତଙ୍କ ଚକ୍ଷୁ ଲୋତକସିକ୍ତ ହୋଇଯାଇଥିଲା । ଏହି ବନ୍ଧୁ ମିଳନକୁ ପୁରାତନ ଛାତ୍ରଛାତ୍ରୀ ପ୍ରଦୀପ କୁମାର ପତି, ସବିତା ମିଶ୍ର, ଜୟନ୍ତୀ ପତି, ମାନସୀ ମହାପାତ୍ର, ପ୍ରତାପ କୁମାର ପଣ୍ଡା, ବିଜୟ କୁମାର ସାହୁ, ବିଜୟ କୁମାର ଦାସ, ଚନ୍ଦ୍ର ଶେଖର ଆଚାର୍ଯ୍ୟ ଓ ଅନ୍ୟ ବନ୍ଧୁମାନେ ପରିଚାଳନା କରିଥିଲେ । ପାରାଦୀପ ବନ୍ଦର ଦ୍ୱାରା ୧୯୬୬ ମସିହାରେ ବନ୍ଦର କର୍ମଚାରୀ ଓ ବ୍ୟବହାରକାରୀଙ୍କ ପିଲାଙ୍କର ଓଡ଼ିଆ ମାଧ୍ୟମରେ ପାଠ ପଢ଼ିବା ପାଇଁ ପୋର୍ଟ ଟ୍ରଷ୍ଟ ହାଇସ୍କୁଲ ପ୍ରତିଷ୍ଠା କରାଯାଇଥିଲା ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ଏରସମା, (ଭାସ୍କର ନ୍ୟୁଜ୍ ) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ଚଟୁଆ ପଞ୍ଚାୟତ ଚଟୁଆ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୯୯ମସିହା ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀ ମାନଙ୍କର ବନ୍ଧୁମିଳନ ଓ ବଣଭୋଜି ନୂଆଗାଁ ମହାବୀର ଆଶ୍ରମ ନିକଟସ୍ଥ ଜଙ୍ଗଲରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଚର ପ୍ରାକ୍ତନ ଛାତ୍ରଛାତ୍ରୀ ମାନେ ଏକାଠି ହୋଇ ନିଜ ନିଜର ଛାତ୍ର ଜୀବନର ଅଭୁଲା ସ୍ମୃତିକୁ ରୋମନ୍ଥନ କରିଥିଲେ। ଏଥିସହିତ ପରସ୍ପର ମଧ୍ୟରେ ପାରିବାରିକ ଜୀବନ ସମ୍ପର୍କରେ ଅବଗତ ହୋଇଥିଲେ। ଛାତ୍ର ଜୀବନର ଅଭୁଲା ସ୍ମୃତିକୁ ମନେ ପକାଇବା ପାଇଁ ପ୍ରତ୍ୟେକ ବର୍ଷ ଏହିପରି ବନ୍ଧୁମିଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପ୍ରାକ୍ତନ ଛାତ୍ର ଯୁବ ସମାଜସେବୀ ଗଣେଶ ରାଉତ, ଚଟୁଆ ପଞ୍ଚାୟତ ସରପଞ୍ଚ ପ୍ରକାଶ ଚନ୍ଦ୍ର ସୁନ୍ଦରାୟ, ଜନ୍ମେଜୟ ସାମଲ, ଦେବାଶିଷ ସ୍ୱାଇଁ, ସନ୍ତୋଷ ନାୟକ, ଡ଼ ସଂଗ୍ରାମ ମହାନ୍ତି, ଅମ୍ବିକା ମହାପାତ୍ର, ଚନ୍ଦନ ବିଶ୍ୱାଳ, ପ୍ରଭାତ ବାରିକ, ନିତ୍ୟାନନ୍ଦ ରାଉତ, ରାଜେନ୍ଦ୍ର ନାୟକ, ବାପିନା ବାରିକ, ସନ୍ତୋଷ ବିଶ୍ୱାଳ, ଶିଶିର ବିଶ୍ୱାଳ, ବନ୍ଦିତା ବିଶ୍ୱାଳ ପ୍ରମୁଖ ୧୯୯୯ବ୍ୟାଚର ସମସ୍ତ ଛାତ୍ରଛାତ୍ରୀ ମାନେ ଏହି ବନ୍ଧୁମିଳନରେ ଯୋଗଦେଇଥିଲେ।

## ବିଧାୟକଙ୍କ ନିଆରା ବନ୍ଧୁମିଳନ ଓ ବଣଭୋଜିର ଆସର




ଜଗତସିଂହପୁର, (ଭାସ୍କର ନ୍ୟୁଜ୍ ) : ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କ ବିରାଟ ଏକ ବନ୍ଧୁମିଳନ ଧଳତଙ୍ଗଗଡ଼ ଜଙ୍ଗଲରେ ଅନୁଷ୍ଠିତ ହୋଇଯାଇଛି। ଚାରିଆଡେ ଲୋକାରଣ୍ୟ ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମରେ ନାଉଗାଁ ଓ ଜଗତସିଂହପୁର ବ୍ଲକ ଜଗତସିଂହପୁର ପୌରପରିଷଦର ହଜାର ହଜାର ସଂଖ୍ୟାରେ ବିଜେପି କର୍ମୀ, ଯୁବ ଛାତ୍ରଙ୍କ ଯୋଗଦାନ ଦେଖିବାକୁ ମିଳିଥିଲା। ପ୍ରାୟ ୫ ହଜାରରୁ ଉର୍ଦ୍ଧ କର୍ମୀ ଏହି ବଣଭୋଜି କାର୍ଯ୍ୟକ୍ରମରେ ଯୋଗଦେଇ ଥିଲେ । ପ୍ରାରମ୍ଭରେ ଏହି ଅବସରରେ ଏକ ବିରାଟ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଗନ୍ନାଥ ଦାଶ ସଭାପତିତ୍ୱ କରିଥିଲେ। ସାମ୍ମାନୀତ ଅତିଥିଭାବେ, ପୂର୍ବତନ ଜିଲ୍ଲାପରିଷଦ ସଭାପତି ଦେବୀଦତ୍ତ ମହାନ୍ତି, ପୂର୍ବତନ ଜଗତସିଂହପୁର ବ୍ଲକ ଅଧକ୍ଷ ପ୍ରସନ୍ନ ସ୍ୱାଇଁ, ପୂର୍ବତନ ବ୍ଲକ ଉପାଧକ୍ଷ ଲକ୍ଷ୍ମୀକାନ୍ତ ସ୍ୱାଇଁ, ନାଉଗାଁ ବରିଷ୍ଠ ନେତା ପ୍ରଦୀପ୍ତ ସ୍ୱାଇଁ, ଯୁଧିଷ୍ଠିର ସ୍ୱାଇଁ, ଦେବୀ ପ୍ରସାଦ ସାହାଣୀ, ଶ୍ରୀକାନ୍ତ ଚୌଧୁରୀ, ଅକ୍ଷୟ ପାତ୍ର, ସୁଶାନ୍ତ ମଲ୍ଲିକ ତାପସ ଦାସ, ବିଦୁର ନାୟକ, ଦେବୀ ରଞ୍ଜନ ପାଢ଼ୀ, ବିଷ୍ଣୁ ଚରଣ ବେହେରା, ଶ୍ରୀକାନ୍ତ ଚୌଧୁରୀ, ସୁଶାନ୍ତ ସ୍ୱାଇଁ, ଆଡଭୋକେଟ ରବୀନ୍ଦ୍ର ସ୍ୱାଇଁ, ଆଡ଼ଭୋକେଟ ଅତୁଲ ଦାସ, ସମୀର ଲେଙ୍କା, ବରୋଦା ପ୍ରସାଦ ରାୟ, ଲିଙ୍ଗରାଜ ଲେଙ୍କା, ଅନିରୁଦ୍ଧ ପତି, ଧନେଶ୍ୱର ଦାସ, କଳ୍ପନା ମହାନ୍ତି ସର୍ଜନ ସିଂ, ନିଲୁ ରାମ ଜେନା, ଅଞ୍ଜନ କୁମାର ସାମଲ, ସମୀର ପଟ୍ଟନାୟକ, ଭ୍ରମରବର ସ୍ୱାଇଁ, ନିଗମାନନ୍ଦ ପତିଙ୍କ ସମେତ ଆଗଧାଡିର ବହୁ ବରିଷ୍ଠ କର୍ମୀ ଯୋଗଦେଇଥିଲେ। ଏହି ଅବସରରେ ଜଗତସିଂହପୁର ବିଧାୟକ ତାଙ୍କ ବକ୍ତବ୍ୟ ରେ ଜଗତସିଂହପୁର ନାଉଗାଁ ଅଞ୍ଚଳର କର୍ମୀ ମାନଙ୍କ ପାଇଁ ଆଜି ମୁଁ ଏଠାରେ ପଂହଁଚି ପାରିଛି। ଯାହାର ଯାହାର କିଛି କହିବାରେ ଅଛି ମନରେ କୋହ ଅଛି ଭଲପାଇବା ଅଛି ସେଥିପାଇଁ ଆଜି ଆମେ ଏକାଠି ହୋଇଛେ। ଆପଣ ମାନଙ୍କ ପାଇଁ ଓଡ଼ିଶାରେ ସରକାର ପରିବର୍ତ୍ତନ ହୋଇଛି ଆଉ ଓଡିଶାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ସରକାର ଆସିଛି। ଯାହା ପ୍ରତିଶୃତି ରଖିଥିଲେ ତାହା ପାଳନ କରିଛନ୍ତି। ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ଭତ୍ତା ୩୫୦୦ ପ୍ରଦାନ ହୋଇଛି, ମା ମାନଙ୍କର ସୁଭଦ୍ରା ଟଙ୍କା ବି ଆସିଛି, ଧାନର ମୂଲ୍ୟ ବୃଦ୍ଧି ହୋଇ ୩୧୦୦ ଶହ ଟଙ୍କା ହୋଇଛି ଏହି ସବୁ ପ୍ରସଙ୍ଗରେ ଆଲୋକପାତ କରିଥିଲେ।

## ଜାତୀୟ ରାଜପଥ ପାର୍ଶ୍ୱରେ ପୂତିଗନ୍ଧମୟ ପରିବେଶ



କେନ୍ଦୁଝର,(ଭାସ୍କର ନ୍ୟୁଜ୍ ) : କେନ୍ଦୁଝରଗଡ଼ ପୌରପାଳିକା ବର୍ଜ୍ୟବସ୍ତୁ ପରିଚାଳନାରେ ବିଫଳ ହୋଇଛି। ପ୍ରାୟ ଏକ ଲକ୍ଷ ଜନସାଧାରଣ ବସବାସ କରୁଥିବା ଏହି ପୌରପାଳିକାରେ ଦିନକୁ ଦିନ ଯାନବାହାନ, ଦୋକାନ ବଜାର ଆଦିର ଦ୍ରୁତ ବୃଦ୍ଧି ପାଉଥିବାବେଳେ ମଇଳା ଆବର୍ଜନା ସେହି ଅନୁପାତରେ ବୃଦ୍ଧି ପାଉଛି । କିନ୍ତୁ ଏହି ଆବର୍ଜନା ପରିଚାଳନା ନିମନ୍ତେ ଦୁଇଟି ଏମସିସି ପ୍ରକଳ୍ପକୁ ଛାଡିଦେଲେ କୌଣସି ବୃହତ ସ୍ଥାୟୀ ବ୍ୟବସ୍ଥା ହୋଇପାରି ନଥିବାରୁ ମଇଳା ପକାଇବାକୁ ନେଇ ସମସ୍ୟା ସୃଷ୍ଟି ହୋଇଛି। ଧରଣୀଧର ବିଶ୍ୱବିଦ୍ୟାଳୟ ଓ ପୁରୁଣା ସହର ନୂତନ ବସଷ୍ଟାଣ୍ଡ ନିକଟରେ ଦୁଇଗୋଟି ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର ବା କ୍ଷୁଦ୍ର ବର୍ଜବସ୍ତୁ ପରିଚାଳନା କେନ୍ଦ୍ର ସ୍ଥାପିତ ହୋଇଥିବାବେଳେ ଏଠାରୁ ନିର୍ଗତ ହେଉଥିବା ଦୁର୍ଗନ୍ଧରେ ସ୍ଥାନୀୟ ଲୋକେ ଓ ଯିବା ଆସିବା କରୁଥିବା ବ୍ୟକ୍ତି ନାକେଦମ ହେଉଛନ୍ତି । ସେଥିରୁ ବାହାରୁଥିବା ଦୁର୍ଗନ୍ଧ ଓ ଧୂଆଁରେ ଅଣନିଶ୍ୱାସୀ ହୋଇ ପଡୁଛନ୍ତି। ସୁଲେଇଖମାର ଗାଁ ନିକଟ ଦେଇ ଯାଇଥିବା ୨୦ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱର ଦୃଶ୍ୟ ମଧ୍ୟ ଉଦ୍‌ବେଗଜନକ। ପ୍ରକୃତିର ଗନ୍ତାଘର କୁହାଯାଉଥିବା ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ସାନଘାଗରା, ବଡଘାଗରା ଯିବାର ପ୍ରବେଶ ପଥ। ଏହାର କିଛି ଦୂରରେ ରହିଛି ସିଦ୍ଧମଠ, ଚୈବଚା ଶୈବପୀଠ ଓ ଶ୍ରୀ ଶ୍ରୀ ବଳଦେବଜୀଉଙ୍କର ମନ୍ଦିର ଭଳି ଅନେକ ଦେବଦେବୀ ପୀଠସ୍ଥଳୀ। ଏହି ସବୁ ମନଲୋଭା ପ୍ରକୃତିକ ଦୃଶ୍ୟ ଦେଖିବାକୁ ପ୍ରତ୍ୟେକ ଦିନ ଶହଶହ ସଂଖ୍ୟାରେ ରାଜ୍ୟ ଓ ରାଜ୍ୟ ବାହାରର ପର୍ଯ୍ୟଟକଙ୍କର ସୁଅ ଛୁଟିଥାଏ। ଅଞ୍ଚଳଟି ହାତୀ ଭାଲୁ ଭଳି ବନ୍ୟଜନ୍ତୁଙ୍କର ଚଳପ୍ରଚଳ ଅଞ୍ଚଳ ମଧ୍ୟ ଆଳିଆ ଗଦାରୁ ନିର୍ଗତ ଧୂଆଁ ଯୋଗୁଁ ରାସ୍ତା ମଧ୍ୟ ଭଲ ଭାବେ ଦୃଶ୍ୟମାନ ହେଉ ନାହିଁ। ଯେଉଁଥି ପାଇଁ ବାରମ୍ବାର ଦୁର୍ଘଟଣା ଘଟି ଲୋକଙ୍କର ଜୀବନହାନୀ ଘଟୁଛି। ସହରରୁ ଯେତିକି ଆବର୍ଜନା ବାହାରୁଛି ତାକୁ ପରିଚାଳନା କରିବା ପାଇଁ ଯଥେଷ୍ଟ ହେଉନଥିବାରୁ ସେ ସବୁକୁ ଜାତୀୟ ରାଜପଥ ସିଦ୍ଧ ମଠ ନିକଟ ବାଇପାସ ରାସ୍ତାରେ ପକାଯାଇ ପୋଡି ଦିଆଯାଉଛି। ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ସରକାର ଅନୁଦାନ ଯୋଗାଇ ଦେଇଥିଲେ ମଧ୍ୟ ପୌର ପ୍ରଶାସନର ଦାୟିତ୍ୱହୀନତା ପାଇଁ ଆଜି ପର୍ଯ୍ୟନ୍ତ ଡମ୍ପୟାର୍ଡ ହୋଇପାରି ନାହିଁ ଓ ଧୂପଦା ନିକଟରେ ରାଜସ୍ୱ ବିଭାଗ ପକ୍ଷରୁ ଡମ୍ପୟାର୍ଡ ପାଇଁ ଜମି ଯୋଗାଇ ଦିଆଯାଇଥିଲା। ଗାଡି ଚଳାଚଳ ପାଇଁ ପୌରପାଳିକା ପକ୍ଷରୁ ୨୦ ଲକ୍ଷ ଟଙ୍କାର କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଥିଲା । ଡମ୍ପୟାର୍ଡ ପାଇଁ ଟେଣ୍ଡର ହୋଇଥିଲେ ବି ବିରୋଧ ଯୋଗୁଁ ତାହା ବାତିଲ ହୋଇଥିଲା । ଡମ୍ପୟାର୍ଡ ପାଇଁ ଜମି ସମସ୍ୟା ଯୋଗୁଁ ଅନୁଦାନ ବିନିଯୋଗ ହୋଇ ପାରୁନଥିବା ପୌରପାଳିକା କହିଛି । ଡମ୍ପୟାର୍ଡ ପାଇଁ ବିକଳ୍ପ ସ୍ଥାନ ଚିହ୍ନଟ କରିବାରେ ପ୍ରଶାସନ ଆଉ ଆନ୍ତରିକତା ଦେଖାଇନଥିଲା। ଡମ୍ପାୟାର୍ଡ ନଥିବାରୁ ସହରର ମଇଳା ଆବର୍ଜନା ଗୁଡିକ ପୌର ସଂସ୍ଥା ବାଂଶପାଳ ବ୍ଲକ ତଳଚମ୍ପେଇ ପଞ୍ଚାୟତର ଭାଲିଆଡାଳ ଗ୍ରାମ ଜାତୀୟ ରାଜପଥ ପାର୍ଶ୍ୱରେ ଫିଙ୍ଗି ଦେଉଥିବାରୁ ଦୁର୍ଗନ୍ଧମୟ ପରିବେଶ ଜନସାଧାରଣଙ୍କୁ ଅତିଷ୍ଠ କରି ପକାଉଛି। ଶହ ଶହ ଗୋରୁ, ଗାଈ ଅଳିଆରୁ ଖାଦ୍ୟ ସଂଗ୍ରହ କରୁଥିବାବେଳେ ପଲିଥିନକୁ ଖାଇ ଦେଉଥିବାରୁ ପ୍ରାଣ ହରାଇବା ଭଳି ଘଟଣା ମଧ୍ୟ ସାମ୍ନାକୁ ଆସୁଛି। କେନ୍ଦୁଝରଗଡ଼ ପୌରରପାଳିକା, ସହର ଓ ତାର ଆଖ ପାଖ ଅଞ୍ଚଳର ପରିବେଶ ନିଜେ ପ୍ରଦୂଷିତ କରୁଛି। ଯାହାକୁ ନେଇ ପରିବେଶବିତଙ୍କ ଠାରୁ ଆରମ୍ଭ କରି ବରିଷ୍ଠ ଚିନ୍ତାଶୀଳ ନାଗରିକ ଚିନ୍ତାବ୍ୟକ୍ତ କରିଛନ୍ତି । ପୌରପାଳିକାର ଏପରି ବେପରୁଆ କାର୍ଯ୍ୟ ବିରୁଦ୍ଧରେ କୋର୍ଟକୁ ଯିବାକୁ କହିଛନ୍ତି ଆଇନଜିବା ଦୈତାରୀ ଆପଟ୍ଟ ।

## ଆନ୍ତଃ ରାଜ୍ୟ ଗଞ୍ଜେଇ ଚାଲାଣ, ୮୦ କେଜି ଗଞ୍ଜେଇ ସହ ତିନି ଗିରଫ



ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା ସୀମାବର୍ତ୍ତୀ ପଡିଆ ପୋଲିସ ହାବୁଡରେ ପଡିଛି ଗଞ୍ଜେଇ ମାଫିଆଙ୍କ ଏକ ଅନ୍ତରାଜ୍ୟ ଚାଲାଣକାରୀଙ୍କ ଟିମ୍। ଏହି ଗଞ୍ଜେଇ ଚାଲାଣକାରୀଙ୍କ ନିକଟରୁ ୮୦ କେଜିର ଗଞ୍ଜେଇ, ଗୋଟିଏ କାର ସହ ତିନୋଟି ମୋବାଇଲ ଜବତ ସହ ୩ ଜଣଙ୍କୁ ଗିରଫ କରାଯାଇଛି। ଏହି ଗିରଫ ଆସାମୀଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୁଚନା ମୁତାବକ ପଡିଆ ପୋଲିସର ଏକ ଟିମ୍ ଓଡିଶା -ଛତିଶଗଡ ସୀମାବର୍ତ୍ତୀ କମାରଗୁଡା ପୋଲିସ ଚେକ୍ ପୋଷ୍ଟ ନିକଟରେ ଯାନବାହାନ ଯାଞ୍ଚ କରୁଥିବା ବେଳେ ୟୁପି ୧୪ ବି ଏମ ୪୪୫୬ ନମ୍ବର ଧାରୀ ଏକ ରୁପେଲି ରଙ୍ଗର କାର ଦ୍ରୁତ ଗତିରେ ପଡ଼ିଆ ପଟୁ ଛତିଶଗଡ଼ ଅଭିମୁଖେ ଯାଉଥିଲା । ଏହି ସମୟରେ ପଡିଆ ପୋଲିସ ପକ୍ଷରୁ ପୂର୍ବରୁ ଚେକ୍ ପୋଷ୍ଟରେ ନିୟୋଜିତ ଏକ ଟିମ୍ କାରଟିକୁ ଅଟକାଇ ଯାଞ୍ଚ କରିବା ସହ ମୋଟ ୮୦ କେଜି ଗଞ୍ଜେଇ ଜବତ କରିଥିଲା । ଏଥିସହ ଉତର ପ୍ରଦେଶର ଫିରାଜ ସାଇଫି, ନାଜିମ ମଲ୍ଲିକଙ୍କୁ ଘଟଣାସ୍ଥଳରୁ ଗିରଫ କରାଯାଇଥିଲା । ଏହାପରେ ମାଲାକାନଗିରି ଏସ୍‌ଡିପିଓ ସଚିନ ପଟେଲ ଓ ପଡିଆ ଥାନା ଅଧିକାରୀ ରମେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ଏହି ଚାଲାଣକାରୀଙ୍କୁ ପଚରାଉଚୁରା କରାଯାଇ ଏହି ଚାଲାଣରେ ସମ୍ପୃକ୍ତ ଥିବା ଗୁରୁଚାନ୍ଦ ମଣ୍ଡଳ ନାମକ ଜଣେ ବ୍ୟକ୍ତିଙ୍କୁ ମଧ୍ୟ ଧରା ଯାଇଥିଲା। ଏଥିସହ ତିନିଜଣ ଆସାମୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି। ଏ ନେଇ ପଡିଆ ଥାନାରେ ଏକ ମାମଲା ୧୦/୨୦୨୫ରେ ରୁଜୁ କରାଯାଇ ଘଟଣାର ପରବର୍ତ୍ତୀ ତଦନ୍ତ ଜାରୀ ରହିଥିବା ପୋଲିସ ପକ୍ଷରୁ ସୁଚନା ମିଳିଛି।

## ଖିଲାମୁଣ୍ଡା ମଣ୍ଡି ଅବ୍ୟବସ୍ଥା
## ଟାୟାର ଜାଳି ଜାତୀୟ ରାଜପଥ ଅବରୋଧ କଲେ ଚାଷି

ଗୁଣୁପୁର, (ଭାସ୍କର ନ୍ୟୁଜ୍ ) : ରାୟଗଡା ଜିଲ୍ଲା ପଦ୍ମପୁର ୩୨୬ ନଂ ଜାତୀୟ ରାଜପଥ ଅବରୋଧ କରିଛନ୍ତି ଶତାଧିକ ଚାଷୀ। ରାସ୍ତା ଅବରୋଧ ଦ୍ୱାରା ବ୍ରହ୍ମପୁର ଠାରୁ ରାୟଗଡା ଚଳାଚଳ କରୁଥିବା ସମସ୍ତ ଗାଡି ଚଳାଚଳ ଦୀର୍ଘ ଘଣ୍ଟା ଧରି ବନ୍ଦ ହୋଇ ପଡିରହିଥିଲା। ରାସ୍ତାରେ ଟାୟାର ଜାଳି ଚାଷୀ ପ୍ରତିବାଦ କରିଛନ୍ତି। ଖିଲାମୁଣ୍ଡା ମଣ୍ଡିରୁ ଧାନ ନ ଉଠିବା ସହ ଆଇସ୍ଥାନ ହୋଇପାରୁନଥିବା ଅଭିଯୋଗ କରିବା ନେଇ ପ୍ରତିବାଦ କରିଛନ୍ତି ଚାଷୀ। ଚାଷୀ କଟନିଛଟନି ଶୋଷଣର ଶିକାର ହେଉଥିବା ଅଭିଯୋଗ ହେଉଛି। ଆନ୍ଦୋଳନକାରୀଙ୍କ ପାଖରେ ରାୟଗଡା ଜିଲ୍ଲା ଯୋଗାଣ ଅଧିକାରି ଦାଶିରଥୀ ସୋରେନ ଓ ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଛନ୍ତି। ଚାଷୀଙ୍କ ସହ ମୁଖ୍ୟ ରାସ୍ତା ଉପରେ ବିଧାୟକ ଓ ଯୋଗଣ ଅଧିକାରୀ ବସି ଆଲୋଚନା କରିଛନ୍ତି। ଜିଲ୍ଲା ଯୋଗାଣ ବିଭାଗ ରାଜ୍ୟ ସରକାରଙ୍କ ସହ ଆଲୋଚନା କରି ବିହିତ ପଦକ୍ଷେପ ନେବେ ବୋଲି ଯୋଗାଣ ବିଭାଗ କହିଛି। ଏଥିସହିତ ମିଲର ମାନଙ୍କ ଟାର୍ଗେଟ୍ ବଢାଯିବା ନେଇ ଅତିଶୀଘ୍ର ଆଲୋଚନା କରି ପଦକ୍ଷେପ ନେବ ବୋଲି ଜିଲ୍ଲା ଯୋଗାଣ ଅଧିକାରୀ ଓ ବିଧାୟକ କହିଛନ୍ତି। ଚାଷୀ ସୁରୁଖୁରୁରେ ଧାନ ବିକ୍ରି କରିପାରିବା ପାଇଁ ପ୍ରତିଶ୍ରୁତି ମିଳିବା ପରେ ଦୀର୍ଘ ଘଣ୍ଟା ପରେ ରାସ୍ତା ଅବୋରଧ ହଟିଛି।

## ବ୍ୟାଙ୍କ୍ ଅଫ ବରୋଦା ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳିତ



ତାଳଚେର,(ଭାସ୍କର ନ୍ୟୁଜ୍ ) : ବ୍ୟାଙ୍କ୍ ଅଫ ବରୋଦା ତାଳଚେର ଶାଖା ପକ୍ଷରୁ ସ୍ୱଚ୍ଛତା ପକ୍ଷ ବାଙ୍କଧରା ମୁଣ୍ଡା ବସ୍ତିରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ୍‌ର ମ୍ୟାନେଜର ଚିତରଞ୍ଜନ ହୋତା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଶିଳ୍ପାଂଚଳ ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ଶୋଭାଗିନୀ ଦାସ, ସାମାଜିକ କର୍ମୀ ଜିତେନ୍ଦ୍ର ମହାପାତ୍ର ଯୋଗ ଦେଇ ସ୍ୱଚ୍ଛତାର ଆବଶ୍ୟକତା ଏବଂ ଉପକାରିତା ବିଷୟରେ ଆଲୋକପାତ କରିଥିଲେ । ଏହି ଅବସରରେ ସମ୍ପୂର୍ଣ୍ଣ ଭାବେ ବସ୍ତିକୁ ସଫେଇ କରି ସେମାନଙ୍କୁ ଝାଡୁ, ବକେଟ ଆଦି ପ୍ରଦାନ କରିଥିଲେ। ରାଜେଶ ସୁଭୁଇ, ସୌଭିତ୍ କୁମାର,ସୁବ୍ରତ କୁମାର ସାହୁ ପ୍ରମୁଖଙ୍କ ସହ ବସ୍ତି ବାସିନ୍ଦା ଏଥିରେ ସାହାଯ୍ୟ କରିଥିଲେ ।

## ଅବସରପ୍ରାପ୍ତ ସୈନିକଙ୍କ ବନ୍ଧୁମିଳନ

ପରଜଙ୍ଗ, (ଭାସ୍କର ନ୍ୟୁଜ୍ ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗସ୍ଥିତ ବରିଷ୍ଠ ନାଗରିକ ପରିଷଦ କାର୍ଯ୍ୟାଳୟ ଠାରେ ଅବସର ନେଇଥିବା ସୈନିକ ମାନଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇ ଯାଇଛି । ସଙ୍ଘର ସଭାପତି କୃପାସିନ୍ଧୁ ଖୁଣ୍ଟିଆଙ୍କ ସଭାପତିତ୍ୱରେ ନୂତନ ବର୍ଷର ଅଭିନନ୍ଦନ ଉପଲକ୍ଷେ ବ୍ଲକର ବିଭିର୍ଣ୍ଣ ଗ୍ରାମ ଏବଂ ପଳାଶୁଣୀ ବିଷ ଦଶଗୋଟି ପଂଚାୟତ ପ୍ରାନ୍ତରୁ ବିଗତ ଦିନର ଚାକିରୀ କାର୍ଯ୍ୟକାଳରୁ ଅବସର ନେଇଥିବା ଶତାଧିକ ସୈନିକ କର୍ମଚାରୀ ଏକତ୍ରିତ ହୋଇ ଏକବନ୍ଧୁ ମିଳନ ବୈଠକ କରିଥିଲେ । ଅବସର ନେଇଥିବା ଯେଉଁ ସୈନିକଙ୍କ ଦେହାନ୍ତ ହୋଇଯାଇଛି ତାଙ୍କ ଉଦେଶ୍ୟରେ ପ୍ରଥମେ ଦୁଇ ମିନିଟ ନିରବ ପ୍ରାର୍ଥନା ହୋଇ ବୈଠକରେ ସଙ୍ଘ ସମ୍ବନ୍ଧୀୟ ବିସ୍ତୃତ୍ୱ ଆଲୋଚନା ହୋଇଥିଲା । ସମସ୍ତ ସଦସ୍ୟ ସଙ୍ଘର ନିୟମ ମାନି ଚଳିବା, ସଙ୍ଘର ବାର୍ଷିକ ଦେୟ ଦେବା, କୌଣସି ସୈନିକଙ୍କ ଦେହାନ୍ତ ହେଲେ ତାଙ୍କ ଘରେ ପହଞ୍ଚି ସମବେଦନା ଜଣାଇବା ଏବଂ ତାଙ୍କର ସହଧର୍ମିଣୀଙ୍କୁ ସଂଘରେ ସାମିଲ କରାଯାଇ ପରିବାର ଦୁଃଖରେ ଭାଗଦାରୀ ହେବା ଆଦି ଅନେକ କାର୍ଯ୍ୟ ପନ୍ଥା ଉପରେ ଆଲୋଚନା ହୋଇଥିଲା ।ଏହି କାର୍ଯ୍ୟକ୍ରମ ରେ ସଙ୍ଘର ଅବସର ପ୍ରାପ୍ତ ସୈନିକ ଉପସଭାପତି ନିତ୍ୟାନନ୍ଦ ପଣ୍ଡା, ସମ୍ପାଦକ ଦୁଷ୍ମନ୍ତ କୁମାର ଦଳବେହେରା ,ସହ ସମ୍ପାଦକ ବସନ୍ତ କୁମାର ସେଠଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

## ଭାଜପା ପକ୍ଷରୁ ୧୯ମଣ୍ଡଳ ସଭାପତିଙ୍କ ନାମ ଘୋଷଣା

କୋରାପୁଟ, (ଭାସ୍କର ନ୍ୟୁଜ) : କୋରାପୁଟ ଜିଲ୍ଲାର ୧୯ ମଣ୍ଡଳ ସଭାପତିଙ୍କ ନାମ ତାଲିକା ଭାଜପା ପକ୍ଷରୁ ଘୋଷଣା କରାଯାଇଛି । ଭାଜପାର ରାଜ୍ୟ ନିର୍ବାଚନ ଅଧିକାରୀ ପ୍ରତାପ ଷଡଙ୍ଗୀ ଏବଂ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିଷ୍ପତି କ୍ରମେ ଏହି ତାଲିକା ପ୍ରକାଶ ପାଇଛି । କୋରାପୁଟ ନଗର ସଭାପତି ୱାଇ ସତ୍ୟ ନାରାୟଣ, ଜୟପୁରର ଏସ୍ ମନୋଜ କୁମାର, ବୋରିଗୁମ୍ମାର ବିଘ୍ନେଶ୍ୱର ଷଡଙ୍ଗୀ, ମାଛକୁଣ୍ଡ ଧନେଶ୍ୱର ଖେମୁଣ୍ଡୁ, କୋଲାବର ମହୋନ ଲାଲ ଅତାରୀ, କୁନ୍ଦୁରାର ପଦ୍ମନାଭ ବିଶୋଇ, ପଟାଙ୍ଗିର ନରସିଂହ ବାଙ୍କା, କୋଟପାଡ ଗିରିଶ ପ୍ରସାଦ ପାଢି, ସୁନାବେଡା ଟୁନା ଖରା, ଲମତାପୁଟ ରଞ୍ଜିତା ଖରା, ବୈପାରିଗୁଡା ରାଜେନ୍ଦ୍ର କୁମାର ଗୌଡ, ଦଶମନ୍ତପୁର ଦିଲିପ ବାଘ, ମହାଦେଇପୁଟ ରାମଚନ୍ଦ୍ର ପାତ୍ର, ଗୀର୍ଲା ସୁରେନ୍ଦ୍ର ଗଦବା, ଦିଗାପୁର ଧନପତି ପରଜା, କାକିରିଗୁମା ଶର୍ମା ହିକକା, ଶଶାହଣ୍ଡି ଚକ୍ରଧର ଗାଦବା, ପୋଡାଗଡ ସୀତାରାମ ରାଓ ଏବଂ ନାରାୟଣପାଟଣା ମଣ୍ଡଳ ପାଇଁ କାଶୀନାଥ ହିକକା ପ୍ରମୁଖଙ୍କୁ ନିର୍ବାଚିତ କରାଯାଇଥିବାରୁ କୋରାପୁଟ ମଣ୍ଡଳ ପକ୍ଷରୁ ଭାଜପା ଦଳର ରାଜ୍ୟ ନିର୍ବାଚନ ଅଧିକାରୀ ଷଡଙ୍ଗୀ ଓ ରାଜ୍ୟ ସଭାପତି ସାମଲଙ୍କୁ କୃତଜ୍ଞତା ଦିଆଯାଇଛି ।

## ବଡଯୋରଡା ସେବା ସମବାୟ ସମିତି ପକ୍ଷରୁ ଧାନମଣ୍ଡି ଉଦ୍‌ଘାଟିତ



ତାଳଚେର, (ଭାସ୍କର ନ୍ୟୁଜ୍ ) : ତାଳଚେର ବ୍ଲକ ଅନ୍ତର୍ଗତ ବଡଯୋରଡ଼ା ସେବା ସମବାୟ ସମିତି ପକ୍ଷରୁ ଧାନ ମଣ୍ଡି ଉଦ୍ଘାଟିତ ହୋଇଯାଇଛି । ଏହି ଉଦ୍‌ଘାଟନ ଉତ୍ସବରେ ସୋସାଇଟିର ସଭାପତି ମନୋଜ ସାହୁ ସଭାପତିତ୍ୱରେ ଓଜନ ମାପ ଯନ୍ତ୍ରକୁ ପୂଜା କରାଯାଇ ଧାନ ବିକ୍ରୟ କାର୍ଯ୍ୟର ଶୁଭାରମ୍ଭ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ଅମୀୟ କୁମାର ପ୍ରଧାନ, ବଡ଼ଯୋରଡ଼ା ଗ୍ରାମ ସଭାପତି ହିମାଂଶୁ ଶେଖର ସାହୁ, ଗ୍ରାମପଂଚାୟତ ସରପଂଚ ଜିତେନ୍ କୁମାର ବେହେରା, ସମିତି ସଭ୍ୟ ବିକ୍ରମ ଭୋଇ, କର୍ଣ୍ଣପୁର ଗ୍ରାମପଂଚାୟତ ସରପଂଚ ପାର୍ଥସାରଥୀ ସାହୁ, ଆରଏମସି ଯଦୁମଣି ନାଏକ, ଏଆରସିଏସ ଅନିଲ କୁମାର ରଥ ଉପସ୍ଥିତ ଥିଲେ। ଏହି ମଣ୍ଡିରେ ନଅ ଜଣ କୃଷକ ଯୋଗ ଦେଇ ଉତ୍ପାଦିତ କରିଥିବା ଧାନକୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟରେ ସହଜରେ ସୁବିଧାଜନକ ଭାବରେ ବିକିଥିଲେ । ଅନୁଗୋଳ କ୍ରିଷ୍ଣା ରାଇସ ମିଲ୍‌ର ସହାୟତାରେ ଦୁଇ ଶହ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇ ଥିଲା । ବଡ଼ଯୋରଡ଼ା ସେବା ସମବାୟ ସମିତିର ସମ୍ପାଦକ ବସନ୍ତ କୁମାର ସାହୁଙ୍କ ତତାବଧାନରେ ଏହି କାର୍ଯ୍ୟକ୍ରମ ସୁରୁଖୁରୁରେ ସମ୍ପାଦିତ ହୋଇଥିଲା।

## ପୋଖରୀରେ ବୁଡ଼ି ଶିଶୁକନ୍ୟା ମୃତ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ସଦର ଥାନା ଅର୍ନ୍ତଗତ କୋଇଲିପରି ଗ୍ରାମର ଲକିନାଥ ପାଙ୍ଗିଙ୍କ ୪ ବର୍ଷର ଶିଶୁକନ୍ୟା ଦମୁଣୀ ପାଙ୍ଗି ପାଣିରେ ବୁଡି ମୃତ୍ୟୁ ଘଟିଛି । ସେ ରବିବାର ସନ୍ଧ୍ୟାରେ ଘର ପାଖରେ ଖେଳୁଥିଲାବେଳେ ଘର ପଛପଟେ ଥିବା ଏକ ପୋଖରୀକୁ ଖସିପଡ଼ିଥିଲା। କିଛି ପିଲା ଦେଖି ପାଟି କରିବାରୁ ପଛରେ ପରିବାର ଲୋକେ ପହଞ୍ଚି ପୋଖରୀରୁ ତାକୁ ଉଦ୍ଧାର କରି ସଙ୍ଗେ ସଙ୍ଗେ କୋରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ । ଝିଅର ମୃତ୍ୟୁପରେ ପରିବାର ଓ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିବା ଦେଖିବାକୁ ମିଳିଛି ।

## ଶିଳ୍ପାଂଚଳ ମହିଳା ଉଚ୍ଚ ମାଧମିକ ସ୍କୁଲରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର



ତାଳଚେର,(ଭାସ୍କର ନ୍ୟୁଜ୍ ): ତାଳଚେର ସ୍ଥିତ ଶିଳ୍ପାଂଚଳ ମହିଳା ଉଚ୍ଚ ମାଧମିକ ସ୍କୁଲରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ଜାନୁଆରୀ ୯ତାରିଖରୁ ଆରମ୍ଭ ହୋଇଥିବା ଏହି ଶିବିରର ଉଦ୍‌ଯାପନୀ ଉତ୍ସବରେ ଉଚ୍ଚ ମାଧମିକ କଲେଜର ଅଧକ୍ଷା ଶିବାନୀ ମହାପାତ୍ର ଯୋଗ ଦେଇ ଛାତ୍ରୀମାନଙ୍କ ପାଇଁ ଏହି ପ୍ରଶିକ୍ଷଣ କାହିଁକି ଜରୁରୀ ଓ ଆତ୍ମରକ୍ଷା କୌଶଳ ଶିଖିବାର ଆବଶ୍ୟକତା ସମ୍ପର୍କରେ ଉପସ୍ଥିତ ସମସ୍ତ ଛାତ୍ରୀଙ୍କୁ ପ୍ରାଞ୍ଜଳ ଭାବେ ବୁଝାଇଥିଲେ । ମୁଖ୍ୟ ଅତିଥି ଭାବେ ଯୁକ୍ତ ତିନି ମହାବିଦ୍ୟାଳୟର ଅଧକ୍ଷ ଭୀମସେନ ଦେହୁରୀ ଯୋଗ ଦେଇ ଆଜିର ଯୁଗରେ ନିଜକୁ ସୁରକ୍ଷା ଦେବାକୁ ହେଲେ ଏହି ଆତ୍ମ ରକ୍ଷା କୌଶଳ ଛାତ୍ରୀମାନେ ଶିଖିବା ନିତାନ୍ତ ଆବଶ୍ୟକ, ଯାହା ଫଳରେ ଛାତ୍ରୀଟିଏ ନିଜକୁ ରକ୍ଷା କରିବା ସହିତ ଅନ୍ୟ ପାଇଁ ମଧ୍ୟ ସହାୟକ ହୋଇପାରିବ ବୋଲି ପ୍ରକାଶ କରିଥିଲେ । ଏଥି ସହିତ ଏହି ଶିକ୍ଷାର ଉପଯୋଗିତା ସମ୍ପର୍କରେ ଅଧକ୍ଷ ଶ୍ରୀ ଦେହୁରୀ ସୂଚନା ଦେଇଥିଲେ । କ୍ରୀଡା ଶିକ୍ଷୟିତ୍ରୀ ସୁଷମା ମଞ୍ଜରୀ ଦାସ ଏହି ଶିବିରକୁ ଦୀର୍ଘ ଆଠ ଦିନ ଧରି ପରିଚାଳନା କରିଥିଲେ ଓ ପ୍ରଶିକ୍ଷକ ଭାବେ ରିମା କୁମାରୀ ଓ ଶୁଭଶ୍ରୀ ଭୁତିଆ ଆତ୍ମରକ୍ଷାର କୌଶଳ ଶିକ୍ଷା ପ୍ରଦାନ କରିଥିଲେ । ଅର୍ଥନୀତି ବିଭାଗର ଅଧ୍ୟାପିକା ରଶ୍ମିରେଖା ପରିଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧାପକ ଅଧାପିକା ଓ କର୍ମଚାରୀମାନେ ସହଯୋଗ କରିଥିଲେ।

## ପଞ୍ଚାୟତସ୍ତରୀୟ ମହାସଂଘ କାର୍ଯ୍ୟନିର୍ବାହୀ କମିଟି ନିର୍ଦ୍ଦେଶନାମାକୁ ବନ୍ଦ ଦାବି



ଜଗତସିଂହପୁର (ଭାସ୍କର ନ୍ୟୁଜ୍ ) : ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଓଡିଶା ଜୀବିକା ମିଶନ ଇ ସି ସଂଘ ପକ୍ଷରୁ ଓଡିଶା ଜୀବିକା ମିଶନକାର୍ଯ୍ୟ ନିର୍ବାହୀ ମହିଳା ମାନଙ୍କୁ ଇସି ଭାବେ କାର୍ଯ୍ୟ କରିବାର ସମସ୍ତ ସୀମା ନୂତନ ନିୟମାବଳୀରେ ବୃଦ୍ଧି କରିବା ସହିତ ପୁନଃ ଗଠନ ପ୍ରକ୍ରିୟା ବନ୍ଦ କରାଯାଉ । ସରକାରଙ୍କ ମିଶନ ଶକ୍ତି ବିଭାଗ ପକ୍ଷରୁ ସ୍କୁଟି ଋଣ ଯୋଜନାରେ ୪୮ଟି କିସ୍ତି ମଧ୍ୟରୁ ୧୧ଟି କିସ୍ତି ଦେୟ ଦେଇଥିବା ବେଳେ ବାକି କିସ୍ତି ଗୁଡିକ ସମ୍ପର୍କରେ ସରକାର ବିଚାର କରନ୍ତୁ । ମିଶନ ଶକ୍ତି ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ସ୍ୱତନ୍ତ୍ର ଟିମ ଗଠନ କରିବା ଆଦି ୩ ଦଫା ଦାବି ନେଇ ଭାରତୀୟ ମଜୁଦୁର ସଂଘ ରାଜ୍ୟ ବରିଷ୍ଠ କାର୍ଯ୍ୟକର୍ତ୍ତା ବସନ୍ତ କୁମାର ରଥ । ଜିଲ୍ଲା ସଭାପତି ଅକ୍ଷୟ କୁମାର ଦାସ । ମିଶନ ଶକ୍ତି ରାଜ୍ୟ ସଂଯୋଜକ ଉମେଶ ଚନ୍ଦ୍ର ନାୟକ । ଓଡିଶା ଜୀବିକା ମିଶନ ଇସି ସଂଘ ରାଜ୍ୟ ସଭାନେତ୍ରୀ ଯୋଗମାୟା ନନ୍ଦ, ରିତା ଆଚାର୍ଯ୍ୟ ପ୍ରମୁଖ ହଜାର ହଜାର ମହିଳା ସ୍ଥାନୀୟ ଗଣତନ୍ତ୍ର ଛକରୁ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଯଦି ସରକାର ଇ ସି ସଂଘର ନାର୍ଯ୍ୟ ଦାବି ପୂରଣ ନ କରନ୍ତି ତେବେ ରାଜ୍ୟ ବ୍ୟାପି ଆନ୍ଦୋଳନ ଜୋରଦାର କରାଯିବ ବୋଲି ସଙ୍ଘ ସଭାନେତ୍ରୀ ଯୋଗମାୟା ଚେତାବନୀ ଦେଇଛନ୍ତି।

## ଝିଅ ଆତ୍ମହତ୍ୟା ପଛରେ ପ୍ରେମିକ ଦାୟୀ

କେନ୍ଦୁଝର,(ଭାସ୍କର ନ୍ୟୁଜ୍ ): ଟାଉନ ଥାନା ଅନ୍ତର୍ଗତ ନରଣପୁର ଗ୍ରାମର ଉଦୟ ବଲ୍ଲଭ ବାରିକଙ୍କ ଝିଅ ରୂପଶ୍ରୀ ବାରିକ(୧୬) ଗତ ୧୩ ତାରିଖ ଦିନ ରାତିରେ ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଥିଲେ। ଏହାକୁ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଛେଦ କରି ତଦନ୍ତ କରୁଥିଲା। ରୂପଶ୍ରୀ ବାରିକ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ୨ ବିଜ୍ଞାନ ପ୍ରଥମ ବର୍ଷରେ ପାଠ ପଢୁଥିଲେ। ତେବେ ଏଭଳି ଆତ୍ମହତ୍ୟା ପଛରେ ପ୍ରେମିକ ସଂପୃକ୍ତ ଥିବା ତାଙ୍କ ପିତା ଟାଉନ ଥାନାରେ ଆସି ଅଭିଯୋଗ କରିଛନ୍ତି। ମୃତ୍ୟୁ ସମୟରେ ଝିଅ ଉକ୍ତ ପ୍ରେମିକ ସୁଦର୍ଶନ ବାରିକର ଫଟୋ ଧରି ଆତ୍ମହତ୍ୟ କରିଥିବା ଜଣାପଡିଥିଲା। ଉକ୍ତ ଯୁବକ ନରଣପୁର ଗ୍ରାମରେ ମାମୁଁ ସଂଜୟ କୁମାର ପଲେଇ ଘରେ ରହୁଥିବାବେଳେ ତାଙ୍କ ନାମ ସୁଦର୍ଶନ ବାରିକ ଓ ସେ ଉକ୍ତ ଯୁବତୀକୁ ୨ ବର୍ଷ ହେଲା ଭଲପାଇ ଆସୁଥିଲେ। ମୃତ୍ୟୁ ପୂର୍ବରୁ ଏକ ମୋବାଇଲ ମ୍ୟାସେଜ ପାଇବା ପରେ ଯୁବତୀ ବିଚଳିତ ହୋଇ ଏଭଳି ଆତ୍ମହତ୍ୟା କରିଥିବା ତାଙ୍କ ପିତା ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ମେସେଜରେ ସୁଦର୍ଶନ ଏବଂ ରୂପାଲି ଲଭଷ୍ଟୋରୀ ଇଜ ଏଣ୍ଡିଂ, ହମାରୀ ଅଧୁରୀ କାହାଣୀ ଏଭଳି ଅନେକ ମେସଜ ଝିଅର ମୋବାଇଲରୁ ମିଳିଥିବା ତାଙ୍କ ବାପା ସୂଚନା ଦେଇଛନ୍ତି। ଝିଅକୁ ୨ ବର୍ଷ ହେବ ଭଲପାଇ ଆସୁଥିବାବେଳେ ଭବିଷ୍ୟତରେ ବିବାହ କରିବାକୁ ପ୍ରତିଶୃତି ଦେଇ ଶାରୀରିକ ସମ୍ପର୍କ ରଖି ଆସୁଥିଲା। ଏହାକୁ ନେଇ ଅଭିଯୁକ୍ତ ଯୁବକଙ୍କୁ ପଚାରିବାରୁ ଧମକ ଦେଇ ବାହା ହେବାର ନାହିଁ କିମ୍ବା କିଛି ଆବଶ୍ୟକତା ନାହିଁ ବୋଲି ବିବାହକୁ ଏଡାଉଥିଲେ। ୨ ମାସ ପୂର୍ବରୁ ସେ ନିଜ ଘର ବଡହଳ ଗ୍ରାମକୁ ଚାଲି ଯାଇଥିଲା। ପୂର୍ବରୁ ମଧ୍ୟ ହାତକାଟି ଉକ୍ତ ଯୁବକଙ୍କୁ ଭଲପାଏ ବୋଲି ଯୁବତୀ ରକ୍ତରେ ଲେଖିଥିଲେ। ଏହା ବ୍ୟତିତ ସେ ବାରମ୍ବାର ଝିଅକୁ ବିଭିନ୍ନ ପ୍ରକାର ବ୍ଲାକମେଲିଂ କରି ଆସୁଥିଲେ ବୋଲି ତାଙ୍କ ପିତା ଅଭିଯୋଗ କରିଛନ୍ତି। ଏଣୁ ତାଙ୍କ ଠାରୁ ବିଭିନ୍ନ ପ୍ରକାର ମାନସିକ ଯନ୍ତ୍ରଣା ଓ ନିର୍ଯ୍ୟାତନା ପାଇ ଝିଅ ଆତ୍ମହତ୍ୟା କରିଥିବା ତାଙ୍କ ବାପା ଟାଉନ ଥାନାରେ ଆଜି ଅଭିଯୋଗ କରିଛନ୍ତି। ଝିଅର ମୃତ୍ୟୁ ପାଇଁ ଉକ୍ତ ଯୁବକଙ୍କୁ ଦାୟୀ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ପୋଲିସ ନିକଟରେ ନିବେଦନ କରିଛନ୍ତି।

## ଦୁର୍ବ୍ୟବହାରକୁ ନେଇ ସିଆର୍‌ପିଙ୍କ ନାମରେ ମହିଳାଙ୍କ ଅଭିଯୋଗ
### ବହିଷ୍କାର ଦାବି କଲେ ୧୦ ଜଣ ସଭ୍ୟା



ରଘୁନାଥପୁର, (ଭାସ୍କର ନ୍ୟୁଜ୍ ) : ରଘୁନାଥପୁର ବ୍ଲକ ଜୟଶୋଳ ପଞ୍ଚାୟତରେ ଥିବା ସାଇରାମ ମହିଳା ସ୍ୱୟଂସହାୟକ ଗୋଷ୍ଠୀରେ ଜୈନିକା ସଭ୍ୟାଙ୍କ ବିରୁଦ୍ଧରେ ଗୋଷ୍ଠୀର ୧୦ଜଣ ସଭ୍ୟା ବ୍ଲକର ଦ୍ୱାରସ୍ଥ ହୋଇଛନ୍ତି। ଏହି ସଭ୍ୟା ଜଣକ ଗୋଷ୍ଠୀର ବିଭିନ୍ନ ପଦ ପଦବୀରେ ରହି ଗୋଷ୍ଠିର ଟଙ୍କା ହେରଫେର କରିଥିଲେ। ଏବେ ସେ ଏହି ଗୋଷ୍ଠୀର ସଭ୍ୟା ରହିବା ସହ ଜୟଶୋଳ ମଞ୍ଚର ସିଆର୍‌ପି ଅଛନ୍ତି। ଯେହେତୁ ସେ ସିଆରପି ଅଛନ୍ତି ତାଙ୍କ ପାଖକୁ ମହିଳା ଗୋଷ୍ଠୀ ମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ଆସୁଥିବା ନିର୍ଦ୍ଦେଶନାମାକୁ କୌଣସି ସଭ୍ୟାଙ୍କୁ ନଜଣାଇବା, ଗୋଷ୍ଠୀର କାଗଜପତ୍ରକୁ ଫିଙ୍ଗିଦେବା, ନେଇଥିବା ଲୋନ ଟଙ୍କାକୁ ପୈଠ ନକରିବା, କାର୍ଯ୍ୟ ନକରି ଅନେକ ସମୟରେ ସଭ୍ୟାମାନଙ୍କୁ ଧମକ ଦେବାରୁ ଗୋଷ୍ଠୀର ଅନ୍ୟ ସଭ୍ୟା ମାନେ ଏହାର ବିରୋଧ କରିବାରୁ ସଭ୍ୟା ଜଣଙ୍କ ସେମାନଙ୍କୁ ଅଶ୍ଳିଳ ଭାଷାରେ ଗାଳିଗୁଲଜ କରୁଛନ୍ତି। ଯାହାକୁ ନେଇ ସାଇରାମ ଗୋଷ୍ଠୀର ମହିଳା ମାନେ ରଘୁନାଥପୁର ମିଶନ ଶକ୍ତି ବିପିସି ଶଷାଙ୍କ ସେଖର ସ୍ୱାଇଁଙ୍କୁ ଭେଟିବା ସହ ୱ୍ୟଲଏମ ଲିପିକା ଶଡଙ୍ଗୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ତେବେ ବିପିସ ଏବଂ ୱ୍ୟଲଏମ ଶଡଙ୍ଗୀ ଅଭିଯୋଗ ପାଇ ଏହାର ସମାଧାନ କରାଯିବ ବୋଲି ପ୍ରତିଶତ ଦେବାପରେ ସଭ୍ୟାମାନେ ସେଠାରୁ ଫେରିଥିଲେ। ତୁରନ୍ତ ଏହି ଦୁର୍ନିତି ଖୋର ସଭ୍ୟାଙ୍କ ତଥା ସିଆର୍‌ପି ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠା ଗ୍ରହଣ କରିବା ସହିତ ତାଙ୍କୁ ଗୋଷ୍ଠୀରୁ ବହିଷ୍କାର ଦାବୀ କରିଛନ୍ତି ଗୋଷ୍ଠୀର ସଭାପତି ଲିପିକା ନାୟକ, ସମ୍ପାଦିକା ରଶ୍ମୀ ରେଖା ରାଉତ, ସଭ୍ୟା ସ୍ୱରନତା ସାହୁ, ତ୍ରିବେଣୀ ସାହୁ, ଗୀତାଞ୍ଜଳି ନାୟକ, ଅନ୍ନପୂର୍ଣ୍ଣା ବାରିକ, ସସ୍ମିତା ମଲ୍ଲିକ, ରୀନାମଲ୍ଲିକ, ଟିକିନା ସାହୁ, ଆରତୀ ମଲ୍ଲିକ ପ୍ରମୁଖ।



ଆସିକା (ଭାସ୍କର ନ୍ୟୁଜ) : ଆସିକା କଳିଙ୍ଗ ରୋଡ଼ ସ୍ଥିତ ଠାକୁର ଅନୁକୂଳଚନ୍ଦ୍ରଙ୍କ ସତସଙ୍ଗ ବିହାରର ୧୬ତମ ବାର୍ଷିକ ମହୋତ୍ସବ ତଥା ଠାକୁର ଅନୁକୂଳଚନ୍ଦ୍ରଙ୍କ ପୁଣ୍ୟ ୧୩୭ତମ ଜନ୍ମ ଜୟନ୍ତୀ ଅବସରରେ ଆଜି ନଗର ପରିକ୍ରମା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଠାକୁରଙ୍କ ପ୍ରତିମୂର୍ତ୍ତି ଏକସୁସଜିତ ରଥରେ ବିରାଜମାନ ପରେ ଏହି ରଥ ଆସିକା ସହରର ବିଭିନ୍ନ ଗଳିକନ୍ଦି ପରିଭ୍ରମଣ କରିଥିଲା। ପ୍ରଥମେ ସତ୍‌ସଙ୍ଗ ବିହାର ଠାରୁ ରଥ ବାହାରିବା ପରେ ଲକ୍ଷ୍ମୀବଜାର, ବିନାୟକ ବଜାର, ଖମ୍ବେଶ୍ୱରୀ ପାଟଣା, ସୁନାମ୍ବ ସାହି, ତାଲୁକା ଦେଇ ଗ୍ରାମ ପରିକ୍ରମା କରିଥିଲା । ରଥାରୂଢ଼ ଠାକୁରଙ୍କୁ ଦର୍ଶନ ଲାଗି ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା। ଏହି ଅବସରରେ ପ୍ରକାଶ ରାଓ ଦୋରା, ରବିନ୍ଦ୍ର କୁମାର ସାହୁ, ଭିକାରୀ ପାତ୍ର, ବଳରାମ ମହାରଣା, ହଜାରୀ ବେହେରା, ପ୍ରକାଶ ଚନ୍ଦ୍ର ରେଡ୍ଡୀ, ଶ୍ରିନିବାସ କ୍ୟାମ୍ପ, ସନ୍ୟାସୀ ଜେନା, ରାମ ଜେନା, ବିଶ୍ୱଜିତ୍ ସାହୁ, ଦିଗମ୍ବର ରଣା, ସୁରେନ୍ଦ୍ର ସାହୁ, ସୂର୍ଯ୍ୟ ନାରାୟଣ ଦାସ, ଚନ୍ଦ୍ରଶେଖର ମହାରଣା, ଶିବ ଶଙ୍କର ମିଶ୍ର, ସନ୍ତୋଷ କୁମାର ମିଶ୍ର, ରଜନୀ କାନ୍ତ ଦାସ, ଶ୍ରିକାନ୍ତ ବେହେରା, ନାରାୟଣ ବେହେରା, କୁଳମଣି ସାହୁ, ସୁକେଶ ସାହୁ, ପି ଲଛନ ଦୋରା, ରିତିକ୍ ବିଜୟ କୁମାର ପଣ୍ଡା, ରିତିକ୍ ବିନୟ କୁମାର ବିଶ୍ୱାଳ, ଆଶିଷ କୁମାର ସୁବୁଦ୍ଧି, ବିଶ୍ୱଜିତ୍ ଗଉଡ ପ୍ରମୁଖ ସାମିଲ ହୋଇ ନଗର ପରିକ୍ରମାରେ ସହଯୋଗ କରିଥିଲେ।

# ଦଲାଲ୍‌ଙ୍କ କବ୍‌ଜାରେ ଭରତପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ

କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡା ତହସିଲ ଅଧୀନ ଭରତପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟଟି ଦଲାଲ୍‌ଙ୍କ କବ୍‌ଜାରେ ରହିଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ବାସିନ୍ଦାଙ୍କ ପକ୍ଷରୁ ଶୁକଦେବ ଦାସ, ସନ୍ଦୀପ ସ୍ୱାଇଁ, ରାଜେନ୍ଦ୍ର କୁମାର ରାଉତ, ଅନନ୍ତ ପ୍ରସାଦ ସ୍ୱାଇଁ, ସୁନିଲ ମିଶ୍ର ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ଯେ ଭରତପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟଟି ସବୁବେଳେ ଦଲାଲ୍‌ଙ୍କ କବ୍‌ଜାରେ ରହୁଛି। ସେହି କାର୍ଯ୍ୟାଳୟକୁ ଜାତିଗତ ପ୍ରମାଣପତ୍ର, ଆୟ ପ୍ରମାଣପତ୍ର ବା ଅନ୍ୟ କୌଣସି ପ୍ରମାଣପତ୍ରର ରିପୋର୍ଟ ନିମନ୍ତେ ଗଲେ ସେଠାରେ ବସିଥିବା ସଂପୃକ୍ତ ଦଲାଲ ଜଣଙ୍କ ଲୋକମାନଙ୍କୁ ସେମାନଙ୍କ କାର୍ଯ୍ୟ କରିଦେବାକୁ କହି ହଜାର ହଜାର ଟଙ୍କା ଉତ୍କୋଚ ଦାବି କରୁଛନ୍ତି। ରାଜସ୍ୱ ନିରୀକ୍ଷକଙ୍କ ଦାୟିତ୍ୱରେ ଥିବା ସହକାରୀ ରାଜସ୍ୱ ନିରୀକ୍ଷକଙ୍କୁ ଏ ସମ୍ପର୍କରେ ଜଣାଇଲେ ବି ସେ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି ବରଂ ତାଙ୍କ ମାଧ୍ୟମରେ ଆସିବାକୁ କହୁଛନ୍ତି। ସେହି ଦଲାଲଙ୍କ ମାଧ୍ୟମରେ ସହକାରୀ ରାଜସ୍ୱ ନିରୀକ୍ଷକ ଜଣଙ୍କ ଲୋକମାନଙ୍କ ବିଭିନ୍ନ କାର୍ଯ୍ୟ ନିମନ୍ତେ ଉତ୍କୋଚ ନେଉଥିବା ଦଲାଲ ଜଣଙ୍କ ଲୋକମାନଙ୍କୁ କହୁଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡା ତହସିଲଦାରଙ୍କୁ ମଧ୍ୟ ପୂର୍ବରୁ ବାରମ୍ବାର ଅଭିଯୋଗ କରାଯାଇଛି କିନ୍ତୁ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ସେମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ଏହି ଅଭିଯୋଗ ଉପରେ ତଦନ୍ତ କରି ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ କେନ୍ଦ୍ରାପଡା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

# ନଈଗୁଆଁ ସେବା ସମବାୟ ସମିତିରେ ଖୋଲିଲା ଧାନମଣ୍ଡି



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ଖରିଫ ଋତୁ ପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନଈଗୁଆଁ ସେବା ସମବାୟ ସମିତି ରେ ଖୋଲିଲା ଧାନମଣ୍ଡି । ଏଣିକି ଚାଷୀମାନେ ନିଜ କଷ୍ଟ ଅର୍ଜିତ ଫସଲ ବିକ୍ରି କରିପାରିବେ । ପୁରୀ ଜିଲ୍ଲା ସମ୍ମିଳିତ ପୁରୀ ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଂ ଅସ୍ତରଙ୍ଗ ଶାଖା ଅଧୀନ ନଈଗୁଆଁ ସେବା ସମବାୟ ସମିତି ତରଫରୁ ସୋମବାର ଧାନମଣ୍ଡିରେ ଚାଷୀଙ୍କ ଠାରୁ ଖରିଫ ଧାନ କ୍ରୟ ଶୁଭାରମ୍ଭ ହୋଇଛି। ନଈଗୁଆଁ ସମିତିର ସଭାପତି ପର୍ଶୁରାମ ସ୍ୱାଇଁଙ୍କ ଦ୍ୱାରା ଆନୁଷ୍ଠାନିକ ପୂଜାପାଠ ପରେ ନଈଗୁଆଁ ମଣ୍ଡି ନୋଡାଲ ଅଧିକାରୀ, ନଈଗୁଆଁ ସେବା ସମିତି ସମ୍ପାଦକ ପ୍ରକାଶ ମହାନ୍ତି, ସମାଜସେବୀ ତଥା ଚାଷୀ ଦେବେନ୍ଦ୍ର ପ୍ରଧାନ, ବିଜୟ ସାହୁ, ଶିବ ମୁଦୁଲି, ନରେନ୍ଦ୍ର ମୁଦୁଲି ଓ ସ୍ଥାନୀୟ ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ ଅସ୍ତରଙ୍ଗ ବ୍ଲକର ୧୦ଟି ସେବା ସମବାୟ ସମିତିରେ ୨୭୧୩ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଛନ୍ତି। ଧାର୍ଯ୍ୟ ବାରରେ ସକାଳ ୮ଟାରୁ ଦିନ ୨ଟା ମଧ୍ୟରେ ଧାନ ବିକ୍ରି କରିପାରିବେ ଚାଷୀ। ତେବେ ସାଧାରଣ ମାନ କୁଇଣ୍ଟାଲ ପିଛା ୨୩ଶହ ଟଙ୍କା ଏବଂ ଗ୍ରେଡ଼ ଏ ମାନର ଧାନ କୁଇଣ୍ଟାଲ ପିଛା ୨୩ଶହ ୨୦ଟଙ୍କାରେ ସଂଗ୍ରହ କରାଯାଉଛି। ଚଳିତ ବର୍ଷ ନଈଗୁଆଁ ସେବା ସମବାୟ ସମିତିରେ ୧୮୪ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ପ୍ରଥମ ଦିନରେ ୭ଜଣ ଚାଷୀ ୫ଶହ କୁଇଣ୍ଟାଲ ଧାନ ମଣ୍ଡିରେ ଦେଇଛନ୍ତି। ଉପସ୍ଥିତ ଅତିଥିମାନେ ନିଜ ବକ୍ତବ୍ୟରେ କହିଥିଲେ ଚଳିତ ବର୍ଷ ସୁରୁଖୁରୁରେ ଧାନ କିଣିବା ପାଇଁ ବିସ୍ତୃତ ଭାବେ ଆଲୋଚନା ହୋଇଛି। ସୋସାଇଟି ସମ୍ପାଦକ, ମିଲରଙ୍କ ମଧ୍ୟ ଆଲୋଚନା କରାଯାଇଛି। ଧାନ ଦେବାର ଚାଷୀ ଯେଉଁଳି କୌଣସି ସମସ୍ୟାର ସମ୍ମୁଖୀନ ନହେବେ ସେଥିପ୍ରତି ଦୃଷ୍ଟିଦେବାକୁ କୁହାଯାଇଛି। ଚଳିତ ବର୍ଷ ଶତ ପ୍ରତିଶତ ଧାନ ଉଠାଇବାକୁ ଲକ୍ଷ୍ୟ ରଖିଛି ପ୍ରଶାସନ। ଚାଷୀମାନେ ମଣ୍ଡିରେ ଧାନ ଦେଇ ଖୁସି ହୋଇଥିଲେ।

# ଦୁଗ୍ଧ ଚାଷୀଙ୍କ ପାଇଁ ଋଣ ପ୍ରଦାନ ମେଳା



ରଘୁନାଥପୁର (ଭାସ୍କର ନ୍ୟୁଜ୍) : ରଘୁନାଥପୁର ବ୍ଲକ ଅଧିନସ୍ଥ ପୁରଣ ଓଡ଼ପଡା ପଞ୍ଚାୟତରେ ଥିବା ସରସ୍ୱତୀ ମଣ୍ଡପରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା ଓ ନାବାର୍ଡ ମିଳିତ ଆନୁକୂଲ୍ୟରେ ଦୁଗ୍ଧ ଚାଷୀମାନଙ୍କୁ ଗାଈ କିଣିବା ନିମନ୍ତେ ଏକ ଜିଲ୍ଲାସ୍ତରୀୟ ଋଣ ପ୍ରଦାନ ମେଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚାଷୀମାନଙ୍କୁ ୨କୋଟି ୬୦ଲକ୍ଷ ଟଙ୍କାର ଋଣ ପ୍ରଦାନ କରା ଯାଇଥିବା ବେଳେ ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ୨ଜଣ ଚାଷୀଙ୍କୁ ୨ଟି ଟ୍ରାକ୍ଟର ଓ ନାବାର୍ଡ ପକ୍ଷରୁ ୩ଟି କୃଷକ ଉତ୍ପାଦକ ସଂଗଠନକୁ ମୋବାଇଲ ଭ୍ୟାନ ପ୍ରଦାନ କରା ଯାଇଥିଲା। ଏଥିରେ ସମ୍ମାନୀତ ଅତିଥି ଭାବେ ଓମ୍‌ଫେଡର ଏମ୍‌ଡି ବିଜୟ ଅମୃତି କୁଲାଙ୍ଗେ, ନାବାର୍ଡ ମୁଖ୍ୟ ପ୍ରବନ୍ଧକ ସୁଧାଂଶୁ ମିଶ୍ର, ଉପ ପ୍ରବନ୍ଧକ ଅଜୟ କୁମାର ସୁଦ, ବ୍ୟାଙ୍କ ଅଫ୍ ବରୋଦାର ଇଡି ବେନା ଓ୍ୱାହିବ, ଆଞ୍ଚଳିକ ପରିଚାଳକ ସ୍ୱପ୍ନା ବନ୍ଦୋପାଧ୍ୟାୟ, ଗ୍ରାମ୍ୟ ବ୍ୟାଙ୍କର ଅଧ୍ୟକ୍ଷ ଋଷି ସିଂ, ଜଗତସିଂହପୁର ଜିଲ୍ଲା ବିକାଶ ପ୍ରବନ୍ଧକ ବିଶ୍ୱଭୂଷଣ ମହାନ୍ତି ଓ କଟକ ଜିଲ୍ଲା ବିକାଶ ପ୍ରବନ୍ଧକ ପ୍ରଜ୍ୱିମା ପରିଡା ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ପୁରଣ ଗ୍ରାମରେ ଥିବା ଅମୃତ ଡାଏରୀ ଏବଂ କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ ସହଯୋଗରେ ମହିଳା ଉତ୍ପାଦକ ଗୋଷ୍ଠୀ ଦୁଗ୍ଧରୁ ପେଡା, ଘିଅ, ଛେନା, ଦହି ଉତ୍ପାଦନ କରୁଥିବା ଅତ୍ୟାଧୁନିକ ମେସିନଗୁଡିକ ବୁଲି ଦେଖିବା ସହିତ ସନ୍ତୋଷ ବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସିଡସର ଇଂ ସତ୍ୟ କୁମାର ବାଇ, ନବଜ୍ୟୋତି କ୍ଲବର କ୍ଷୀରୋଦ ଦାଶ, ମହାଶକ୍ତି ଫାଉଣ୍ଡେସନର ଦେବସ୍ମାନ ପରିଡା ଓ ହେରିଟେଡ ଡାଏରୀର ବିଶ୍ୱଜିତ ମହାନ୍ତି ଉପସ୍ଥିତ ରହି ସମସ୍ତ ପ୍ରକାର ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୫୦୦ରୁ ଉର୍ଦ୍ଧ୍ୱ ଦୁଗ୍ଧ ଚାଷୀ ଓ ମହିଳା ଯୋଗ ଦେଇଥିଲେ।

## ଲଣ୍ଡେଇ ସାହିରେ ୨୪ପ୍ରହର ଅଖଣ୍ଡ ନାମଯଜ୍ଞ

ଭଞ୍ଜନଗର (ଭାସ୍କର ନ୍ୟୁଜ୍) : ଭଞ୍ଜନଗର ସହର ଉପକଣ୍ଠ ଲଣ୍ଡେଇ ସାହି ପଞ୍ଚାୟତ ଅଫିସ ଛକରେ ୨୪ପ୍ରହର ଅଖଣ୍ଡ ନାମଯଜ୍ଞର ଆୟୋଜନ କରାଯାଇଛି। ଏଥି ନିମନ୍ତେ ସୋମବାର କଳସ ଯାତ୍ରା ସମ୍ପନ୍ନ ହୋଇଛି। ଏଥିରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୧୭୦ରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ନିକଟସ୍ଥ ଲୋହରାଖଣ୍ଡି ନଦୀରୁ ଜଳ ସଂଗ୍ରହ କରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହା ଆସନ୍ତା ୨୩ ତାରିଖରେ ସମାପନ ହେବ ବୋଲି ଜଣାପଡ଼ିଛି। ଏଥିରେ ତୁଳସୀ ପଲି,



ରାଜନ ପଲି, ବାଦ ଗଡ଼, ଡେଙ୍ଗା ପଦର, ଘୁ. ନୂଆଗାଁ ସମେତ କଳିଙ୍ଗାର ଏକ ମହିଳା ସଂକୀର୍ତ୍ତନ ମଣ୍ଡଳୀ ନାମ ଯଜ୍ଞରେ ଯୋଗ ଦେଇଛନ୍ତି। ଅନ୍ନ ଯଜ୍ଞରେ ପରିଚାଳନା କମିଟି ତରଫରୁ ପ୍ରତ୍ୟେକ ଦିନ ପ୍ରାୟ ୧୦ ହଜାର ଲୋକଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଏହି ଧାର୍ମିକ କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗ ଦେଇଛନ୍ତି।

# ଚିତ୍ରକୂଟ ମନ୍ଦିରର ପରିଚାଳନା କମିଟି ଗଠିତ



ତାଳଚେର (ଭାସ୍କର ନ୍ୟୁଜ୍) : ତାଳଚେରର ବହୁ ପୁରାତନ ଶୈବପୀଠ ଚିତ୍ରକୁଟ ମନ୍ଦିରଟି ଏବେ ନିଶା ସେବନକାରୀଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଫଳରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଧୀରେ ଧୀରେ ହ୍ରାସ ପାଇବାକୁ ବସିଲାଣି। ଏହାକୁ ଦୃଷ୍ଟିରେ ରଖି କିଛି ଉଦ୍ୟମୀ ତଥା ଆଧ୍ୟାତ୍ମିକ ଚିନ୍ତାଧାରାର ବ୍ୟକ୍ତି ଏହାର ବିରୋଧ କରି ଏବଂ ମନ୍ଦିର ପରିବେଶକୁ ସଜାଡ଼ିବା ଲକ୍ଷ୍ୟରେ ଉକ୍ତ ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ନଗରପାଳ ପବିତ୍ର ଭୁତିଆ ଏହି ମନ୍ଦିରର ଉନ୍ନତି ପାଇଁ ସମସ୍ତେ ଏକତ୍ରିତ ହୋଇ ଆଗକୁ ଆସିବା ପାଇଁ ପରାମର୍ଶ ଦେଇଥିଲେ। ଉପସ୍ଥିତ ସମସ୍ତ ସଦସ୍ୟ ମାନେ ମନ୍ଦିରର ପରିବେଶ ସୁରକ୍ଷା, ଉନ୍ନତିକରଣ ପରିଚାଳନା ପାଇଁ ଅର୍ଥ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ କିନ୍ତୁ ଏହିସବୁ କାର୍ଯ୍ୟ ସମ୍ପାଦନ ପାଇଁ ନୂତନ କମିଟିର ଆବଶ୍ୟକତା ଥିବାରୁ ଏହା ଉପରେ ଆଧାରିତ କାର୍ଯ୍ୟକ୍ରମ କରାଯାଇ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ନଗରପାଳ ପବିତ୍ର ଭୁତିଆ, ଉପସଭାପତି ଭାବେ ଆଠ ନମ୍ବର କାଉନସିଲର ସନ୍ତୋଷ ବେହେରା, ସାଧାରଣ ସମ୍ପାଦକ ଭାବେ ନଅ ନମ୍ବର ଓ୍ୱାର୍ଡ କାଉନସିଲର ମମତା ରାଉତ, ସହ ସମ୍ପାଦକ ସମୀର ସାହୁ, କୋଷାଧ୍ୟକ୍ଷ ଭାବେ ସୁଧୀର ପଟ୍ଟନାୟକ ଓ ଶରତ ବାରିକଙ୍କୁ ମନୋନୀତ କରାଯାଇଥିଲା ସେହିପରି ଉପଦେଷ୍ଟା ଭାବେ ୨୧ଜଣଙ୍କୁ ବଛା ଯାଇଥିଲା। ଏହି କମିଟି ମନ୍ଦିରର ଉନ୍ନତି, ପରିଚାଳନା ସୌନ୍ଦର୍ଯ୍ୟକରଣ, ପରିବେଶର ସୁରକ୍ଷା ନେଇ କାର୍ଯ୍ୟକରିବ ବୋଲି ନୂତନ ସଭାପତି ଶ୍ରୀ ଭୁତିଆ ପ୍ରକାଶ କରିଥିଲେ । ଆଜିର ବୈଠକରେ ଦେବୀ ମିଶ୍ର, ବିକାଶ ସାହୁ ସନ୍ତୋଷ ଅଗ୍ରୱାଲ, ଲୁଲୁ ରାଉତ ପଞ୍ଚାନନ ସାହୁ, ଭଗୀରଥୀ ମହାପାତ୍ର, ବାବୁଲି ମହାରଣା, ତପନ ମହାରଣା, ଟୁକୁନା ସ୍ୱାଇଁ, ମେଘନାଦ ପରିଡା, ବଳରାମ କୁଣ୍ଡ, ଗୋପୀନାଥ ସାହୁ ବଳରାମ ବେହେରା, କାବୁଲି ସେନ, ଜିତେନ୍ଦ୍ର ଦାସ, ପ୍ରକାଶ ସାହୁ, ବାବୁନି ସ୍ୱାଇଁ ପ୍ରମୁଖଙ୍କ ସମେତ ବହୁ ସଦସ୍ୟମାନେ ଯୋଗ ଦେଇଥିଲେ। ପରବର୍ତ୍ତୀ ବୈଠକ ଆସନ୍ତା ୨୭ତାରିଖରେ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

# ନବ ଦାସ ଫାଉଣ୍ଡେସନ୍ ପକ୍ଷରୁ ରଚନା ଓ ବକ୍ତୃତା ପ୍ରତିଯୋଗିତା

ବ୍ରଜରାଜନଗର (ଭାସ୍କର ନ୍ୟୁଜ୍) : ନବ ଦାସ ଫାଉଣ୍ଡେସନ ପକ୍ଷରୁ ୨ୟ ଶ୍ରାଦ୍ଧ ବାର୍ଷିକୀ ପାଳନ ଅବସରରେ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟରେ ରଚନା ଏବଂ ବକ୍ତୃତା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି । ଝାରସୁଗୁଡ଼ା ର ବିକାଶ କ୍ଷେତ୍ରରେ ନବଦାସଙ୍କ ଅବଦାନ ଶୀର୍ଷକ ରଚନା ପ୍ରତିଯୋଗୀତା ଏବଂ 'ନବ ଦାସ ଓ ଝାରସୁଗୁଡା' ଶୀର୍ଷକରେ ବକ୍ତୃତା ପ୍ରତିଯୋଗୀତା ଆୟୋଜିତ ହୋଇଥିଲା। ଜିଲ୍ଲାର ବିଭିନ୍ନ ସ୍କୁଲ କଲେଜର ଶତାଧିକ ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ। ଡାକ୍ତର ବିଶ୍ୱଜିତ୍ ଖମାରୀ, ତପନ ବାରିକ, ମେହେବୁବ ମହତାବ, ରାଧାମୋହନ ପାଣ୍ଡେ, ନରେନ୍ଦ୍ର ପଣ୍ଡା, ମନ୍ଦାକିନୀ ଶତପଥୀ, ତପନ ସାହୁ, ହିମାଂଶୁ ଶେଖର ମହାକୁଡ, ବିରାଟ ରାଜ ପ୍ରଧାନ ଏହି ପ୍ରତିଯୋଗୀତାର ବିଚାରକ ମଣ୍ଡଳୀ ରହିଥିବାବେଳେ ଏହି ଅବସରରେ ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ସ୍କୁଲ କଲେଜର ଶତାଧିକ ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ନବ ଦାସଙ୍କ ସୁପୁତ୍ରୀ ଦୀପାଳି ଦାସ ଏବଂ ଜିଲ୍ଲା ବିଜେଡି ସଭାପତି ରବି ସିଂହ, ତାପସରାୟ ଚୌଧୁରୀ, ମହିଳା ସଭାନେତ୍ରୀ ରୋଜାଲିନ ପଟେଲ ଅତିଥି ଭାବରେ ଯୋଗ ଦେଇଥିଲେ । ଏହି ପ୍ରତିଯୋଗୀତାର ଆୟୋଜନରେ ପିଣ୍ଟୁ ପାଢ଼ୀ, ଲୋକନାଥ ତିଓ୍ୱାରୀ, କାହ୍ନା, ଉମେଶ ବେହେରା, ସୁବାସ କେଡିଆ, ସୂର୍ଯ୍ୟକାନ୍ତୀ ମହାପାତ୍ର, ନବନିତ କୋର, ଦୀପା ନାଏକ, ଏ ନୁର ପ୍ରମୁଖ ସହଯୋଗ କରିଥିଲେ।

## ଉପ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ମିଳିତ ଅଭିଯୋଗ ଶୁଣାଣି

ଭଞ୍ଜନଗର (ଭାସ୍କର ନ୍ୟୁଜ୍): ଭଞ୍ଜନଗରରେ ଜିଲ୍ଲାସ୍ତରୀୟ ଦିବ୍ୟାଙ୍ଗ ଓ ସାଧାରଣ ଜନତାଙ୍କ ଜନ ସମାଧାନ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ସମୁଦାୟ ୧୫୬ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ବ୍ୟକ୍ତିଗତ ଅଭିଯୋଗ ୧୪୯ଟି ଥିବାବେଳେ, ଗ୍ରାମୀୟ ଅଭିଯୋଗ ୭ଟି ଥିଲା । ଅତିରିକ୍ତ ଜିଲ୍ଲାପାଳ ତ୍ୱରିତ ୯ଟି ଅଭିଯାଗର ଫଇସଲା କରିଥିଲେ। ଆଜିର ଅଭିଯୋଗ ସମୟରେ ଅତିରିକ୍ତ ଜିଲ୍ଲାପାଳ ରେଡ଼କ୍ରସ ପାଣ୍ଠିରୁ ତିନି ଜଣଙ୍କୁ ୨୨ ହଜାର ଟଙ୍କା ସେଥିରୁ ଦୁଇ ଜଣଙ୍କୁ ଦଶହଜାର ଟଙ୍କା ହିସାବରେ କୋଡିଏ ହଜାର ଟଙ୍କା ଏବଂ ଆଉ ଜଣଙ୍କୁ ଦୁଇ ହଜାର ଟଙ୍କା ପ୍ରଦାନ କରିଥିଲେ। ଅଭିଯୋଗ ଗୁଡିକ ମଧ୍ୟରେ ମୁଖ୍ୟତଃ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଖାଉଟି କାର୍ଡ ବାର୍ଦ୍ଧକ୍ୟ ଭତ୍ତା ଉପରେ ଥିଲା। ଗ୍ରହଣ କରିଥିବା ଆବେଦନଗୁଡିକର ଶୁଣାଣି କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପ୍ରେରଣ କରାଯାଇ ତୁରନ୍ତ ସମାଧାନ କରିବା ଦିଗରେ ଅତିରିକ୍ତ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଏହି ଅଭିଯୋଗ ଶୁଣାଣି ସମୟରେ ଗଞ୍ଜାମ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ପ୍ରମୋଦ କୁମାର ପୃଷ୍ଟି, ଭଞ୍ଜନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଞ୍ଜନ କୁମାର ଦେ, ଭଞ୍ଜନଗର ଉପଜିଲ୍ଲାପାଳ ଅନିଲ କୁମାର ସେଠୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା, ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୀତାଂଶୁ ଶେଖର ସତପଥୀ, ଭଞ୍ଜନଗର ତହସିଲଦାର ଉମାଶଙ୍କର ବେହେରା, ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନ, ପୂର୍ତ୍ତ ବିଭାଗ ଏସ୍‌ଡିଓ ପ୍ରତାପ ନାୟକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଏସ ଧନଞ୍ଜୟ, ବିଜ୍ଞାପିତ ଅଞ୍ଚଳ ଭଞ୍ଜନଗର କାର୍ଯ୍ୟନିର୍ବାହୀ ଅଧିକାରୀ ମୁରଲୀ କୃଷ୍ଣ ପଣ୍ଡା, ଅତିରିକ୍ତ ଯୋଗାଣ ଅଧିକାରୀ ଅସିତ କୁମାର ମହାନ୍ତି, ସାମାଜିକ ସୁରକ୍ଷା ଅଧିକାରୀ ଏସିଓ ଶବର, ଭଞ୍ଜନଗର ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ ଏବଂ ପ୍ରତ୍ୟେକ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଦୁଇଦିନିଆ କୁଶପଙ୍ଗି ନାଟ୍ୟ ମଞ୍ଚ ଉତ୍ସବ ଉଦ୍‌ଯାପିତ



ବାଙ୍କୀ (ଭାସ୍କର ନ୍ୟୁଜ୍) : ଡମପଡା ବ୍ଲକଅନ୍ତର୍ଗତ କୁଶପଙ୍ଗି ଗ୍ରାମରେ କୁଶପଙ୍ଗୀ ନାଟ୍ୟ ମଞ୍ଚ ଆନୁକୂଲ୍ୟରେ ଦୁଇ ଦିନିଆ ଯାତ୍ରା ଉତ୍ସବ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଶନିବାର ଆରମ୍ଭ ହୋଇଥିବା ଏହି ଉତ୍ସବର ପ୍ରଥମ ଦିନରେ ପୌରାଣିକ ଓ ଦ୍ୱିତୀୟ ଦିନରେ ସାମାଜିକ ନାଟକ ପରିବେଷଣ କରାଯାଇଥିଲା। ଉଦ୍‌ଘାଟନୀ ଦିବସରେ କୁଶପଙ୍ଗୀର ଶ୍ରୀ ଶ୍ରୀ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ମହାନ ପୌରାଣିକ ଗୀତିନାଟ୍ୟ କର୍ଣ୍ଣବଧ ପରିବେଷଣ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ବାଙ୍କୀର ପୂର୍ବତନ ନଗରପାଳ ତଥା ବରିଷ୍ଠ ଆଇନ୍‌ଜୀବୀ ସୁବାଷ ଚନ୍ଦ୍ର ମିଶ୍ର, ଭବାନୀପ୍ରସାଦ ଧଳସାମନ୍ତ, ଯୁବ ଶିଳ୍ପଦ୍ୟୋଗୀ ପ୍ରବୋଧ କୁମାର ଜେନା ଓ ରାମଲୀଳା ନାଟ୍ୟ ସଂସଦ ସମ୍ପାଦକ ବିଭୁ ପସାଦ ନାୟକ ଅତିଥିଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ପ୍ରସିଦ୍ଧ ବାଲ୍ୟ ରାମଲୀଳା କଳାକାର ଶୁଭମ ଦାସ, ଶ୍ରେଷ୍ଠ ରାବଣ ରମେଶ ଚନ୍ଦ୍ର ସାହୁ, କିଶୋର ଅମୃତ ସୁବୁଦ୍ଧିରାୟ ଓ ବସନ୍ତ ବେଉରାଙ୍କୁ ସମ୍ମାନିତ କରାଯାଇଥିଲା। ସାମାଜିକ ନାଟକ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ବେଳେ ପୌରାଣିକ ଗିତୀନାଟ୍ୟକୁ ଲୋକାଭିମୁଖୀ କରିବା ପାଇଁ କୁଶପଙ୍ଗ ନାଟ୍ୟ ମଞ୍ଚ ଏହି ପଦକ୍ଷେପ ଦେଇଛି। ରବିବାର ନାଟ୍ୟ ମଞ୍ଚର ଉଦ୍‌ଯାପନୀ ଉତ୍ସବରେ ଲୋକପ୍ରିୟ ବିଜ୍ଞାନ ଶିକ୍ଷକ ମୁରଲୀଧର ମହାରଣା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଉଭୟ ଦିବସରେ ସାମାଜିକ କର୍ମୀ ଲକ୍ଷ୍ମୀଧର ବେଉରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ନାଟ୍ୟ ମଞ୍ଚ ପ୍ରତିଷ୍ଠାତା ଡ. ସ୍ମୃତିରଞ୍ଜନ ଲେଙ୍କା ଦୁଇ ଦିନର ମଞ୍ଚ ପରିଚାଳନା କରିଥିବା ବେଳେ ସଭାପତି ସୌମ୍ୟ ରଞ୍ଜନ ବେଉରା ସଭାପତିତ୍ୱ କରିଥିଲେ। ଶେଷ ଦିନରେ ଉପଦେଷ୍ଟା ସନ୍ତୋଷ କୁମାର ରଣା, ବିଚିତ୍ର ମୋହନ ସ୍ୱାଇଁ, ସମ୍ପାଦକ ଦିଲ୍ଲୀପ କୁମାର ବେଉରା, କୋଷାଧ୍ୟକ୍ଷ ଦିପ୍ତୀ ରଞ୍ଜନ ବେଉରା ମଞ୍ଚରେ ଉପସ୍ଥିତ ରହିଥିଲେ। ନାଟ୍ୟ ମଞ୍ଚର କଳାକାରଙ୍କ ଦ୍ୱାରା ସାମାଜିକ ନାଟକ 'କେତେ ଦୁଃଖ ଦବୁ କହ ଦଇବ' ମଞ୍ଚସ୍ଥ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବାଙ୍କୀର ବିସ୍ମୟ ପ୍ରତିଭା ତଥା ଯୋଗମାଷ୍ଟର ତେଜସ୍ୱିନୀ ଲେଙ୍କା, ଯୁବ କବି ସମୀର କୁମାର ବେଉରା, ପ୍ରଧାପକ ଡ. ବିଷ୍ଣୁପ୍ରସାଦ ମହାପାତ୍ର, ସାମ୍ବାଦିକ ମନୋଜ ଦଳେଇ, ଅଶୋକ କୁମାର ରଣା, ନାଟ୍ୟ ନିର୍ଦ୍ଦେଶକ ବେଣୁଧର ସ୍ୱାଇଁ, ଚନ୍ଦ୍ରମଣି ଲେଙ୍କାଙ୍କୁ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ନାଟ୍ୟ ମଞ୍ଚର ଶ୍ରେଷ୍ଠ ସହଯୋଗୀ ଭାବେ ବିଜୟ କୁମାର ବେଉରା, ସ୍ୱରୂପ ବେଉରା, ମାଷ୍ଟର କିଷ୍ଣା, ଅନିଲ କୁମାର ବେଉରା ଓ ସଞ୍ଜୟ କୁମାର ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ଉଭୟ ଦିବସରେ ନାଟ୍ୟ ମଞ୍ଚର ସଦସ୍ୟ ବ୍ରହ୍ମାନନ୍ଦ, ଜ୍ଞାନ ରନ, ନଶ୍ମୀରଞ୍ଜନ, ଜଳଧର, ବରେନ୍ଦ୍ର ବେଉରା, ଗମନ ସ୍ୱାଇଁ, ମାନସ ବେଉରା, ପରମାନନ୍ଦ ସାହୁ, ଚିନ୍ମୟ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

କରଞ୍ଜିଆ (ଭାସ୍କର ନ୍ୟୁଜ୍) : କରଞ୍ଜିଆରେ ମାସର ତୃତୀୟ ସୋମବାର ଦିନ ମୟୂରଭଞ୍ଜ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ପାଇଁ ପୂର୍ବରୁ ନିର୍ଦ୍ଧାରିତ ହୋଇଛି। ସେହି ଅନୁଯାଇ ଚଳିତ ମାସ ତୃତୀୟ ସମବାର ଆଜି ସର୍ବସାଧାରଣଙ୍କ ଅଭିଯୋଗର ଶୁଣାଣି ପାଇଁ ଜିଲ୍ଲାପାଳ ହେମକାନ୍ତ ସୋୟ ଓ ଜିଲ୍ଲାର ଏସ୍‌ପି ବରୁଣ ଘୁଣ୍ଟୁଭାଳି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଛନ୍ତି। ଏଥିରେ ମୋଟ ୮୮ ଗୋଟି ଅଭିଯୋଗ ଆଗତ ହୋଇଥଲା ସେଥିରୁ ୬୪ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ୨୪ଟି ଗୋଷ୍ଠୀଗତ ଥିଲା। ମୋଟ ଅଭିଯୋଗକାରୀଙ୍କ ମଧ୍ୟରୁ ଗୋଟିଏ ଅଭିଯୋଗର ତତ୍କାଳ ଶୁଣାଣୀ ହୋଇଥଲା । ଏହି ଶିବିରରେ ସହକାରୀ ଉପଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ଦାସଙ୍କ ସହିତ ଉପଖଣ୍ଡ ପୋଲିସ ଅଧିକାରୀ ସୁବ୍ରତ କୁମାର, ଡିଏଫଓ ଶ୍ରୀକାନ୍ତ ନାଏକ, ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷକ ଡାକ୍ତର ଅନିତା ସିଂ, କରଞ୍ଜିଆ ତହସିଲଦାର ବିଦ୍ୟାଧର ପତି, ଶୁକ୍ରୁଳି ତହସିଲଦାର ଯତୀନ୍ଦ୍ର ନାଥ ସେଠି, କରଞ୍ଜିଆ ଥାନା ଆଇଆଇସି ନିରୋଦ କୁମାର ମଲିକ, ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ନିର୍ବାହୀ ଯନ୍ତ୍ରୀ ଶ୍ରୀକାନ୍ତ ରାଉତ, ଦେଓ ବନ୍ଧ ଯୋଜନାର ଅଧିକ୍ଷଣ ଯନ୍ତ୍ରୀ ନାରାୟଣ ଦାସ, ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ଶୌରଶୁ ପରିଡା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ସହକାରୀ ଜିଲ୍ଲାପାଳ ନିହାର ରଞ୍ଜନ ସେଠୀ, ପାଞ୍ଚ ବ୍ଲକର ବିଡିଓ ତଥା ସମସ୍ତ ବ୍ଲକ ଲାଇନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସେକ୍ସନ ଅଫିସର୍ ଧିରେନ କୁମାର ଭୋଇ, ଷୋମେଶ ମହନ୍ତ, ଦିଲ୍ଲିପ କୁମାର ପଳେଇ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ ।



## ରାଶିଫଳ

ମଙ୍ଗଳବାର, ୨୧ ଜାନୁଆରୀ ୨୦୨୫



**ମେଷ:** ଜୀବନସାଥୀ ସହିତ ଭଲ ସମୟ ଅତିବାହିତ ହେବ। ବ୍ୟବସାୟ ବୃଦ୍ଧି ପାଇବ। ଚାକିରିରେ ଶାନ୍ତି ରହିବ। ବିନିଯୋଗ ଲାଭଦାୟକ ହେବ। ବାକି କାମ ସରିଯିବ। ଘର ବାହାରେ ସୁଖ ଏବଂ ଶାନ୍ତି ରହିବ। ଆଇନଗତ ପ୍ରତିବନ୍ଧକ ହଟାଇବା ପରେ ପରିସ୍ଥିତି ଅନୁକୂଳ ହେବ। ଶୀଘ୍ର ଟଙ୍କା ଖର୍ଚ୍ଚ ହୋଇପାରେ।



**ବୃଷ:** ଅଂଶୀଦାରମାନଙ୍କ ସହଯୋଗକୁ ଠିକ୍ ସମୟରେ ପାଇ ଖୁସି ହେବେ। ଚାକିରିରେ ଆପଣ ଅଧସ୍ତନଙ୍କ ସମର୍ଥନ ପାଇବେ। ବ୍ୟବସାୟ ଭଲ ହେବ। ଅନ୍ୟମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ। ସ୍ଥିର ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ଏକ ବଡ଼ ଲାଭ ଦେଇପାରେ।



**ମିଥୁନ:** ସାଙ୍ଗମାନଙ୍କ ସହିତ ସମୟ ଭଲ ରହିବ। ସ୍ୱାଦିଷ୍ଟ ଖାଦ୍ୟ ଉପଭୋଗ କରନ୍ତୁ। ବୌଦ୍ଧିକ କାର୍ଯ୍ୟ ସଫଳ ହେବ । ଆପଣ ଜଣେ ଜ୍ଞାନୀ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ। ପାର୍ଟି ଏବଂ ପିକନିକ୍ ଯୋଜନା କରାଯିବ। ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର। ଶତ୍ରୁମାନେ ସକ୍ରିୟ ରହିବେ। ପତିପତ୍ନୀଙ୍କ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ।



**କର୍କଟ:** ବିପଦ ଏବଂ ସୁରକ୍ଷା କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ତତ୍ପରତା ନାହିଁ। ଘର ବାହାରେ ଅଶାନ୍ତି ଦେଖାଯିବ। କାର୍ଯ୍ୟ ବାଧାପ୍ରାପ୍ତ ହେବ। ଚାକିରିରେ ଆୟ ଏବଂ କାର୍ଯ୍ୟଭାର ହ୍ରାସ ହେବ। ଦୁଃଖଦ ଖବର ପାଇ ନକାରାତ୍ମକତା ବୃଦ୍ଧି ପାଇବ। ବ୍ୟବସାୟରେ କୌଣସି ସନ୍ତୋଷ ରହିବ ନାହିଁ । ଅଂଶୀଦାରମାନଙ୍କ ସହିତ ପାର୍ଥକ୍ୟ ହୋଇପାରେ।



**ସିଂହ:** ଆପଣ ସାଙ୍ଗମାନଙ୍କ ସହିତ ସହଯୋଗ କରିବାକୁ ସମର୍ଥ ହେବେ। ଋଣରେ ହ୍ରାସ ଘଟିବ। ତୃପ୍ତି ହେବ। ବ୍ୟବସାୟ ସୁରୁଖୁରୁରେ ଚାଲିବ। ଆପଣ ଆପଣଙ୍କର ପ୍ରଭାବ ବୃଦ୍ଧି କରିପାରିବେ। ଚାକିରିରେ ସୁସଙ୍ଗତତା ରହିବ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟ କରନ୍ତୁ ନାହିଁ।



**କନ୍ୟା:** ଘର ବାହାରେ ପରିସ୍ଥିତି ଅନୁକୂଳ ହେବ। ସେଠାରେ ଖୁସିର ପରିବେଶ ରହିବ। ଦୂରରୁ ସୁସମାଚାର ଗ୍ରହଣ କରାଯିବ। ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ। ବ୍ୟବସାୟରେ ତତ୍ପର ହୁଅନ୍ତୁ ନାହିଁ । ଆଘାତ ଏବଂ ଦୁର୍ଘଟଣାରୁ ଦୂରେଇ ରୁହନ୍ତୁ।



**ତୁଳା:** ବ୍ୟବସାୟ ଯାତ୍ରା ସଫଳ ହେବ। ଅପ୍ରତ୍ୟାଶିତ ଲାଭର ସମ୍ଭାବନା ଅଛି । ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ବ୍ୟବସାୟ ଭଲ ହେବ। ଚାକିରିରେ ଅଧିକାର ବୃଦ୍ଧି ପାଇପାରେ। ଜୁଆ ଖେଳ, ବେଟିଂ ଏବଂ ଲଟେରୀର ଜାଲରେ ପଡ଼ନ୍ତୁ ନାହିଁ। ଉତ୍ତେଜନାକୁ ନିୟନ୍ତ୍ରଣ କରନ୍ତୁ। ତୁମେ ତୁମର ଜୀବନସାଥୀଙ୍କଠାରୁ ସମର୍ଥନ ପାଇବ।



**ବିଛା:** ଆୟରେ ନିଶ୍ଚିତତା ରହିବ। ଅପ୍ରତ୍ୟାଶିତ ଖର୍ଚ୍ଚ ଆସିବ। ଯଦି କୌଣସି ବ୍ୟବସ୍ଥା ନାହିଁ, ତେବେ ଅସୁବିଧା ହେବ। ବ୍ୟବସାୟ ହ୍ରାସ ପାଇବ। ଚାକିରିରେ ବିବାଦ ହୋଇପାରେ। ଅଂଶୀଦାରମାନଙ୍କ ସହିତ ପାର୍ଥକ୍ୟ ହୋଇପାରେ। ତୁମେ କ୍ଳାନ୍ତ ଅନୁଭବ କରିବ । ଆଶା କରାଯାଉଥିବା କାର୍ଯ୍ୟରେ ବାଧା ଆସିବ।



**ଧନୁ:** ବ୍ୟବସାୟ ଯାତ୍ରା ଅନୁକୂଳ ହେବ। ସେଠାରେ ଟଙ୍କା ରହିବ। ରିସ୍କ ନେବାକୁ ସାହସ କର। ଅଜ୍ଞାତ ଭୟ ଏବଂ ଚିନ୍ତା ହେବ। ଯାତ୍ରା ସଫଳ ହେବ। ଆଖି ଯନ୍ତ୍ରଣା ହୋଇପାରେ। କାରବାରରେ ସାବଧାନ ରୁହନ୍ତୁ। ବିନା ପ୍ରଶ୍ନରେ କାହାକୁ ପରାମର୍ଶ ଦିଅନ୍ତୁ ନାହିଁ । ଦେୟ ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ।



**ମକର:** ପ୍ରତିଷ୍ଠା ବୃଦ୍ଧି ପାଇବ। ସୁଖର ମାଧ୍ୟମ ସଂଗ୍ରହ ହେବ। ଚାକିରିରେ ପ୍ରାଧାନ୍ୟ ରହିବ। ଆୟର ଉତ୍ସ ବୃଦ୍ଧି ପାଇପାରେ। ବ୍ୟବସାୟ ଲାଭଦାୟକ ହେବ। ବିନିଯୋଗ ଭଲ ହେବ। ଘର ବାହାରେ ସହଯୋଗ ଏବଂ ସୁଖରେ ବୃଦ୍ଧି ଘଟିବ। ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। ସାମାଜିକ କାର୍ଯ୍ୟ କରିବାକୁ ଇଚ୍ଛା ଜାଗ୍ରତ ହେବ ।



**କୁମ୍ଭ:** ଲାଭ ପାଇଁ ସୁଯୋଗ ଆସିବ। ସେଠାରେ ଖୁସିର ପରିବେଶ ରହିବ । ଆପଣ ଅଧସ୍ତନମାନଙ୍କ ସମର୍ଥନ ପାଇବେ। ଏକ ସାମାଜିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ସୁଯୋଗ ଥାଇପାରେ।ଅନ୍ୟର କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ। ପୂଜାପାଠ ଏବଂ ସତସଙ୍ଗରେ ଆଗ୍ରହ ରହିବ। କୋର୍ଟ ଏବଂ କୋର୍ଟର କାର୍ଯ୍ୟ ଅନୁକୂଳ ହେବ।



**ମୀନ:** ବ୍ୟବସାୟ ଭଲ କରିବ। ବନ୍ଧୁ ଏବଂ ସମ୍ପର୍କୀୟମାନେ ସାହାଯ୍ୟ କରିବେ । ଆୟ ଜାରି ରହିବ। ରିସ୍କ ନିଅ ନାହିଁ। କ୍ରୋଧ ଏବଂ ଉତ୍ତେଜନାକୁ ନିୟନ୍ତ୍ରଣ କରନ୍ତୁ । ପୁରୁଣା ରୋଗ ଅବରୋଧର କାରଣ ହେବ । ସ୍ୱାସ୍ଥ୍ୟ ଖର୍ଚ୍ଚ ହେବ। ଯାନ ଏବଂ ଯନ୍ତ୍ରର ବ୍ୟବହାରରେ ଅସାବଧାନ ହୁଅନ୍ତୁ ନାହିଁ । ଏକ ଛୋଟ ଭୁଲ ସମସ୍ୟାକୁ ବଢାଇପାରେ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯




କନ୍ଧମାଳ(ଭାସ୍କର ନ୍ୟୁଜ): ରୋଟାରୀ କ୍ଲବ୍ ଫୁଲବାଣୀ ତରଫରୁ ଏକ ସ୍ୱତନ୍ତ୍ର ଦକ୍ଷତା ବିକାଶ ସଂପର୍କୀୟ ତାଲିମ କାର୍ଯ୍ୟକ୍ରମ ପବ୍ଲିକ ସ୍କୁଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟତଃ ଯୁବପିଢ଼ିଙ୍କ ପାଇଁ ସରକାରଙ୍କ ତରଫରୁ ଦିଆଯାଉଥିବା ବିଭିନ୍ନ ତାଲିମ୍ ସଂପର୍କରେ ବିଶିଷ୍ଟ ସାଧନ କର୍ମୀ ସନ୍ଧ୍ୟାରାଣୀ ମହାନ୍ତି, ପ୍ରଦୀପ ସ୍ୱାଇଁ ଏବଂ ପାନୁଏଲ୍ ଦିଗାଲ୍ ଆଲୋଚନା ମାଧ୍ୟମରେ ବୁଝାଇଥିଲେ। ସଭାପତି ବିପ୍ରଚରଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ତାଲିମ୍ ଅବସରରେ ଅନ୍ୟତମ ଅତିଥି ରୂପେ ଯୋଗଦେଇ ଜିଲ୍ଲା ସୁରକ୍ଷା ଅଧିକାରୀ ଶ୍ରୀମତୀ ବେହେରା ଉପସ୍ଥିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମାନବିକ ମୂଲ୍ୟବୋଧର ବିକାଶ ଉପରେ ପ୍ରାଧାନ୍ୟ ଦେଇ ଦକ୍ଷତାର ବିକାଶ ପାଇଁ ପ୍ରୟାସ ଜାରି ରହିଲେ ଆତ୍ମବିଶ୍ୱାସ ବଢ଼ାଇବାରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସନ୍ତୋଷ କୁମାର ପାଢ଼ୀ ଅନେକ ଉପାଦେୟ ଉଦାହରଣ ମାଧ୍ୟମରେ ନିଜ ମଧ୍ୟରେ ଥିବା କୌଶଳର ବିକାଶ ପାଇଁ ଆଗ୍ରହ ଓ ନିଷ୍ଠା ରଖିବାକୁ ପରାମର୍ଶ ଦେଇଥିଲେ। ନିଜର ଦକ୍ଷତାର ବିକାଶ ସହ ସୁନାଗରିକ ହେବାକୁ ପରାମର୍ଶ ଦେଇ ସେ କହିଥିଲେ ଯେ ଯୁବସମାଜ ପଇସା ପଛରେ ଦୌଡ଼ିବା ଆବଶ୍ୟକ ନାହିଁ, ବରଂ ଏତେ ଦକ୍ଷ ହୁଅନ୍ତୁ ଯେପରି ପଇସା ସେମାନଙ୍କ ପଛରେ ଦୌଡ଼ିବ। କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ସଂପାଦକ ବିଜୟ କୃଷ୍ଣ ପଟ୍ଟନାୟକ। ଅନ୍ୟମାନଙ୍କ ମଧ୍ୟରେ ରୋଟାରୀଆନ୍ ସର୍ବେଶ୍ୱର ମିଶ୍ର, ପଦ୍ମଚରଣ ସ୍ୱାଇଁ, ରବି ନାରାୟଣ ସୁବୁଦ୍ଧି, ପ୍ରକାଶ ପଣ୍ଡା, ମନୋରଞ୍ଜନ ପଟ୍ଟନାୟକ, ବିରଜା ନାହାକ, ବାବୁଲା ସାହୁ, ସନ୍ତୋଷ ପଣ୍ଡା, ଉପେନ୍ଦ୍ର ମହାପାତ୍ର,ରୂପକ ମହାନ୍ତିଙ୍କ ସମେତ ବହୁ ଶିକ୍ଷକ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଆଦିବାସୀଙ୍କ ଜୀବନ ଜୀବିକା ସାଜିଛି ଶାଳ ଦାନ୍ତକାଠି

ଉମରକୋଟ(ଭାସ୍କର ନ୍ୟୁଜ): ଅବିଭକ୍ତ କୋରାପୁଟ ଜିଲ୍ଲା ବଣ ଜଙ୍ଗଲ ପାହାଡରେ ପରିପୂର୍ଣ୍ଣ। ବିଶେଷ କରି ଏହି ବଣ ଜଙ୍ଗଲ ଆଦିବାସୀମାନଙ୍କ ପାଇଁ କିଛି ରୋଜଗାରର ମାଧ୍ୟମ ସାଜିଛି।ଠିକ ଏହିପରି ଏକ ରୋଜଗାରର ମାଧ୍ୟମ ସାଜିଛି ଶାଳ ଦାନ୍ତକାଠି। ଅବିଭକ୍ତ କୋରାପୁଟ ଜିଲ୍ଲାରେ ଏହି ଶାଳ ଦାନ୍ତକାଠିର ବ୍ୟବହାର ପ୍ରାୟତଃ ସମସ୍ତ ବର୍ଗର ଲୋକ କରିଥାନ୍ତି । ନବରଙ୍ଗପୁର ଜିଲ୍ଲା ଉମରକୋଟ ଅଞ୍ଚଳର ଆଦିବାସୀଙ୍କ ଜୀବିକା ଯୋଗେଇବାରେ ସାହାଯ୍ୟ କରୁଛି ଏହି ଶାଳଗଛ ଦାନ୍ତକାଠି। ଉମରକୋଟ ଆଖପାଖ ଅଞ୍ଚଳର ଆଦିବାସୀମାନେ ଗୋଟିଏ ଦିନ ପୂର୍ବରୁ ଶାଳବଣକୁ ଯାଇ ଶାଳ



ଗଛରେ ବାହାରୁଥିବା ଛୋଟ ଛୋଟ ଡାଳଗୁଡିକୁ ଭାଙ୍ଗି ତାକୁ ଏକାଠି କରିବା ସହ ଛୋଟ ଛୋଟ ବିଡ଼ା କରି ବାନ୍ଧିଥାନ୍ତି ଏବଂ ସକାଳୁ ସକାଳୁ ବଜାରକୁ ଆଣିଥାନ୍ତି। ଏହି ଶାଳ ଦାନ୍ତକାଠିରେ ଦାନ୍ତ ଘଷିଲେ ଦାନ୍ତ ଶକ୍ତରହିବା ସାଙ୍ଗକୁ ଉଜ୍ଜ୍ୱଳ ରହେ ଏବଂ ସେଥିରେ କିଛିମାତ୍ରାରେ ଔଷଧୀୟ ଗୁଣଥିବାରୁ ଦାନ୍ତରୁ ଦୁର୍ଗନ୍ଧ ଦୂର ହେଉଥିବାରୁ ଏଥିପାଇଁ ଗ୍ରାହକମାନେ ମଧ୍ୟ ଆଗଭର ହୋଇ ଏହାକୁ କିଣି ଏହାକୁ ବ୍ୟବହାର କରିଥାନ୍ତି।ଦାନ୍ତକାଠିକୁ ବଜାରରେ ବିଡା ପ୍ରତି ଦଶଟଙ୍କାରେ ବିକ୍ରି କରିଥାନ୍ତି ଏବଂ ଭଲ ରୋଜଗାର ବି କରିଥାନ୍ତି। ଅବିଭକ୍ତ କୋରାପୁଟ ଜିଲ୍ଲାରେ ଶାଳ ଜଙ୍ଗଲର ପରିମାଣ ଅଧିକ ଥିବାରୁ ଏଠିକାର ଆଦିବାସୀଙ୍କ ରୋଜଗାର ବଢ଼ାଇବାରେ ସାହାଯ୍ୟ କରୁଛି । ଋତୁ ଅନୁଯାୟୀ ଏହି ଶାଳ ଜଙ୍ଗଲରୁ ବିଭିନ୍ନ ପ୍ରକାର ଜିନିଷ ମିଳିଥାଏ ଯେପରି ଶାଳଗଛରୁ ଶାଳମଞ୍ଜି, ଖୋଲି ପାଇଁ ଶାଳପତ୍ର ଖୋଲି, ଦାନ୍ତକାଠି, ଝୁଣା ଧୂପ ଏବଂ ଲୋକଙ୍କ ଅତିପ୍ରିୟ ଛତୁ ଶାଳଗଛ ଦ୍ୱାରା ହେଉଥିବା ବଡ଼ା ଛତୁ। ଏହି ଦ୍ରବ୍ୟମାନଙ୍କୁ ବଜାରରେ ବିକ୍ରି କରି ଭଲ ଦୁଇ ପଇସା ରୋଜଗାର କରିଥାନ୍ତି ଆଦିବାସୀ ମାନେ।

# ଦିନ ଦ୍ୱିପ୍ରହରରେ ସୁନା ଦୋକାନରୁ ଚୋରି

ଉମରକୋଟ(ଭାସ୍କର ନ୍ୟୁଜ): ଦିନ ଦ୍ୱିପହରରେ ସୁନା ଚୋରି କରି ଚୋର ଫେରାର, ଦୋକାନୀ ଅବାକ। ଏଭଳି ଏକ ଘଟଣା ଘଟିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରରେ ଥିବା ପୁରାତନ ବସଷ୍ଟାଣ୍ଡର ଡେଲି ମାର୍କେଟରେ ଥିବା ପୂଜା ସୁନାଦୋକାନରେ। ସୂଚନା ଅନୁଯାୟୀ ସୁନାର ଲକେଟ୍ କିଣିବାକୁ ଦୁଇଜଣ ବ୍ୟକ୍ତି ଆସି ଚୋରି କରି ନେଲେ ଦେଢ ଲକ୍ଷରୁ ଅଧିକ ଟଙ୍କାର ସୁନା ମୁଦି। ଏନେଇ ଦୋକାନ ମାଲିକ ଶମ୍ଭୁ କର୍ମକାର ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଶମ୍ଭୁ ଙ୍କ ଏତଲା ଅନୁସାରେ ଦୁଇଜଣ ଅଜଣା ଗ୍ରାହକ ଗତକାଲି ଦିନ ୧୨ ଘଟିକା ସମୟରେ ସୁନାର ଲକେଟ୍ କିଣିବାକୁ ଆସିଥିଲେ। ଏହି ଦୁଇ ଅଜଣା ଗ୍ରାହକ ୩୨୦୦ ଟଙ୍କା ଦେଇ ସୁନାର ଲକେଟ୍ କିଣିଥିଲେ। ଏହି ସମୟରେ ଶମ୍ଭୁଙ୍କ ମୋବାଇଲକୁ ଫୋନ୍



ଆସିବାରୁ ଶମ୍ଭୁ ଫୋନରେ ବ୍ୟସ୍ତ ହୋଇଗଲେ। ଏହାର ସୁଯୋଗ ନେଇ ଅଜଣା ଦୁଇ ଗ୍ରାହକ ଶମ୍ଭୁଙ୍କ ଦ୍ରରୁ ୫ ଟି ୩୦ ଗ୍ରାମର ସୁନା ମୁଦି ଯାହାର ମୂଲ୍ୟ ଆନୁମାନିକ ଦେଢ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ଚୋରି କରି ନେଇଯାଇଥିଲେ। ଏନେଇ ଶମ୍ଭୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଦୋକାନରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରିଥିଲେ। ସିସିଟିଭି ଫୁଟେଜ ଯାଞ୍ଚ ପରେ ଅଭିଯୁକ୍ତ ମାନେ ସୁନା ଚୋରି କରି ନେଇଥିବା ଜଣାପଡିଛି। ସିସିଟିଭି ଫୁଟେଜ ଆଧାରରେ ପୋଲିସ ଦୁଇ ଅଜଣା ଗ୍ରାହକ ଙ୍କ ବିଭିନ୍ନ ଦିଗରେ ଅନୁସନ୍ଧାନ ଚଳାଇଥିବା ଭାରପ୍ରାପ୍ତ ଥାନା ଅଧିକାରୀ ଶିବଜି ପଣ୍ଡା କହିଛନ୍ତି।

# ଖୁବ୍‌ଶୀଘ୍ର ଜୟପୁର-ମାଲକାନଗିରି ରେଳ ଲାଇନ୍ କାମ

ମାଲକାନଗିରି (ଭାସ୍କର ନ୍ୟୁଜ): ଜୟପୁର ଠାରୁ ଟାଙ୍ଗିଣି ଗୁଡ଼ା ପର୍ଯ୍ୟନ୍ତ କାମ ଲାଗି ୬୪୨ କୋଟିର ଟେଣ୍ଡର ପରେ ଆଉ ପାଦେ ଆଗେଇଛି ଜୟପୁର-ମାଲକାନଗିରି ନୂଆ ରେଳ ଲାଇନ୍ କାମ । ଯାହାକୁ ନେଇ ଗୋବିନ୍ଦପାଲ୍ଲୀ ଘାଟିରେ ତିଆରି ହେବ ୧୧ ଗୋଟି ଟନେଲ୍ । ଏଥିରେ ରହିଛି ସର୍ବାଧିକ ୩ କିମି ଏବଂ ସର୍ବନିମ୍ନ ୧୨୦ ମିଟରର ସୁଡ଼ଙ୍ଗ । ଟେବୁଲଟପ୍ ସର୍ଭେ, ମ୍ୟାପିଙ୍ଗ ସହ ଅନ୍ୟାନ୍ୟ ପ୍ରାରମ୍ଭିକ କାମ ଲାଗି ବିଭାଗ ୬ କୋଟି ଟଙ୍କାର ଟେଣ୍ଡର ଆହ୍ୱାନ କରିଛି। ଟେଣ୍ଡର ପ୍ରକ୍ରିୟା ସରିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ପୂର୍ବତଟ ରେଲୱେ ୱାଲଟିଅର ଡିଭିଜନ୍‌ର ଡେପୁଟି ଚିଫ୍ ଇଞ୍ଜିନିୟର ବାଉରୀ ବନ୍ଧୁ ମହାରଣା କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗତ ଜାନୁଆରୀ ୧୩ରେ ଇ-ଟେଣ୍ଡର ଡକାଯାଇଛି। ଟେବୁଲଟପ୍ ସର୍ଭେ, ମ୍ୟାପିଙ୍ଗ ପାଇଁ ୬ କୋଟି ମଞ୍ଜୁର ହୋଇଛି ।



ଜୟପୁର-ମାଲକାନଗିରି ରେଳ ପ୍ରକଳ୍ପ ଲାଗି ବ୍ରଡଗଜ୍ ଲାଇନ୍ ବିଛାଯିବ। କୋରାପୁଟ ଜିଲ୍ଲା ବୈପାରିଗୁଡ଼ା ବ୍ଲକର ଟାଙ୍ଗିଣିଗୁଡ଼ା ଏବଂ ମାଲକାନଗିରି ଜିଲ୍ଲାର ଗୋବିନ୍ଦପାଲ୍ଲୀ ଷ୍ଟେସନ୍ ମଧ୍ୟରେ ରାସ୍ତା ହେବ। ଗୋବିନ୍ଦପାଲ୍ଲୀ ଘାଟି କୁହାଯାଉଥିବା ଅଞ୍ଚଳରେ ତିଆରି ହେବ ୧୧ ଗୋଟି ଛୋଟବଡ଼ ଟନେଲ । ପ୍ରଥମ ଟନେଲ୍ ସର୍ବାଧିକ ୩ କିମି, ସର୍ବନିମ୍ନ ୧୨୦ ମିଟରର ସୁଡ଼ଙ୍ଗ ପ୍ରଥମ ଟନେଲ ୪୬୦ ମିଟର, ଦ୍ୱିତୀୟ ୭୫୦, ତୃତୀୟ ୫୯୦, ଚତୁର୍ଥ ୧୦୦, ପଞ୍ଚମ ୩ କିମି, ଷଷ୍ଠ ୧୭୫୦, ସପ୍ତମ ୫୩୦, ଅଷ୍ଟମ ୧୮୦, ନବମ ୧୨୧, ଦଶମ ୧୨୦ ଏବଂ ଏକାଦଶର ଲମ୍ବ ହେଉଛି ୪୫୦ ମିଟର। ଏଥିଲାଗି ବିଜ୍ଞାପନ ମୂଲ୍ୟ ରହିଛି ୬ କୋଟି ୧୬ ହଜାର ୮୬୫ ଟଙ୍କା।

## ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

କୋରାପୁଟ(ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ପଟାଙ୍ଗି ଥାନା ରାଲେଗଡା ପଞ୍ଚାୟତ ନିକଟସ୍ଥ ବୋଡାପାଡୁ ଗ୍ରାମ ଛକରେ ଗ୍ୟାସ ଟ୍ୟାଙ୍କର ଚକାତଳେ ପଡି ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତ ବାଇକ ଚାଳକ ଜଣକ ହେଲେ ଆବୁଡୁ ରାଜୁ । ସୂଚନା ଅନୁଯାୟୀ, ସୁଙ୍କି ପଞ୍ଚାୟତ ଇପାବାଲସା ଗ୍ରାମର ରାଜୁ ବାଇକ୍ ( ଏପି୩୧ସିଏଚ୭୩୮୪) ଯୋଗେ ପଟାଙ୍ଗିରୁ ନିଜ ଗ୍ରାମକୁ ଫେରୁଥିବା ସମୟରେ ବିପରୀତ ଦିଗ ଆନ୍ଧ୍ରରୁ ପଟାଙ୍ଗି ଅଭିମୁଖେ ଆସୁଥିବା ଏକ ଗ୍ୟାସ୍ ଟାଙ୍କି ବୋଝେଇ ଟ୍ରକ (ଏପି ୩୯ଭିଇ୫୯୪୪) ଚକା ତଳେ ଭାରସାମ୍ୟ ହରାଇ ରାଜୁ ପଡିଯାଇଥିଲେ । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ସମ୍ପର୍କରେ ଖବର ପାଇ ଏସ୍‌ଆଇ ପ୍ରଦୀପ୍ତ ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ପଟାଙ୍ଗୀ ପୋଲିସ ଏଏସଆଇ ମାଧବ ତାଡିଙ୍ଗି ଏବଂ କର୍ମଚାରୀ ଦୁର୍ଘଟଣା ସ୍ଥଳେ ପହଞ୍ଚି ୨୬ନଂ ଜାତୀୟ ରାଜପଥ ଉପରୁ ମୃତଦେହ ଉଠାଇ ଆମ୍ବୁଲାନ୍ସ ଯୋଗେ ପଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରି ଟ୍ରକକୁ ଜବତ କରି ତଦନ୍ତ କରୁଛନ୍ତି। । ଜାତୀୟ ରାଜପଥରେ ଯେପରି ଗାଡି ଚଳାଚଳ ସ୍ୱାଭାବିକ ରହିବ ସେନେଇ ଦୃଷ୍ଟି ରଖିଛି ପଟାଙ୍ଗି ଥାନା ପୋଲିସ ।

# ବିଜେପିର ନବ ନିର୍ବାଚିତ ମଣ୍ଡଳ ସଭାପତି ଓ ମଣ୍ଡଳ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା



କୁଚିଣ୍ଡା (ଭାସ୍କର ନ୍ୟୁଜ): କୁଚିଣ୍ଡା ଟାଉନ ହଲ ଠାରେ ଭାରତୀୟ ଜନତା ପାର୍ଟିର କୁଚିଣ୍ଡା ନିର୍ବାଚନ ମଣ୍ଡଳୀ ସ୍ତରୀୟ ସମସ୍ତ ନବ ନିର୍ବାଚିତ ମଣ୍ଡଳ ସଭାପତି ଏବଂ ମଣ୍ଡଳ ପ୍ରତିନିଧିମାନଙ୍କ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଭାକୁ ମହେଶ ରାୟ ପରିଚାଳନା କରିଥିଲେ ଏବଂ ଏହି ସମ୍ବର୍ଦ୍ଧନା ସଭାରେ ମାନ୍ୟବର ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତି ରାଜ ଏବଂ ପାନୀୟ ଜଳମନ୍ତ୍ରୀ ରବି ନାରାୟଣ ନାଏକ ଯୋଗଦେଇ ସମସ୍ତ ୭ ଗୋଟି ମଣ୍ଡଳ ସଭାପତି ପ୍ରାଣବନ୍ଧୁ ନାଥ, ବିଷ୍ଣୁ ଅଗ୍ରୱାଲ, ବାବୁ ସାହୁ, ରାଜକୁମାର ରକ୍ସା, ଚୂଡ଼ାମଣି ମାକର, ମନୋଜ ମାଝି, ବିଜୟ ନାଏକ ଏବଂ ସମସ୍ତ ମଣ୍ଡଳ ପ୍ରତିନିଧି ଯଶକେତନ ପଟେଲ, ପଦ୍ମଚରଣ ଗୁରୁ, ସୁରେନ୍ଦ୍ର ସେଠ, ଉପେନ୍ଦ୍ର ପଟେଲ, ପବନ ପଟେଲ, ସୁନିଲ ମୁଦଲି ଙ୍କୁ ମାନ୍ୟବର ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ମାନ୍ୟବର ମନ୍ତ୍ରୀ ସମସ୍ତ କାର୍ଯ୍ୟକର୍ତ୍ତାମାନଙ୍କୁ ତୃଣମୂଳ ସ୍ତରରେ ସରକାରଙ୍କ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚେଇବା ସହିତ ଲୋକଙ୍କ ସେବାରେ ନିୟୋଜିତ ରହିବା ପାଇଁ କାର୍ଯ୍ୟକର୍ତ୍ତାମାନଙ୍କୁ ଆହ୍ୱାନ କରିଥିଲେ।

# ଜିଲ୍ଲାସ୍ତରୀୟ ଯୋଗ ଶିବିର ପାଇଁ ପ୍ରସ୍ତୁତି ବୈଠକ

ବ୍ରଜରାଜନଗର(ଭାସ୍କର ନ୍ୟୁଜ):ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଆଜି ଭାରତ ସ୍ୱାଭିମାନ ଟ୍ରଷ୍ଟ ପକ୍ଷରୁ ଆସନ୍ତା ୨୫,୨୬,୨୭ ତିନିଦିନିଆ ଜିଲ୍ଲାସ୍ତରୀୟ ଯୋଗ ଶିବିର ପାଇଁ ଭାରତ ସ୍ୱାଭିମାନ ଟ୍ରଷ୍ଟ ଜିଲ୍ଲାସ୍ତରୀୟ କର୍ମକର୍ତ୍ତା ମାନଙ୍କ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି



କ୍ଷ ଏହି ବୈଠକ ରେ ଭାରତ ସ୍ୱାଭିମାନ ଟ୍ରଷ୍ଟ ଜିଲ୍ଲା ମୁଖ୍ୟ ସରଖକ୍ୟ ମିନାକ୍ଷୀ ରାଜ ଜିଲ୍ଲା ମୁଖ୍ୟ ପ୍ରଭାରୀ ପ୍ରଶାନ୍ତ ପ୍ରଧାନ, ପତଞ୍ଜଳୀ ଯୋଗ ସମିତି ଜିଲ୍ଲା ପ୍ରଭାରୀ ବବନ ସିଂ, ମମତା ଚୌଧୁରୀ, ଯୁବରାଜ ସିଂହ, ଜୟଶ୍ରୀ ପାଢ଼ୀ, ପ୍ରତାପ ପ୍ରଧାନ, ଯୋଗେନ୍ଦ୍ର ବଡ଼େଇ, ଉପଦେଷ୍ଟା ହରିଶ୍ ବାଧବା, ଉମାକାନ୍ତ ମେହେର, ମିଡ଼ିଆ ପ୍ରଭାରୀ ରଞ୍ଜନ ସିଂ, କୋଷାଧ୍ୟକ୍ଷ ପ୍ରକାଶ ସିଂ, ସ୍ୱାମୀ ଆଦିତ୍ୟ ଦେବ, କେନ୍ଦ୍ରିୟ ଯୁବା ପ୍ରଭାରୀ ସ୍ୱାମୀ ସନାତନ ଦେବ, ରାଜ୍ୟ ଯୁବା ପ୍ରଭାରୀ ଅମୃତାଶୁଂ ପ୍ରଧାନ, ମହିଳା ରାଜ୍ୟ ପ୍ରଭାରୀ ଗିରିଜା ଦେବୀ ପ୍ରମୁଖ ଯୋଗ ଦେବାର ରହିଛି ବୋଲି ପ୍ରଶାନ୍ତ ପାଲଟାସିଂ ସୂଚନା ଦେଇଛନ୍ତି ।

## ବନ ବିଭାଗର ଚଢ଼ାଉ

# ପିକ୍‌ଅପ୍ ଗାଡ଼ି ସହ ଖଇରକାଠ ଜବତ

ଖପ୍ରାଖୋଲ (ଭାସ୍କର ନ୍ୟୁଜ): ଖପ୍ରାଖୋଲ ବ୍ଲକ ହରିଶଙ୍କର ରେଞ୍ଜ ବନବିଭାଗ ତରଫରୁ ପେଟ୍ରୋଲିଂ କଲାବେଳେ ବଡ ଗୁର୍ଜିଭଟା ଘୁନସର ରାସ୍ତାରେ ଖଇରକାଠ ବୋଝେଇ ଏକ ପିକଅପ୍ ଗାଡ଼ି ଜବତ କରିଥିବା ବନବିଭାଗ ସୂଚନା ଦେଇଛି। ବନବିଭାଗର ଚଢ଼ାଉ ବେଳେ ଗାଡ଼ି ଛାଡ଼ି ଚାଳକ ଜଣକ ଫେରାର ମାରିଥିବାବେଳେ ଗାଡ଼ି ଓ ଖଇର କାଠ ଜବତ କରି ଖପ୍ରାଖୋଲ ବନବିଭାଗ କାର୍ଯ୍ୟାଳୟକୁ ଅଣାଯାଇଛି। ଜବତ କାଠର ମୂଲ୍ୟ ହାରାହାରି ୧୫ କୁଇଣ୍ଟାଲ୍ ହେବ ଏବଂ ତାର ମୂଲ୍ୟ ୧୫ ହଜାର ହେବ ବୋଲି ଖପ୍ରାଖୋଲ ବନପାଳ ସୁଧୀର କୁମାର ଜେନା ପ୍ରକାଶ କରିଛନ୍ତି। ଚଢ଼ାଉବେଳେ ଏ ସି ଏଫ୍ ତଥା ହରିଶଙ୍କର ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକ, ବନପାଳ ସୁଧୀର ଜେନା, ବନରକ୍ଷୀ ରାଜେନ୍ଦ୍ର ଧରୁଆ, ସଂଜୀବ ପ୍ରଧାନ ସହ ବନ୍ୟ ପ୍ରାଣୀ ସ୍କ୍ୱାର୍ଡ ଉପସ୍ଥିତ ଥିଲେ। ଏନେଇ ଏକ ମାମଲା ରୁଜୁ କରି ବନ ବିଭାଗ ତଦନ୍ତ କରୁଥିବା ଜଣାଯାଇଛି।



## ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ପଶ୍ଚିମ ଓଡ଼ିଶା ମହାସମାବେଶ

# ସାମିଲ ହେଲେ ବିଭିନ୍ନ ସଂଗଠନ ଓ ରାଜନୈତିକ ଦଳ




ଖପ୍ରାଖୋଲ (ଭାସ୍କର ନ୍ୟୁଜ): ଖପ୍ରାଖୋଲ ବ୍ଲକ ସ୍ଥାନୀୟ ଆଦର୍ଶ ବିଦ୍ୟାଳୟ ସମ୍ମୁଖ ପଡ଼ିଆରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ପଶ୍ଚିମ ଓଡ଼ିଶା ମହାସମାବେଶ ଅନୁଷ୍ଠିତ ହୋଇଯାଇଛି । ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ଆହ୍ୱାନ କ୍ରମେ ଅନୁଷ୍ଠିତ ସମାବେଶରେ ପୂର୍ବତନ ସାଂସଦ ଭବାନୀ ହୋତା ସଭାପତିତ୍ୱ କରିଥିବା ବେଳେ ଅତିଥି ରୂପେ ପରିବେଶବିତ ପ୍ରଫୁଲ୍ଲ ସାମନ୍ତରା, ସାମାଜିକ କର୍ମୀ ଲିଙ୍ଗରାଜ ଆଜାଦ, ସ୍ୱାମୀ ସୋମବେଶ ସରସ୍ୱତୀ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ମନ୍ତ୍ରୀ ରିତା ସାହୁ , ପୂର୍ବତନ ବିଧାୟକ ସରୋଜ ମେହେର , ଦେବେଶ ଆଚାର୍ଯ୍ୟ, ପ୍ରମୋଦ ମିଶ୍ର , ଟିକେନ୍ଦ୍ର ଜାଲ, ରାଜୁ ଘିବେଲା, ଆବାହକ ଜୟ ସିଂ ପୁଝାରୀ , ଚାଷୀନେତା ଜାତୀ ପଧାନ, ଲବ ସୁନା , ସାହାରକ୍ ଲୋଧିଆ , ଅନୁପ ସାହୁ , ଶେଷଦେବ ସିଂ ବାବୁ , କ୍ଷମା ଭୋଇ, ବିପ୍ର ବିଶି, ରଘୁନାଥ ସିଂ ବରିହା , ବୃନ୍ଦାବନ ବାରିକ ଯୋଗ ଦେଇଥିଲେ । ଏହି ଅବସରରେ ରାଜ କୁମାର ସେଠ ଓ ସୁଶିଲ ନାୟକ ସଭା ପରିଚାଳନା କରିଥିବାବେଳେ ଉପସ୍ଥିତ ଅତିଥି ମାନେ ଗନ୍ଧମାର୍ଦ୍ଦନ ପାହାଡ଼ରେ କୌଣସି ମତେ ଖଣି ଖାଦାନ କରାଯିବ ନାହିଁ ବୋଲି କହିଥିଲେ । ଏହାସହ ଗନ୍ଧମାର୍ଦ୍ଦନ ପାହାଡ଼ର ସ୍ଥାୟୀ ସୁରକ୍ଷା ଆଇନ ସରକାର କରନ୍ତୁ ବୋଲି ଅତିଥିମାନେ ଅଭିଭାଷଣ ପ୍ରଦାନ କରିଥିଲେ। ଏହାସହ ଆଗାମୀ ଦିନରେ ସରକାର ଗନ୍ଧମାର୍ଦ୍ଦନ ପାହାଡ଼ ଖନନ ନେଇ କୌଣସି ପଦକ୍ଷେପ ନେଲେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ସଭ୍ୟ ଶିବ ପ୍ରଧାନ, ନୀଳମାଧବ ପାଣିଗ୍ରାହୀ, ରଞ୍ଜିତ ବରିହା, ଭୋଜରାଜ ବାଗ , ଟିକେଶ୍ୱର ଧରୁଆ, ଶୁଖରାମ ସାଣ୍ଡ ଓ ହଜାର ହଜାର ଗନ୍ଧମାର୍ଦ୍ଦନ ପ୍ରେମୀ ଉପସ୍ଥିତ ଥିଲେ। ଏହା ସହ ଆଗାମୀ ଦିନରେ ଗନ୍ଧମାର୍ଦ୍ଦନ ପାହାଡ଼ର ସ୍ଥାୟୀ ସୁରକ୍ଷା ପାଇଁ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ତରଫରୁ ଆଗାମୀ ଜାନୁଆରୀ ୨୪ ତାରିଖ ଦିନ ଆରଡିସି ଅଫିସ ସମ୍ମୁଖରେ ଧାରଣା ଓ ଗନ୍ଧମାର୍ଦ୍ଦନ ପାହାଡ଼ର ସ୍ଥାୟୀ ସୁରକ୍ଷା ଆଇନ ପାଇଁ ବିଧାନସଭା ଘେରାଉ ହେବାକୁ ସ୍ଥିର ହୋଇଥିବାରୁ ଗଣଧାରଣାକୁ ସ୍ଥଗିତ ରଖାଗଲା ବୋଲି ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ତରଫରୁ ସୂଚନା ଦିଆଯାଇଛି।

# ସିଏଚ୍‌ଏସ୍‌ଇ କଲ୍‌ଚରାଲ୍ ମିଟ୍‌ରେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା







ବରଗଡ(ଭାସ୍କର ନ୍ୟୁଜ): ଗତ ୧୭ ଓ ୧୮ ଜାନୁୟାରୀ ୨୦୨୫ ଦୁଇଦିନ ଧରି କଟକସ୍ଥିତ ଓଡ଼ଶପୁରର ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଚାଲିଥିବା ସିଏଚ୍‌ଏସ୍‌ଇ କଲ୍‌ଚରାଲ୍ ଏଣ୍ଡ୍ ଲିଟରାଲ୍ ମିଟ୍‌ରେ ବରଗଡ଼ କ୍ରାଷ୍ଟା ବିକାଶ ଶିକ୍ଷାନୁଷ୍ଠାନ ଅନ୍ତର୍ଗତ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଏକ ୧୧ଜଣିଆ ଟିମ୍ ନୃତ୍ୟ ଶିକ୍ଷକ ପ୍ରକାଶ ପଣ୍ଡାଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଥମ ବର୍ଷ ଛାତ୍ରୀ ଆଂଚଲ, ପ୍ରିୟା, ପାୟଲ, ନମିତା, ଆଦ୍ୟାଶା ଓ ପ୍ରଜ୍ଞା ଏକ ସୁନ୍ଦର ଦଳଗତ ଲୋକନୃତ୍ୟ ପରିବେଷଣ କରି ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି କ୍ରାଷ୍ଟା ବିକାଶ ତଥା ସମଗ୍ର ବରଗଡ଼ ଅଂଚଳକୁ ଗୌରବାନ୍ୱିତ କରିଛନ୍ତି। ସେହିପରି ବିଦ୍ୟାଳୟର ଛାତ୍ର ଆଶିଷ ରଣା କ୍ୱିଜ୍‌ରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ସଫଳତା ପାଇଁ କ୍ରାଷ୍ଟା ବିକାଶ ଗ୍ରୁପର ଚେୟାରମ୍ୟାନ୍ ଦାଶରୀ ମୂରଲୀ କ୍ରାଷ୍ଟା, ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ, ଡାଇରେକ୍ଟର ଡ.ସମରେନ୍ଦ୍ର ନାଥ ପଣ୍ଡା, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ସିନିୟର୍ ସେକେଣ୍ଡାରୀ ଅଧ୍ୟକ୍ଷ ଚିତରଞ୍ଜନ ପତି, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏଡ୍‌ମିନିଷ୍ଟ୍ରେଟିଭ୍ ଅଫିସର୍ ଶ୍ରୀ ଏସ୍.କାନ୍ତା ରାଓ ଏବଂ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ବିଦ୍ୟାଳୟର ନୃତ୍ୟ ଶିକ୍ଷକ ଶ୍ରୀ ପ୍ରକାଶ ପଣ୍ଡା ତଥା ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରଶଂସା କରିବା ସହ ଖୁସି ବ୍ୟକ୍ତ କରିଛନ୍ତି।

# ଜିଲ୍ଲାସ୍ତରୀୟ କ୍ରୀଡା ମହାକୁମ୍ଭ ଆୟୋଜିତ



ଗୁଣପୁର(ଭାସ୍କର ନ୍ୟୁଜ): ରାଷ୍ଟ୍ରୀୟ ଯୁବ ସପ୍ତାହ ଅବସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଗୁଣପୁର ଶାଖା ପକ୍ଷରୁ ଜିଲାସ୍ତରୀୟ କ୍ରୀଡା ମହାକୁମ୍ଭ କବାଡି ଆୟୋଜିତ ହୋଇଛି । ଏହି କବାଡିରେ ଗୋଟିଏ ମହାବିଦ୍ୟାଳୟରୁ ୨୦ ଗୋଟି ଟିମ ଉଭୟ ଛାତ୍ର ଛାତ୍ରୀ ୨୦୦ରୁ ଉର୍ଦ୍ଧ୍ୱ ଯୋଗଦେଇଥିଲେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ବନଦୁର୍ଗା ମନ୍ଦିରରୁ ମଶାଲ ଆସି ଉଦଘାଟକ ଯୁବନେତା ରାମ ପଣ୍ଡାଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା। ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା କବାଡି ଖେଳରେ ପ୍ରବଳ ଜୋଶରେ ଭାଗ ନେଇଥିଲେ। ଆୟୋଜିତ ଏହି କ୍ରୀଡା ମହାକୁମ୍ଭରେ ଛାତ୍ରୀ ଦଳ ଆମ୍ବେଦକର ଜାତୀୟ ଯୁକ୍ତ ୨ କଲେଜ ବିଜେତା ହୋଇଥିଲେ ଓ ଥାୟା ରାମ୍ମ ମହିଳା ମହାବିଦ୍ୟାଳୟ ରନର ହୋଇଥିଲେ। ସେହିଭଳି ଛାତ୍ର ଦଳ କବାଡିରେ ଆଞ୍ଚଳିକ ଡିଗ୍ରୀ କଲେଜ ଦମ୍ଭାସାରା ବିଜେତା ଓ ଆମ୍ବେଦକର ସ୍ମୃତି ଯୁକ୍ତ ୨ ମହାବିଦ୍ୟାଳୟ ରନର ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ପ୍ରଧାନ ଆଚାର୍ଯ୍ୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଫୁଲ ଶତପଥୀଙ୍କ ସହ ଜିଲ୍ଲା ପ୍ରମୁଖ ଶେଷଶାୟୀ ସେନାପତି, ବିଭାଗ ପ୍ରମୁଖ ଉମାଦାଶ, କ୍ରୀଡା ଶିକ୍ଷକ ନନ୍ଦିନୀ ପଣ୍ଡା, ଗୌତମ ମାଡିଲି, ରମାକାନ୍ତ ମିଶ୍ର, ଦେବୀ ପାଢ଼ୀ, ମନୋଜ ମହାରଣା, କାହ୍ନୁ ମାଲିଫୁଲ, ସହଯୋଗୀ ଶିକ୍ଷକ ସନ୍ତୋଷ ହୋତା, ଶ୍ରୀକାନ୍ତ ରଥ, ଭାଗ୍ୟବତୀ ଶବର, ମନୋଜ ମହାରଣା, ସ୍ୱାସ୍ଥ୍ୟ କର୍ମୀ ଜିତେନ୍ଦ୍ର ନାୟକ ସହଯୋଗ କରିଥିଲେ । କାର୍ଯ୍ୟକ୍ରମକୁ ନଗର ସମ୍ପାଦକ ସାଇ ପାଣିଗ୍ରାହୀ, ଦେବାଶିଷ ସେନାପତି, କ୍ରୀଡା ସଂଯୋଜକ ପ୍ରିୟବ୍ରତ ରଥ ପ୍ରମୁଖ ପରିଚାଳନା କରିଥିଲେ ।

# ଶାଳପର୍ଣ୍ଣୀ ସାହିତ୍ୟ ସଂସଦର ଆଭାସୀ ସାହିତ୍ୟ ଆସର

କନ୍ଧମାଳ(ଭାସ୍କର ନ୍ୟୁଜ): ଶାଳପର୍ଣ୍ଣୀ ସାହିତ୍ୟ ସଂସଦ,ଫିରିଙ୍ଗିଆ, କନ୍ଧମାଳର ଆଭାସୀ ସାହିତ୍ୟ ଆସର ଭାଗ – ୧୭ ଗୁଗୁଲୁ ମିଟ ମାଧ୍ୟମରେ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ଆସରରେ ମୁଖ୍ୟ ଅତିଥି ଭାବେ ଲେଫ୍‌ଟନାଣ୍ଟ ଡକ୍ଟର କଳ୍ପତରୁ ନାୟକ ସହକାରୀ ପ୍ରଫେସର ଓଡ଼ିଆ ବିଭାଗ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ବୌଦ୍ଧ ଯୋଗ ଦେଇଥିଲେ । ଆଲୋଚନାର ବିଷୟ 'ଓଡ଼ିଆ ବଙ୍ଗଳା ଅସମୀୟା ଭାଗବତର ତୁଳନାତ୍ମକ ଅଧ୍ୟୟନ 'ଅତିଥି ପରିଚୟ ଓ ଅସାରର ପୌରହିତ୍ୟ କରିଥିଲେ ଡ.ବିରଞ୍ଚି ନାରାୟଣ ସାହୁ, ପ୍ରତିଷ୍ଠାତା, ଶାଳପର୍ଣ୍ଣୀ ସାହିତ୍ୟ ସଂସଦ,ଫିରିଙ୍ଗିଆ, କନ୍ଧମାଳ କବିତା ସଂଯୋଜନା କରିଥିଲେ ଡ. ଚନ୍ଦ୍ରଶେଖର ଦାସ, ସହକାରୀ ପ୍ରଫେସର, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଫୁଲବାଣୀ ଓ ଡ. ମଧୁମିତା ଷଡ଼ଙ୍ଗୀ,ମାର୍ଗଦର୍ଶିକା, ଶାଳପର୍ଣ୍ଣୀ ସାହିତ୍ୟ ସଂସଦ, ଫିରିଙ୍ଗିଆ, ଫୁଲବଣୀ ଉକ୍ତ ଆସରରେ ଓଡିଶାର ବିଭିନ୍ନ କୋଣରୁ ୩୨ଜଣ କବି, କବୟିତ୍ରୀ ଯୋଗ ଦେଇ କବିତା ପାଠ କରିଥିଲେ। ଶେଷରେ ଆଶିଷ କୁମାର, ବେହେରା କୋଷାଧ୍ୟକ୍ଷ,ଶାଳପର୍ଣ୍ଣୀ ସାହିତ୍ୟ ସଂସଦ,ଫିରିଙ୍ଗିଆ, କନ୍ଧମାଳ, ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲା ପ୍ରଶାସନର ଚିଠିକୁ ନେଇ ପ୍ରଶ୍ନବାଚୀ

କନ୍ଧମାଳ (ଭାସ୍କର ନ୍ୟୁଜ): କନ୍ଧମାଳ ଜିଲ୍ଲା ପ୍ରଶାସନର ଏକ ଚିଠିକୁ ନେଇ ସୃଷ୍ଟି ହୋଇଛି ପ୍ରଶ୍ନବାଚୀ । ମତିଗତି ଆଉ କାମ କରୁନି କି ? ଏଭଳି ମଧ୍ୟ ଚର୍ଚ୍ଚା ସାଉଁଟିଛି ଚିଠିଟି । ଆସନ୍ତା ଜାନୁଆରୀ ୨୧ ତାରିଖରେ କନ୍ଧମାଳ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ପାଇଁ ଏକ ପ୍ରସ୍ତୁତି ବୈଠକ ହେବ। ଯାହାକି ଜିଲ୍ଲା ପରିଷଦ ସଭାଗୃହରେ। ତାହା ପୁଣି ଅପରାହ୍ନ ୪ଟାରେ ବୋଲି ଉକ୍ତ ଚିଠିରେ ହିଁ ଉଲ୍ଲେଖ ରହିଛି। ତେବେ ଚିଠି ଟି ଯେଉଁ ବ୍ୟକ୍ତିଙ୍କୁ କରାଯାଇଛି । ସେଠି ହିଁ ସୃଷ୍ଟି ହୋଇଛି ପ୍ରଶ୍ନ । ଉକ୍ତ ଚିଠିଟି ଦାରିଙ୍ଗବାଡ଼ି ଅଞ୍ଚଳର ଏକ ଶିକ୍ଷକଙ୍କୁ ହେଇଛି। ଯେଉଁଥିରେ ଉକ୍ତ ବ୍ୟକ୍ତିଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀର ଉପାଧି ପ୍ରଦାନ କରାଯାଇଛି। ହେଲେ ସେ ପାହ୍ୟାରେ, ସେ ବ୍ୟକ୍ତି ଦୀର୍ଘ ୭ ରୁ ୮ ବର୍ଷ ହୋଇଗଲା ନଥିବାବେଳେ ବ୍ୟକ୍ତି ଜଣକ ବୃତ୍ତିରେ ତ ଶିକ୍ଷକ। ତେଣୁ ଜିଲ୍ଲା ପ୍ରଶାସନ ପାଖରେ ସଠିକ ସୂଚନା ରାହୁନଥିବା ବେଳେ ମତିଗତି ମଧ୍ୟ ଆଉ କାମ କରୁନି ବୋଲି କୁହାଯାଉଛି। ଅନ୍ୟପକ୍ଷେ ଜଣେ ଶିକ୍ଷକ ଯଦିଓ କବିତା ପ୍ରତି ରୁଚି ରଖୁଛନ୍ତି। ତାହାଲେ ସେ କଣ ନିଜ କର୍ତ୍ତବ୍ୟ ଛାଡ଼ି ଉକ୍ତ ବୈଠକକୁ ଯିବେ ବୋଲି ସେ ଦିନ ଅଧାରୁ ଛୁଟି ନେଇଯିବେ କି ? ତେବେ ଯେଉଁଠି ଜିଲ୍ଲା ପ୍ରଶାସନ ପଛରେ ଅଛି କାହିଁକି ବା ସେ ନ ଯିବେ। ଭୁଲ ହେଉ ପଛ କେ ସ୍ୱତନ୍ତ୍ର ଚିଠି ଦ୍ୱାରା ନିମନ୍ତ୍ରଣ ରହିଛି। ଏଠି ନିଜ ଦାୟିତ୍ୱ କଥା ପଚାରିବ ବା କିଏ ? ତେବେ ସୂଚନା ଥାଉକି ଉକ୍ତ ଶିକ୍ଷକଙ୍କ ବିଦ୍ୟାଳୟର ଛାତ୍ରଛାତ୍ରୀ ଶିକ୍ଷକଙ୍କ କଥାରେ ପଡ଼ି ବିଦ୍ୟାଳୟ ସମୟରେ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏହା ସହ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନରେ ଅନିୟମିତତା କାରଣରୁ ଛାତ୍ରଛାତ୍ରୀ ଅସୁସ୍ଥ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ବେଳେ ଏସବୁ ଘଟଣା ପ୍ରଶାସନିକ ବ୍ୟବସ୍ଥାକୁ ଚାପୁଡ଼ାଏ ଲେଖାଏଁ ମାରିଛି। ତଥାପି ଉକ୍ତ ଶିକ୍ଷକ ବିରୋଧରେ ସାମାନ୍ୟତମ କାର୍ଯ୍ୟାନୁଷ୍ଠାନ ହୋଇପାରିନି। ଏବେ ତ ଜିଲ୍ଲାପ୍ରଶାସନ ଡାକିଛି । ଆଉ ଡର କାହାକୁ ଯେ ।




ୱାଶିଂଟନ: ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶପଥ ଗ୍ରହଣ ଉତ୍ସବରେ ସାମିଲ ହେବା ପାଇଁ ସାରା ବିଶ୍ୱର ପ୍ରମୁଖ ନେତା ଏବଂ ପ୍ରସିଦ୍ଧ ବ୍ୟକ୍ତିମାନେ ୱାଶିଂଟନରେ ପହଞ୍ଚିଛନ୍ତି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଏବଂ ତାଙ୍କ ପତ୍ନୀ ନୀତା ଅମ୍ବାନୀ ମଧ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଆଉ ନିଜ ଲୁକ୍ ପାଇଁ ନୀତା ଏବେ ଚର୍ଚ୍ଚାରେ। ଏହି କାର୍ଯ୍ୟକ୍ରମରେ ନୀତା ଅମ୍ବାନୀ ପାରମ୍ପରିକ କାଞ୍ଚିପୁରମ ସିଲ୍କ ଶାଢ଼ି ପିନ୍ଧିଥିଲେ। ଯାହାକୁ କାଞ୍ଚିପୁରମର ଭବ୍ୟ ମନ୍ଦିରଗୁଡ଼ିକର ଆଧ୍ୟାତ୍ମିକ ଏବଂ ଐତିହାସିକ ବିଷୟବସ୍ତୁ ଦ୍ୱାରା ଅନୁପ୍ରାଣିତ ୧୦୦ ରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ପାରମ୍ପରିକ ପାର୍ଟର୍ନ ସହିତ ଡିଜାଇନ୍ କରାଯାଇଥିଲା। ଏଥିସହିତ ସେ ଏକ କଳା ରଙ୍ଗର ଫୁଲ୍ ସ୍ଲିଭସ୍ ବ୍ଲାଉଜ୍ ଏବଂ ଅଳଙ୍କାର ମଧ୍ୟ ପିନ୍ଧିଥିଲେ। ତେବେ ଜାତୀୟ ପୁରସ୍କାର ବିଜେତା କାରିଗର ବି. କୃଷ୍ଣମୂର୍ତ୍ତିଙ୍କ ଦ୍ୱାରା ବୁଣାଯାଇଥିବା ଏହି ଶାଢ଼ିରେ ନୀତା ଅମ୍ବାନୀ ଖୁବ୍ ସୁନ୍ଦର ଦେଖାଯାଉଥିଲେ।

## ଆର୍‌ଜିକର ଘଟଣାର ରାୟକୁ ନେଇ ମମତା ଅସନ୍ତୁଷ୍ଟ



କୋଲକାତା: ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲ ଡାକ୍ତର ଦୁଷ୍କର୍ମ ଓ ହତ୍ୟା ମାମଲାରେ ଦୋଷୀଙ୍କୁ କୋର୍ଟ ସୋମବାର ଆଜୀବନ ଜେଲଦଣ୍ଡାଦେଶ କରିଛନ୍ତି। ତେବେ ଏଥିରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସନ୍ତୁଷ୍ଟ ନୁହନ୍ତି। ସେ କହିଛନ୍ତି ଯେ ଏହି ମାମଲାର ଯାଞ୍ଚକୁ କୋଲକାତା ପୋଲିସ ଠାରୁ ଜୋରଜବରଦସ୍ତ ଛଡାଇ ନିଆଯାଇଥିଲା। ଯଦି କୋଲକାତା ପୋଲିସ ମାମଲାର ତଦନ୍ତ କରିଥାନ୍ତା ତେବେ ଦୋଷୀକୁ ନିଶ୍ଚିତ ମୃତ୍ୟୁଦଣ୍ଡାଦେଶ ହୋଇଥାନ୍ତା। ମୁର୍ଶିଦାବାଦ ଜିଲ୍ଲାରେ ଗଣମାଧ୍ୟମ ସହ ଆଲୋଚନାରେ ମମତା ବାନାର୍ଜୀ ମାମଲାର ସିବିଆଇ ଯାଞ୍ଚ ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ ଆମେ ସମସ୍ତେ ମୃତ୍ୟୁ ଦଣ୍ଡାଦେଶ ଦାବି କରିଥିଲୁ। ତେବେ କୋର୍ଟ ଦୋଷୀଙ୍କୁ ମୃତ୍ୟୁପର୍ଯ୍ୟନ୍ତ ଜେଲଦଣ୍ଡାଦେଶ କରିଛନ୍ତି। ମାମଲା କୋଲକାତା ପୋଲିସ ହାତରୁ ଜୋରଜବରଦସ୍ତ ଛଡାଇ ନିଆଯାଇଥିଲା। ଯଦି କୋଲକାତା ପୋଲିସ ମାମଲାର ତଦନ୍ତ କରିଥାନ୍ତା ତେବେ ତାର ମୃତ୍ୟୁଦଣ୍ଡ ସୁନିଶ୍ଚିତ ହୋଇଥାନ୍ତା। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମେ ଜାଣିନୁ ଯାଞ୍ଚ କେମିତି ହେଲା। ତେବେ ରାଜ୍ୟ ପୋଲିସ ଦ୍ୱାରା ଯାଞ୍ଚ କରାଯାଇଥିବା ଏପରି ଅନେକ ମାମଲାରେ ଦୋଷୀଙ୍କୁ କୋର୍ଟ ମୃତ୍ୟୁଦଣ୍ଡାଦେଶ କରିଛନ୍ତି। ଏଣୁ ଏହି ନ୍ୟାୟରେ ମୁଁ ସନ୍ତୁଷ୍ଟ ନୁହେଁ ବୋଲି ମମତା ବାନାର୍ଜୀ କହିଛନ୍ତି। ସିଆଲଦାହ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଅନିର୍ବାଣ ଦାସଙ୍କ କୋର୍ଟ ଶନିବାର ରାୟ ଘୋଷଣା କରି ଅଭିଯୁକ୍ତକୁ ମାମଲାରେ ଦୋଷୀ ସାବ୍ୟସ୍ତ କରିଥିଲେ। ସୋମବାର ମାମଲାରେ ଦଣ୍ଡାଦେଶ କରାଯାଇଥିବା ବେଳେ ଜଜ୍ ଏହାକୁ 'ରେୟାରେଷ୍ଟ ଅଫ ରେୟାର'କେସ୍ ସ୍ୱୀକାର କରି ନାହାନ୍ତି। ଏଣୁ କୋର୍ଟ ଅପରାଧୀକୁ ଆଜୀବନ କାରାଦଣ୍ଡାଦେଶ ସହ ୫୦ ହଜାର ଟଙ୍କା ଜରିମନା ନିର୍ଦ୍ଦେଶ ଦେଇଛନ୍ତି।

## ରାହୁଲଙ୍କୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି



ନୂଆଦିଲ୍ଲୀ: ମାନହାନି ମାମଲାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ମିଳିଛି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସୁପ୍ରିମକୋର୍ଟ ଟ୍ରାଏଲ୍ କୋର୍ଟର କାର୍ଯ୍ୟଧାରା ଉପରେ ମଧ୍ୟବର୍ତ୍ତୀକାଳୀନ ସ୍ଥଗିତାଦେଶ ଜାରି କରିଛନ୍ତି। ଜଷ୍ଟିସ୍ ବିକ୍ରମ ନାଥ ଏବଂ ସନ୍ଦୀପ ମେହେତାଙ୍କ ଖଣ୍ଡପୀଠ ମାମଲାକୁ ରଦ୍ଦ କରିବା ପାଇଁ ରାହୁଲ ଗାନ୍ଧୀଙ୍କ ଆବେଦନ ଉପରେ ଝାଡ଼ଖଣ୍ଡ ସରକାର ଏବଂ ଅଭିଯୋଗକାରୀଙ୍କଠାରୁ ଜବାବ ମଧ୍ୟ ଲୋଡ଼ିଛନ୍ତି। ସୋମବାର ସୁପ୍ରିମକୋର୍ଟରେ ଶୁଣାଣି ସମୟରେ, ରାହୁଲ ଗାନ୍ଧୀଙ୍କ ପକ୍ଷରୁ ଉପସ୍ଥିତ ଥିବା ବରିଷ୍ଠ ଓକିଲ ଅଭିଷେକ ମନୁ ସିଂଘଭି କହିଥିଲେ ଯେ ଅଭିଯୋଗଟି ତୃତୀୟ ପକ୍ଷ ଦ୍ୱାରା ଦାୟର କରାଯାଇଛି। ମାନହାନି ମାମଲାରେ ଏହା ଗ୍ରହଣୀୟ ନୁହେଁ। ଯଦି ଆପଣ ପୀଡିତ ବ୍ୟକ୍ତି ନୁହଁନ୍ତି, ତେବେ ଅଭିଯୋଗ ଦାଖଲ କରିବା ପାଇଁ ଆପଣ କିପରି ଜଣେ ପ୍ରକ୍ସି ପାଇବେ ବୋଲି ପ୍ରଶ୍ନ କରିଛନ୍ତି ମନୁ ସିଂଘଭି। ମାନହାନି ମାମଲାରେ ରାହୁଲ ଗାନ୍ଧୀଙ୍କ ଆବେଦନ ଉପରେ, ସୁପ୍ରିମକୋର୍ଟ ଝାଡ଼ଖଣ୍ଡ ସରକାର ଏବଂ ଅଭିଯୋଗକାରୀ ବିଜେପି କର୍ମୀ ନବୀନ ଝାଙ୍କୁ ନୋଟିସ ପଠାଇଛନ୍ତି। ବିଜେପି ନେତା ନବୀନ ଝା ରାହୁଲ ଗାନ୍ଧୀଙ୍କ ବିରୋଧରେ ଅଭିଯୋଗ ଦାୟର କରିବା ପରେ ଏହି ମାମଲା ସାମ୍ନାକୁ ଆସିଥିଲା। ଯେଉଁଥିରେ ସେ ଅଭିଯୋଗ କରିଥିଲେ ଯେ ସେ ୧୮ ମାର୍ଚ୍ଚ ୨୦୧୮ରେ ବିଜେପିକୁ ସମାଲୋଚନା କରି ଏବଂ ଶାହାଙ୍କୁ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ନେଇ ଏକ ଭାଷଣ ଦେଇଥିଲେ। ପ୍ରାରମ୍ଭରେ ରାଞ୍ଚିର ଏକ ମାଜିଷ୍ଟ୍ରେଟ୍ କୋର୍ଟ ଝାଙ୍କ ଅଭିଯୋଗକୁ ଖାରଜ କରିଦେଇଥିଲେ, ଯାହା ପରେ ସେ ରାଞ୍ଚିର ବିଚାର ବିଭାଗୀୟଙ୍କ ସମ୍ମୁଖରେ ଏକ ସଂଶୋଧନ ଆବେଦନ ଦାଖଲ କରିଥିଲେ।

### ଶାରୋନ୍ ରାଜ ହତ୍ୟା ମାମଲା

## ପ୍ରେମିକା ଗ୍ରୀଷ୍ମାଙ୍କୁ ମୃତ୍ୟୁଦଣ୍ଡ

କେରଳ : ଶାରୋନ ରାଜ ହତ୍ୟା ମାମଲାରେ ରାୟ ପ୍ରକାଶ ପାଇଛି। ପ୍ରେମିକା ଗ୍ରୀଷ୍ମାଙ୍କୁ ମୃତ୍ୟୁଦଣ୍ଡ ଶୁଣାଇଛନ୍ତି କେରଳ ତ୍ରିଭେନ୍ଦ୍ରମର ଗୋଟିଏ କୋର୍ଟ । କୋର୍ଟ ଗ୍ରୀଷ୍ମା ନାମକ ଜଣେ ମହିଳା ତାଙ୍କ ପ୍ରେମିକ ଶାରୋନ ରାଜଙ୍କୁ ବିଷ ଦେଇ ହତ୍ୟା କରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରି ମୃତ୍ୟୁଦଣ୍ଡ ଦେଇଛନ୍ତି । ମାମଲାଟି ନେୟାଟିଂକାରା ଅତିରିକ୍ତ ସେସନ୍ସ କୋର୍ଟରେ ବିଚାର କରାଯାଇଥିଲା। କୋର୍ଟ ଗ୍ରୀଷ୍ମାଙ୍କ ମାମୁଁ ନିର୍ମଳ କୁମାରନ ନାୟାରଙ୍କୁ ପ୍ରମାଣ ନଷ୍ଟ କରିବା ପାଇଁ ଦୋଷୀ ସାବ୍ୟସ୍ତ କରିଥିଲେ। ଯେତେବେଳେ ତାଙ୍କ ମାଆ ସିନ୍ଧୁକୁମାରୀଙ୍କୁ ଦୋଷମୁକ୍ତ କରାଯାଇଥିଲା। ମାମଲା ଅନୁଯାୟୀ, ଗ୍ରୀଷ୍ମା ଶାରୋନଙ୍କୁ ତାଙ୍କ ଘରକୁ ଡାକି ବିଷ ମିଶ୍ରିତ ଡ୍ରିଙ୍କ୍ ପିଇବାକୁ ଦେଇଥିଲେ । ଯେଉଁଥିପାଇଁ ତାଙ୍କର ମୃତ୍ୟୁ ହୋଇଥିଲା ।

## ବୃଦ୍ଧାଶ୍ରମରେ ନିଆଁ ଲାଗି ୮ ଜୀବନ୍ତ ଦଗ୍ଧ



ବେଲଗ୍ରେଡ: ସର୍ବିଆ ରାଜଧାନୀ ବେଲଗ୍ରେଡରେ ଏକ ବଡ ଅଘଟଣ ଘଟିଯାଇଛି।ଏଠାରେ ଥିବା ଏକ ବୃଦ୍ଧାଶ୍ରମରେ ସୋମବାର ସକାଳେ ନିଆଁ ଲାଗିଯିବା ଫଳରେ ୮ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ଗୁରୁତରମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ ଅଗ୍ନିକାଣ୍ଡ ସମୟରେ ଏହି ଆଶ୍ରମରେ ପ୍ରାୟ ୩୦ ଲୋକ ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରୁ ୮ ଜଣ ଜୀବନ୍ତ ଦଗ୍ଧ ହୋଇଥିବା ବେଳେ ପ୍ରାୟ ୭ ଜଣ ଗୁରୁତର ଭାବରେ ଆହତ ହୋଇଛନ୍ତି। ନିଆଁର ପ୍ରକୋପ ଏତେ ଅଧିକ ଥିଲା କି, ଆଖିପିଛୁଳାକେ ନିଆଁ ପୁରା ଆଶ୍ରମରେ ବ୍ୟାପି ଯାଇଥିଲା। ଏହି ଘଟଣାରେ ଗୁରୁତରମାନଙ୍କୁ ବେଲଗ୍ରେଡ ସୈନ୍ୟ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି। ଖବର ପାଇ ଅଗ୍ନିଶମବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଖବର ମୁତାବକ, ଏହି ଭୟଙ୍କର ଅଗ୍ନିକାଣ୍ଡରେ ଯେଉଁମାନଙ୍କର ମୃତ୍ୟୁ ହୋଇଛି ସେମାନଙ୍କ ଶବ ସମ୍ପୂର୍ଣ୍ଣ ଭାବେ ଜଳି ଯାଇଛି। ଏହି ପରିସ୍ଥିତିରେ ସେମାନଙ୍କୁ ଚିହ୍ନିବା ମଧ୍ୟ ମୁସ୍କିଲ ହୋଇପଡିଛି। ସେହିପରି ଚିକିତ୍ସିତ ହେଉଥିବା ଗୁରୁତର ଆହତମାନେ ମଧ୍ୟ ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଏହି ଘଟଣାରେ ମୃତ୍ୟୁ ସଂଖ୍ୟା ବଢ଼ିବାର ସମ୍ଭାବନା ରହିଛି । ଘଟଣାସ୍ଥଳରେ ପୋଲିସ ପହଞ୍ଚି ଶବଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଜାରି ରଖିଛି। ତେବେ କେଉଁ କାରଣରୁ ଏହି ନିଆଁ ଲାଗିଛି ତାହା ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ ।

### ତିରୁମାଲା ମନ୍ଦିରରେ ଅଘଟଣ

## ମନ୍ଦିର ପରିସରରେ ଧରାପଡିଲେ ଅଣ୍ଡା ବିରିୟାନି ଖାଉଥିବା ଭକ୍ତ



ତିରୁପତି: ତିରୁମାଲା ମନ୍ଦିରରେ ସୁରକ୍ଷା ତ୍ରୁଟିକୁ ନେଇ ପୁଣି ଥରେ ବିବାଦ ଦେଖାଦେଇଛି। ମନ୍ଦିର ଭିତରେ ଜଣେ ଭକ୍ତ ଅଣ୍ଡା ବିରିୟାନି ଖାଉଥିବାର ଧରାପଡ଼ିବା ପରେ ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ସୃଷ୍ଟି ହୋଇଥିଲା। ବିରୋଧୀ ଦଳଗୁଡ଼ିକ ଏଥିପାଇଁ ତିରୁମାଲା ତିରୁପତି ଦେବସ୍ଥାନମ୍ (ଟିଟିଡି)କୁ ସମାଲୋଚନା କରିଛନ୍ତି। ଅଲିପିରି ଚେକପଏଣ୍ଟରେ ସୁରକ୍ଷା ତ୍ରୁଟିକୁ ନେଇ ଅନେକ ପ୍ରଶ୍ନ ଉଠାଯାଉଛି। ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ତାମିଲନାଡୁର ଏକ ଭକ୍ତ ତିରୁମାଲାରେ ଅଣ୍ଡା ବିରିୟାନି ଖାଉଥିବା ସମୟରେ ଧରାପଡ଼ିଥିଲେ । ପରେ ଏହି ଘଟଣାର ସୂଚନା ତିରୁମାଲ ପୋଲିସକୁ ଦିଆଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଭକ୍ତମାନଙ୍କୁ ପଚରାଉଚରା କରିଥିଲା ଏବଂ ଏହା ଆଇନ ବିରୁଦ୍ଧ ବୋଲି କହିଥିଲା । ଏନେଇ ତିରୁମାଲା ପୋଲିସ ଭକ୍ତଙ୍କୁ ଯେତେବେଳେ କହିଲା ଯେ ତିରୁମାଲାରେ ଅଣ୍ଡା ଏବଂ ଅନ୍ୟାନ୍ୟ ମାଂସ ଜାତୀୟ ଖାଦ୍ୟ ନିଷିଦ୍ଧ । ଏହା ଉପରେ ଭକ୍ତ ଜଣକ କହିଥିଲେ ଯେ ସେ ଏହା ବିଷୟରେ ଅବଗତ ନଥିଲେ । ଏହାପରେ ପୋଲିସ ଉକ୍ତ ଭକ୍ତ ଜଣଙ୍କୁ କଡ଼ା ଚେତାବନୀ ଦେଇ ଛାଡି ଦେଇଥିଲା । ପୂର୍ବତନ ଟିଟିଡି ଅଧ୍ୟକ୍ଷ ଭୂମନା କରୁଣାକର ରେଡ୍ଡୀ ଏହି ଘଟଣା ଘଟିବା ପଛରେ ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି କହିବା ସହ ଏଥିପାଇଁ ସେ ଟିଟିଡି ପ୍ରଶାସନକୁ ସମାଲୋଚନା କରିଥିଲେ।

## ଛତିଶଗଡର ସର୍ବାଙ୍ଗୀନ ବିକାଶ ପାଇଁ ଗ୍ରାମାଞ୍ଚଳ ଓ ସହର କ୍ଷେତ୍ରରେ ସମନ୍ୱିତ ବିକାଶ ଜରୁରୀ



ରାୟପୁର : ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମଙ୍କ ଆଶୀର୍ବାଦରୁ ଛତିଶଗଡ ବିକଶିତ ରାଜ୍ୟ ଭାବେ ଦେଶରେ ଅଗ୍ରସର ହେବାରେ ଲାଗିଛି। ଆମ ସରକାର ଛତିଶଗଡର ବିକାଶ ପାଇଁ ବହୁ ଯୋଜନା ପ୍ରଣୟନ କରିବା ସହ ଏହାକୁ କାର୍ଯ୍ୟକାରି କରିବା ସକାଶେ ପ୍ରୟାସ ଜାରି ରଖିଛନ୍ତି। ସୁଶାସନ ପାଇଁ ଲୋକଙ୍କ ପ୍ରତି ସମ୍ବେଦନଶୀଳ ହେବା ସହ ସେମାନଙ୍କ ସେବାରେ ମନୋନିବେଶ କରିବା ମୋ ସରକାର ପ୍ରାଥମିକତା ବୋଲି ଶ୍ରୀ ସାଏ କହିଥିଲେ। ସେ ଆହୁରି କହିଥିଲେ ଯେ, ସରକାର ଗଠନ ସହ ଆମେ ରାଜ୍ୟର ସବୁ ବର୍ଗର ବିକାଶ ସହ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ରହୁଥିବା ଲୋକଙ୍କ ଜୀବନର ମାନକୁ ବୃଦ୍ଧି କରିବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିଛୁ। ସ୍ୱଚ୍ଛତା, ସ୍ୱଚ୍ଛ ପାନୀୟ ଜଳ, ସ୍ୱାସ୍ଥ୍ୟ ସେବାରେ ବୃଦ୍ଧି କରାଯାଇଛି। ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ପଛୁଆ ରହିଥିବା ଲୋକଙ୍କ ବିକାଶ ନିମନ୍ତେ ମୋ ସରକାର ସମର୍ପିତ ବୋଲି ଶ୍ରୀ ସାଏ କହିଥିଲେ। ରାଜ୍ୟର ବିକାଶ ପାଇଁ ଆମେ ନୂଆ ନୂଆ ଯୋଜନା ପ୍ରଣୟନ କରୁଛୁ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧିକାଂଶ ଗ୍ୟାରେଣ୍ଟିକୁ ଆମେ ଗୋଟିଏ ବର୍ଷ ମଧ୍ୟରେ ପୂରଣ କରିପାରିଛୁ। ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଅଡିଟୋରିୟମରେ ଆୟୋଜିତ ସହରାଞ୍ଚଳ ବିକାଶ ସୋପାନ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ସାଏ ଏହା କହିଥିଲେ।

### ସୁପ୍ରିମକୋର୍ଟଙ୍କ ବଡ଼ ନିଷ୍ପତ୍ତି

## ଅତୁଲ ସୁଭାଷଙ୍କ ପୁଅ ରହିବେ ମା'ଙ୍କ ନିକଟରେ

ନୂଆଦିଲ୍ଲୀ: ସୁପ୍ରିମକୋର୍ଟ ଇଞ୍ଜିନିୟର ଅତୁଲ ସୁଭାଷଙ୍କ ମାଆଙ୍କ ଦ୍ୱାରା ଦାୟର ଆବେଦନର ଶୁଣାଣି କରିଛନ୍ତି। ଯିଏ ତାଙ୍କ ପତ୍ନୀଙ୍କ ଦ୍ୱାରା ନିର୍ଯ୍ୟାତନା ଅଭିଯୋଗ କରି ଆତ୍ମହତ୍ୟା କରିଥିଲେ। ଅତୁଲଙ୍କ ମାଆ ଅଞ୍ଜୁ ଦେବୀ ଅତୁଲଙ୍କ ପୁଅର ହେପାଜତ ମାଗିଥିଲେ। ସୋମବାର ଭିଡିଓ କନଫରେନ୍ସିଂ ମାଧ୍ୟମରେ ୪ ବର୍ଷର ଶିଶୁଟି ଶୁଣାଣିରେ ଯୋଗ ଦେଇଥିଲା। ସୁପ୍ରିମକୋର୍ଟ କହିଛନ୍ତି ଯେ ପିଲାଟି ତା' ମାଆ ପାଖରେ ଅଛି। ଯଦି ଜେଜେମାଆ ପିଲାଟିର ହେପାଜତ ଚାହାଁନ୍ତି, ତେବେ ସେ ଉପଯୁକ୍ତ ଆଇନଗତ ଫୋରମର ପାଖକୁ ଯାଇପାରିବେ। ସୁପ୍ରିମକୋର୍ଟ ଏପରି ମାମଲାଗୁଡ଼ିକର ସିଧାସଳଖ ଶୁଣାଣି କରନ୍ତି ନାହିଁ। ଜଷ୍ଟିସ ବି.ଭି. ନାଗାରତ୍ନା ଏବଂ ଜଷ୍ଟିସ ଏସ.ସି. ଭିଡିଓ ଲିଙ୍କ ମାଧ୍ୟମରେ ପିଲାଟି ସହିତ କଥା ହେବା ପରେ ଅତୁଲ ସୁଭାଷଙ୍କ ମାଆ ଅଞ୍ଜୁ ଦେବୀଙ୍କ ଆବେଦନର ଜବାବରେ ଶର୍ମା ଏହି ନିଷ୍ପତ୍ତି ଦେଇଛନ୍ତି। ସୂଚନାଯୋଗ୍ୟ, ଅତୁଲ ସୁଭାଷଙ୍କ ମାଆ ପିଲାଟିର ହେପାଜତ ମାଗିଥିଲେ। ଆଜି ବେଙ୍ଗାଲୁରୁରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ୪ ବର୍ଷର ଶିଶୁଟି ଶୁଣାଣିରେ ଯୋଗ ଦେଇଥିଲା। ଏହି ସମୟ ମଧ୍ୟରେ, ଅତୁଲଙ୍କ ପତ୍ନୀ ନିକିତା ସିଂଘାନିଆଙ୍କ ଓକିଲଙ୍କ ଅନୁରୋଧ କ୍ରମେ, ସମସ୍ତ ଅନାବଶ୍ୟକ ଲୋକଙ୍କୁ କୋର୍ଟରୁ ବାହାର କରିଦିଆଯାଇଥିଲା। ଶୁଣାଣିର ସିଧାପ୍ରସାରଣ ମଧ୍ୟ ବନ୍ଦ କରାଯାଇଥିଲା।

# ବାଣିଜ୍ୟ



ଟୋକିଓ: ପ୍ରଶାନ୍ତ ମହାସାଗରା ଗଭୀର ସମୁଦ୍ରରେ ଜାପାନକୁ ନିଜର ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍‌ରେ ବିରଳ ଖଣିଜ ପଦାର୍ଥ ଭଣ୍ଡାରର ଏକ ଗୁରୁତ୍ୱପୂର୍ଣ୍ଣ ସନ୍ଧାନ ମିଳିଛି। ଏହି ଆବିଷ୍କାର ଜାପାନର ଅର୍ଥନୀତିକୁ ନୂତନ ରୂପ ଦେବାକୁ ସକ୍ଷମ ହେବ ବୋଲି କୁହାଯାଉଛି। କେବଳ ଏତିକି ନୁହେଁ, ଏହି ଆବିଷ୍କାର ବିରଳ ଖଣିଜ ପଦାର୍ଥ କ୍ଷେତ୍ରରେ ବିଶ୍ୱ ଯୋଗାଣ ଶୃଙ୍ଖଳାର ନୂଆ ସମୀକରଣ ସୃଷ୍ଟି କରିପାରେ। ୨୬ ବିଲିୟନ ଡ଼ଲାର (୨୧,୬୦୯୫୬୬୯୭୫୦୦ଟଙ୍କା) ମୂଲ୍ୟର ଏହି ଭଣ୍ଡାର ଟୋକିଓଠାରୁ ପ୍ରାୟ ୧୨୦୦ ମାଇଲ ଦୂରରେ ଥିବା ମିନାମି-ଟୋରି-ଶିମା ଦ୍ୱୀପ ନିକଟରେ ଅବସ୍ଥିତ। ଏହି ଆବିଷ୍କାର ବିରଳ ଖଣିଜ ପଦାର୍ଥ ବଜାର ଉପରେ ଚୀନ୍‌ର ପ୍ରାଧାନ୍ୟକୁ ଶେଷ କରି ଦେଇପାରେ ବୋଲି କୁହାଯାଉଛି। ସମୁଦ୍ରର ୫,୭୦୦ ମିଟର ଗଭୀରରେ ଥିବା ଏହି ବିଶାଳ ଭଣ୍ଡାରରେ ଆନୁମାନିକ ୨୩୦ ନିୟୁତ ଟନ୍ ବିରଳ ଖଣିଜ ପଦାର୍ଥ ରହିଛି। ସେଥିରେ କୋବାଲ୍ଟ ଏବଂ ନିକେଲ୍ ରହିଛି। ଏସବୁ ଖଣିଜ ପଦାର୍ଥ ବୈଦ୍ୟୁତିକ ଯାନ (ଇଭି) ବ୍ୟାଟେରୀ ଏବଂ ଅନ୍ୟାନ୍ୟ ଉନ୍ନତ ଜ୍ଞାନକୌଶଳ ଉତ୍ପାଦନରେ ପ୍ରମୁଖ ଉପାଦାନ ଭାବେ ବ୍ୟବହାର କରାଯାଇଥାଏ। ନିପନ୍ ଫାଉଣ୍ଡେସନ୍ ଏବଂ ଟୋକିଓ ବିଶ୍ୱବିଦ୍ୟାଳୟ ଦ୍ୱାରା ଅଣ୍ଡର ୱାଟର ଯାନ ବ୍ୟବହାର କରି ଅତ୍ୟାଧୁନିକ ଭାବେ କରାଯାଇଥିବା ଏକ ମିଳିତ ସର୍ଭେରେ ଏହି ଆବିଷ୍କାର ସମ୍ଭବ ହୋଇଛି।

## 'ଭାରତ ହଳଦୀ ଉତ୍ପାଦନର ଗ୍ଲୋବାଲ ହବ୍ ହେବ': ରିପୋର୍ଟ




ନୂଆଦିଲ୍ଲୀ: ଜାତୀୟ ହଳଦୀ ବୋର୍ଡର ଶୁଭାରମ୍ଭର ଗୋଟିଏ ଦିନ ପରେ ଇଣ୍ଡିଆନ୍ କାଉନସିଲ୍ ଫର୍ ରିସର୍ଚ୍ଚ ଅନ୍ ଇନ୍‌ଟରନ୍ୟାସନାଲ ଇକୋନୋମିକ ରିଲେସନ୍ସ (ଆଇସିଆରଆଇଇଆର) ଏବଂ ଆମୱେ ଇଣ୍ଡିଆ ଏଣ୍ଟରପ୍ରାଇଜେସ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ହଳଦୀ ଚାଷୀଙ୍କ ସମ୍ମୁଖୀନ ହେଉଥିବା ଆହ୍ୱାନର ମୁକାବିଲା କରିବା ସହ ବିଶ୍ୱ ହଳଦୀ ବଜାରରେ ଭାରତର ସ୍ଥିତି ବୃଦ୍ଧି ପାଇଁ ଏକ ରଣନୈତିକ ରୋଡ୍ ମ୍ୟାପ୍ ପ୍ରଦାନ କରି 'ମେକ୍ ଇଣ୍ଡିଆ ଫର୍ ହଳଦୀ' ଶୀର୍ଷକ ଏକ ବିସ୍ତୃତ ମିଳିତ ରିପୋର୍ଟ ଉନ୍ମୋଚନ କରାଯାଇଛି। ମଙ୍ଗଳବାର ଦିନ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ଦେଶର ଅନ୍ୟତମ ପ୍ରମୁଖ ହଳଦୀ ହବ୍ ଉତ୍ତର ତେଲେଙ୍ଗାନାର ନିଜାମାବାଦରେ ବୋର୍ଡକାର୍ଯ୍ୟାଳୟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ନୂଆ ବୋର୍ଡ ୨୦୩୦ ସୁଦ୍ଧା ହଳଦୀ ରପ୍ତାନିକୁ ୧ ବିଲିୟନ ଡଲାରକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ଭାରତୀୟ ଆନ୍ତର୍ଜାତିକ ଅର୍ଥନୈତିକ ସମ୍ପର୍କ ଗବେଷଣା ପରିଷଦ (ଆଇସିଆରଆଇଇଆର)ର ନିର୍ଦ୍ଦେଶକ ତଥା ସିଇ ଡ. ଦୀପକ ମିଶ୍ର ସ୍ୱାଗତ ଭାଷଣରେ କହିଛନ୍ତି, 'ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରାଳୟ ଆକଳନ କରୁଛି ଯେ ୨୦୩୦ ସୁଦ୍ଧା ଭାରତର ହଳଦୀ ରପ୍ତାନି ୧ ବିଲିୟନ ଡଲାରରେ ପହଂଚିବ। ସରକାର ନ୍ୟାସନାଲ ହଳଦୀ ବୋର୍ଡ ମଧ୍ୟ ଗଠନ କରିଛନ୍ତି। ଏହି ବ୍ୟାପକ ସର୍ବେକ୍ଷଣ ପାଇଁ ଆମୱେ ଇଣ୍ଡିଆ ସହଯୋଗ ପ୍ରଦାନ କରିଛି। ଶେଷ ବକ୍ତବ୍ୟରେ ଆମୱେ ଇଣ୍ଡିଆର ଏମ୍‌ଡି ରଜନୀଶ ଚୋପ୍ରା କହିଛନ୍ତି ଯେ, 'ଆଇସିଆରଆଇଇଆର ଦ୍ୱାରା ପ୍ରକାଶିତ 'ମେକ୍ ଇଣ୍ଡିଆ ଦ ଗ୍ଲୋବାଲ ହବ୍ ଫର୍ ହଳଦୀ' ରିପୋର୍ଟରେ କୃଷକ, କୃଷକ ଉତ୍ପାଦକ ସଂଗଠନ, କମ୍ପାନି ଏବଂ ନୀତି ନିର୍ଦ୍ଧାରକଙ୍କ ବୁଝାମଣାକୁ ସତର୍କତାର ସହ ଉପସ୍ଥାପନ କରାଯାଇଛି, ଯେଉଁଥିରେ ହଳଦୀ ଶିଳ୍ପର ସାମ୍ପ୍ରତିକ ଦୃଶ୍ୟ ଏବଂ ଭବିଷ୍ୟତର ସୁଯୋଗ ଗୁଡ଼ିକର ବ୍ୟାପକ ବିଶ୍ଳେଷଣ କରାଯାଇଛି।

## ସ୍ମାର୍ଟ ବଜାର ପକ୍ଷରୁ ଫୁଲ୍ ପଇସା ଅସୁଲ ସେଲ୍ ଘୋଷଣା




ମୁମ୍ବାଇ: ଭାରତର ବିଶ୍ୱସ୍ତ ମୂଲ୍ୟ ସପିଂ ଗନ୍ତବ୍ୟସ୍ଥଳ ସ୍ମାର୍ଟ ବଜାର ୨୨ ଜାନୁଆରୀରୁ ୨୬ ଜାନୁଆରୀ ୨୦୨୫ ପର୍ଯ୍ୟନ୍ତ ଏହାର ବହୁ ପ୍ରତୀକ୍ଷିତ ଫୁଲ୍ ପଇସା ଅସୁଲ ସେଲ୍ ଆରମ୍ଭ କରିବାକୁ ପ୍ରସ୍ତୁତ। ଏହି ମେଗା ସେଲ୍ ବିଭିନ୍ନ ପ୍ରକାରର ଉତ୍ପାଦରେ ଅଦ୍ଭୁତ ରିହାତି ଏବଂ ଅବିଶ୍ୱସନୀୟ ସଞ୍ଚୟ ପ୍ରତିଶ୍ରୁତି ଦିଏ, ଯାହା ପ୍ରତ୍ୟେକ ପରିବାର ପାଇଁ ମେହେଙ୍ଗାଇ କା ମିଟରକୁ ପରାସ୍ତ କରିବା ପୂର୍ବ ଅପେକ୍ଷା ସହଜ କରିଥାଏ । ଦେଶବ୍ୟାପୀ ୯୦୦ରୁ ଅଧିକ ଷ୍ଟୋର ସହିତ ସ୍ମାର୍ଟ ବଜାର ଗ୍ରାହକମାନଙ୍କ ପାଇଁ ଅତୁଳନୀୟ ଡିଲ୍ ଆଣୁଛି, ସର୍ବାଧିକ ପ୍ରତିଯୋଗିତାମୂଳକ ମୂଲ୍ୟରେ ଗୋଟିଏ ଛାତ ତଳେ ଆପଣଙ୍କୁ ଆବଶ୍ୟକ ସମସ୍ତ ଜିନିଷ ପ୍ରଦାନ କରୁଛି। ଫୁଲ୍ ପଇସା ଅସୁଲ ସେଲ୍ ସମୟରେ ଗ୍ରାହକମାନେ ଅବିଶ୍ୱସନୀୟ ଅଫରଗୁଡ଼ିକର ଉପଭୋଗ କରିପାରିବେ ଯେପରିକି: ମାତ୍ର ୭୯୯ରେ ୫ କିଲୋ ଚାଉଳ + ୩ ଲିଟର ତେଲ, ଥଣ୍ଡା ପାନୀୟ: ୩ କିଣନ୍ତୁ, ୧ ମାଗଣା ପାଆନ୍ତୁ, ବିସ୍କୁଟ୍: ୨ କିଣନ୍ତୁ, ୧ ମାଗଣା ପାଆନ୍ତୁ, ଡିଟରଜେଣ୍ଟ: ଫ୍ଲାଟ୍ ୩୩% ରିହାତି ଏବଂ ସମଗ୍ର ପରିବାର ପାଇଁ ଚକୋଲେଟ୍, ଘର ସାଜସଜ୍ଜା, ଲଗେଜ୍ ଏବଂ ପୋଷାକ ଉପରେ ରିହାତି ସମେତ ଅନେକ କିଛି । ଗ୍ରାହକମାନେ କିଣା ସାମଗ୍ରୀ ଷ୍ଟକ୍ କରିବାକୁ, ଅଣ-କିଣା ସାମଗ୍ରୀ କିଣିବାକୁ କିମ୍ବା ସେମାନଙ୍କର ପୋଷାକକୁ ସତେଜ କରିବାକୁ ଚାହୁଁଥିଲେ, ସ୍ମାର୍ଟ ବଜାରର ଫୁଲ୍ ପଇସା ଅସୁଲ ସେଲ୍ ଗ୍ରାହକମାନଙ୍କୁ ସେମାନଙ୍କର ଆବଶ୍ୟକୀୟ ଜିନିଷ ପାଇବା ସହିତ ବଡ଼ ସଞ୍ଚୟ କରିବା ନିଶ୍ଚିତ କରେ। ସ୍ମାର୍ଟ ବଜାର ସେମାନଙ୍କର ବଜେଟ୍ ଆହୁରି ବିସ୍ତାର କରିବାକୁ ଚାହୁଁଥିବା ସଚେତନ କ୍ରେତାମାନଙ୍କ ପାଇଁ ସର୍ବୋତ୍ତମ ଗନ୍ତବ୍ୟସ୍ଥଳ ହୋଇ ରହିଛି। ଭାରତର ସବୁଠାରୁ ପ୍ରତୀକ୍ଷିତ ବିକ୍ରୟ କାର୍ଯ୍ୟକ୍ରମର ଲାଭ ଉଠାଇବାର ସୁଯୋଗ ହାତଛଡ଼ା କରନ୍ତୁ ନାହିଁ। ଆଜି ହିଁ ନିକଟତମ ସ୍ମାର୍ଟ ବଜାର ଷ୍ଟୋରକୁ ପରିଦର୍ଶନ କରନ୍ତୁ ଏବଂ ଏହି ଅବିଶ୍ୱସନୀୟ ଅଫରଗୁଡ଼ିକର ସର୍ବାଧିକ ଲାଭ ଉଠାନ୍ତୁ। ମେହେଙ୍ଗାଇ କା ମିଟର ହୁଆ ଫେଲ୍, ଆ ଗୟା ପୁରା ପଇସା ଅସୁଲ୍ ବିକ୍ରୟ ।

## ମଣିପାଲ ହସ୍ପିଟାଲ ଭୁବନେଶ୍ୱର ୧୦ ବର୍ଷରେ କରିଛି ୫୦୦ରୁ ଉର୍ଦ୍ଧ୍ୱ କିଡ୍‌ନୀ ପ୍ରତିରୋପଣ




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : କିଡ୍‌ନୀ ରୋଗର ସଫଳ ଚିକିତ୍ସା ପାଇଁ ଓଡ଼ିଶାର ଘରେ ଘରେ ସୁପରିଚିତ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ଚିକିତ୍ସା କ୍ଷେତ୍ରରେ ପୁଣି ଏକ ମାଇଲଷ୍ଟୋନ୍ ଅତିକ୍ରମ କରିଛି। ଗତ ୧୦ ବର୍ଷ ମଧ୍ୟରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ଠାରେ ସଫଳତାର ସହିତ ୫୦୦ରୁ ଉର୍ଦ୍ଧ୍ୱ କିଡ୍‌ନୀ ପ୍ରତିରୋପଣ କରାଯାଇଛି। ମଣିପାଲ ହସ୍ପିଟାଲରେ ଅଭିଜ୍ଞ ଡାକ୍ତର ଏବଂ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ଫଳରେ କିଡ୍‌ନୀ ରୋଗରେ ଆକ୍ରାନ୍ତ ଥିବା ଅନେକ ଛୋଟ ପିଲା, ଜଟିଳ କଡ୍‌ନୀ ରୋଗୀ ଏବଂ ବୟସ୍କ କିଡ୍‌ନୀ ରୋଗୀ ମାନେ ନୂତନ ଜୀବନ ପାଇଛନ୍ତି। କିଡ୍‌ନୀ ପ୍ରତିରୋପଣ ପାଇଁ ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ରହିଛି ସ୍ୱତନ୍ତ୍ର ପରିଚୟ।ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ହସ୍ପିଟାଲ ଡାଇରେକ୍ଟର ଡାକ୍ତର ଶକ୍ତିମୟ ମହାପାତ୍ରଙ୍କ ମତରେ,କିଡ୍‌ନୀ ପ୍ରତିରୋପଣ କ୍ଷେତ୍ରରେ ମଣିପାଲ ହସ୍ପିଟାଲ ସଫଳତା ପଛରେ ରହିଛି ଅଭିଜ୍ଞ ଡାକ୍ତରଙ୍କ ଟିମ୍। ହସ୍ପିଟାଲର ବରିଷ୍ଠ ମୂତ୍ରରୋଗ ବିଶେଷଜ୍ଞ ଡାକ୍ତର ମାନସ ରଞ୍ଜନ ପ୍ରଧାନ । ସେ ଅନେକ ଶିଶୁଙ୍କ କିଡ୍‌ନୀ ପ୍ରତିରୋପଣ, ଦୀର୍ଘ ଦିନ ଧରି କିଡ୍‌ନୀ ରୋଗରେ ଆକ୍ରାନ୍ତ ରୋଗୀଙ୍କ ପ୍ରତିରୋପ କରିବା ସହିତ ଅନେକ ଜଟିଳ କିଡ୍ନୀ ପ୍ରତିରୋପଣ କରିଛନ୍ତି । ଡାକ୍ତର ମାନସ ପ୍ରଧାନଙ୍କ ମତରେ, "ଜଣେ ସର୍ଜନ ଭାବରେ କିଡ୍ନୀ ପ୍ରତିରୋପଣ କରି ଅନେକ ରୋଗୀଙ୍କ ଜୀବନ ରକ୍ଷା କରିବା ମୋ ପାଇଁ ଏକ ଖୁସୀର ବିଷୟ। ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ବରିଷ୍ଠ କିଡ୍‌ନୀ ରୋଗ ବିଶେଷଜ୍ଞ ଡାକ୍ତର ସାଇ ପ୍ରସାଦ ସାହୁ ରକ୍ତ ଗ୍ରୁପ୍ ସମାନ୍ ନଥିବା ଅନେକ କିଡ୍ନୀ ରୋଗୀଙ୍କ ସେ ସଫଳତାର ସହିତ କିଡ୍ନୀ ପ୍ରତିରୋପଣ କରିଛନ୍ତି। ସେହିଭଳି ମଣିପାଲ ହସ୍ପିଟାଲର ଅଭିଜ୍ଞ ମୂତ୍ରରୋଗ ବିଶେଷଜ୍ଞ ଡାକ୍ତର ସୁବୋଧ ଦାସଙ୍କ ମତରେ, ଆମ ହସ୍ପିଟାଲରେ ଏକ ସମର୍ପିତ ଟିମ୍ ସ୍ୱତନ୍ତ୍ର ଭାବରେ ପ୍ରତେକ୍ୟ ରୋଗୀଙ୍କର ଯତ୍ନ ଭଲ ଭାବରେ ନିଆଯାଏ। ବରିଷ୍ଠ କିଡ୍‌ନୀ ରୋଗ ବିଶେଷଜ୍ଞ ଡାକ୍ତର ସୁକାନ୍ତ କିଶୋର ଦାସଙ୍କ ମତରେ, କିଡ୍‌ନୀ ପ୍ରତିରୋପଣ ପାଇଁ ମଣିପାଲ ହସ୍ପିଟାଲ ରହିଛି ସମସ୍ତ ପ୍ରକାର ସୁବିଧା। ମଣିପାଲ ହସ୍ପିଟାଲ୍, ଭୁବନେଶ୍ୱରରେ କିଡ୍‌ନୀ ପ୍ରତିରୋପଣ ପାଇଁ ରହିଛନ୍ତି ଅଭିଜ୍ଞ ଓ ବରିଷ୍ଠ ଡାକ୍ତରଙ୍କ ଟିମ୍ । ଯାହା ଫଳରେ ଗତ ୧୦ ବର୍ଷ ମଧ୍ୟରେ ଅନେକ ଜଟିଳ ଟ୍ରାନସପ୍ଲାଣ୍ଟ୍ ସଫଳ ସହିତ କରାଯାଇଛି। ୧୦ ବର୍ଷରୁ ଅଧିକ ବର୍ଷର ଅନୁଭବ ଏବଂ ୫୦୦ରୁ ଉର୍ଦ୍ଧ ସଫଳତାର ସହିତ କିଡ୍‌ନୀ ପ୍ରତିରୋପଣ ସହିତ ମଣିପାଲ ହସ୍ପିଟାଲ, ଭୁବନେଶ୍ୱର ଓଡ଼ିଶାରେ କିଡ୍‌ନୀ ପ୍ରତିରୋପଣ ଏକ ନୂତନ ମାଇଲ ଷ୍ଟୋନ୍ ତିଆରି କରିଛି ।

## ଆଥର୍ ପକ୍ଷରୁ ସମ୍ବଲପୁରରେ ଖୋଲିଲା ପ୍ରଥମ ଏକ୍ସପେରିଏନ୍ସ ସେଣ୍ଟର୍



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଭାରତର ଅଗ୍ରଣୀ ଇଲେକ୍ଟ୍ରିକ ଦୁଇଚକିଆ ଯାନ ନିର୍ମାତା, ଏଥର ଏନର୍ଜି ଲିମିଟେଡ ସମ୍ବଲପୁରର ଅଇଁଠାପାଲୀଠାରେ ଏହାର ପ୍ରଥମ ଏକ୍ସପେରିଏନ୍ସ ସେଂଟର୍ 'ଆଥର ସ୍ପେସ୍'ର ଶୁଭାରମ୍ଭ କରିଛି। ଏହି ଏକ୍ସପେରିଏନ୍ସ ସେଂଟର୍‌ରେ ଗ୍ରାହକମାନେ ଏଥର୍‌ର ପ୍ରଥମ ଫ୍ୟାମିଲି ସ୍କୁଟର ରିଷ୍ଟା'କୁ କ୍ରୟ କରିପାରିବେ। ଏଥର୍ ଏନର୍ଜିର ବର୍ତ୍ତମାନ ଓଡିଶାରେ ୯ଟି ଏକ୍ସପେରିଏନ୍ସ ସେଂଟର ରହିଛି। ଏହି ଏକ୍ସପେରିଏନ୍ସ ସେଂଟରଗୁଡିକରେ ଲୋକମାନେ ସ୍କୁଟରଗୁଡିକ ଉପରେ ବିସ୍ତୃତ ସୂଚନା ପାଇବା ସହ ସେଗୁଡିକର ଅନୁଭୂତି ଓ ଟେଷ୍ଟ ରାଇଡ ପାଇପାରିବେ। ଆଥର୍ ଗ୍ରିଡ ହେଉଛି ଭାରତର ସବୁଠାରୁ ବିସ୍ତୃତ ୨-ହ୍ୱିଲର ଫାଷ୍ଟ ଚାର୍ଜିଂ ନେଟୱର୍କ ଯାହାର ୩୧ ଡିସେମ୍ବର ୨୦୨୪ ସୁଦ୍ଧା ଓଡିଶାରେ ୫୨ଟି ଓ ସମଗ୍ର ଭାରତରେ ୨୫୮୩ଟି ଫାଷ୍ଟ ଚାର୍ଜର ରହିଛି। ଏହି ଅବସରରେ ଏଥର୍ ଏନର୍ଜିର ମୁଖ୍ୟ ବାଣିଜ୍ୟିକ ଅଧିକାରୀ, ରବନୀତ ସିଂହ ଫୋକେଲା କହିଛନ୍ତି, 'ଆମେ ସମ୍ବଲପୁରରେ ଆମର ପ୍ରଥମ ଏକ୍ସପେରିଏନ୍ସ ସେଂଟରର ଲଂଚ୍ ଘୋଷଣା କରି ଉତ୍ସାହିତ ଅଛୁ। ରାଜ୍ୟରେ ଇଲେକ୍ଟ୍ରିକ ଗାଡ଼ି ପ୍ରତି ବଢୁଥିବା ଗ୍ରହଣୀୟତାକୁ ଦୃଷ୍ଟିରେ ରଖି ଓଡ଼ିଶା ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣବ ବଜାର । ଆମେ ବିଶ୍ୱାସ କରୁଛୁ ଆମର ପ୍ରଥମ ଫ୍ୟାମିଲି ସ୍କୁଟର ରିଷ୍ଟା ଏହାର ବଡ ସିଟ୍, ବୁଟ୍ ସ୍ପେଶ, ସଫ୍ଟୱେୟାର ଓ ସୁରକ୍ଷା ଫିଚରଗୁଡିକ ସହିତ ବଜାର ପାଇଁ ଉପଯୁକ୍ତ ଅଟେ। ନିର୍ଦ୍ଦେଶକ ଅନମୋଲ ହୁରା କହିଛନ୍ତି, 'ହରଜିତ ଏନର୍ଜିରେ ଆମେ ଇଲେକ୍ଟ୍ରିକ ଦୁଇଚକିଆ ଯାନ ସେଗମେଂଟରେ ଭାରତର ସବୁଠାରୁ ଅଭିନବ ବ୍ରାଣ୍ଡ ଏଥର ଏନର୍ଜି ସହ ସହଭାଗିତା କରି ଗର୍ବିତ ଅନୁଭବ କରୁଛୁ। ରିଷ୍ଟା ସ୍କୁଟର ଏବେ ଦୁଇଟି ମଡେଲ ଓ ୩ଟି ଭାରିଆଂଟରେ: ଯେପରିକି ୨.୯ କେଡବ୍ଲ୍ୟୁଏଚ ବ୍ୟାଟେରୀ ସହିତ ରିଷ୍ଟା ଏସ୍ ଓ ରିଷ୍ଟା ଜେଡ୍ ଏବଂ ୩.୭ କେଡବ୍ଲ୍ୟୁଏଚ୍ ବ୍ୟାଟେରୀ ସହ ରିଷ୍ଟା ଜେଡ୍ ଭାବେ ଉପଲବ୍ଧ ହେଉଛି। ୨.୯ କେଡବ୍ଲ୍ୟୁଏଚ୍ ଭାରିଆଂଟରେ ୧୨୩ କିମିର ଏକ ରେ ରହିବ ବୋଲି ଆଶା କରାଯାଉଥିବା ବେଳେ ୩.୭ କେଡବ୍ଲ୍ୟୁଏଚ ଭାରିଆଂଟ ୧୫୯ କିମିର ଏକରେ ପ୍ରଦାନ କରୁଛି।

## ବଜାଜ ଫାଇନାନ୍ସ ଏବଂ ଭାରତୀ ଏୟାରଟେଲର ରଣନୀତି ପ୍ରସ୍ତୁତ

ନୂଆଦିଲ୍ଲୀ : ବଜାଜ ଫାଇନାନ୍ସ ଏବଂ ଭାରତର ଅନ୍ୟତମ ବୃହତ୍ତମ ଟେଲିକମ୍ ସେବା ପ୍ରଦାନକାରୀ କମ୍ପାନୀ ଭାରତୀ ଏୟାରଟେଲ୍ ଆଜି ଆର୍ଥିକ ସେବା ପାଇଁ ଭାରତର ସର୍ବବୃହତ୍ ଡିଜିଟାଲ୍ ପ୍ଲାଟଫର୍ମ ସୃଷ୍ଟି କରିବା ଏବଂ ଶେଷ ମାଇଲ୍ ଡେଲିଭରିରେ ପରିବର୍ତ୍ତନ ଆଣିବା ପାଇଁ ଏକ ରଣନୈତିକ ଭାଗିଦାରୀ ଘୋଷଣା କରିଛନ୍ତି। ବଜାଜ ଫାଇନାନ୍ସର ୨୭ଟି ପ୍ରଡକ୍ଟ ଲାଇନର ବିବିଧ ସମୂହ ଏବଂ ୫,୦୦୦+ ରୁ ଅଧିକ ଶାଖା ଏବଂ ୭୦,୦୦୦ ଫିଲ୍ଡ ଏଜେଣ୍ଟର ବିତରଣ ହେଫ୍ଟ ଏବଂ ଏୟାରଟେଲର ୩୭୦ ନିୟୁତ ରୁ ଅଧିକ ଗ୍ରାହକ ଭିତ୍ତିଭୂମି, ୧୨ଲକ୍ଷରୁ ଅଧିକ ଶକ୍ତିଶାଳୀ ବିତରଣ ନେଟୱର୍କକୁ ଏହି ଭାଗିଦାରୀ ଏକାଠି କରିଛି । ବଜାଜ ଫାଇନାନ୍ସର ପରିଚାଳନା ନିର୍ଦ୍ଦେଶକ ରାଜୀବ ଜୈନ କହିଛନ୍ତି, ଭାରତର ଡିଜିଟାଲ ଇକୋସିଷ୍ଟମ ଡାଟା ଦ୍ୱାରା ପରିଚାଳିତ କ୍ରେଡିଟ୍ ଅଣ୍ଡରରାଇଟିଂ ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣର କେନ୍ଦ୍ରରେ ରହିଛି । ଏୟାରଟେଲ୍ ସହ ଆମର ଭାଗିଦାରୀ କେବଳ ଅନ୍ତର୍ଭୁକ୍ତ ଅଭିବୃଦ୍ଧି ପାଇଁ ଭାରତର ଡିଜିଟାଲ୍ ଭିତ୍ତିଭୂମିକୁ ଉପଯୋଗ କରେ ନାହିଁ ବରଂ ଭାରତର ଦୁଇଟି ଅଗ୍ରଣୀ ଏବଂ ସବୁଠାରୁ ବିଶ୍ୱସ୍ତ ବ୍ରାଣ୍ଡ ଦକ୍ଷତା ଏବଂ ପହଂଚକୁ ଏକାଠି କରେ । ଏୟାରଟେଲ ସହିତ ମିଶି ଆମେ ଭାରତର ପସନ୍ଦର ଫାଇନାନ୍ସର ହେବାକୁ ଚାହୁଁଛୁ ଏବଂ ଦୁର୍ଗମ ଅଂଚଳରେ ମଧ୍ୟ ଲକ୍ଷ ଲକ୍ଷ ଲୋକଙ୍କୁ ଆର୍ଥିକ ସେବା ଉପଲବ୍ଧ କରାଇବାକୁ ସକ୍ଷମ କରିବାକୁ ଚାହୁଁଛୁ । ଭାରତୀ ଏୟାରଟେଲର ଉପାଧ୍ୟକ୍ଷ ଗୋପାଳ ଭିଟ୍ଟାଲ କହିଛନ୍ତି ଯେ, ଏହି ଦେଶର ଦୁଇ ବିଶ୍ୱସ୍ତ ନାମ ଏୟାରଟେଲ ଏବଂ ବଜାଜ ଫାଇନାନ୍ସର ଆର୍ଥିକ ଆବଶ୍ୟକତାର ବିବିଧ ପୋର୍ଟଫୋଲିଓ ସହିତ ଲକ୍ଷ ଲକ୍ଷ ଭାରତୀୟଙ୍କୁ ସଶକ୍ତ କରିବାର ମିଳିତ ଦୃଷ୍ଟିକୋଣ ରହିଛି ।

## ଟାଟା ପାୱାର ରିନ୍ୟୁଏବଲ ଓ ଓରେଡା ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଭାରତର ଅକ୍ଷୟ ଶକ୍ତି କ୍ଷେତ୍ରରେ ଅଗ୍ରଣୀ କମ୍ପାନି ତଥା ଟାଟା ପାୱାରର ସହାୟକ ସଂସ୍ଥା ଟାଟା ପାୱାର ଅକ୍ଷୟ ଶକ୍ତି ଲିମିଟେଡ୍ (ଟିପିଆରଇଏଲ) ଆବାସିକ ଗ୍ରାହକଙ୍କ ମଧ୍ୟରେ ରୁଫ୍‌ଟପ୍ ସୋଲାର ଗ୍ରହଣକୁ ତ୍ୱରାନ୍ୱିତ କରିବା ପାଇଁ ଅକ୍ଷୟ ଶକ୍ତି ଲାଗି ରାଜ୍ୟର ନୋଡାଲ ଏଜେନ୍ସି ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ଏଜେନ୍ସି ଲିମିଟେଡ (ଓରେଡା ଲିମିଟେଡ) ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏହି ସହଯୋଗିତା ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନା (ପିଏମଏସଜିୱାଇ) କାର୍ଯ୍ୟକାରୀ କରି ଓଡ଼ିଶାର ଅକ୍ଷୟ ଶକ୍ତି କ୍ଷେତ୍ରର ସମ୍ପ୍ରସାରଣ ପାଇଁ ଏକ ମିଳିତ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଓଡ଼ିଶା ସରକାରଙ୍କ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ ଏବଂ ମୁଖ୍ୟ ଶାସନ ସଚିବ ଆଇଏଏସ୍ ମନୋଜ ଆହୁଜାଙ୍କ ଉପସ୍ଥିତିରେ ଓରେଡା ଲିମିଟେଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସାଇଦତ୍ତ ବିପ୍ଳବ କେଶରୀ ପ୍ରଧାନ ଏବଂ ଟାଟା ପାୱାରର ସିଇଓ ତଥା ଏମଡି ଡ. ପ୍ରବୀର ସିହ୍ନା ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ସହଯୋଗିତାର ଲକ୍ଷ୍ୟ ହେଉଛି ସମଗ୍ର ଓଡ଼ିଶାରେ ସୁଲଭ ସୌର ଶକ୍ତି ସମାଧାନର ନିରବଚ୍ଛିନ୍ନ ରୂପାୟନ ଏବଂ ଜନସଚେତନତା ବୃଦ୍ଧି ମାଧ୍ୟମରେ ସୌର ଶକ୍ତି ଗ୍ରହଣକୁ ତ୍ୱରାନ୍ୱିତ କରିବା। ଅକ୍ଷୟ ଶକ୍ତି ଏବଂ ଶକ୍ତି ଦକ୍ଷତାର ଲାଭ ଉପରେ ଗୁରୁତ୍ୱ ଦେବା ପାଇଁ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ (ଆଇଇସି) ସାମଗ୍ରୀ ସୃଷ୍ଟି ଏବଂ ପ୍ରସାର ଦ୍ୱାରା ସମର୍ଥିତ ଜନଶିକ୍ଷା ଏକ କେନ୍ଦ୍ରୀୟ ସ୍ତମ୍ଭ ହୋଇ ରହିବ। ଦେଶରେ ସର୍ବାଧିକ ସୋଲାର ସବସିଡି ଥିବା ରାଜ୍ୟ ଭାବରେ ଓଡ଼ିଶା ସୌର ବିପ୍ଳବର ନେତୃତ୍ୱ ନେଉଛି।



ବୋଲଗଡ଼ (ଭାସ୍କର ନ୍ୟୁଜ): ବୋଲଗଡ଼ ବ୍ଲକ ଖଙ୍ଗୁରିଆ ଗ୍ରାମ ବଡ଼ତୋଟା ଖେଳପଡିଆରେ ଅନୁଷ୍ଠିତ ହେଉଥିବା ୧୦ମ ମା ରାମଚଣ୍ଡୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଲିଗ୍ ମ୍ୟାଚ ସୋମବାର ଅନୁଷ୍ଠିତ ହୋଇଯାଇଛି।ଏହି ମ୍ୟାଚରେ ବୋଲଗଡ଼ କ୍ରିକେଟ କ୍ଲବ ଓ ରମ୍ଭାବିଲ କ୍ରିକେଟ କ୍ଲବ ମଧ୍ୟରେ ମୁକାବିଲା ହୋଇଥିବା ବେଳେ ରମ୍ଭାବିଲ ଦଳ ବିଜୟ ଲାଭ କରି ପରବର୍ତ୍ତୀ ରାଉଣ୍ଡ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ମ୍ୟାଚରେ ରମ୍ଭାବିଲ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ବିନିମୟରେ ୯୦ ରନ ସଂଗ୍ରହ କରିଥିଲା।ଏହାର ଜବାବରେ ବୋଲଗଡ଼ ଦଳ ୧୨.୫ ଓଭର ଖେଳି ମାତ୍ର ୫୮ ରନରେ ସମସ୍ତ ଉଇକେଟ ହରାଇ ପରାଜୟ ବରଣ କରିବା ସହ ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇଛି।ଏହି ମ୍ୟାଚଟିକୁ ଅମ୍ପେୟର ଭାବେ ବ୍ରହ୍ମାନନ୍ଦ ଓ ବକୁଲ କୁମାର ପରିଚାଳନା କରିଥିଲେ।ଅତିଥି ଭାବେ ପୂର୍ବତନ ସମିତିସଭ୍ୟ ତଥା ବରିଷ୍ଠ ସାମ୍ବାଦିକ ରମେଶ ରଞ୍ଜନ ସାହୁ, ଦେବବ୍ରତ ହୋତା,ନିରଞ୍ଜନ ନାୟକ,ସଞ୍ଜୀବ କୁମାର ସେଠୀ ଓ ନିରଂଜନ ସେଠୀ ପ୍ରମୁଖ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଖଙ୍ଗୁରିଆର ମା ରାମଚଣ୍ଡୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଏହି ମ୍ୟାଚଟିକୁ ଚନ୍ଦନ,ଭାସ୍କର, ରାଜୁ, ସନ୍ତୋଷ, ଅନିଲ, ପ୍ରଭଞ୍ଜନ, ସିପୁ, ଜଗନ ପ୍ରମୁଖଙ୍କ ସମେତ କ୍ଲବ ସଦସ୍ୟ ମାନେ ସହଯୋଗ କରି ପରିଚାଳନା କରିଥିଲେ।

## ‘ଖୋ ଖୋ’ ବିଶ୍ୱକପ୍‌ରେ କାଶୀପୁର ଝିଅର କମାଲ




ରାୟଗଡ଼ା (ଭାସ୍କର ନ୍ୟୁଜ) : ଭାରତୀୟ ସ୍ୱଦେଶି ଖେଳ ଖୋ ଖ ବିଶ୍ୱ କପର ପ୍ରଥମ ସଂସ୍କରଣରେ ଉଭୟ ମହିଳା ଓ ପୁରୁଷ ଦଳ ବିଜୟୀ ହୋଇଛନ୍ତି। ଏଥି ସକାଶେ ଉଭୟ ଦଳକୁ ଛୁଟିବାରେ ଲାଗିଛି ପ୍ରଶଂସା ଓ ଶୁଭେଚ୍ଛାର ସୁଅ। ଏହି ବିଜୟ ଦଳରେ ଗୋଟିଏ ପୁଅ ଓ ଦୁଇଟି ଝିଅ ଓଡିଶାର ହୋଇଥିବାରୁ ସାରା ରାଜ୍ୟରେ ଖୁସିର ମାହଲ। ଦୁଇ ଜଣ ଝିଅ ମଧ୍ୟରୁ ମାଗାଇ ମାଝୀ ରାୟଗଡ଼ା ଜିଲ୍ଲାର କାଶୀପୁର ବ୍ଲକ୍ ଚନ୍ଦ୍ରଗିରୀ ପଞ୍ଚାୟତ କସନାଦରା ଗାଁ ହଇଥିବାରୁ ଏ ଖୁସି ଦୁଇଗୁଣିତ କରିଛି ଅଞ୍ଚଳବାସୀଙ୍କୁ, ମାଗାଇ ମାଝୀଙ୍କ ଏହି ସଫଳତା ପଛରେ ଅନେକ ସଂଘର୍ଷ ରହିଥିବା କୋହିଛନ୍ତି ମା’ ଗୁରୁବାରି ମାଝୀ, ମାଗାଇ ମାଝୀଙ୍କ ଗାଁ ସ୍କୁଲରେ ଦ୍ୱିତୀୟ ଶ୍ରେଣୀ ପାଠ ପଢୁ ଥିବା ସମୟରେ ବାପା ଡ଼ମ୍ବୁ ମାଝୀଙ୍କ ମୃତ୍ୟୁ ଘଟିଥିଲା। ଅନେକ ସଂଘର୍ଷରେ ବିତୁଥିଲା ତାଙ୍କ ପରିବାରର ଜୀବନ। ସେହି ସମୟରେ ଦାଦା କାର୍ତ୍ତିକ ନାଏକ ଭୁନେଶ୍ୱରସ୍ଥିତ କିସ୍ ବିଦ୍ୟାଳୟରେ ନାମ ଲେଖାଇଥିଲେ। ସେଠାରେ ସେ ପାଠ ପଢ଼ି ଏବଂ କଠିନ ପରିଶ୍ରମ କରି ଖୋ ଖୋ ଖେଳରେ ତାଙ୍କର ଆଗ୍ରହ ଥିବାବେଳେ ଅଧିକରୁ ଅଧିକ କେମିତି ଭଲ ପାଠ ପଢା ସହ ଖେଳ ପ୍ରତି ସୁଯୋଗ ସୃଷ୍ଟି ହେବା ନେଇ ଆଶା ଜାରି ରଖିଥିଲେ। ଏହି ବିଶ୍ୱ ଖୋ ଖୋ ପ୍ରତିଯୋଗିତା ଦିଲ୍ଲୀ ସ୍ଥିତ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ୍‌ରେ ଆୟୋଜନ ହୋଇଥିବା ବେଳେ ଏଥିରେ ୨୩ ଟି ଦେଶରୁ ୧୯ ଟି ମହିଳା ଦଳ ଓ ୨୦ ଟି ପୁରୁଷ ଦଳ ଅଂଶ ଗ୍ରହଣ କରିଥିଲେ। ସେଥି ମଧ୍ୟରୁ ଫାଇନାଲରେ ନେପାଳ ଦଳକୁ ହରାଇ ଉଭୟ ପୁରୁଷ ଏବଂ ମହିଳା ବିଶ୍ୱ ବିଜୟୀ ହୋଇଛନ୍ତି। ଖୋ ଖୋ ବିଶ୍ୱ ଚାମ୍ପିଅନସିପ ବିଜୟ ହେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ଏହି ସଫଳତା ପରେ ବିଭିନ୍ନ ମୋହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି ଏବଂ ତାଙ୍କ ପୈତୃକ କସନାଦରା ଗାଁ ଘରେ ଶୁଭେଚ୍ଛୁଙ୍କ ଭିଡ଼ ଦେଖିବାକୁ ମିଳୁଛି। ତାଙ୍କ ଫେରିବା ବାଟକୁ ଚାହିଁ ବସିଛନ୍ତି ଗାଁ ଲୋକେ ଗାଁ ମାଟିକୁ ଫେରିବା ପରେ ଧୁମ୍‌ଧାମରେ ସ୍ୱାଗତ କରିବା ନେଇ ପ୍ରସ୍ତୁତି ଜାରି ରଖିଥିବା ସୂଚନା ଦେଛନ୍ତି ଗାଁ ଲୋକେ।

# ଲକ୍ଷ୍ନୌ ଜାଏଣ୍ଟ୍‌ସର ଅଧିନାୟକ ହେଲେ ଋଷଭ ପନ୍ତ

ନୂଆଦିଲ୍ଲୀ: ଟିମ୍ ଇଣ୍ଡିଆର ଷ୍ଟାର ୱିକେଟ୍ କିପର ବ୍ୟାଟର ଏବଂ ଆଇପିଏଲ୍ ଇତିହାସର ସବୁଠୁ ଦାମୀ ଖେଳାଳି ରିଷଭ ପନ୍ତଙ୍କୁ ଲକ୍ଷ୍ନୌର ଅଧିନାୟକ ଭାବେ ନିଯୁକ୍ତ ମିଳିଥିବା ନେଇ ଏଲ୍‌ଏସଜି ମାଲିକ ସଞ୍ଜୀବ ଗୋୟଙ୍କା ସୋମବାର ଘୋଷଣା କରିଛନ୍ତି। ଆଇପିଏଲ୍ ମେଗା ନିଲାମୀରେ ପନ୍ତଙ୍କୁ ୨୭ କୋଟି ଟଙ୍କାରେ କିଣିଥିଲା ଏଲ୍‌ଏସଜି। ଟିମ୍‌ର ମାଲିକ ପନ୍ତଙ୍କ ଉପରେ ବିଶ୍ୱାସ ପଛର କାରଣ ବି କହିଛନ୍ତି। ପନ୍ତ ଜଣେ ଭଲ ଲିଡର୍ ଏବଂ ଆଇପିଏଲ୍‌ର ସବୁଠୁ ଭଲ ଅଧିନାୟକ ହୋଇପାରିବେ ବୋଲି ସେ କହିଛନ୍ତି। ଷ୍ଟାର୍ ସ୍ପୋର୍ଟ୍ସରେ ପନ୍ତଙ୍କ ସହ କାର୍ଯ୍ୟକ୍ରମରେ ସଞ୍ଜୀବ ଗୋୟଙ୍କା କହିଛନ୍ତି ଯେ ଦିଲ୍ଲୀ କ୍ୟାପିଟାଲ୍ସ ରିଷଭଙ୍କୁ ରିଲିଜ କରିବା ପରଠୁ ଆମ ନଜର ଏହି ୱିକେଟ୍ କିପର ବ୍ୟାଟରଙ୍କ ଉପରେ ଥିଲା।




ପନ୍ତଙ୍କୁ ଯେକୌଣସି ସ୍ଥିତିରେ ନିଜ ଟିମ୍‌ରେ ସାମିଲ କରିବାକୁ ଚାହୁଁଥିଲେ। ଡିସି ନିଲାମୀରେ ପନ୍ତଙ୍କୁ ନେଇ ଆଗ୍ରହ ଦେଖାଇଥିଲା, କିନ୍ତୁ ଲକ୍ଷ୍ନୌ ଶେଷ ଯାଏ ହାର୍ ମାନି ନଥିଲା। ଗୋୟଙ୍କା କହିଛନ୍ତି, ‘ମୋତେ ରିଷଭଙ୍କ ଭିତରେ ଜଣେ ଜନ୍ମଜାତ ଲିଡର୍ ନଜର ଆସୁଛି। ମୋ ଦୃଷ୍ଟିରୁ ସମ୍ଭବତଃ ସେ ଆଇପିଏଲ୍ ଇତିହାସର ସର୍ବଶ୍ରେଷ୍ଠ ଅଧିନାୟକ ହେବେ। ଏହାସହ ଗୋୟଙ୍କା ଏକ ବଡ଼ ଭବିଷ୍ୟତବାଣୀ ମଧ କରିଛନ୍ତି । ସେ କହିଛନ୍ତି, ‘ଲୋକ ଆଜି ଯାଏ ଆଇପିଏଲ୍ ଇତିହାର ସବୁଠୁ ସଫଳ ଅଧିନାୟକ ରୂପେ ଧୋନୀ ଏବଂ ରୋହିତଙ୍କ ନାଁ ଉଲ୍ଲେଖ କରନ୍ତି । କିନ୍ତୁ ଲେଖି ରଖୁଛନ୍ତି ୧୦-୧୨ ବର୍ଷ ପରେ ଲିଷ୍ଟରେ ମାହି, ରୋହିତ ଏବଂ ରିଷଭ ପନ୍ତ ଥିବେ । ଏମଏସ୍ ଧୋନୀ ଏବଂ ରୋହିତ ଶର୍ମା ଆଇପିଏଲର ସବୁଠୁ ସଫଳ ଅଧିନାୟକ । ଧୋନୀଙ୍କ ନେତୃତ୍ୱରେ ଚେନ୍ନାଇ ସୁପର କିଙ୍ଗ୍ସ ପାଞ୍ଚ ଥର ଏବଂ ମୁମ୍ବାଇ ଇଣ୍ଡିଅନ୍ସ ପାଞ୍ଚ ଥର ଟ୍ରଫି ଜିତିଛି।

# ଫେବୃୟାରୀରୁ ରାଷ୍ଟ୍ରୀୟ ଖେଳ-କୁଦ ସମାରୋହ

ଭୁବନେଶ୍ୱର (ଭାସ୍କର ନ୍ୟୁଜ) : ଏକଲ ଅଭିଯାନ, ଅଭ୍ୟୁଦୟ ୟୁଥ୍ କ୍ଲବ୍ ତରଫରୁ ଚଳିତ ବର୍ଷ ଫେବୃୟାରୀ ୮,୯ ଏବଂ ୧୦ ତାରିଖରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ଠାରେ ରାଷ୍ଟ୍ରୀୟ ଖେଳ-କୁଦ ସମାରୋହ ଆୟୋଜିତ ହେବ। ଏହି ସମାରୋହ ଏକ ସମର୍ଥ ଏବଂ ସଶକ୍ତ ରାଷ୍ଟ୍ରର ନିର୍ମାଣ ପାଇଁ ଯୁବଗୋଷ୍ଠୀଙ୍କୁ ଏକତ୍ର ବିକଶିତ କରିବା ସହ ସେମାନଙ୍କ ଲୁକ୍‌କାୟିତ ପ୍ରତିଭାକୁ ସମ୍ମାନଜନକ ଅବସର ପ୍ରଦାନ କରି ଅନ୍ତରାଷ୍ଟ୍ରୀୟ ସ୍ତରରେ ଦୃଷ୍ଟି ଆକର୍ଷଣ କରିପାରିବ। ରାଷ୍ଟ୍ର ନିର୍ମାଣର ମୂଳଧାର




ହେଉଛି ସଶକ୍ତ ଯୁବ ଗୋଷ୍ଠୀ ଯାହା ଶାରିରୀକ, ମାନସିକ ଓ ଆଧାତ୍ମିକ ରୂପରେ ବିଚାରଯୁକ୍ତ ଓ ସକ୍ଷମ ଥିବେ। ଦେଶର ଯୁବକଙ୍କ ପ୍ରଗାଢ ବିଶ୍ୱାସ, ଇଛାଶକ୍ତି, ରଚନାତ୍ମକ ପ୍ରତିଭା ତଥା ଆନ୍ତରିକ ଓ ବାହାର ପକ୍ଷର ସମଗ୍ର ବିକାଶ ପାଇଁ ଏକ ଉପଯୁକ୍ତ ବାତାବରଣର ଆବଶ୍ୟକତା ରହିଛି ଯାହାକୁ ଆଖି ଆଗରେ ରଖି ଏକଲ ଅଭିଯାନ, ଅଭ୍ୟୁଦୟ ଯୁଥ୍ କ୍ଲବ୍‌ର ଗଠନ ହୋଇଛି। ଏଥିରେ ଏଥେଲେଟିକ୍ସ, କୁସ୍ତି, କବାଡି ଓ ଯୋଗ ଆଦି ଉପରେ ପ୍ରାଥମିକତା ଦିଆଯିବ। ଗ୍ରାମ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଖେଳାଳୀଙ୍କୁ ବ୍ଲକ୍ ସ୍ତରରେ, ବ୍ଲକ୍ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଖେଳାଳୀଙ୍କୁ ଅଞ୍ଚଳ ସ୍ତରରେ, ଅଞ୍ଚଳ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଖେଳାଳୀଙ୍କୁ ରାଜ୍ୟ ସ୍ତରରେ ଏବଂ ରାଜ୍ୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଖେଳାଳୀଙ୍କୁ ରାଷ୍ଟ୍ରୀୟ ସ୍ତରରେ ଆୟୋଜିତ ହେଉଥିବା ଖେଳ କୁଦ କାର୍ଯ୍ୟକ୍ରମରେ ଖେଳିବାର ଅବସର ମିଳିବ। ଏହି କାର୍ଯ୍ୟକ୍ରମ ପାଇଁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଜୟ ଅଗ୍ରୱାଲ, ମାଧବେନ୍ଦ୍ର ସିଂ, ମନସୁଖଲାଲ ସେଠିଆ, ପ୍ରକାଶ ଚନ୍ଦ୍ର ଭୁରା, ସାନୁ ଦାସ, ପ୍ରିୟ ରଞ୍ଜନ ଚୌଧୁରୀ, ବଚରାଜ ବେତାଲା, ସୁରେଶ ଚନ୍ଦ୍ର ଅଗ୍ରୱାଲ, ଏକତା ଚୌଧୁରୀ, ଶ୍ୱେତା ଅଗ୍ରୱାଲ, ନଥମଲ ଜଲାନ, ଅନିଲ ଅଗ୍ରୱାଲ ଏବଂ ନବରତ୍ନ ବୋଥ୍ରା ପ୍ରମୁଖ ଉପସ୍ଥିତ ଥିଲେ।

A-918
GOVRNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
DRAINAGE DIVISION, KENDRAPARA
E-PROCUREMENT NOTICE NO. DDKPD - 04 of 2024-25
e-mail- eedrnkpdeicwr.od@gov.in Phone No. 8763594078

| | | |
|---|---|---|
| 1. | Total Number of Package | : 02 Nos. Individual package |
| 2. | Nature of work | : Renovation, Box Culvert, Inlet & Retaining wall |
| 3. | Estimated cost of Individual package ranging from | : Raising from Rs. 79.19 Lakhs to Rs. 83.71 Lakhs |
| 4. | Period of completion | : (11 Eleve) Calendar months |
| 5. | Other details as follows | : |

| Procurement Officer | Bid Identification No | Availability of Tender On-Line | | Date & time of opening of tender at Superintending Engineer, Drainage Division, Kendrapara at Marshaghai |
|---|---|---|---|---|
| | | From | To | |
| Superintending Engineer, Drainage Division, Kendrapara | DDKPD-04 of 2024-25 | 22.01.2025 at 10.00 Hrs. | 05.02.2025 Up to 17.30 Hrs. | 06.02.2025 at 11.00 AM |

Further details can be seen from the Govt. web site www.tendersorissa.gov.in.
Date of Lottery (if required) : 13.02.2025 at 11.30 AM
Sd/-Superintending Engineer, Drainage Division, Kendrapara
OIPR 32356/11/0005/2425

## ସିଏମ୍ କପ୍ ଆନ୍ତଃ କ୍ଲବ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ୍

# ଗୁଆଲି ଏଫ୍‌ସି ଓ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ ବିଜୟୀ



କେନ୍ଦୁଝର (ଭାସ୍କର ନ୍ୟୁଜ) : ଫୁଟବଲ ଆସୋସିଏସନ ଅଫ ଓଡିଶା, ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ ଓ ଜିଲ୍ଲା କ୍ରୀଡା ସଂସ୍ଥା ମିଳିତ ସହଯୋଗରେ କେନ୍ଦୁଝର ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ସିଏମ୍ କପ ଆନ୍ତଃ କ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସର ଖେଳ ଅନୁଷ୍ଠିତ ହୋଇଯାଇଛି। ଆଜିର ପ୍ରଥମ ଖେଳରେ ଗୁଆଲି ଏଫସି ଜିନ୍ଦଲ ଫାଉଣ୍ଡେସନ ବଡ଼ବିଲ ‘ବି ’ ବିପକ୍ଷରେ ୪-୨ ଗୋଲରେ ବିଜୟ ଲାଭ କରି ପୁରା ଦୁଇ ପଏଣ୍ଟ ହାସଲ କରିଛି। ଗୁଆଲି ପକ୍ଷରୁ ୧୧ନମ୍ବର ଖେଳାଳି ରାଇଟ ଉଇଙ୍ଗର ବଚନ ନାଏକ ଦୁଇଟି ଗୋଲ ଏବଂ ୭ ନମ୍ବର ଖେଳାଳି ଅନିତ୍ୟ ନାଏକ ଦୁଇଟି ଗୋଲ ସ୍କୋର କରିଥିବା ବେଳେ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଅନୁଭବ ନାଏକ ଦୁଇଟି ଗୋଲ ପରିଶୋଧ କରିଥିଲେ। ସେହିପରି ସୋମବାର ଅନୁଷ୍ଠିତ ଦ୍ୱିତୀୟ ଖେଳରେ ଜେଏସଡବ୍ଲ୍ୟୁ ଫାଉଣ୍ଡେସନ, ବନ୍ଧୁଆବେଡା ଟାଟା ଷ୍ଟିଲ ଫାଉଣ୍ଡେସନ ଯୋଡ଼ା ବିପକ୍ଷରେ ଏକ ଏକତରଫା ଖେଳରେ ୯-୦ ଗୋଲରେ ବିପୁଳ ବିଜୟ ହାସଲ କରିବା ସହ ପୁରା ପଏଣ୍ଟ ପାଇଛି। ଜେଏସଡବ୍ଲ୍ୟୁ ପକ୍ଷରୁ ତାରକା ଉଦୀୟମାନ ଖେଳାଳି କ୍ରିଷ୍ଣା ନାଏକ ଏକାକୀ ଏକ ହ୍ୟାଟ୍ରିକ ସହ ୭ଟି ଗୋଲ ସ୍କୋର କରିଥିବା ବେଳେ କୁନା ନାଏକ ଓ ସତ୍ୟ ନାଏକ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଆଜିର ପଞ୍ଚମ ଦିବସର ଖେଳରେ ପ୍ରତିଯୋଗିତାର ମୁଖ୍ୟ ଆକର୍ଷଣ ଦେଶକୁ ପ୍ରତିନିଧିତ୍ୱ କରିଥିବା ମଣିପୁରର ଡ଼. କେନେଡି, ଜିଲ୍ଲା କ୍ରୀଡା ସଂସ୍ଥା ସାଧାରଣ ସମ୍ପାଦକ ଡ଼. ଜନାର୍ଦ୍ଦନ ଦାଶ, ଯୁଗ୍ମ ସମ୍ପାଦକ ରବୀନ୍ଦ୍ର କୁମାର ପାଢ଼ୀ ଏବଂ କୋଷାଧକ୍ଷ ସରୋଜ କୁମାର ରଣା ପ୍ରମୁଖ ପଡିଆରେ ଉପସ୍ଥିତ ରହି ଯୁବ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ଖେଳରେ ବେଣୁଧର ମୁଣ୍ଡା ରେଫରୀ ଦାୟିତ୍ୱ ତୁଲାଇଥିବା ବେଳେ ତାଙ୍କୁ ଲାଇନରେ ଶଙ୍କର୍ଷଣ ନାଏକ ଓ ବୃନ୍ଦାବନ ମୁଣ୍ଡା ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ଯତୀନ ମହାନ୍ତ। ସେହିପରି ଦ୍ୱିତୀୟ ଖେଳରେ ଯତୀନ ମହାନ୍ତ ରେଫରୀ ଥିବା ବେଳେ ତାଙ୍କୁ ଲାଇନରେ ସହାୟତା କରିଥିଲେ ଶଙ୍କର୍ଷଣ ନାଏକ ଓ ବେଣୁଧର ମୁଣ୍ଡା। ଚତୁର୍ଥ ରେଫରୀ ଥିଲେ ବୃନ୍ଦାବନ ମୁଣ୍ଡା। ଫୁଟବଲ ଆସୋସିଏସନ ଅଫ ଓଡିଶା ପକ୍ଷରୁ ବୀରେନ୍ଦ୍ର ମହାନ୍ତ ମ୍ୟାଚ କମିଶନର ଭାବେ ନିଯୁକ୍ତି ପାଇଥିବା ବେଳେ କ୍ରୀଡା ନିର୍ଦ୍ଦେଶାଳୟର ଯଶପଲ ଉର୍ମା, ବୀରେନ୍ଦ୍ର ମହାନ୍ତ, କୃଷ୍ଣ ଚନ୍ଦ୍ର ମହାନ୍ତ ଓ ବାଦଲ ମହାକୁଡ଼ ସିଲେକ୍ଟର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

# ଖୋ ଖୋ ଟିମ୍ ବିଶ୍ୱ ବିଜେତା ହେବା ପ୍ରାୟୋଜକ ଭାବେ ଓଡ଼ିଶା ପାଇଁ ଗର୍ବର ବିଷୟ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର (ଭାସ୍କର ନ୍ୟୁଜ) : ଖୋ ଖୋ ଟିମ୍ ବିଶ୍ୱ ବିଜେତା ହେବା ପ୍ରାୟୋଜକ ଭାବେ ଓଡ଼ିଶା ପାଇଁ ଗର୍ବର ବିଷୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏକ୍ସ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଖୋ ଖୋ ବିଶ୍ୱକପରେ ଉଭୟ ପୁରୁଷ ଓ ମହିଳା ଭାରତୀୟ ଖୋ ଖୋ ଦଳ ବିଶ୍ୱ ବିଜେତା ହେବା ସମଗ୍ର ଦେଶ ତଥା ପ୍ରାୟୋଜକ ଭାବେ ଓଡ଼ିଶା ପାଇଁ ଏକ ଗର୍ବର ବିଷୟ। ଏହି ସଫଳତା ଦେଶର ଯୁବବର୍ଗଙ୍କୁ ନିଶ୍ଚୟ ପ୍ରେରଣା ଯୋଗାଇବ।

# ଖୋ ଖୋ ବିଶ୍ୱକପ୍ ଫାଇନାଲରେ ରେକର୍ଡ କରିଛି ଭାରତ: ସୂର୍ଯ୍ୟବଂଶୀ

ଭୁବନେଶ୍ୱର (ଭାସ୍କର ନ୍ୟୁଜ) : ଖୋ ଖୋ ବିଶ୍ୱକପର ଫାଇନାଲରେ ସାରା ବିଶ୍ୱରେ ରେକର୍ଡ କରିଛି ଭାରତ । ୨୩ ଟି ଦେଶରୁ ପ୍ରତିଯୋଗ ମାନେ ଅଂଶ ଗ୍ରହଣ କରିଥିଲେ । ପ୍ରତିଯୋଗିତାରେ ୧୯ ଟି ମହିଳା ଦଳ ଓ ୨୦ ଟି ପୁରୁଷ ଦଳ ଅଂଶଗ୍ରହଣ କରିଥିଲେ । ପୁରୁଷ ଓ ମହିଳା ଉଭୟ ଦଳ ବିଜୟ ଲାଭ କରିଛନ୍ତି । ଓଡ଼ିଆ ମହିଳା ଓ ପୁରୁଷ ଟିମରେ ନିଜର ପାରଦର୍ଶିତା ଦେଖାଇଥିଲେ । ଏହି ସ୍ୱଦେଶୀ ଖେଳ ଏବେ ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ ବୋଲି କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ।

O-1305
Tel. 06766-258094(O)
Mail: eerw1_kjr@yahoo.com
GOVT. OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-I, KEONJHAR
********
“e” Procurement Notice for Road Works
Identification No Online NCB - 10/2024-25.

| | | |
|---|---|---|
| 1. Name of the Work | : | 1 No. Road Work |
| 2. Total Number of Work | : | 1 No. |
| 3. Estimated Cost | : | Rs. 12.00 Lakhs |
| 4. Class of Contractor | : | D & C Class |
| 5. Period of Completion | : | As per annexure of e-Procurement Notice No.10 of 2024-25. |
| 6. Other Details | : | |

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division, Keonjhar. |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-I, Keonjhar | Road Online NCB No. 10 | Dt.22.01.2025 at 11.00 A.M. | Dt.27.01.2025 up to 5.00 P.M. | Dt.26.01.2025 up to 5.00 P.M. | Dt.28.01.2025 at 11.00 A.M. |

Further details can be seen from the Website www.tenderorissa.gov.in
Sd/-
Executive Engineer
R.W. Division-I, Keonjhar
OIPR 25110/11/0011/2425

## ଜାତୀୟ ସବ୍ ଜୁନିୟର ଜୁଡୋ ଚାମ୍ପିଅନସିପ୍

# ଓଡ଼ିଶା ଦଳ ପାଇଁ ଖେଳିଲେ ମହେଶ

ମାଲକାନଗିରି (ଭାସ୍କର ନ୍ୟୁଜ) : ପୁନେ ଠାରେ ୧୮ରୁ ୨୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଥିବା ସବ୍ ଜୁନିୟର ଜୁଡୋ ଜାତୀୟ ଚାମ୍ପିଅନସିପ୍‌ରେ ଓଡିଶା ଟିମ ପାଇଁ ଖେଳିଛନ୍ତି ମାଲକାନଗିରିର ଆଓମା ଗୁରୁକୁଳର ଛାତ୍ର ମହେଶ ହନ୍ତାଳ। ଏହି ସବ୍ ଜୁନିୟର ଜୁଡୋ ଜାତୀୟ ଚାମ୍ପିଅନସିପ୍‌ରେ ଉଭୟ ବାଳକ ଓ ବାଳିକା ମାନେ ଭାଗ ନେଇଥିଲେ। ତେବେ ମାଲକାନଗିରି ଜିଲ୍ଲାର ଆଓମା ଗୁରୁକୁଳର ଜଣେ କନିଷ୍ଠ ଛାତ୍ର ମହେଶ ହନ୍ତାଳ ଜାତୀୟ ପ୍ରତିଯୋଗିତାରେ ଭାଗ ନେଇ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଓଡିଶା ଟିମର ବାଳକ ଦଳରେ ମହେଶ ହାନ୍ତାଳ, ଅଭିଷେକ ମୁଣ୍ଡା, ରତ୍ନାକର ହେମ୍ବ୍ରମ, ପ୍ରୀତମ ମିତ୍ର, ମୋସେସ ପ୍ରଧାନ ଭାଗ ନେଇଛନ୍ତି। ଓଡିଶା ଟିମ ପାଇଁ ଲୋପାମୁଦ୍ରା ପତି ଓ ବାପୁନ ସେଠୀ କୋଚ୍ ଭାବେ ରହିଛନ୍ତି।



ODISHA HYDRO POWER CORPORATION LTD.
(A Government of Odisha Undertaking)
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
At: P.O.: BARINIPUT: DIST. KORAPUT – 764006
PHONE: (06854) 242001: FAX: - (06854) 242038
E-mail: sgmel.ukhep@gmail.com
CAD-2213
No. OHPC: SGM: UKHEP: Tech: / 319 /Dated, Bariniput the 17.01.2025

NOTICE INVITING TENDER No.30/24-25 Date.17/01/25

Sealed Tenders in duplicate are invited from the Registered Travel Agencies/Vehicle Owners for the work mentioned below:

| Sl. No. | Description of materials | Cost of tender paper (Non-Refundable) | EMD in Rs. (Refundable) |
|---|---|---|---|
| 1 | Hiring of One no. of Mahindra Bolero Maxx pick up/Bolero Camper/Tata Youdha 1500 pick-up/Mahindra Imperio or equivalent vehicle for Four (04) years under UKHEP, Bariniput. | Rs. 7080/- (Rs.6000/- + 18%GST) | Rs. 25,000/- |

Sale of tender paper : From 24/01/25 to 11:00 Hrs. of 11/02/2025
Last date of submission of tender : Up to 12:00 Hrs. of 11/02/2025
Date & Time of opening of tender : At 12:30 Hrs. of 11/02/2025
For details of the tender documents, terms and conditions please visit our website www.ohpcltd.com
Sd/-C & P Head
UKHEP, Bariniput.
OIPR 04002/11/0051/2425

## ରାଜେନ୍ଦ୍ର-ସୁଧାଂଶୁ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍

# ତ୍ରିରଙ୍ଗା ଇଲେଭେନ ଚାମ୍ପିଅନ୍



ରଗଡି (ଭାସ୍କର ନ୍ୟୁଜ) : କୋରେଇ ବ୍ଲକ ତଳଗଡ଼ ପଞ୍ଚାୟତ ଉପୁଳାଇ ମା’ତାରିଣୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଦୁଇଦିନ ଧରି ଚାଲିଥିବା ତ୍ରୟୋଦଶ ରାଜେନ୍ଦ୍ର-ସୁଧାଂଶୁ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଯାଇଛି। ତ୍ରିରଙ୍ଗା କ୍ରିକେଟ କ୍ଲବ ଉପୁଳାଇ ମା’ ମଙ୍ଗଳା କ୍ରିକେଟ କ୍ଲବ ଚଣ୍ଡାଳିକୁ ହରାଇ ଚମ୍ପିଆନ ହୋଇଛି। ତ୍ରିରଙ୍ଗା କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ୩ଉଇକେଟ ହରାଇ ୧୨୨ରନ ସଂଗ୍ରହ କରିଥିଲା। ଜବାବରେ ଚଣ୍ଡାଳି ସମସ୍ତ ଓଭର ଖେଳି ୯ଉଇକେଟରେ ୮୬ରନ କରିବାକୁ ସକ୍ଷମ ହୋଇଥିଲା।ସାମ୍ବାଦିକ ପବିତ୍ର ମୋହନ ରାଉତରାୟଙ୍କ ସଂଯୋଜନାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅଶୋକ ଦାସ ଫାଉଣ୍ଡେସନର ସଚିବ ଭବ ପ୍ରସାଦ ଦାସ, ସମ୍ମାନିତ ଅତିଥି ସ୍ଥାନୀୟ ସରପଞ୍ଚ ସନ୍ତୋଷ କୁମାର ସ୍ୱାଇଁ, ସମିତି ସଭ୍ୟା ବବିତା ନାୟକ, ଜିଲ୍ଲା ବିଜେଡି ଯୁବ ସଭାପତି ପ୍ରତାପ ମହାନ୍ତି, ଯୁବ ନେତା ରାକେଶ ମହାନ୍ତି, ସମାଜସେବୀ ସୁବାସ ଚନ୍ଦ୍ର ମିଶ୍ର, ଟୁନା ଗୁରୁ, ପୀତବାସ ସ୍ୱାଇଁ ଓ ନିମନ୍ତ୍ରିତ ଅତିଥି ଶିକ୍ଷାବିତ ବଳରାମ ଶତପଥୀ, ପଞ୍ଚାୟତ ବିଜେଡି ସଭାପତି ଅଞ୍ଜନ କୁମାର ନାୟକ, ହେମନ୍ତ କୁମାର ଜେନା, ପୂର୍ବତନ ସମିତି ସଭ୍ୟ ଦୁର୍ଯ୍ୟୋଧନ ସେଠୀ, ସୁଶାନ୍ତ ଭୂୟାଁ, ସୁଶାନ୍ତ ସ୍ୱାଇଁ ଓ ଜଳଧର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଉପ ବିଜେତା ଦଳର ଟିକିନା ଜେନାଙ୍କୁ ମ୍ୟାନ ଅଫ ଦି ସିରିଜ, ବେଷ୍ଟ ବ୍ୟାଟ୍ସ ମ୍ୟାନ ସୌମ୍ୟ, ବେଷ୍ଟ ବୋଲର ଜ୍ଞାନ ଓ ବିଜୟୀ ଦଳର ସିଲୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଉଭୟ ଦଳକୁ ନଗଦ ଅର୍ଥ ସହ ଟ୍ରଫି ପ୍ରଦାନ କରାଯାଇଥିଲା। ରାଜେନ୍ଦ୍ର କୁମାର ଦାସ, ଅନୀଲ ସେଠୀ ଓ ସନ୍ତୋଷ କୁମାର ରାଉତ ରାୟ ଖେଳ ପରିଚାଳନା କରିଥିଲେ। ମଧୁସୂଦନ ଦାଶ ଓ ସନ୍ଦୀପ ରାଉତରାୟ ଧାରା ବିବରଣୀ ଦେଇଥିଲେ। ଟୁର୍ଣ୍ଣାମେଣ୍ଟର ମୁଖ୍ୟ ସଂଯୋଜକ ବିକ୍ରମ କୁମାର ଜେନା ଧନ୍ୟବାଦ ଦେଇଥିଲେ।

IndusInd Bank
ଆଞ୍ଚଳିକ କାର୍ଯ୍ୟାଳୟ
ସାବିତ୍ରୀ ଟାୱାର, ୩ଏ,ଅପର ଉଡ୍ ଷ୍ଟ୍ରିଟ୍, କୋଲକାତା-୭୦୦୦୧୭
ଆପେଣ୍ଡିକ୍ସ-୪-ଏ
(ରୁଲ ୮ (୬) ଦେଖନ୍ତୁ)
ସ୍ଥାବର ସମ୍ପତ୍ତିର ବିକ୍ରି ନିମନ୍ତେ ବିକ୍ରୟ ନୋଟିସ୍

ସିକ୍ୟୁରାଇଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨, ଯାହାକି ରୁଲ୍ ୮(୬)ର ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ ୨୦୦୨ ଅନୁଯାୟୀ ସ୍ଥାବର ସମ୍ପତ୍ତିର ନିଲାମ ପାଇଁ ନୋଟିସ୍

ଏତଦ୍ୱାରା ଏହି ନୋଟିସ ମାଧ୍ୟମରେ ସର୍ବସାଧାରଣ ଏବଂ ବିଶେଷକରି ଋଣଗ୍ରହୀତାମାନଙ୍କୁ ଏବଂ ଗ୍ୟାରେଣ୍ଟରମାନଙ୍କୁ ଜଣାଇ ଦିଆଯାଉଅଛି କି ପ୍ରାଧିକୃତ ଅଧିକାରୀ ଇଣ୍ଡସଇଣ୍ଡ ବ୍ୟାଙ୍କ ଲିମିଟେଡ୍ (ସିକ୍ୟୁଓର୍ଡ କ୍ରେଡିଟର) ନିମ୍ନଲିଖିତ ସ୍ଥାବର ସମ୍ପତ୍ତିକୁ ନିଜ ଅଧୀନକୁ ନେବା ସହ ବାକି ରହିଥିବା ଟ.୧,୪୮,୦୩,୨୩୮.୦୯- ( ଏକ କୋଟି ଅଠଚାଳିଶ ଲକ୍ଷ ତିନିହଜାର ଦୁଇଶହ ଅଠତିରିଶ ଟଙ୍କା ନଅପଇସା ମାତ୍ର) ସହ ପରବର୍ତ୍ତୀ ସୁଧ ଆଦାୟ କରିବା ପାଇଁ ଆସନ୍ତା ୦୪.୦୩.୨୦୨୫ରେ ଯେଉଁଠି ଯେମିତି ଅଛି ଅବସ୍ଥାରେ ନିଲାମ କରାଯିବ। ଏଥିସହ ୦୧.୦୧.୨୦୨୫ ସୁଦ୍ଧା ଦଣ୍ଡିତ ସୁଧ ଏବଂ ଖର୍ଚ୍ଚ ଚାର୍ଜ ଓ ଅନ୍ୟାନ୍ୟ ଖର୍ଚ୍ଚ ସିକ୍ୟୁଓର୍ଡ କ୍ରେଡିଟର୍ସ ମେସର୍ସ ସ୍ୱର୍ଣ୍ଣଲକ୍ଷ୍ମୀ ଭଣ୍ଡାର (ଋଣଗ୍ରହୀତା), ମନୋରଞ୍ଜନ ପଣ୍ଡା (ଗ୍ୟାରେଣ୍ଟର/ବନ୍ଧକଦାତା), ଅରୁପମା ପଣ୍ଡା (ଗ୍ୟାରେଣ୍ଟର) ଏବଂ ଜଗନ୍ନାଥ ପଣ୍ଡା (ଗ୍ୟାରେଣ୍ଟର) ଏବଂ ତାଙ୍କର ଗ୍ରୁପ୍ ଏକାଉଣ୍ଟ-ମନୋରଞ୍ଜନ ପଣ୍ଡା (ଋଣଗ୍ରହୀତା/ବନ୍ଧକଦାତା), ଅରୁପମା ପଣ୍ଡା (ଗ୍ୟାରେଣ୍ଟର), ଜଗନ୍ନାଥ ପଣ୍ଡା (ଗ୍ୟାରେଣ୍ଟର) ଏବଂ ମେସର୍ସ ସ୍ୱର୍ଣ୍ଣଲକ୍ଷ୍ମୀ ଭଣ୍ଡାର (ଗ୍ୟାରେଣ୍ଟର), ଯାହାକି ସଂରକ୍ଷିତ ମୂଲ୍ୟ, ଅମାନତ ଜମା ଏବଂ ସମ୍ପତ୍ତି ପରିଦର୍ଶନ ସଂପର୍କରେ ନିମ୍ନରେ ଉଲ୍ଲେଖ।

| ଲଟ୍ ନଂ | ବନ୍ଧକ ସମ୍ପତ୍ତିର ବିବରଣୀ | ଥିବା ପ୍ରତିବନ୍ଧକ | ସଂରକ୍ଷିତ ମୂଲ୍ୟ | ଅମାନତ ଜମା |
|---|---|---|---|---|
| ୧ | ଏକତ୍ର ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶବିଶେଷ ସହ ଘର ନିର୍ମାଣ, ଯାହାକି ଶାବକ ପ୍ଲଟ୍ ନଂ ୩୩୬, ଶାବକ ଖାତା ନଂ ୧୬୯, ମୌଜା- ନୂଆପଡ଼ା, ଏରିଆ-ଏ.୦.୦୪୦ ଡିସିମିଲ, ଯୋଗାଯୋଗ ହାଲ ଖାତାନଂ ୬୧୪/୫୩୮, ପ୍ଲଟ୍ ନଂ- ୩୩୬/୩୦୪୪, ଏରିଆ-ଏ.୦.୦୪୦ ଡିସିମିଲ, କିସମ- ଘରବାରି, କଟକ ଏବଂ ବାଉଣ୍ଡରୀ: ଉତ୍ତର- ସୁଧିର କୁମାର ସାହୁ, ଦକ୍ଷିଣ- ବାବାଜୀ ରଣା, ପୂର୍ବ- ଓଟିଏସ୍ ମିଲ ଏବଂ ପଶ୍ଚିମ- ରାସ୍ତା। ଏହି ସମ୍ପତ୍ତିର ସଂପୂର୍ଣ୍ଣ ବିବରଣୀ ତଥା ଅଧିକ ବିବରଣୀ ଡିଡ୍ ନଂ ୧୭୯୪, ତାରିଖ: ୨୨.୦୪.୧୯୯୯ ଯାହାକି ମନୋରଞ୍ଜନ ପଣ୍ଡାଙ୍କ ନାମରେ ରହିଛି। | ଶୂନ୍ୟ | ଟ.୧,୧୯,୧୬,୪୦୦/- (ଏକକୋଟି ଏଣେଇଶ ଲକ୍ଷ ଷୋଳ ହଜାର ଚାରିଶହ ଟଙ୍କା ମାତ୍ର) | ଟ.୧୧,୯୧,୬୪୦/- (ଏଗାର ଲକ୍ଷ ଏକାନବେ ହଜାର ଛଅଶହ ଚାଲିଶ ଟଙ୍କା ମାତ୍ର) |

| | |
|---|---|
| ନିଲାମ ତାରିଖ ଓ ସମୟ | ୦୪.୦୩.୨୦୨୫(ପୂର୍ବାହ୍ନ ୧୧ଟାଠାରୁ ଅପରାହ୍ନ ୧୨ଟା ପର୍ଯ୍ୟନ୍ତ) |
| ଅନ୍‌ଲାଇନ ନିଲାମ ୱେବସାଇଟ୍ | https://wwwbankeauctions.com |
| ଅନ୍‌ଲାଇନରେ ନିଲାମ ପାଇଁ ଆବେଦନ କରିବାର ଶେଷ ତାରିଖ | ୦୩.୦୩.୨୦୨୫ |
| ନିଲାମ ଡାକିବା ପାଇଁ ସର୍ବନିମ୍ନ ପରିମାଣ | ଟ.୧,୦୦,୦୦୦/-ମାତ୍ର |
| ଆଗ୍ରହୀ କ୍ରେତାଙ୍କ ସମ୍ପତ୍ତି ପରିଦର୍ଶନର ତାରିଖ ଓ ସମୟ | ୧୨.୦୨.୨୦୨୫ (ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା) |
| ପ୍ରାଧିକୃତ ଅଧିକାରୀଙ୍କୁ ଯୋଗାଯୋଗ କରିବାର ବିବରଣୀ | ମୋବାଇଲ ନଂ: ୯୮୭୪୪୩୮୭୮୫, ଇମେଲ: rohit.swaroop@indusind.com |

ବିକ୍ରୟର ସର୍ତ୍ତ ଏବଂ ନିୟମ ପାଇଁ ଦୟାକରି ସିକ୍ୟୁଓର କ୍ରେଡିଟରଙ୍କ ୱେବସାଇଟ୍ https://www.bankeauctions.comରେ ଥିବା ଲିଙ୍କକୁ ଦେଖନ୍ତୁ
ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟରମାନେ ଏହାକୁ ୩୦ ଦିନିଆ ବିକ୍ରୟ ନୋଟିସ ବୋଲି ଧରିନେବେ।
ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟରମାନଙ୍କୁ ଏହା ଶେଷ ଏବଂ ଚୂଡ଼ାନ୍ତ ସୁଯୋଗ ଦିଆଯାଉଛି ଯେ ଏହି ବିକ୍ରୟ ନୋଟିସର ୩୦ଦିନ ମଧ୍ୟରେ ସେମାନେ ଋଣ ପରିଶୋଧ କରି ବନ୍ଧକ ସମ୍ପତ୍ତିକୁ ମୁକୁଳାଇପାରିବେ, ବିଫଳ ହେଲେ ଉପର ଲିଖିତ ସର୍ତ୍ତ ଅନୁଯାୟୀ ସେଗୁଡ଼ିକୁ ବିକ୍ରି କରାଯିବ।
ତାରିଖ: ୨୧.୦୧.୨୦୨୫
ସ୍ଥାନ: କଟକ
ପ୍ରାଧିକୃତ ଅଧିକାରୀ
ଇଣ୍ଡସଇଣ୍ଡ ବ୍ୟାଙ୍କ ପ୍ରାଇଭେଟ୍ ଲିମିଟେଡ୍



ବର୍ତ୍ତମାନ ସମୟରେ ଅଧିକାଂଶ ଲୋକେ ଅନିଦ୍ରା ଜନିତ ସମସ୍ୟା କାରଣରୁ ଚିନ୍ତିତ। ଉତ୍ତମ ନିଦ ପାଇଁ କେଉଁ ଖାଦ୍ୟ ସେବନ କରିବା ଉଚିତ୍ ତାହା ମଧ୍ୟ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନିଦ ଶରୀର ପାଇଁ ଖୁବ୍ ଜରୁରୀ। ନଚେତ୍ ଶରୀରରେ ଅନେକ ମାରାତ୍ମକ ରୋଗର କାରଣ ପାଲଟିଥାଏ ଅନିଦ୍ରା। ସଠିକ୍ ଭାବେ କାର୍ଯ୍ୟ କରିବା ପାଇଁ ସଠିକ୍ ମାତ୍ରାରେ ଶୋଇବା ନିତାନ୍ତ ଜରୁରୀ। ଜାଣନ୍ତୁ ଏଭଳି କିଛି ଖାଦ୍ୟ ବିଷୟରେ ଯାହାର ସେବନ କରିବା ଦ୍ୱାରା ଉତ୍ତମ ନିଦ ହୋଇଥାଏ। କ୍ଷୀରରେ ଥିବା ପୋଷକ ତତ୍ତ୍ୱ ଉତ୍ତମ ନିଦରେ ସହାୟକ ହୋଇଥାଏ। ଶୋଇବା ପୂର୍ବରୁ ଉଷୁମ କ୍ଷୀର ପିଇବା ଦ୍ୱାରା ଶାନ୍ତି ଓ ଆରାମଦାୟକ ନିଦ ପାଇଁ ଖୁବ ଜରୁରୀ। ଖଜୁରୀରେ ମେଲଟୋନିନ ରହିଥାଏ। ଏହା ଭଲ ନିଦ ହେବା ପାଇଁ ଆବଶ୍ୟକୀୟ ହରମୋନ ସୃଷ୍ଟି କରିଥାଏ। ଫଳରେ ଉତ୍ତମ ନିଦ ହୋଇଥାଏ। ବାଦମ - ବାଦାମରେ ମେଗ୍ନେସିୟମ ରହିଛି। ଯାହା ଶାନ୍ତି ନିଦ ପ୍ରଦାନ କରିବାରେ ସହାୟକ ହୋଇଥାଏ। ନିୟମିତ ବାଦାମ ବଟୁରାଇ ଏହାର ସେବନ କରି ପାରିବେ। ଉତ୍ତମ ନିଦ ପାଇଁ ମଖାନାର ସେବନ କରି ପାରିବେ। କଦଳୀ - କଦଳୀରେ ମେଗ୍ନେସିୟମ ଓ ପୋଟାସିୟମ ରହିଛି। ଯାହା ଉତ୍ତମ ନିଦ ହେବାରେ ସହାୟକ ହୋଇଥାଏ। କଦଳୀ ଭୋକକୁ ମଧ୍ୟ ନିୟନ୍ତ୍ରଣ କରିଥାଏ। କଦଳୀ ଖାଇବା ଦ୍ୱାରା ଅଧିକ ସମୟ ଯାଏଁ ପେଟ ଭର୍ତ୍ତି ହେବା ଭଳି ରହିଥାଏ। କଦଳୀରେ ପ୍ରଚୁର ମାତ୍ରାରେ ମେଗ୍ନେସିୟମ ମିଳିଥାଏ। ଏହା ମସ୍ତିଷ୍କ ଓ ମନକୁ ଶାନ୍ତ ଓ ଖୁସି ରଖିବାରେ ସହାୟକ ହୋଇଥାଏ।

## ହସ ବି ନେଇପାରେ ଜୀବନ

ହସିବା ସ୍ୱାସ୍ଥ୍ୟ ପାଇଁ ହିତକର। ଏହା ମଧ୍ୟ ଏକ ପ୍ରକାର ଯୋଗ। ଏ କଥା ସ୍ୱାସ୍ଥ୍ୟ ବିଶେଷଜ୍ଞ ଏବଂ ଯୋଗବିତ କୁହନ୍ତି। ତେବେ ଜଣେ ସୁସ୍ଥ ମଣିଷ ପକ୍ଷେ ହସିବା ଜରୁରୀ। ସେହିପରି ହସୁନଥିବା ବ୍ୟକ୍ତି ସବୁବେଳେ ଗମ୍ଭୀର ଓ ଉଦାସରେ ରହନ୍ତି। ଏଭଳି ଲୋକଙ୍କ ଆଖପାଖରେ କମ ଲୋକ ନଜର ଆସିଥାନ୍ତି। ତେବେ ଅନେକ ସମୟରେ ଅତ୍ୟଧିକ ହସିବା ଯୋଗୁଁ ମଣିଷର ମୃତ୍ୟୁ ହୋଇଥାଏ। ଅବଶ୍ୟ ହସିହସି ଲୋକଙ୍କ ମୃତ୍ୟୁବରଣକୁ ନେଇ ଅନେକ ଘଟଣା ବି ଅଛି। ୧୯୭୫ ରେ ଆଲେକ୍ସ ମିଶେଲ ନାମକ ଜଣେ ବ୍ୟକ୍ତି ଟିବି ଶୋ 'ଦ ଗୁଡିଜ୍' ର ଏକ ଅଧା ଦେଖି ଏଭଳି ଭାବେ ହସିଥିଲେ ଯେ, ତାଙ୍କ ପ୍ରାଣ ହାନି ଘଟିଥିଲା। ଲଙ୍ଗ କ୍ୟୁଟି ସିଣ୍ଡ୍ରୋମ ନାମ ହୃଦ୍‌ରୋଗ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଏ। ସେହିପରି ଡ୍ୟାମନୋଏନ୍ ସେନ୍ ଓମ୍ ନାମକ ଆଉ ଜଣେ ବ୍ୟକ୍ତି ଲାଗତାର ଦୁଇ ମିନିଟ ପର୍ଯ୍ୟନ୍ତ ଜୋରରେ ହସି ସବୁଦିନ ପାଇଁ ଆଖି ବୁଜିଥିଲେ। ଏହିପରି ଆହୁରି ଅନେକ ମାମଲା ଅଛି। ତେବେ ଜୋରରେ ହସିବା ଦ୍ୱାରା ମଣିଷର ମୃତ୍ୟୁ କାହିଁକି ହେଉଛି, ତାହାକୁ ନେଇ ମନରେ ପ୍ରଶ୍ନ ଆସିବା ସ୍ୱାଭାବିକ। ବେଳେବେଳେ ଜୋର୍‌ରେ ବା ଅଧିକ ହସିବା ଦ୍ୱାରା ପେଟ ଚାପି ହୋଇଥାଏ। ଏଣୁ ଏହି ସମୟରେ ଲୋକେ ହସ ଚାପିବାକୁ ଚେଷ୍ଟା ମଧ୍ୟ କରନ୍ତି। ଜୋରରେ ହସିଲେ ଶ୍ୱାସନଳୀ ଫୁଲିଯାଏ, ଫଳରେ ଶ୍ୱାସକ୍ରିୟା ଠିକ୍ ଭାବେ ହୋଇପାରେନାହିଁ। ଏବଂ ଜୀବନ ଚାଲିଯାଏ। ଅନ୍ୟପଟେ ଅତ୍ୟଧିକ ହସିବା ଯୋଗୁଁ ଫୁସ୍‌ଫୁସ୍ ହୃଦ ଓ ମସ୍ତିଷ୍କ ଉପରେ ଚାପ ପଡିଥାଏ। ଫଳରେ ଜୀବନ ଚାଲିଯାଇଥାଏ।





ଭାରତୀୟ ଫିଲ୍ମ ଇଣ୍ଡଷ୍ଟ୍ରି । ଏଥିରେ ରହିଛନ୍ତି ଅନେକ ନାମୀଦାମୀ କଳାକାର । ଏମାନେ ନିଜର ଲଗଜୁରୀ ଲାଇଫ୍ ଷ୍ଟାଇଲ୍କୁ ନେଇ ଖୁବ୍ ପରିଚିତ । ଏହି ଷ୍ଟାର ତାରକା ବଡ ବଡ ବ୍ରାଣ୍ଡର ଜିନିଷ ପିନ୍ଧନ୍ତି। କିଏ ନାମୀଦାମୀ ବ୍ରାଣ୍ଡର ପୋଷାକ ପିନ୍ଧିବାକୁ ଭଲପାଆନ୍ତି ତ, ଆଉ କେହି ମହଙ୍ଗା ଚଷମା ପିନ୍ଧିବାକୁ ପସନ୍ଦ କରିନ୍ତି । କିନ୍ତୁ ସାଉଥ୍ ଇଣ୍ଡଷ୍ଟ୍ରିରେ ଏପରି ଜଣେ ଅଭିନେତା ଅଛନ୍ତି ଯିଏକି ମହଙ୍ଗା ଘଣ୍ଟାର ସଉକ୍ ରଖିଥାନ୍ତି । ତାଙ୍କର ଏପରି ଏକ ଘଣ୍ଟା ରହିଛି ଯେଉଁଥିରେ ଦୁଇଟି ବଡ ବଙ୍ଗଳା କିଣି ହେବ । ଏହି ଅଭିନେତା ହେଉଛନ୍ତି ଜୁନିୟର୍ ଏନ୍‌ଟିଆର୍। ନିକଟରେ ସେ ଏକ ଦାମୀ ଘଣ୍ଟା ପିନ୍ଧିଥିବା ଆସିଥିଲେ ନଜର । ଓସ୍କାର ବିଜେତା ଫିଲ୍ମ 'ଆର୍‌ଆର୍‌ଆର' ର ଷ୍ଟାର ଅଭିନେତା ଜୁନିଅର ଏନ୍‌ଟିଆର୍ ଅନ୍ୟ ଷ୍ଟାରଙ୍କ ତୁଳନାରେ ବହୁତ ଦାମୀ ଘଣ୍ଟା ପିନ୍ଧନ୍ତି ।

## କୋଟି କୋଟି ଟଙ୍କାର ଦାମୀ ଘଣ୍ଟା ପିନ୍ଧନ୍ତି ଜୁନିଅର ଏନ୍‌ଟିଆର

ରିପୋର୍ଟ ଅନୁଯାୟୀ ଜୁନିଅର ଏନ୍‌ଟିଆର୍ ପୂର୍ବରୁ ୧ କୋଟି ୩୭ ଲକ୍ଷ ଟଙ୍କା ମୂଲ୍ୟର ଏକ ପ୍ରିମିୟମ ଘଣ୍ଟା ପିନ୍ଧିଥିବାର ଦେଖାଯାଇଥିଲେ। ଯାହା ପାଟେକ୍ ଫିଲିପେ ବ୍ରାଣ୍ଡର ଥିଲା । କେବଳ ବ୍ରାଣ୍ଡେଡ୍ ଘଣ୍ଟା ନୁହେଁ, ଲଗଜୁରୀ କାର୍ର ସଉକ୍ ରଖନ୍ତି ଜୁନିଅର ଏନ୍‌ଟିଆର । ତାଙ୍କ କାର୍ କଲେକ୍ସନରେ ଲମ୍ବୋର୍ଗିନି ଉରୁସ୍ ଠାରୁ ପୋର୍ଚେ ପର୍ଯ୍ୟନ୍ତ ଅନେକ କାର୍ ରହିଛି । ଏହାବ୍ୟତୀତ ତାଙ୍କ ପାଖରେ ମର୍ସିଡିଜ୍-ବେଞ୍ଜ୍ ଜିଏଲ୍‌ଏସ୍, ରେଞ୍ଜ ରୋଭର ଭୋଗ ଏବଂ ବିଏମଡବ୍ଲୁ ୭-ସିରିଜ ମଧ୍ୟ ଅଛି। ତେବେ ଜୁନିଅର ଏନଟିଆରଙ୍କର ମୋଟ ସମ୍ପତ୍ତି ହେଉଛି ୫୭୧ କୋଟିରୁ ଅଧିକ। ପୂର୍ବରୁ ଅଭିନେତା ଗୋଟିଏ ଫିଲ୍ମ ପାଇଁ ୪୦ କୋଟି ଟଙ୍କା ନେଉଥିଲେ । କିନ୍ତୁ ଆର୍‌ଆର୍‌ଆର୍ ସଫଳତା ପରେ ତାଙ୍କର ପାରିଶ୍ରମିକ ବୃଦ୍ଧି ପାଇଛି। ବର୍ତ୍ତମାନ ଷ୍ଟାର ଗୋଟିଏ ଫିଲ୍ମ ପାଇଁ ୫୦ ରୁ ୧୦୦ କୋଟି ଟଙ୍କା ଆଦାୟ କରୁଛନ୍ତି । ତେବେ ଅଭିନେତାଙ୍କ ପରିବାର କଥା କହିବାକୁ ଗଲେ ତାଙ୍କ ପତ୍ନୀ ମଧ୍ୟ ଏକ ଧନୀ ପରିବାରରୁ ଆସିଛନ୍ତି। ସେ ଲକ୍ଷ୍ମୀ ପ୍ରଣିଥାଙ୍କୁ ବିବାହ କରିଛନ୍ତି। ଯିଏକି ଥିଏଲଟର୍ ତଥା ବ୍ୟବସାୟୀ ନର୍ନେ ଶ୍ରୀନିବାସ ରାଓଙ୍କ ଝିଅ ଅଟନ୍ତି । ଲକ୍ଷ୍ମୀ ହେଉଛନ୍ତି ଆନ୍ଧ୍ରପ୍ରଦେଶର ପୂର୍ବତନ ସିଏମ ଚନ୍ଦ୍ରବାବୁ ନାଇଡୁଙ୍କ ଝିଆରୀ।



## ଏହି ବ୍ୟାୟାମ ଦ୍ୱାରା ଦୃଷ୍ଟିଶକ୍ତି ସମ୍ବନ୍ଧୀୟ ସମସ୍ୟା ହୁଏ ଦୂର..

*ଆଖି ଶରୀରର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଇନ୍ଦ୍ରିୟ । ତଥାପି ଲୋକମାନେ ସେମାନଙ୍କର ଯତ୍ନ ସଠିକ୍ ଭାବରେ ନିଅନ୍ତି ନାହିଁ । ଦିନସାରା ଲାପଟପ୍ କିମ୍ବା ମୋବାଇଲ୍ ସ୍କ୍ରିନ୍ ସାମ୍ନାରେ ବସିବା ଦ୍ୱାରା ଆଖି ଉପରେ ପ୍ରଭାବ ପଡିଥାଏ । ଫଳରେ ଆଖିରେ ଯନ୍ତ୍ରଣା, ଆଖିରୁ ପାଣି ଆସିବା, ଦୃଷ୍ଟି ଶକ୍ତି କମ୍ ହେବା ଓ ମୁଣ୍ଡ ବିନ୍ଧିବା ଭଳି ସମସ୍ୟା ଦେଖାଯାଏ । ତେବେ ପୋଷଣଯୁକ୍ତ ଆହାର ଖାଇଲେ ଦୃଷ୍ଟିଶକ୍ତି କ୍ଷମତା ମଧ୍ୟ ବଢାଇପାରିବ।*

■ ଯୋଗ,ବ୍ୟାୟାମ ଏବଂ ପ୍ରାଣାୟାମ କରି ଆଖିକୁ ସୁସ୍ଥ କରିପାରିବେ। ଭୁଜଙ୍ଗାସନ, ସର୍ବାଙ୍ଗାସନ, ଶୀର୍ଷାସନ ଆସନ କରିବା ସହ ସୂର୍ଯ୍ୟ ନମସ୍କାର କରିବା ଦ୍ୱାରା ଆଖିରେ ରକ୍ତ ସଂଚାଳନ ବଢିଥାଏ। ଫଳରେ ଆଖି ରୋଗରୁ ବଞ୍ଚି ପାରିବେ ।

■ ସେହିପରି ଆଖି ବ୍ୟାୟମ କରି ପାରିବେ । ଏହାର ବିଧି ହେଲା। ପ୍ରଥମେ ସିଧା ଭାବେ ଗୋଡକୁ ଲମ୍ବାଇ ବସନ୍ତୁ। ପ୍ରଥମେ ଡାହାଣ ଏବଂ ତା' ପରେ ବାମକୁ ଦେଖନ୍ତୁ। ଏପରି ଅଭ୍ୟାସ ୧୦ରୁ ୨୦ଥର କରନ୍ତୁ।

■ ଏହାପରେ ସେପରି ଅବସ୍ଥାରେ ହିଁ ବସି ରୁହନ୍ତୁ । ସାମ୍ନା , ତେରଛା ଦେଖିବା ଅଭ୍ୟାସ କରନ୍ତୁ। ଏପରି ମଧ ୧୦-୨୦ ଥର କରନ୍ତୁ। ପୁଣି ଆଖିକୁ ଉପରକୁ କିମ୍ବା ତଳକୁ କରି ଦେଖନ୍ତୁ । ଉପରକୁ ଦେଖିବା ବେଳେ ନିଶ୍ୱାସ ଭିତରକୁ ନିଅନ୍ତୁ, ତଳକୁ ଦେଖିବା ବେଳେ ନିଶ୍ୱାସ ଛାଡନ୍ତୁ। ଏହିପରି ପ୍ରତିଦିନ କରନ୍ତୁ ।

■ ଏପରି କରିବା ଦ୍ୱାରା ଦୃଷ୍ଟିଶକ୍ତି ସମ୍ବନ୍ଧୀୟ ସମସ୍ୟା କମ୍ ହୋଇଥାଏ ।





## 'ବିଗ୍ ବସ୍ ୧୮'ର ବିଜୟ ମୁକୁଟ ପିନ୍ଧିଲେ କରଣ

ଅପେକ୍ଷାର ଅନ୍ତ ହେଲା । 'ବିଗ୍ ବସ୍ ୧୮'ର ବିଜେତା ହେଲେ ଅଭିନେତା କରଣ ବୀର ମେହେରା । ଶ୍ରେଷ୍ଠ ୬ ଜଣ ଫାଇନାଲିଷ୍ଟଙ୍କୁ ହରାଇ ଟ୍ରଫି ହାତେଇଲେ କରଣ । 'ବିଗ୍ ବସ୍ ୧୮'କୁ ମିଳିଲା ନୂଆ ବିଜେତା । ସର୍ବାଧିକ ଭୋଟ ପାଇ 'ବିଗ୍ ବସ୍ ୧୮' ସିଜିନର ବିଜୟ ମୁକଟ ପିନ୍ଧିଛନ୍ତି କରଣ ବୀର ମେହେରା । କରଣଙ୍କୁ ସୋ'ର ହୋଷ୍ଟ ସଲମାନ ଖାନ୍ ବିଜେତା ଭାବେ ଘୋଷଣା କରିବା ପରେ ପ୍ରଶଂସକମାନେ ବେଶ ଖୁସି ହୋଇଛନ୍ତି । କରଣଙ୍କ ପ୍ରଶଂସକମାନେ ସୋସିଆଲ ମିଡ଼ିଆରେ ଲଗାତାର ଶୁଭେଚ୍ଛା ବାର୍ତ୍ତା ପୋଷ୍ଟ କରୁଛନ୍ତି । ରିପୋର୍ଟ ଅନୁଯାୟୀ, ଶ୍ରେଷ୍ଠ ୬ ଜଣ ଫାଇନାଲିଷ୍ଟଙ୍କ ମଧ୍ୟରୁ ପ୍ରଥମେ ଈଶା ସିଂ ବାହାରିଥିଲେ । ପରବର୍ତ୍ତୀ ଫାଇନାଲିଷ୍ଟରୁ ଚୁମ୍ ଦାରାଙ୍ଗ ବିଗ୍ ବସ୍ -୧୮ ବିଜେତାରୁ ଓହରି ଯାଇଥିଲେ । ତାଙ୍କ ପରେ ଗ୍ରାଣ୍ଡ ପୁରସ୍କାର ଦୌଡ଼ରୁ ଅବିନାଶ ମିଶ୍ର ବାହାରିଥିଲେ । ଅବଶେଷରେ, ଅନେକ ପ୍ରତିଯୋଗୀଙ୍କୁ ପଛରେ ପକାଇ ବିଗ୍ ବସ୍ -୧୮ର ଟପ୍-୩ରେ ପହଞ୍ଚିଥିଲେ କରଣ ବୀର ମେହେରା, ଭିଭିଅନ୍ ଡିସେନା, ରଜତ ଦଲାଲ । ପରେ ରଜତ ଆଉଟ ହେବା ପରେ କରଣ ଏବଂ ଭିଭିଅନଙ୍କ ମଧ୍ୟରେ କିଏ ଜିତିବ ଟ୍ରଫି ସମସ୍ତଙ୍କ ନଜର ରହିଥିଲା । ଶେଷରେ ପ୍ରତି ସିଜନ୍ ପରି, ଏଥର ମଧ ସଲମାନ ଖାନ୍ ପୁରସ୍କାର ରାଶି ସହିତ କରଣ ବୀର ମେହେରାଙ୍କୁ ବିଗ ବସ୍ ୧୮ର ବିଜେତା ଘୋଷଣା କରିଥିଲେ । ଟ୍ରଫି ସହିତ, ଅଭିନେତା କରଣଙ୍କୁ ୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ମଧ ମିଳିଛି । ବିଗ୍ ବସ୍ ୧୮ର ବିଷୟବସ୍ତୁ ଥିଲା 'ଟାଇମ କା ତାଣ୍ଡବ' । ଏହି ସିଜିନ୍ ୬ ଅକ୍ଟୋବର ୨୦୨୪ରେ ଆରମ୍ଭ ହୋଇଥିଲା ଏବଂ ୧୯ ଜାନୁଆରି ୨୦୨୫ରେ ଗ୍ରାଣ୍ଡ ଫିନାଲେ ସହିତ ଶେଷ ହୋଇଥିଲା । ଏହି ସିଜିନ୍ ୧୮ ଜଣ ପ୍ରତିଯୋଗୀଙ୍କ ସହିତ ଆରମ୍ଭ ହୋଇଥିଲା ।



### ଆଜି ପ୍ରାଣତ୍ୟାଗ କରିଥିଲେ

## କ୍ରାନ୍ତିକାରୀ ରାସବିହାରୀ ବୋସ୍

ଭାରତର ଅନ୍ୟତମ କ୍ରାନ୍ତିକାରୀ ନେତା ରାସବିହାରୀ ବୋସ୍। ବ୍ରିଟିଶ ରାଜ୍ ବିରୋଧରେ ଗଦର ଷଡ଼ଯନ୍ତ୍ର ଓ ଆଜାଦ୍ ହିନ୍ଦ ଫୌଜ ସଂଗଠନରେ ସେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। କେଳ ଭାରତରେ କ୍ରାନ୍ତିକାରୀ ଗତିବିଧି ସଂଚାଳନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ସେ ନିର୍ବାହ କରିଥିଲେ ତାହାନୁହେଁ, ବିଦେଶରେ ରହି ମଧ୍ୟ ଭାରତକୁ ସ୍ୱାଧୀନ କରିବା ପ୍ରୟାସରେ ଆଜୀବନ ଲଢ଼େଇ କରିଥିଲେ। ଦିଲ୍ଲୀରେ ତତ୍‌କାଳୀନ ଭାଇସ୍‌ରୟ ଲର୍ଡ଼ ଚାର୍ଲସ୍ ହାର୍ଡ଼ିଙ୍ଗଙ୍କ ଉପରେ ବୋମା ଫିଙ୍ଗିବା ଯୋଜନା ଗଦର ଷଡ଼ଯନ୍ତ୍ର ଏବଂ ପରେ ଜାପାନ୍‌ରେ ଇଣ୍ଡିପେଣ୍ଡେନ୍ସ ଲିଗ୍ ଓ ଆଜାଦ୍ ହିନ୍ଦ ଫୌଜ୍ ସ୍ଥାପନାରେ ରାସବିହାରୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ୧୮୮୬ ମେ ୨୫ରେ ପଶ୍ଚିମବଙ୍ଗର ସୁବାଲଦହ ଗ୍ରାମରେ ସେ ଜନ୍ମ ଗ୍ରହଣ କରିଥିଲେ। ବାଲ୍ୟକାଳରୁ ସେ ଦେଶ ସ୍ୱାଧୀନତାର ସ୍ୱପ୍ନ ଦେଖୁଥିଲେ। ସ୍ୱାଧୀନତା ଆନ୍ଦୋଳନ ସମ୍ପର୍କିତ ଗତିବିଧିରେ ମଧ୍ୟ ତାଙ୍କର ଗଭୀର ରୁଚି ଥିଲା। ଫ୍ରାନ୍ସ ଓ ଜର୍ମାନୀରୁ ମେଡ଼ିକାଲ ସାଇନ୍ସ ଓ ଇଞ୍ଜିନିୟରିଂରେ ସେ ଡିଗ୍ରୀ ହାସଲ କରିଥିଲେ। ଇଣ୍ଡିଆନ୍ ନ୍ୟାସନାଲ ଲିଗ୍‌ର ସୈନ୍ୟ ଶାଖା ରୂପେ ରାସବିହାରୀଙ୍କ ଦ୍ୱାରା ଗଠନ ହୋଇଥିଲା ଇଣ୍ଡିଆନ୍ ନ୍ୟାସନାଲ ଆର୍ମି। ସେ ଏକ ପତାକା ମଧ୍ୟ ଚୟନ କରିଥିଲେ, ଯାହାର ନାମ ଦେଇଥିଲେ ଆଜାଦ୍। ଏହି ପତାକାକୁ ସେ ସୁବାଷ ଚନ୍ଦ୍ର ବୋସ୍‌ଙ୍କୁ ପ୍ରଦାନ କରିଥିଲେ। ଭାରତକୁ ବ୍ରିଟିଶ ଶାସନ କବଳରୁ ମୁକ୍ତି ଦେବାକୁ ସେ ଆଜୀବନ ପରିଶ୍ରମ କରିଥିଲେ। କିନ୍ତୁ ବଞ୍ଚିଥିବା ପର୍ଯ୍ୟନ୍ତ ଏହି ଆଶା ତାଙ୍କର ପୂରଣ ହେଲାନାହିଁ। ୧୯୪୫ ଜାନୁଆରୀ ୨୧ ତାରିଖ ଦିନ ରାସବିହାରୀଙ୍କ ଦେହାନ୍ତ ହୋଇଥିଲା। ନିଧନର କିଛି ସମୟ ପୂର୍ବରୁ ଜାପାନ ସରକାର ତାଙ୍କୁ ଅର୍ଡ଼ର ଅଫ୍ ଦ ରାଇଜିଙ୍ଗ ସନ୍ ସମ୍ମାନରେ ଅଳଙ୍କୃତ କରିଥିଲେ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ଧାନମଣ୍ଡି ଓ ମଣିନାଥପୁର ବେଆଇନ ବାଲି ଉତ୍ତୋଳନ ସ୍ଥାନ, ନେରଡା ବେଆଇନ ଇଟାଗଡା ଶିଳ୍ପାଞ୍ଚଳକୁ ବିଧାନସଭା ଷ୍ଟାଣ୍ଡିଂ କମିଟି ସୋମବାର ପରିଦର୍ଶନ କରିଥିବା ଜଣାଯାଇଛି। ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବିଧାୟକ ଅଶ୍ୱିନୀ କୁମାର ପାତ୍ର, ବିଧାୟକ ଶାରଦା ପ୍ରସାଦ ନାୟକ, ବିଧାୟକ ପଦ୍ମଲୋଚନ ହାଇବ୍ରୁ, ବିଧାୟକ ସଞ୍ଜିବ କୁମାର ମଲ୍ଲିକ, ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ବିଧାୟକ ଅଖିଳ ଚନ୍ଦ୍ର ନାୟକ, ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ବିଧାୟକ ନବୀନ କୁମାର ଜୈନ, ବିଧାୟକ ନରସିଂହ ଭାତ୍ରା ଓ ବିଧାୟକ ମଙ୍ଗୁ ଖିଲ୍ଲାଙ୍କ ସମେତ ଜିଲ୍ଲାପାଳ ଦିଲ୍ଲିପ କୁମାର ରାଉତରାୟ, ଉପଜିଲ୍ଲାପାଳ ବିକ୍ରମ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା, ସମବାୟ ସମିତି ସମୂହ ଉପନିବନ୍ଧକ ପ୍ରତୀତା ଜେନା ରହଣିଆ ସମବାୟ ସମିତି ଧାନମଣ୍ଡି ପରିଦର୍ଶନ କରି ଧାନକ୍ରୟ ସମ୍ପର୍କରେ ମଣ୍ଡି କ୍ରୟ ଅଧିକାରୀ ସନ୍ତୋଷ ଦାସଙ୍କ ଠାରୁ ସୁବିଧା ଓ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ସେଠାରୁ ଷ୍ଟାଣ୍ଡିଂ କମିଟି ମଣିନାଥପୁର ଗ୍ରାମର ବେଆଇନ ବାଲି ଉତ୍ତୋଳନ ସ୍ଥାନ ଅନୁଧ୍ୟାନ କରିଥିଲେ। ସ୍ଥାନୀୟ ସରପଞ୍ଚ ପରମାନନ୍ଦ ନାୟକ ବାଲି ଉତ୍ତୋଳନ ଓ ପରିବହନ ସମସ୍ୟା ଓ ତାହାର ନିରାକରଣ ସମ୍ପର୍କରେ ଷ୍ଟାଣ୍ଡିଂ କମିଟିକୁ ଅବଗତ କରାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲୋଡ଼ିଥିଲେ।



# ମେଡ଼ିକାଲ କର୍ମଚାରୀ ସଂଘ ପକ୍ଷରୁ ଧାରଣା ପ୍ରତ୍ୟାହୃତ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ହସ୍ପିଟାଲ କର୍ମଚାରୀ ସଂଘ ୬ଦଫା ଦାବିନେଇ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଦିବାରାତ୍ର ଗଣଧାରଣା ଦିଆଯାଇଥିଲା। ଭାରତୀୟ ମଜଦୁର ସଂଘ ଓ ଅଲ୍ ଓଡ଼ିଶା ହସ୍ପିଟାଲ କର୍ମଚାରୀସଂଘ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ତେବେ ସଂଘ ଦୀର୍ଘଦିନରୁ ବିଭିନ୍ନ ସମସ୍ୟା ନେଇ ଦାବି କରିଆସୁଥିଲେ ହେଁ ବେଆଇନ ଭାବେ ଠିକା ଶ୍ରମିକ ବନ୍ଦ, ସମାନ କାମକୁ ସମାନ ବେତନ, ଛଟେଇ କରାଯାଇ ଥିବା ସମସ୍ତ କର୍ମଚାରୀମାନଙ୍କୁ ପୁର୍ନଃନିଯୁକ୍ତି ପ୍ରଦାନ, ପାରା ମେଡିକାଲ ଷ୍ଟାଫ୍ (ଷ୍ଟାପନର୍ସ) ମାନଙ୍କୁ ପଦୋନ୍ନତି ସହ ବେତନ ବୃଦ୍ଧି, ରାତ୍ରିକାଳୀନ ସେବାରେ ମହିଳା କର୍ମଚାରୀମାନଙ୍କୁ ସୁରକ୍ଷା, ପ୍ରତ୍ୟେକ ମାସ ୧୦ତାରିଖ ମଧ୍ୟରେ କର୍ମଚାରୀ ମାନଙ୍କର ବେତନ ପ୍ରଦାନ, ବେଆଇନ ଭାବେ ବେତନରୁ କଟାଯାଉଥିବା ଟଙ୍କା ଆଦି ପ୍ରତିବାଦରେ ଗଣଧାରଣା ଦିଆଯାଇଥିଲା। ଏହାକୁ ହସ୍ପିଟାଲ କର୍ମଚାରୀ ସଂଘର ସଭାପତି ଉମାକାନ୍ତ ଦାସ ଓ ସାଧାରଣ ସମ୍ପାଦିକା ରୀମାରାଣୀ ବାରିକ୍ ନେତୃତ୍ୱ ନେଇଥିଲେ। ଦୁଇଦିନ ଧରି ଦିବାରାତ୍ର ଆନ୍ଦୋଳନ ହେବା ପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଜିଲାପାଳଙ୍କ ହସ୍ତକ୍ଷେପ ଫଳରେ ଶ୍ରମିକମାନଙ୍କର ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଏବଂ ଡିପିଏମ୍‌ଙ୍କ ଲିଖିତ ପ୍ରତିଶ୍ରୁତି ପରେ ଆନ୍ଦୋଳନକୁ ସ୍ଥଗିତ କରାଯାଇଛି। ପ୍ରକାଶ ଯେ, ସଂଘ ପକ୍ଷରୁ ସାଧାରଣ ସମ୍ପାଦିକା ରୀତାରାଣୀ ବାରିକ୍, ମୁଖ୍ୟ ପରାମର୍ଶଦାତା ବିବେକ ମହାନ୍ତ, ବିଏମ୍.ଏସ୍.ର ରାଜ୍ୟ ସଭାପତି ମନୋଜ ବସନ୍ତ ରାୟ, ମଞ୍ଜୁ ମୁଖି ପ୍ରମୁଖ ସଂଘର ଆନ୍ଦୋଳନକାରୀଙ୍କୁ ସାହାଯ୍ୟ ଓ ସହଯୋଗ କରିଥିଲେ। ଶେଷରେ ଧାରଣା ସ୍ଥଳକୁ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଏବଂ ଡିପିଏମ୍ ମେଡିକାଲ ମ୍ୟାନେଜର ପହଞ୍ଚି ବୁଝାସୁଝା କରି ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇ ଘୋଷଣା କରିଥିଲେ। ଏହାପରେ ଆନ୍ଦୋଳନ ସ୍ଥଗିତ ରହିଥିଲା।

# ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି

ପାରଳାଖେମଣ୍ଡି, (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ୍ ଅନ୍ତର୍ଗତ କେରାଣ୍ଡି ଗ୍ରାମପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟ ମୁଖ୍ୟ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ଗଜପତି ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜ, ଡ. ଗୁଣନିଧି ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଗଜପତି ଏହି ମିଳିତ ଜନ ଅଭିଯୋଗ ଶୁଣାଣୀରେ ଯୋଗଦାନ କରି କରାଣ୍ଡି ଗ୍ରାମ ପଞ୍ଚାୟତ ସମେତ ଗଙ୍ଗାବାଡ଼, ଲକ୍ଷ୍ମୀପୁର ଓ କଇଁପୁର ପଞ୍ଚାୟତର ସମୁଦାୟ ମୋଟ- ୧୦୨ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୬୩ ଗୋଟି, ଗ୍ରାମ ଭିତ୍ତିକ ସମସ୍ୟା- ୩୯ ଓ ୦୨ ଗୋଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଛି। ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ପ୍ରଧାନମନ୍ତ୍ରୀ ଆବାସୀ ଯୋଜନା, ସାମାଜିକ ସୁରକ୍ଷା, ଜମିପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ୍‌କାର୍ଡ଼, ଶିକ୍ଷା, ଜଳସେଚନ, ସ୍ୱାସ୍ଥ୍ୟ ଓ ରାସ୍ତା ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା। ଆଜିର ଗ୍ରାମ୍ୟ ମୁଖ୍ୟ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ସମୟରେ ରାୟଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ, ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଧୀର ସିଂ, ତହସିଲଦାର ସୁକାନ୍ତ ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହମ୍ମଦ ଅଲ୍ଲୀ, ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ସନ୍ତୋଷ ନାୟକ, ସ୍ଥାନୀୟ ସରପଞ୍ଚ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଏହୀ ଶୁଣାଣୀରେ ଉପସ୍ଥିତ ଥିଲେ।

# ଯୁବକ ନିଖୋଜ

ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ବରାହିଲୋ ଗ୍ରାମର କେଶବ ମଳିକ (୩୨) ନାମକ ଜଣେ ଯୁବକ ନିଖୋଜ ହେବାର ସାତଦିନି ବିତିଯାଇଥିଲେବି ତା'ର ଅଦ୍ୟାବଧି କୌଣସି ପତ୍ତା ମିଳିପାରି ନାହିଁ। ଏ ସମ୍ପର୍କରେ କେଶବଙ୍କ ଭାଇ ବାବୁଲା ଦେଇଥିବା ଅଭିଯୋଗ ଅନୁଯାୟୀ କେଶବ ଦୁଇ ସପ୍ତାହ ପୂର୍ବରୁ ଅନୁଗୋଳର ଜଣେ ଠିକାଦାର ନିକଟରେ କାର୍ଯ୍ୟ କରୁଥିଲ। ତେବେ ଗତ ୧୨ ତାରିଖ ଦିନ ସେ ଠିକାଦାରଙ୍କ କ୍ୟାମ୍ପରୁ କୁଆଡ଼େ ପଳାଇଯାଇଥିବା ତାର ସାଥିମାନେ କହୁଛନ୍ତି। ତେବେ ଏ ସମ୍ପର୍କରେ ଅନୁଗୋଳ ଥାନାରେ ଏକ ଲିଖିତ ଅଭିଯୋଗ ହେବା ପରେ ପୋଲିସ ଖୋଜା ଖୋଜି କରୁଥିବା ଜଣାଯାଇଛି।

## ଅଗ୍ନୀସମ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଧାମନଗର, (ଭାସ୍କର ନ୍ୟୁଜ୍): ଧାମନଗର ଅଗ୍ନୀସମ ବିଭାଗ ପକ୍ଷରୁ ଧାମନଗର ଅକ୍ସଫୋର୍ଡ଼ ପବ୍ଲିକ୍ ସ୍କୁଲ ପରିସରରେ ଏକ ସଚେତନୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଦମକଳ କେନ୍ଦ୍ରର ଅଧିକାରୀ ବିଶ୍ୱଜିତି ସାହୁ, ନରେନ୍ଦ୍ର ରାଉତ ପ୍ରମୁଖ ଉକ୍ତ ସ୍କୁଲର ଛାତ୍ରଛାତ୍ରୀଙ୍କୁ ଅଗ୍ନିକାଣ୍ଡ ବେଳେ କିପରି ପଦେକ୍ଷପ ନେବେ, ସେ ନେଇ ସଚେତନ କରାଇବା ସହ ଅନ୍ୟ କର୍ମଚାରୀମାନେ ଡେମୋ କରି ଦେଖାଇଥିଲେ। ଏହି ଅବସରରେ ସ୍କୁଲର ଅଧକ୍ଷ ଶରତଚନ୍ଦ୍ର ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସୁଦିପ ବିଶ୍ୱାଳ, ପଦ୍ମନାଭ ଦାସ, ପ୍ରମୁଖ ପରିଚାଳନା କରିଥିଲେ।

# ବ୍ୟାଙ୍କ ଅଫ୍ ବରୋଦାରର ଶାଖା ବ୍ୟାଙ୍କ ଉଦ୍‌ଘାଟିତ



ରଘୁନାଥପୁର, (ଭାସ୍କର ନ୍ୟୁଜ୍): ରଘୁନାଥପୁର ବ୍ଲକ୍ ସ୍ଥାନୀୟ ବଜାରରେ ସୋମବାର ଭାରତର ଦ୍ୱିତୀୟ ସର୍ବବୃହତ ଜାତୀୟକରଣ ବ୍ୟାଙ୍କ ଅଫ୍ ବରୋଦାର ୮୨୨୮ ରଘୁନାଥପୁର ଶାଖା ଉଦ୍‌ଘାଟନ ହୋଇଯାଇଛି। ଏହାକୁ ଉଦ୍‌ଘାଟନ କରିଥିଲେ ସଂସ୍ଥାର ଇଓ ବେନା ଓ୍ୱାହିବ। ଏଥିରେ ଅଞ୍ଚଳ ପ୍ରମୁଖ ତଥା ମହାପ୍ରବନ୍ଧକ ସ୍ୱପ୍ନା ବନ୍ଦୋପଧାୟ, ଉପ ମହାପ୍ରବନ୍ଧକ ଏସପି ନାୟର, କ୍ଷେତ୍ରିୟ ପ୍ରବନ୍ଧକ ରଞ୍ଜିତ କୁମାର, ଉପକ୍ଷେତ୍ରିୟ ପ୍ରମୁଖ ରାଜେଶ ପ୍ରଶାୟତ, ଶାଖା ପରିଚାଳ ବିବେକ ପ୍ରସାଦ ମଲ୍ଲିକ ଓ ବ୍ୟାଙ୍କର ପ୍ୟାନେଲ ଆଡ଼ଭୋକେଟ ଜୀବନ ବଲ୍ଲଭ ମହାନ୍ତି ପ୍ରମୁଖ ଶୁଭ ଉଦ୍‌ଘାଟନରେ ଉପସ୍ଥିତ ରହି ବ୍ୟାଙ୍କ କ୍ଷେତ୍ରରେ ଜନସାଧାରଣଙ୍କୁ ସମସ୍ତ ପ୍ରକାର ସୁବିଧା ସାହାଯ୍ୟ ଯୋଗାଇ ଦିଆଯିବ ବୋଲି କହିଥିଲେ। ପ୍ରଥମ ଦିନରେ ଏକ ହଜାର ଜମାଖାତା ଖୋଲାଯାଇ ପ୍ରାୟ ୩ କୋଟି ଟଙ୍କା କାରବାର କରାଯାଇଥିଲା। ଏଥିରେ ସମସ୍ତ କର୍ମଚାରୀ ସହଯୋଗକରିଥିଲେ।

## କୃଷ୍ଣସିଂହ ପାଠାଗାରର ପରିଚାଳନା ସଙ୍ଘ ଗଠନ

ଆସିକା, (ଭାସ୍କର ନ୍ୟୁଜ୍): ଆସିକା ନିରଞ୍ଜନ ନଗର ସ୍ଥିତ କୃଷ୍ଣସିଂହ ପାଠାଗାରର ନୂତନ ପରିଚାଳନା କର୍ମକର୍ତ୍ତା ଚୟନ କୃଷ୍ଣସିଂହ ପାଠାଗାର ଠାରେ ପୂର୍ବତନ ସଭାପତି ବରିଷ୍ଠ ଆଇନଜୀବି ସୁଧାଂଶୁ ପଣ୍ଡାଙ୍କ ସଭାପତିତ୍ୱରେ ଗଠନ ହୋଇଯାଇଛି। ପୂର୍ବ ସୂଚନା ମୁତାବକ ସୋମବାର କୃଷ୍ଣସିଂହ ପାଠାଗାର ପରିସରରେ ସ୍ଥାନୀୟ ବୁଦ୍ଧିଜୀବୀ, ସହରର ବିଭିନ୍ନ ଓ୍ୱାର୍ଡ଼ରୁ ଆସିଥିବା ଜନସାଧାରଣଙ୍କୁ ନେଇ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପଠାଗାରର ପୂର୍ବତନ ସଭାପତି ସୁଧାଂଶୁ ପଣ୍ଡା ଉପସଭାପତି ସୁରେନ୍ଦ୍ର ନାଥ ସାହୁ, କାର୍ଯ୍ୟକାରୀ ସମ୍ପାଦକ ଏମ. ତାରିଣୀ ସେନାପତି ଓ ପରିଚାଳନା କମିଟିର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

# ଗୋ'ଚାଲାଣ ଟ୍ରକ ସହ ଚାଳକ ଓ ଦୁଇଜଣ ଗିରଫ



ଖଇରପୁଟ, (ଭାସ୍କର ନ୍ୟୁଜ୍): ଦୀର୍ଘ ଦିନର ଅଭିଯୋଗ ପରେ ଗୋ'ଚାଲାଣ ଟ୍ରକ ସହ ଦୁଇଜଣଙ୍କୁ ଗିରଫ କରିଛି ପୋଲିସ। ସୋମବାର ସକାଳୁ ସକାଳୁ ନବରଙ୍ଗପୁର ଜିଲ୍ଲାରୁ ତେଲେଙ୍ଗାନା ରାଜ୍ୟ ହାଇଦ୍ରାବାଦକୁ ଗୋ'ଚାଲାଣ ଟ୍ରକକୁ ଜବତ କରିଛି ମାଲକାନଗିରି ଜିଲ୍ଲା ମାଥିଲି ପୋଲିସ। ପୋଲିସ ଡ୍ରାଇଭର ସହ ହେଲଫରକୁ ଗିରଫ କରି ଥାନାକୁ ଆଣି ପଚରା ଉଚରା କରୁଛି। ସୂଚନା ମୁତାବକ ମାଥିଲି ପୋଲିସ ଆଜି ସକାଳୁ ବିଶେଷ ସୂତ୍ରରୁ ଖବର ପାଇ ଗୋବିନ୍ଦପାଲ୍ଲୀ ଘାଟିରେ ଜାଲ ବିଛାଇ ବସିଥିଲେ। ଶେଷରେ ଟ୍ରକକୁ ଜବତ କରିବାରେ ସଫଳ ରୂପାୟନ ଦେଇଛି। ଜବତ ପରେ ଟ୍ରକମଧ୍ୟରେ ମୋଟ ୩୧ଟି ଗୋରୁ ହାଇଦ୍ରାବାଦ କଂସେଇ ଖାନାକୁ ଯାଉଥିବା ଯାହା ଆମ ପାଖରେ ସୂଚନା ରହିଛି। ପୂର୍ବରୁ ବହୁ ସମାଜସେବୀ ମାନେ ଗୋ ଚାଲାଣ ଉପରେ ବାରମ୍ବାର ଅଭିଯୋଗ କରି ଆସୁଥିଲେ। କିନ୍ତୁ ଗୋବିନ୍ଦପାଲ୍ଲୀ ଫାଣ୍ଡି ଅଧିକାରୀ ପଦ୍ମନାଭ ପୂଜାରୀ ଓ ତାଙ୍କ ଟିମ ଭୋର ୫ ଟାରୁ ଗୋବିନ୍ଦ ପାଲ୍ଲୀ ଚେକ ଗେଟ ନିକଟରୁ ୧୪ ଚକା ଟ୍ରକକୁ ଜବତ କରିଛନ୍ତି । ତେବେ ଦିନକୁ ଦିନ ବଢୁଥିବା ବେଆଇନ ଗୋଚାଲାଣକୁ ରୋକିବାକୁ ସ୍ଥାନୀୟ ଯୁବକମାନେ ଦାବୀ କରିଛନ୍ତି। ଆଗକୁ ପ୍ରଶାସନ ତରଫରୁ କଠୋର ପଦକ୍ଷେପ ନେବାକୁ ସ୍ଥାନୀୟ ସମାଜସେବୀ କେ ବାଲରାଜୁ ଆଚାରି ସହ ବହୁ ବୁଦ୍ଧିଜୀବୀ ଦାବି କରିଛନ୍ତି।

# ମାଲକାନଗିରି ନବୋଦୟ ପରିବାରର ବନ୍ଧୁମିଳନ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ପୋଟେରୁ ଠାରେ ଚଳିତବର୍ଷ ୨୦୨୫ର ଜିଲ୍ଲାସ୍ତରୀୟ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜବାହର ନବୋଦୟ ବିଦ୍ୟାଳୟ-୧ର ପ୍ରିନ୍ସପାଲ ଅରବିନ୍ଦ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବରିଷ୍ଠ ଅଭିଭାବକ କୁଷଧ୍ୱଜ ଆଚାର୍ଯ୍ୟ ଓ ପୁରାତନ ନବୋଦୟ କର୍ମଚାରୀ କୁଷ୍ଣଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସର୍ବପ୍ରଥମେ ଅତିଥି ଗଣ ଓ ସମସ୍ତ ପୁରାତନ ନବୋଦୟ ଛାତ୍ରଛାତ୍ରୀମାନେ 'ହମି ନବୋଦୟ ହୋ' ପ୍ରାର୍ଥନାକୁ ସମବେତ କଣ୍ଠରେ ଗାନ କରିଥିଲେ। ପରେପରେ ସମସ୍ତେ ନିଜ ନିଜର ପରିଚୟ ପ୍ରଦାନ ସହ ବର୍ତ୍ତମାନ ସମୟରେ କିଏ କେଉଁକେଉଁ ପେଶାରେ ଉପନୀତ ହୋଇ ସମାଜର ସେବା କାର୍ଯ୍ୟକୁ ଆଗକୁ ନେଉଛନ୍ତି ତା ଉପରେ ସବିଶେଷ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ପାତ୍ର କହିଥିଲେ ଯେ ନବୋଦୟ ଛାତ୍ରଛାତ୍ରୀ ମାନଙ୍କ ଗୋଟିଏ ଲକ୍ଷ୍ୟ ହେବା ଉଚିତ, ତାହା ହେଉଛି 'ଏଠାକୁ ଆସ ଶିଖିବା ପାଇଁ ଓ ବାହାରିଯାଅ ସମଜର ସେବା ପାଇଁ'। ଅଭିଭାବକ ଆଚାର୍ଯ୍ୟ କହିଥିଲେ ଯେ ନବୋଦୟ ଛାତ୍ରଛାତ୍ରୀ ଯେଉଁଠି ରହିଲେ ମଧ୍ୟ ନିଜର ବୁଦ୍ଧି ବିବେକର ପରିଚୟ ଦେବା ସହ ସମାଜରେ ଏକତା, ଶାନ୍ତି ଓ ଭାତୃତ୍ୱ ଭାବର ପରିପ୍ରକାଶ କରିଥାନ୍ତି। ଏହି ଅବସରରେ ୫୦ରୁ ଉର୍ଦ୍ଧ୍ୱ ପୁରାତନ ନବୋଦୟ ପରିବାର ଯୋଗ ଦେଇଥିଲା ବେଳେ ପାଖାପାଖି ୧୫୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଯୋଗ ଦେଇଥିଲେ। ଶେଷରେ ଛୋଟଛୋଟ କୁନିପିଲାଙ୍କୁ ନେଇ ବିଭିନ୍ନ କୌତୁକିଆ ପ୍ରତିଯୋଗିତା ମାନ ଆୟୋଜିତ ହୋଇଥିଲା ଯାହାକୁ ସମସ୍ତେ ମନଭରି ଉପଭୋଗ କରିଥିଲେ।

# ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ

ଗଜପତି, (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ଠାରେ ଆସନ୍ତା ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଅଛି। ଏହିପ୍ରତିଯୋଗିତାରେ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ପ୍ରତିଯୋଗୀତାମାନ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗୀତାରେ ପ୍ରବନ୍ଧ, ବକ୍ତୃତା, କୁଇଜ୍, ଦେଶାତ୍ମକ ବୋଦକ ସଙ୍ଗୀତ ଓ ଚିତ୍ରାଙ୍କନ ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ଗଜପତି ଷ୍ଟାଡ଼ିୟମ ଠାରେ ଆସନ୍ତା ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଦିନ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବ। ଆଜିର ଏହି କାର୍ଯ୍ୟକ୍ରମରେ ବିଚାରକ ମଣ୍ଡଳୀ ଭାବରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟା ବିଚିତ୍ରା ନନ୍ଧ ବେବର୍ତ୍ତା, ସହକାରୀ ଶିକ୍ଷକ ଅମେଶ ଲିମ୍ମା, ଶିକ୍ଷୟତ୍ରୀ ସୁଲତା ଶୁଭଦର୍ଶୀ, ଜଗନ୍ନାଥ ପଟ୍ଟନାୟକ, ପ୍ରମୁଖ ବିଚାରକ ମଣ୍ଡଳୀ ବାଭରେ ଉପସ୍ଥିତ ଥିଲେ। ଏହି ସବୁ ପ୍ରତିଯୋଗିତାକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଆୟୋଜିତ ହେଉଥିବା ବେଳେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ପିଇଟି ସୁରେନ୍ଦ୍ର କୁମାର ପାତ୍ର ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ସ୍କୁଲ ପରିସରରୁ ବେଆଇନ ଭାବେ ଶାଗୁଆନ ଗଛ ଚୋରି

ମୁରିବାହାଲ, (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ୍‌ରେ ଥିବା ପଞ୍ଚାୟତି ହାଇସ୍କୁଲ ପରିସରରେ ଥିବା ୮ ଗୋଟି ଶାଗୁଆନ ଗଛକୁ କେହି ଦୁର୍ବୃତ୍ତ ଚୋରୀ କରି ନେଇଥିବା ଅଭିଯୋଗ ସ୍ଥାନୀୟ ମୁରିବାହାଲ ଥାନାରେ ସ୍କୁଲ କମିଟି ଦ୍ୱାରା ଲିଖିତ ଅଭିଯୋଗ ହୋଇଛି। ସୂଚନା ଅନୁସାରେ ଯେଉଁ ସ୍ଥାନରେ ଉକ୍ତ ଗଛଗୁଡ଼ିକ ଥିଲା ସେହି ସ୍ଥାନରେ ଏକ ସ୍କୁଲ କୋଠରି କାମ ଚାଲିଛି ଓ ଗଛ କଟା ଜାଗାରେ ଲେଆଉଟ ମଧ୍ୟ ସରିଛି। ଏ ବିଷୟରେ ଏଇ ଅବିନାଶ ମୋଦି ଓ ଜେଇଟି, ଏସ.କେ ପାତ୍ରଙ୍କୁ ପଚାରିବାରୁ ପରମିଶନ କରି ଗଛ କଟାହୋଇଛି ତେଣୁ ଟେଣ୍ଡର ପାଇଥିବା ଠିକାଦାର ଏହି ଗଛଗୁଡିକୁ ବେଆଇନ ଭାବରେ କାଟିଥିବା ଅନୁମାନ କରାଯାଉଛି ବୋଲି ସ୍କୁଲ କମିଟି ପ୍ରକାଶ କରିଛି। ଏହି ବାବଦରେ ପ୍ରଧାନ ଶିକ୍ଷକ ସୁନିଲ କୁମାର ପାତ୍ରଙ୍କୁ ପଚାରିବାରୁ ସେ ଗଛକାଟିବା ପାଇଁ ମୁରିବାହାଲ ରେଞ୍ଜରଙ୍କୁ ଜଣାଇଛନ୍ତି ବୋଲି ପ୍ରକାଶ କରିଥିଲେ। ଏହି ବାବଦରେ ମୁରିବାହାଲ ରେଞ୍ଜର ଶିବପ୍ରସାଦ ନାୟକଙ୍କୁ ପଚାରିବାରୁ ମୋ ପାଖରେ କୌଣସି ଖବର ନ ଥିବା ପ୍ରକାଶ



କରିଥିଲେ। ତେବେ କିଏ ନିଜ ସ୍ୱାର୍ଥ ପାଇଁ ଏହି ସବୁ ଗଛକୁ କାଟି ସରକାରୀ ସମ୍ପତ୍ତି ଆତ୍ମସାତ କରିଛି ବୋଲି ସ୍କୁଲ ପରିଚାଳନା କମିଟି ପ୍ରକାଶ କରିଛି ଓ ତୁରନ୍ତ ଗଛ ଚୋରୀ କରିଥିବା ଲୋକଙ୍କୁ ଧରିବା ପାଇଁ ନିବେଦନ କରିଛି। ଏତଲା ଦେବା ସମୟରେ କମିଟିର ଅଗସ୍ତି ବଘାର, ମହମ୍ମଦ ନିଆଯ, ପ୍ରଫୁଲ ବଘାର, ଲକ୍ଷ୍ମୀକାନ୍ତ ଧରୁଆ, ସୁଦାମ ଚରଣ ବଘାର ପ୍ରମୁଖ ଉପସ୍ଥିତ ଥିଲେ।

# ରାୟଗଡ଼ା ଜିଲ୍ଲା ପ୍ରଶାସନର ଯୁଗ୍ମ ଅଭିଯୋଗ ଶୁଣାଣି



ରାୟଗଡ଼ା/ପଦ୍ମପୁର , (ଭାସ୍କର ନ୍ୟୁଜ୍): ରାୟଗଡ଼ା ଜିଲ୍ଲା ପ୍ରଶାସନ ତରଫରୁ ପଦ୍ମପୁର ବ୍ଲକ୍ ସଦର ମହକୁମା ସ୍ଥିତ ସଦଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଛି। ରାୟଗଡ଼ା ଜିଲ୍ଲାପାଳ ପାରୁଲ ପାଟାଓ୍ୱରୀଙ୍କ ନିର୍ଦ୍ଦେଶକ୍ରମେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁର ଅଧକ୍ଷତା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକାରୀ ସ୍ୱାତୀ ଏସ କୁମାର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅକ୍ଷୟ କୁମାର ଖେମୁଣ୍ଡୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ଲାଲ ମୋହନ ରାଉତରାୟ, ପଦ୍ମପୁର ବ୍ଲକ ଅଧକ୍ଷା ମଣିମାଳା ଶବର ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ। ଏହି ଶୁଣାଣୀରେ ମୋଟ ୩୩ଟି ଅଭିଯୋଗ ଅତିରିକ୍ତ ଜିଲ୍ଲାପାଳ ଗ୍ରହଣ କରିଥିଲେ। ସେଥି ମଧ୍ୟରୁ ୩୨ଟି ବ୍ୟକ୍ତିଗତ ଅଭିଯୋଗ ଥିଲାବେଳେ ୦୧ଗୋଟି ଗ୍ରାମବାସୀ ମାନଙ୍କର ସାମୂହିକ ଅଭିଯୋଗ ଥିଲା। ବିଶେଷକରି ଆବାସ ଯୋଜନା ଘର, ସ୍ୱାସ୍ଥ୍ୟଗତ ସମସ୍ୟା, ଜମିଜମା, ପାରିବାରିକ, ଜଳସେଚନ, ଭତ୍ତା, ଧାନ ଉଠାଇବା, ଜମିଜମା ରେଜିଷ୍ଟ୍ରାସନ, ଅଙ୍ଗନବାଡି ଗୃହ ନିର୍ମାଣ ସହ ଅନ୍ୟାନ୍ୟ ସମସ୍ୟା ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଏହି ଅଭିଯୋଗ ଶିବିରରେ ତହସିଲଦାର ପଦ୍ମପୁର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଦ୍ମପୁର ଶ୍ରୀବିଜୟ କୁମାର ପଟ୍ଟନାୟକ, ସହକାରୀ ଜିଲ୍ଲାପାଳ ସସ୍ମିତା ପଟ୍ଟନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ, ଜିଲ୍ଲା କ୍ରୀଡା ଅଧିକାରୀ ଶେଖ ଆଲେନୁର, ଆଞ୍ଚଳିକ ପରିବହନ ଅଧିକାରୀ ଶିବଶଙ୍କର ଚୌଧୁରୀ, ଜିଲ୍ଲା କୃଷି ଅଧିକାରୀ ବିଷ୍ଣୁ ପ୍ରସାଦ କର, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଦାସୀରଥି ସରେନ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଉପ ନିର୍ଦ୍ଦେଶକ ଜ୍ଞାନରଞ୍ଜନ ସେଠି, ଅବକାରୀ ଅଧିକ୍ଷକ ସନ୍ତୋଷ କୁମାର ଧଳସାମନ୍ତ, ମଧ୍ୟମ ଜଳସେଚନ ଅଧିକ୍ଷଣ ଯନ୍ତ୍ରୀ, ଉଠା ଜଳସେଚନ ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ କୋଠାବାଡ଼ି ନିର୍ବାହୀ ଯନ୍ତ୍ରୀ, ଟାଟାପାଓ୍ୱାର ନିର୍ବାହୀ ଯନ୍ତ୍ରୀ ସୁନୀଲ କୁମାର ରାଉତ, ଗ୍ରାମ୍ୟ ଉନ୍ନୟନ ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ ଗୋପାଳ ନାୟକ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଗୁଡିକର ଶୁଣାଣୀ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଆଜିର ଅଭିଯୋଗ ଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ଫଇସଲା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଶୁଣାଣୀ ଶିବିରକୁ ପଦ୍ମପୁର ବ୍ଲକର କର୍ମଚାରୀ ପରିଚାଳନା କରିଥିଲେ।

# ଧରଣୀଧର ଜେନାଙ୍କ ପରଲୋକ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ୍ ଭାଟପଡ଼ା ପଞ୍ଚାୟତ ଅଧୀନ ହରିପୁର ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଧରଣୀଧର ଜେନାଙ୍କର ରବିବାର ରାତିରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୦ବର୍ଷ ହୋଇଥିଲା। ସେ କିଛି ବର୍ଷ ଧରି ଶାରୀରିକ ଅସୁସ୍ଥ ଥିଲେ। ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ତାଙ୍କ ମର ଶରୀରକୁ ଗ୍ରାମକୁ ଅଣାଯିବା ପରେ ଶୋଭାଯାତ୍ରାରେ ନିଜ ଗ୍ରାମ ସହିତ ତିହିଡ଼ି ବଜାର ପରିକ୍ରମା କରାଯାଇଥିଲା। ତାଙ୍କୁ ହରିପୁରସ୍ଥିତ ହରିଶ୍ଚନ୍ଦ୍ର ନୋଡ଼ାଲ ସ୍କୁଲ, ଖାଙ୍କିହାଟ ୟୁଜିଏମଇ ସ୍କୁଲ ଓ ଶ୍ୟାମା କ୍ଲବ ପକ୍ଷରୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ସ୍ୱର୍ଗତ ଜେନା ହରିପୁର ହରିଶ୍ଚନ୍ଦ୍ର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ଦୀର୍ଘଦିନ ଧରି କାର୍ଯ୍ୟ କରି ଅବସର ନେଇଥିଲେ। ସେ ଜଣେ ଶାନ୍ତ, ସରଳ, ଅମାୟିକ, ଧର୍ମପରାୟଣ ଓ ଛାତ୍ରବତ୍ସଳ ଶିକ୍ଷକ ଭାବେ ସ୍ଥାନୀୟ ଅଞ୍ଚଳରେ ସୁନାମ ଅର୍ଜନ କରିଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ଶବାଧାରରେ ବିଧାୟକଙ୍କ ପ୍ରତିନିଧି ସରୋଜ କୁମାର ଦାସ, ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ଶିକ୍ଷାବିତ୍ ସୋମନାଥ ପାଢ଼ୀ, ଗିରିଜାରମଣ ଜେନା, ଦେବକିଶୋର ଦାସ, ସମାଜସେବୀ ସଚିକାନ୍ତ ନାୟକ, ପାର୍ଥସାରଥୀ ନାୟକ, ମୃତ୍ୟୁଞ୍ଜୟ ଦାସ, ଧୀରେନ୍ଦ୍ର ସାହୁ, କୈଳାସ ରାଉଳ, ମନୋଜ ପାଣିଗ୍ରାହୀ, ଅମୀୟଚାନ୍ଦ ନାୟକ, ରମାକାନ୍ତ ନାଥ, ମନୋଜ ସେନାପତି, ଶୁଭମ ସାର୍ଥକ ଜେନା, ପ୍ରଫୁଲ୍ଲ ଯତୀ, ଅମୂଲ୍ୟ ସେନାପତି, ନାରାୟଣ ଜେନା, ଅମର ଜେନା, ଯଯାତି କେଶରୀ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ତାଙ୍କର ପୁତ୍ର ଚନ୍ଦନ ଜେନା ମୁଖାଗ୍ନି ଦେଇଥିଲେ।

# ବ୍ଲକ୍ ସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ



ବାଲିମେଳା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ବାଲିମେଳା ଏନଏସି ସ୍ଥିତ ମିନି ଷ୍ଟାଡ଼ିୟମ ଠାରେ ଜିଲ୍ଲା ଦକ୍ଷତା ବିକାଶ ତାଲିମ କେନ୍ଦ୍ର ଏବଂ ୧୪୨ ବାଟାଲିୟନ ବିଏସଏଫର ମିଳିତ ଆନୁକୂଲ୍ୟରେ ବ୍ଲକ ସ୍ତରୀୟ ପରାମର୍ଶ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାଲିମେଳା ମହା ବିଦ୍ୟାଳୟର ଛାତ୍ରଛାତ୍ରୀ, ନବୋଦୟ ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଅଞ୍ଚଳର କିଛି ବେକାର ଯୁବକ ଯୁବତୀ ଅଂଶଗ୍ରହଣ କରିଥିଲେ। ମଞ୍ଚାସୀନ ଅତିଥି ଭାବେ ୧୪୨ ବାଟାଲିୟନ ବିଏସଏଫ କମାଣ୍ଡାଣ୍ଟ ଅଭୟ ସିଂ, ବାଲିମେଳା ଏନଏସି ଅଧକ୍ଷ ପ୍ରଦୀପ କୁମାର ନାୟକ, ବିଏସଏଫ ଡେପୁଟି କମାଣ୍ଡାଣ୍ଟ ଜେନେରାଲ ଶୁଭରଞ୍ଜନ ମହାପାତ୍ର, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ପ୍ରଶାନ୍ତ ଚତୁର୍ବେଦୀ, ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ମନସ୍ୱିନୀ ସେଠୀ ଏବଂ ଉପେନ୍ଦ୍ର ଦୀପ, ନେହେରୁ ଯୁବ କେନ୍ଦ୍ର ତଥା ଜିଲ୍ଲା ଯୁବ ଅଧିକାରୀ ହରିଷ ରୂପାଲ ପ୍ରମୁଖ ଥିଲେ। ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ଶ୍ରୀ ସେଠୀ ଉପସ୍ଥିତ ଥିବା ଛାତ୍ରଛାତ୍ରୀ ମାନଙ୍କୁ ଆଜିର ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସମ୍ବନ୍ଧରେ ଅବଗତ କରାଇବା ସହ କୌଣସି କମ୍ପ୍ୟୁଟର ସାର୍ଟିଫିକେଟ ହେଉ କିମ୍ବା ଶିକ୍ଷାଗତ ଯୋଗ୍ୟତା ନିମନ୍ତେ ଆବଶ୍ୟକ ପ୍ରମାଣପତ୍ର ନିମନ୍ତେ ଦଲାଲଙ୍କ ହାବୁଡ଼ରେ ପଡି ହଜାର ହଜାର ଟଙ୍କା ଲାଞ୍ଚ ନଦେବାକୁ ପରାମର୍ଶ ଦେଇଥିଲେ। ପାଠ ପଢି ସାର୍ଟିଫିକେଟ ହାସଲ କରିବା ପାଇଁ କହିଥିଲେ। ଏଥିସହ ଅଧକ୍ଷ ଶ୍ରୀ ନାୟକ ମଧ୍ୟ ଏହି ତାଲିମ ପାଇ ଜିଲ୍ଲାର ବହୁ ଛାତ୍ରଛାତ୍ରୀ ବିଭିନ୍ନ କମ୍ପାନୀରେ ଚାକିରୀ କରି ଜିଲ୍ଲାର ନାମ ରଖିବା ସହ ନିଜ ପରିବାର ପ୍ରତିପୋଷଣ କରୁଛନ୍ତି। ତେଣୁ ଏହି ତାଲିମ ନେବା ସହ ଅନ୍ୟ ମାନଙ୍କୁ ମଧ୍ୟ ଏହି ତାଲିମ ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେବାକୁ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ କହିଥିଲେ। ତେବେ ଆଜିର ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଉପସ୍ଥିତ ଛାତ୍ରଛାତ୍ରୀମାନେ ଚାକିରୀ କରିବା ନିମନ୍ତେ ବିଭିନ୍ନ ତାଲିମ ପାଇଥିବାରୁ ବହୁ ଖୁସି ବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ସେଠୀ ସୂଚନା ଦେଇଛନ୍ତି।

# ଶୀତ ବସ୍ତ୍ର ପ୍ରଦାନ କାର୍ଯ୍ୟକ୍ରମ



ରେମୁଣା, (ଭାସ୍କର ନ୍ୟୁଜ୍): ଏସଆରବି ସ୍ୱସ୍ତିକ ପୋର୍ଭଟି ଫାଉଣ୍ଡେସନ ପକ୍ଷରୁ ଶୀତ ବସ୍ତ୍ର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖରା ହେଉ ଅବା ବର୍ଷାହେଉ, ଅବା ହେଉ ଝଡ ବାତ୍ୟା ସମସ୍ତଙ୍କୁ ସେବା ଯୋଗାଇବାରେ ସମସ୍ତଙ୍କ ଆଗରେ ଥାଏ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ' ଏସଆରବି ସ୍ୱସ୍ତିକ ପୋର୍ଭଟି ଫାଉଣ୍ଡେସନ'। ମାନବସେବା ହିଁ ମାଧବ ସେବା। ତେଣୁ ଏହାକୁ ମନରେ ବ୍ରତ କରି ଲୋକଙ୍କୁ ନିରନ୍ତର ଭାବେ ୪ ବର୍ଷ ହେବ ସେବା ଯୋଗାଇ ଦେଇ ଆସୁଛି ଏହି ସଂଗଠନ।



ପୁରୀ, (ଭାସ୍କର ନ୍ୟୁଜ) : ପୁରୀ ସହରର ଅନେକ ବୁଦ୍ଧିଜୀବି, ସାମାଜିକ ଅନୁଷ୍ଠାନ, ସମାଜ ସେବୀ ଓ ଗଣମାଧ୍ୟମ ପ୍ରତିନିଧି ଙ୍କୁ ନେଇ ସ୍ଥାନୀୟ ଭକ୍ତ ସାଲବେଗ ପାଠରେ ଟିପିସିଓଡିଏଲର ସ୍ମାର୍ଟ ମିଟର ସ୍ଥାପନ, ସ୍ୱେଚ୍ଛା ଚାରି ଆଚରଣ, ଉପଭୋକ୍ତାଙ୍କୁ ସେବାରେ ବ୍ୟାପକ ଅନିୟମିତତା ଅତିରିକ୍ତ ଅମାନତ ଜମା ପାଇ ମୋବାଇଲ୍ ରେ ବାର୍ତ୍ତା ଦେବା, ବର୍ତ୍ତମାନ ଲାଗିଥିବା ବିଦ୍ୟୁତ୍ ମିଟର ଗୁଡ଼ିକ ନିର୍ମାଣ କାରୀ ସଂସ୍ଥା ଦ୍ୱାରା ତ୍ରୁଟିପୂର୍ଣ୍ଣ ଘୋଷିତ ବୋଲି ବିନା ପ୍ରମାଣ ରେ ବାର୍ତ୍ତା ଦେବା ସହ ତାହା ବଦଳାଇବା ସହ ଜୋରିମାନା କରିବା ଆଦି ଅନେକ ଅନିୟମିତତା ସମ୍ପର୍କରେ ଆଲୋଚନ ହୋଇଥିଲା । କିଛି ଭୁକ୍ତଭୋଗି ଏ ସମ୍ପର୍କରେ ନିଜର ତିକ୍ତ ଅନୁଭୂତି ପ୍ରକାଶ କରିଥିଲେ । ତେଣୁ ପ୍ରାଥମିକ ସ୍ତରରେ ଉପସ୍ଥିତ ବ୍ୟକ୍ତି ବିଶେଷଙ୍କ ମତାମତ ଆଧାରରେ ଏ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯିବା ସହ ଆବଶ୍ୟକ ପଦକ୍ଷେପ ନିମନ୍ତେ ଏକ କାର୍ଯ୍ୟକାରୀ କମିଟି ରାଜେଶ୍ ମିଶ୍ର, ନାରାୟନ ଦାଶ, ହରିଶଙ୍କର ମିଶ୍ର, ମଧୁସୂଦନ ମିଶ୍ର,ଅମରେନ୍ଦ୍ର ପାଇକରାୟ, ସୂର୍ଯ୍ୟ ରଥ, ଜଗନ୍ନାଥ ଦେଓ, ବିଷ୍ଣୁ ଦତ୍ତ ଦାସ,ବିଦ୍ୟୁଲତା ଆଚାର୍ଯ୍ୟ, ଯୁଧିଷ୍ଠିର ଦାସ,ସୁକାନ୍ତ ପ୍ରଧାନ, ସରସ୍ୱତୀ ପାତ୍ର, ଦୁଃଖିଶ୍ୟାମ ପଟ୍ଟନାୟକ, ପବିତ୍ର ମୋହନ ଦଳାଇ, ରତନ କୁମାର ଦାସ,ବାସିନୀ ସାମନ୍ତରାୟ, ଜଗନ୍ନାଥ ଷଡଙ୍ଗୀ, ରବୀନ୍ଦ୍ର ନାଥ ପଟ୍ଟନାୟକ, ସନ୍ତୋଷ ସେନାପତି ଙ୍କୁ ନେଇ ଗଠନ କରାଗଲା ।

## ଅପହରଣ ମାମଲାରେ ଫେରାର ଅଭିଯୁକ୍ତ ଗିରଫ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ କମାରିଆ ଗ୍ରାମର ସୁବାସ ଜେନା (୨୨) ନାମକ ଜଣେ ଯୁବକ ନାବାଳିକା ଅପହରଣ ମାମଲାରେ ଫେରାରଥିଲେ । ପୁଲିସ ଫେରାର ଅଭିଯୁକ୍ତ ସୁବାସକୁ ସୋମବାର ଗିରଫ କରିବାରେ ସକ୍ଷମ ହୋଇଛି । ପ୍ରକାଶ ଯେ, ସୁବାସ ଜଣେ ନାବାଳିକାଙ୍କୁ ଅପହରଣ କରିଥିବା ଅଭିଯୋଗ ହୋଇଥିଲା । ଅଭିଯୋଗ ଅନୁଯାୟୀ ପୋଲିସ ମକଦ୍ଦମା ରୁଜୁ କରିଥିଲେ । ପୁଲିସ ଅଭିଯୁକ୍ତ ଫେରାର ଥିବା ନେଇ କୋର୍ଟଙ୍କୁ ଜଣାଇଥିଲେ । କୋର୍ଟ ଅଭିଯୁକ୍ତ ସୁବାସ ନାମରେ ଗିରଫ ୱାରେଣ୍ଟ ଜାରି କରିଥିଲେ । ଏହି ୱାରେଣ୍ଟ ବଳରେ ପୁଲିସ ସୁବାସକୁ ଗରିଫ କରିଥିବା ଜଣାପଡ଼ିଛି ।

## ପ୍ରଧାନମନ୍ତ୍ରୀ ଅଓପ୍ସରେଣ୍ଟିସିପି ମେଳା ୨୦୨୫



ରାୟଗଡ଼, (ଭାସ୍କର ନ୍ୟୁଜ୍): ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ, ରାୟଗଡ଼ା ଠାରେ ରବିବାର ପ୍ରଧାନମନ୍ତ୍ରୀ ଅଓପ୍ସରେଣ୍ଟିସିପି ମେଳା-୨୦୨୫ ଅନୁଷ୍ଠିତ ହୋଇ ଯାଇଛି । ଏହି ମେଳାରେ ୧୨୭ଜଣ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ ଏବଂ ଜିଲ୍ଲାର ପ୍ରାୟ ୦୪ ଗୋଟି କମ୍ପାନୀ ଯୋଗଦାନ କରି ୧୨୫ ଛାତ୍ରଛାତ୍ରୀଙ୍କୁ ଚୟନ କରିଥିଲେ । ଏହି ମେଳାରେ ମୁଖ୍ୟ ଅତିଥି ଭାବରେ ତତ୍ତ୍ୱମସୀ ମହାପାତ୍ର, ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ, ରାୟଗଡ଼ା, ଚିତ୍ତରଞ୍ଜନ ମଲିକ, ଏ.ଆଇ.ଓ, ଡି.ଆଇ.ସି, ରାୟଗଡ଼ା ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଆପରେଣ୍ଟିସିପ ଏବଂ ଏହାର ଆବଶ୍ୟକତା ଉପରେ ଆଲୋକ ପାତ କରିଥିଲେ । ଅନୁଷ୍ଠାନର ଅଧ୍ୟକ୍ଷ ବିନୟ କୁମାର ବାସନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏଇ ମେଳାରେ ନିମନ୍ତ୍ରିତ ଅତିଥି ମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ମୁଖ୍ୟ ଅତିଥି ମହାପାତ୍ର ଛାତ୍ରଛାତ୍ରୀ ମାନଙ୍କୁ କୁଶଳୀ ହେଇ ଆତ୍ମନିର୍ଭରଶିଳ ହେବାପାଇଁ ଆହ୍ୱାନ ଦେଇ ଉପାଦେୟ ବାର୍ତ୍ତା ପ୍ରଦାନ କରିଥିଲେ । ଅନ୍ୟ ଅତିଥି ବୃନ୍ଦ ସେମାନଙ୍କର ମୂଲ୍ୟବାନ ଅଭିଭାଷଣ ପ୍ରଦାନ କରିଥିଲେ । ଅନୁଷ୍ଠାନର ତାଲିମ ଅଧିକାରୀ ଶ୍ରୀଯୁକ୍ତ ନିଶିକାନ୍ତ ଶର୍ମା ଧନ୍ୟବାଦ ଅର୍ପଣ କରିଥିବା ବେଳେ ସନ୍ତୋଷ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ । ଅନୁଷ୍ଠାନର ସମସ୍ତ କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସୂଚାରୁ ରୂପେ ସମ୍ପାଦନ ହେଇଥିଲା ।

## ଗ୍ରାମାଞ୍ଚଳରେ ବନବାସୀମାନଙ୍କ ପାଇଁ ଚକ୍ଷୁ ପରୀକ୍ଷା ଶିବିର





କେନ୍ଦୁଝର, (ଭାସ୍କର ନ୍ୟୁଜ୍):କେନ୍ଦୁଝର ସଦର ବ୍ଲକ୍‌ର ମଇଦାନକେଲ ପଞ୍ଚାୟତର ହରିହରପୁର ଗ୍ରାମର ଅଙ୍ଗନୱାଡି ଠାରେ ଏକ ଦିବସୀୟ ଚକ୍ଷୁ ପରୀକ୍ଷା ଓ ମୋତିଆ ବିନ୍ଦୁ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି । କେନ୍ଦୁଝର ଅଗ୍ରଣୀ ଅନୁଷ୍ଠାନ, କେନ୍ଦୁଝର ଉନ୍ନୟନ ଟ୍ରଷ୍ଟ, ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟ ଓ ମା ଭବାନୀ ସୟଂସହାୟକ ଗୋଷ୍ଠୀର ମିଳିତ ସହଯୋଗରେ ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା । ମାଇଦାନକେଲ ନାଏବ ସରପଞ୍ଚ କଳ୍ପନା ମହାନ୍ତ ଅତିଥି ମାନଙ୍କୁ ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ପ୍ରଦାନ କରି ଶିବିରକୁ ସ୍ୱାଗତ କରିଥିଲେ । କେନ୍ଦୁଝର ଉନ୍ନୟନ ଟ୍ରଷ୍ଟର କୋଷାଧ୍ୟକ୍ଷ ସଞ୍ଜୀବ ପାଇକରାୟଙ୍କ ମାର୍ଗ ଦର୍ଶନରେ ତଥା ବରିଷ୍ଠ ଗାନ୍ଧିକଥା ସଙ୍ଗଠକ ଭକ୍ତ ବତ୍ସଳ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ କେରି, ମଇଦାନକେଲ, ହରିହରପୁର, ତାଳପଦା, ବାସୁଦେବ ପୁର, ଜଡ଼ିଖୁଣ୍ଟା ଗ୍ରାମରୁ ୭୮ ଜଣ ଜଙ୍ଗଲ ଭିତରେ ଥିବା ବରିଷ୍ଠ ବନବାସୀ ମାନଙ୍କର ପ୍ରାଥମିକ ଚକ୍ଷୁ ପରୀକ୍ଷା କରି ପ୍ରାଥମିକ ସେବା ଯୋଗାଇ ଦିଆଯାଇଛି । ଭୂମିକା ଚକ୍ଷୁ ଚିକିତ୍ସାଳୟ ଉତ୍ତର ଓଡ଼ିଶା ଜୋନାଲ ମ୍ୟାନେଜର କର୍ଣ୍ଣେଟ କିଶୋର ଜେନାଙ୍କ ନେତୃତ୍ୱରେ କ୍ଷେତ୍ରୀୟ ପରିଚାଳକ ରୁଦ୍ର ନାରାୟଣ ଲୋହର, ବରିଷ୍ଠ ଅପଟମ ସାୟନ୍ ସୁନ୍ଦର ମାଇତି, ସ୍ୱାସ୍ଥ୍ୟ ସେ୍ୱିକା ଲକ୍ଷ୍ମୀ ବେହେରା, ବର୍ଷା ରାଣୀ ସାହୁ, କ୍ଷେତ୍ରୀୟ ସଙ୍ଗଠକ ହିମାଂଶୁ ପତ୍ର ଉକ୍ତ ଶିବିରରୁ ୧୯ ଜଣ ବରିଷ୍ଠ ବନବାସୀଙ୍କର ମୋତିଆ ବିନ୍ଦୁ ଚିହ୍ନଟ କରିଥିଲେ । ସେଥିରୁ ୧୧ ଜଣଙ୍କୁ ମୋବାଇଲ ଭ୍ୟାନ ଯୋଗେ ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଭୂମିକା ଚକ୍ଷୁ ଚକିତ୍ସାଳୟ କେନ୍ଦୁଝରକୁ ନେଇ ତାଙ୍କର ଅସ୍ତ୍ରଉପଚାର ନିମନ୍ତେ ପ୍ରେରଣା କରାଯାଇଛି । ହରିହରପୁର ଗ୍ରାମର ମା' ଭବାନୀ, ଜନ ମଙ୍ଗଳ ମା' ସନ୍ତୋଷି ସୟଂ ସହାୟକ ଗୋଷ୍ଠୀର ମହିଳାମାନେ ଓ ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟର ସ୍ୱେଚ୍ଛାସେବୀ ମନୋଜ କୁମାର ମହାନ୍ତ ପ୍ରମୁଖ ଶିବିରକୁ ରୋଗୀ ନେବା ଆଣିବାରେ ସହଯୋଗ କରିଥିଲେ ।

## ରାଧାବଲ୍ଲଭ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଗୋପ, (ଭାସ୍କର ନ୍ୟୁଜ୍): ଗୋପ ବ୍ଲକ୍ ବଇରିପୁର ସ୍ଥିତ ରାଧାବଲ୍ଲଭ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୩ ତମ ବାର୍ଷିକୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡିଶାର ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ କହିଥିଲେ ରାଧାବଲ୍ଲଭ ମଠ ଦ୍ୱାରା ସ୍ଥାପିତ, ତଥା ଆଧ୍ୟାତ୍ମିକ ଭିତ୍ତିଭୂମି ଉପରେ ଠିଆ ହୋଇଥିବା ଏହି ରାଧାବଲ୍ଲଭ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବିଦ୍ୟାଳୟରୁ ଉନ୍ନୀତ ହୋଇ ରାଧାବଲ୍ଲଭ ମହାବିଦ୍ୟାଳୟ ରୂପେ ପରିଚୟ ପାଇବା ଉଚିତ୍ ଏବଂ ଏଥିପାଇଁ ସେ ପ୍ରୟନ୍ କରିବେ ବୋଲି କହିଥିଲେ । ଭବିଷ୍ୟତରେ ଏହି ବିଦ୍ୟାଳୟ ଅଞ୍ଚଳରେ ଧନ୍ଦାମୂଳକ ଶିକ୍ଷାର ଏକ ହବ୍ ହେବ ବୋଲି କହିଥିଲେ । ଛାତ୍ରୀଛାତ୍ରମାନଙ୍କୁ ନିରନ୍ତର ଭାବେ ନିଜ ନିଜର ସ୍କିଲ୍ ଅପଗ୍ରେଡ୍ କରିବା ହିଁ ସଫଳତାର ମୂଳ ଚାବି ବୋଲି ମନ୍ତ୍ର ଦେଇଥିଲେ ମାନନୀୟା ଉପ-ମୁଖ୍ୟମନ୍ତ୍ରୀ । ପାଠ୍ୟ ପୁସ୍ତକ ବାଦ୍ ବିଭିନ୍ନ ଅନଲାଇନ୍ ପାଠ୍ୟକ୍ରମ ଓ ଗୁଗଲ୍‌ରୁ ଜ୍ଞାନ ଆହରଣ ହିଁ ସମ୍ପୂର୍ଣ୍ଣଭାବେ ବିଦ୍ୟାର୍ଥୀମାନଙ୍କୁ ଆଗଧାଡ଼ିରେ ଠିଆ କରିବ ବୋଲି କହିଥିଲେ । ପରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ପାଇଁ ସାଇକଲ୍ ଷ୍ଟାଣ୍ଡ ନିର୍ମାଣ, ପଡ଼ିରହିଥିବା ଶ୍ରେଣୀଗୃହର ତୁରନ୍ତ ସମାପନ ଉପରେ ମଧ୍ୟ ଆଲୋକପାତ କରିଥିଲେ । ଏକ ଆଧ୍ୟାତ୍ମିକ ପରିବେଶରେ, ସାଧୁସନ୍ଥ ମାନଙ୍କ ଗହଣରେ ନିଜ ପ୍ରିୟ ନେତ୍ରୀଙ୍କୁ ପାଖରେ ପାଇ ସମସ୍ତ ଅଧ୍ୟାପିକା ଅଧ୍ୟାପକ ବୃନ୍ଦ ଏବଂ ଛାତ୍ରୀଛାତ୍ରମାନେ ଖୁସିରେ ଆତ୍ମବିଭୋର ହୋଇ ପଡ଼ିଥିଲେ । ଅନ୍ୟାନ୍ୟ କାର୍ଯ୍ୟକ୍ରମମାନଙ୍କ ଭିତରେ, ନିର୍ମାଣାଧିନ ଶ୍ରେଣୀଗୃହର ଉଦ୍‌ଘାଟନ ଓ ବିଦ୍ୟାଳୟ ପରିସରରେ ଥିବା ଉତ୍କଳମଣି ଗୋପବନ୍ଧୁଙ୍କ ମୂର୍ତ୍ତିରେ ମାଲ୍ୟାର୍ପଣ ଇତ୍ୟାଦି ପରିଡ଼ାଙ୍କ କରକମଳରେ ସମାପନ ହୋଇଥିଲା ।

## ରାମଚନ୍ଦ୍ର ଉଚ୍ଚବିଦ୍ୟାଳୟର ବନ୍ଧୁମିଳନ



ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ୍ ଚାଟରାଚକଡା ପଞ୍ଚାୟତ ଅନ୍ତର୍ଗତ ଫକିରାବାଦ ସ୍ଥିତ ରାମଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟର ୧୯୮୪ ମାଟ୍ରିକ ବ୍ୟାଚର ଛାତ୍ର ଛାତ୍ରୀଙ୍କ ବନ୍ଧୁମିଳନ ଉତ୍ସବ ସୋମବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ର ଶରତ କୁମାର କରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବନ୍ଧୁମିଳନ ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବକୀନନ୍ଦନ ମିଶ୍ର ଓ ରାଜକିଶୋର ମିଶ୍ର, ତତ୍କାଳୀନ ଶିକ୍ଷକ ନିରଞ୍ଜନ ବିଶ୍ୱାଳ, ହିମାଂଶୁ ଶେଖର ଦାସ ଏବଂ ପଞ୍ଚାନନ ବିଶ୍ୱାଳ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଉତ୍ସବରେ ପୂର୍ବତନ ଶିକ୍ଷକମାନଙ୍କୁ ପୁରାତନ ଛାତ୍ରଛାତ୍ରୀ ମାନେ ଗୁରୁପୂଜନ କରିବାସହ ଭକ୍ତିପୁତ ସମ୍ମାନ ଜଣାଇ ସମ୍ବର୍ଦ୍ଧିତ କରିଥିଲେ । ତେବେ ଆଜିର ଏହି ଉତ୍ସବରେ ଉପସ୍ଥିତ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ମଧ୍ୟରେ ଏକ ଭାବାବେଗ ସୃଷ୍ଟି କରିଥିଲା । ବନ୍ଧୁମିଳନ କାର୍ଯ୍ୟକ୍ରମରେ କଳ୍ପନା ଦାସ, ମନମୋହିନୀ ସାମଲ, କମଳା ବେହେରା, ଗଣେଶ୍ୱର ସେଠୀ, ଆଶୋକ ସାହୁ, ସତ୍ୟରଞ୍ଜନ ଦାସ ଓ ପୁର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

## ମକର ମହୋତ୍ସବ ଆୟୋଜିତ

ବାରିପଦା, (ଭାସ୍କର ନ୍ୟୁଜ୍): ବାରିପଦା ମୁନିସିପାଲିଟି ଅନ୍ତର୍ଗତ ୱାର୍ଡ ନଂ ୧୫ ପୂର୍ଣ୍ଣଚନ୍ଦ୍ରପୁର ଠାରେ ତ୍ରିରଙ୍ଗା କ୍ଲବ ଆନୁକୂଲ୍ୟରେ ୬ ଦିନିଆ ମକର ମହୋତ୍ସବର ପ୍ରଥମ ୩ ଦିନ ଧରି ବିଭିନ୍ନ ପ୍ରତିଯୋଗିତା ପରେ ୫ମ ସନ୍ଧ୍ୟାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ୍ୟରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ପୁରସ୍କାର ବିତରଣ କରିବା ସହ ତ୍ରିରଙ୍ଗା କ୍ଲବର ମକର ଧମାକା ଏକ ଅନନ୍ୟ ପରିକଳ୍ପନା ବୋଲି ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ମାନ୍ୟବର ବିଧାୟକ, ବାରିପଦା ପ୍ରକାଶ ସୋରେନ ଓ ପୂର୍ବତନ ଉପ ନଗରପାଳ ଜୀତେନ୍ଦ୍ର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ ।

## ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର ଆୟୋଜିତ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ବିଡିଓ ଜ୍ୟୋତିର୍ମୟ କର ୧୨ ଅଭିଯୋଗର ଶୁଣାଣି କରିଥିଲେ । ପରେ ମଙ୍ଗଳପୁର ପଞ୍ଚାୟତର ଦିବ୍ୟାଙ୍ଗ ବିଷ୍ଣୁ ବେହେରା ଓ ଦୀପୁନ ବେହେରା ନାମକ ୨ଜଣ ଭିନ୍ନକ୍ଷମଙ୍କୁ ହ୍ୱିଲ୍ ଚେୟାର ପ୍ରଦାନ କରାଯାଇଥିଲା । ବିଡିଓଙ୍କ କାର୍ଯ୍ୟାଳୟରେ ଅଭିଯୋଗ କାରୀମାନେ ପହଞ୍ଚି ବିଭିନ୍ନ ଅଭିଯୋଗ କରିଥିଲେ । ସେଥି ମଧ୍ୟରେ କୁବେରା ପଞ୍ଚାୟତର ରହଣିଆସାହି ଗ୍ରାମର ସର୍ବସାଧାରଣ ରାସ୍ତାକୁ ଜଣେ ବ୍ୟକ୍ତି ଅବରୋଧ କରିଥିବା ନେଇ ସନ୍ନ୍ୟାସୀ ଖଟୁଆ ଓ ଗ୍ରାମବାସୀମାନେ ଅଭିଯୋଗ କରିଥିଲେ । ବିଡ଼ିଓ କର ଏହି ଅଭିଯୋଗର ଶୁଣାଣି କରି ଅଭିଯୋଗର ସମାଧାନ ପାଇଁ ତହସିଲଦାରଙ୍କ ନିକଟକୁ ଅଭିଯୋଗକୁ ପଠାଇଥିଲେ । କୁବେରା ଗ୍ରାମର ଶଶିକାନ୍ତ ସାହାଣୀଙ୍କ ବ୍ୟକ୍ତିଗତ ଜାଗାରେ ସରକାରୀ ରାସ୍ତା ନିର୍ମାଣ କରାଯାଉଥିବା ନେଇ ଅଭିଯୋଗ ହୋଇଥିଲା । ଏହି ଅଭିଯୋଗର ତଦନ୍ତ କରାଯାଇ ସମାଧାନ କରାଯିବ ବୋଲି ବିଡିଓ କହିଥିଲେ । ଏଥିସହିତ ପ୍ରଧାନମନ୍ତ୍ରୀ ଆବାସ ଓ ଭତ୍ତା ଉପରେ ହୋଇଥିବା ଅଭିଯୋଗର ଶୁଣାଣି କରାଯାଇଥିଲା । ଶିବିରରେ ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ଏବିଡିଓ ମାନସ କୁମାର ଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ମିଶ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଂଜନ ରାଉତ, ଯୋଗାଣ ନିରୀକ୍ଷକ ପ୍ରୀତେଶ କୁମାର ସାମଲ, ବିପିସି କୌଶିକ ଗିରି, ଏପିଓ କାମିନୀରାଣୀ ଓଝା, ସରପଞ୍ଚ ଶୁଭ୍ରନାରାୟଣ ସେଠୀ ଓ ପ୍ରଦୀପ ବଳ ପ୍ରମୁଖ ଉପସ୍ଥିତ ଥିଲେ ।

## ଅଯୋଧ୍ୟାରେ ରାମ ମନ୍ଦିର ଉଦ୍‌ଘାଟନର ପ୍ରଥମବାର୍ଷିକୀ ପାଳିତ






ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ୨୦୨୪ ଜାନୁଆରୀ ୨୨ ତାରିଖରେ ଅଯୋଧ୍ୟାରେ ରାମ ମନ୍ଦିର ଉଦ୍‌ଘାଟନ ସହିତ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ପ୍ରତ୍ୟକ୍ଷ କରିଥିଲା ଯାହା ଲକ୍ଷଲକ୍ଷ ଶ୍ରଦ୍ଧାଳୁଙ୍କ ପାଇଁ ଏକ ଦଶନ୍ଧିର ଯାତ୍ରାର ସମାପ୍ତି ଥିଲା । ଏହି ଐତିହାସିକ ଘଟଣା କେବଳ ଏକ ବହୁ ପ୍ରତୀକ୍ଷିତ ସ୍ୱପ୍ନକୁ ପୂରଣ କରିନଥିଲା ବରଂ ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ପୁନରୁଦ୍ଧାର ମଧ୍ୟ କରିଥିଲା । ଜାନୁଆରୀ ୨୨, ୨୦୨୫ରେ ସାରା ବିଶ୍ୱ ଅଯୋଧ୍ୟା ରାମ ମନ୍ଦିରର ପ୍ରଥମ ବାର୍ଷିକୀ ପାଳନ କରୁଥିବା ବେଳେ ଚନ୍ଦ୍ରଶେଖର ବାୱନକୁଲେଙ୍କ ଉଦ୍ୟମରେ ରାମାୟଣ ସାଂସ୍କୃତିକ କେନ୍ଦ୍ର ସାଂସ୍କୃତିକ ସଂରକ୍ଷଣ ଏବଂ ଶିକ୍ଷାର ଆଲୋକ ଭାବରେ ଉଭା ହୋଇ ଭଗବାନ ରାମଙ୍କ ମୂଲ୍ୟବୋଧ ଏବଂ ଆଦର୍ଶପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାକୁ ଯାଉଛି । ଚନ୍ଦ୍ରଶେଖର ବାୱନକୁଲେଙ୍କ ନେତୃତ୍ୱରେ ନିର୍ମିତ ରାମାୟଣ ସାଂସ୍କୃତିକ କେନ୍ଦ୍ର ରାମାୟଣର କାଳଜୟୀ ଶିକ୍ଷାକୁ ଆକର୍ଷଣୀୟ ପ୍ରଦର୍ଶନୀ, ଇଣ୍ଟରଆକ୍ଟିଭ୍ ପ୍ରତିଷ୍ଠାନ ଏବଂ ଶିକ୍ଷାଗତ କର୍ମଶାଳା ମାଧ୍ୟମରେ ଜୀବନ୍ତ କରିଛି । ଏହି କେନ୍ଦ୍ର ଆଂଚଳିକ ବିକାଶ ଏବଂ ଭାରତର ନୂତନ ପର୍ଯ୍ୟଟନ ସ୍ଥଳୀର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଛି ଯାହା ସାରା ବିଶ୍ୱର ପର୍ଯ୍ୟଟକ ଏବଂ ପଣ୍ଡିତମାନଙ୍କୁ ଆକୃଷ୍ଟ କରିଛି । ପାରମ୍ପରିକ କାହାଣୀ ସହିତ ଅତ୍ୟାଧୁନିକ ଜ୍ଞାନକୌଶଳକୁ ମିଶାଇ ଏହି କେନ୍ଦ୍ର ପର୍ଯ୍ୟଟକ, ବିଶେଷକରି ଯୁବପିଢ଼ିଙ୍କୁ ଆଧୁନିକ ଓ ଅର୍ଥପୂର୍ଣ୍ଣ ଢଙ୍ଗରେ ପ୍ରାଚୀନ ପାଠ ସହିତ ଯୋଡ଼ିହେବା ପାଇଁ ଏକ ଅନନ୍ୟ ସ୍ଥାନ ପ୍ରଦାନ କରିଛି । ଏହି କେନ୍ଦ୍ର ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ମହତ୍ତ୍ୱର ଏକ ଅସାଧାରଣ ସ୍ଥାନ ଯେଉଁଥିରେ କଳା ଏବଂ କାହାଣୀ ମାଧ୍ୟମରେ ରାମାୟଣକୁ ପ୍ରଦର୍ଶିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ଏହି କେନ୍ଦ୍ରରେ 'ରାମାୟଣ ଦର୍ଶନ ମହଲ' ରହିଛି ଯେଉଁଥିରେ ରାମାୟଣର ଦୃଶ୍ୟକୁ ଦର୍ଶାଉଥିବା ୧୨୦ରୁ ଅଧିକ ବିସ୍ତୃତ ତୈଳଚିତ୍ର ରହିଛି । ତାହା ପର୍ଯ୍ୟଟକ ମାନଙ୍କ ପାଇଁ ଏହି ମହାକାବ୍ୟକୁ ଜୀବନ୍ତ କରିଛି । ସାଂସ୍କୃତିକ ଶିକ୍ଷା ଏବଂ ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେଇ ରାମାୟଣ ସାଂସ୍କୃତିକ କେନ୍ଦ୍ର ରାମ ମନ୍ଦିରର ପରମ୍ପରାକୁ ସୁରକ୍ଷିତ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ, ଯାହା ଦ୍ୱାରା ଭବିଷ୍ୟତ ପିଢ଼ି ରାମାୟଣର କାଳଜୟୀ ଶିକ୍ଷାରୁ ପ୍ରେରଣା ପାଇବାଜାରି ରଖିବେ । ଆଗାମୀ ବର୍ଷରେ ରାମାୟଣ ସାଂସ୍କୃତିକ କେନ୍ଦ୍ର ଏହାର ଐତିହ୍ୟ ସଂରକ୍ଷଣ, ଏକତାକୁ ପ୍ରୋତ୍ସାହିତ କରିବା ଏବଂ ଭବିଷ୍ୟତ ପିଢ଼ିଙ୍କୁ ପ୍ରେରଣା ଦେବା ପାଇଁ ଭାରତର ପ୍ରତିବଦ୍ଧତାର ପ୍ରତୀକ ଭାବରେ ଉଭା ହୋଇ ଆଗକୁ ବଢ଼ିବାକୁ ଯାଉଛି । ନାଗପୁର ନିକଟସ୍ଥ କୋରାଡି ମନ୍ଦିର ପରିସରରେ ଅବସ୍ଥିତ ରାମାୟଣ ସାଂସ୍କୃତିକ କେନ୍ଦ୍ରକୁ ଭାରତର ମାନ୍ୟବର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ୨୦୨୩ ରେ ଉଦ୍‌ଘାଟନ କରିଥିଲେ, ଯାହାର ଉଦ୍ଦେଶ୍ୟ କେବଳ ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ଜୀବନ୍ତ କରିବା ନୁହେଁ ବରଂ ଏହି ଅଞ୍ଚଳରେ ପର୍ଯ୍ୟଟନ ଏବଂ ଅନ୍ୟାନ୍ୟ ବିକାଶକୁ ପ୍ରୋତ୍ସାହିତ କରିବା । ରାମାୟଣ ସାଂସ୍କୃତିକ କେନ୍ଦ୍ର ହେଉଛି ଭାରତୀୟ ବିଦ୍ୟା ଭବନର ଉପାଧ୍ୟକ୍ଷ ତଥା ଟ୍ରଷ୍ଟି ବନୱାରୀଲାଲଜୀ ପୁରୋହିତଙ୍କ ମାନସ ସନ୍ତାନ ।

## ଷୋଳମପୁର 'ସାହିତ୍ୟ ଘର' ଉଦ୍‌ଘାଟିତ



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ଷୋଳମପୁର ଗ୍ରାମରେ 'ସାହିତ୍ୟ ଘର' ଉଦ୍‌ଘାଟିତ ହୋଇଯାଇଛି । ସ୍ଥାନୀୟ ହିମସାରମନା ସାହିତ୍ୟ ପରିଷଦ ସମ୍ପାଦକ ଦାମୋଦର ନାୟକଙ୍କ ବାସଭବନ ହତା ପରିସରରେ ନିର୍ମିତ ସାହିତ୍ୟ ଚର୍ଚ୍ଚା ପାଇଁ ଉଦ୍ଦିଷ୍ଟ ଏହି ଘରକୁ ପୃଷ୍ଟପୋଷକ ତଥା ସମାଜସେବୀ ବିରେନ୍ଦ୍ର ମହାନ୍ତି ରବିବାର ଉଦଘାଟନ କରିଥିଲେ । ସାହିତ୍ୟିକମାନଙ୍କ ନିୟମିତ ବୈଠକ ସହ ସାହିତ୍ୟ ଚର୍ଚ୍ଚା ପାଇଁ ଏହି ଗୃହ ଉପଯୋଗୀ ସାବ୍ୟସ୍ତ ହୋଇପାରିବ ବୋଲି ଉଦଘାଟକ ମହାନ୍ତି ଆଶା ପ୍ରକାଶ କରିଥିଲେ । ସ୍ୱର୍ଗତ ଗାୟକ କଳାକାର ଅନିରୁଦ୍ଧ ପାଣିଗ୍ରାହୀଙ୍କ ସ୍ମୃତିରେ ନିର୍ମିତ ଏହି ସାହିତ୍ୟ ଘର ଉଦଘାଟନ ଉତ୍ସବରେ ସାହିତ୍ୟ ପରିଷଦ ସଭାପତି ପଣ୍ଡିତ ହରେକୃଷ୍ଣ ପାଣିଗ୍ରାହୀ, ଷୋଳମପୁର ସରପଞ୍ଚ ପରମାନନ୍ଦ ନାୟକ, ବରିଷ୍ଠ ସାହିତ୍ୟିକ ଗୋଲକ ଚନ୍ଦ୍ର ମହାନ୍ତି, ଗୋଲକଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ପୌର ପରିଷଦ ଦ୍ୱାରା ସ୍ଥାନୀୟ ବୁଟିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଏକ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଅନୁଷ୍ଠାନିକ ଭାବେ ପୌର ପରିଷଦ ମାଲକାନଗିରି ଅଧ୍ୟକ୍ଷ ମନୋଜ ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିବା ବେଳେ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ବିଭିନ୍ନ ବିଭାଗର ଡାକ୍ତର ଓ ବିଶେଷଜ୍ଞ ଯୋଗ ଦେଇଥିଲେ । ଏହି ଶିବିରରେ ମୋଟ ୩୪୨ ଜଣ ଦିବ୍ୟାଙ୍ଗ ଯୋଗ ଦେଇଥିବା ବେଳେ ୨୬୭ ଦିବ୍ୟାଙ୍ଗ ପ୍ରମାଣ ପତ୍ର, ୧୦ ବସ୍ ପାସ୍, ଗୋଟିଏ ତିନି ଚକିଆ ସାଇକଲ ଓ ଗୋଟିଏ ହ୍ୱିଲ ଚେୟାର ପାଇଁ ଆବେଦନ କରିଥିଲେ । ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନରେ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଏହି ଶିବିର ଅନୁଷ୍ଠିତ ହୋଇଯାଇଛି । ଭାରପ୍ରାପ୍ତ ପୌର ପରିଷଦ ନିର୍ବାହୀ ଅଧିକାରୀ କେ. ଅଶୋକ ଚକ୍ରବର୍ତ୍ତୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁ ଓ ସଦର ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପୌର ପରିଷଦ ଉପାଧ୍ୟକ୍ଷ କବିତା ମହନ୍ତ, ଶିଶୁ ରୋଗ ବିଶେଷଜ୍ଞ ଡା. ଏସ.କେ ମିଶ୍ର, ଅସ୍ଥି ଶଲ୍ୟ ବିଶେଷଜ୍ଞ ଡା.ସପନ କୁମାର ଡିଣ୍ଡା, ଚକ୍ଷୁ ବିଶେଷଜ୍ଞ ଡା.ସଞ୍ଜୀବ କର, ଡା.ଏମ.ଏମ ହୁସେନ, ଡା. ବାସନ୍ତୀ ହାଁସଦା, ଡ଼ା ରାଜୀବ ଲୋଚନ ପାଢ଼ୀ, ଡା. ସମୀର ଗୋଲଦାର୍, ଆର ବି ଏସ କେ ମ୍ୟାନେଜର, ହରିବନ୍ଧୁ ଦେଶିଆ ନାୟକ, ଏସ ବି ଆଇ ଶାଖା ପରିଚାଳକ, ଅଜିତ କୁମାର ଆଚାର୍ଯ୍ୟ, ପୌର ପରିଷଦ ସାଂସଦ ପ୍ରତିନିଧି ବିଜୟ ମହାରଣା ଓ ବିଧାୟକ ପ୍ରତିନିଧି ରାହୁଲ ତାୱାରି ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ସାନିଟେଶନ ଏକ୍ସପର୍ଟ ଲିଙ୍ଗରାଜ ପାଳ ମଞ୍ଚ ପରିଚାଳନା କରିଥିଲେ । ଶିବିର ଆୟୋଜନ କରିବାରେ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଅରୋବିନ୍ଦ ବିଶ୍ୱାସ, କମ୍ୟୁନିଟି ଓରଗାନାଇଜର ସୁନିତା କୁମାରୀଙ୍କ ସମେତ ପୌର ପରିଷଦ ଓ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର କର୍ମଚାରୀ ସହାୟତା କରିଥିଲେ ।

## ମହିଳାଙ୍କୁ ସ୍ୱତନ୍ତ୍ର ଚୁଲି ବଣ୍ଟନ

ଟାଙ୍ଗୀ , (ଭାସ୍କର ନ୍ୟୁଜ୍): ଉତ୍କଳ ଉଦୟ ଉନ୍ନତ ଚୁଲି ପ୍ରକଳ୍ପ ଯୋଜନାରେ ମହିଳା ମାନଙ୍କୁ ବଣ୍ଟନ ହୋଇଛି ରୋଷେଇ ପାଇଁ ବ୍ୟବହୃତ ସ୍ୱତନ୍ତ୍ର ଚୁଲି । ମୀନସୌଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ରୋଷେଇ ପାଇଁ ବ୍ୟବହୃତ ଏହି ସ୍ୱତନ୍ତ୍ର ଚୁଲି ବଣ୍ଟନ କରିଛି । ଓଡ଼ିଶାର ବିଭିନ୍ନ ଅଞ୍ଚଳର ଅନଗ୍ରସର ଅଧିବାସୀଙ୍କର ଜୀବନ ଶୈଳୀରେ ଉନ୍ନତି ଆଣିବା ପାଇଁ 'ମାଇ-କ୍ଲାଇମେଟ୍' ଯିଏ କି' ସୁଇଜରଲ୍ୟାଣ୍ଡର ଏକ ଅଣ ଜଳବାୟୁ ସୁରକ୍ଷା ଫାଉଣ୍ଡେସନ ସହଯୋଗରେ ସ୍ୱେଚ୍ଛାକୃତ କାର୍ବନ ବଜାର ପାଇଁ ଅଙ୍ଗାରକ ନୀର୍ଗମନ ହ୍ରାସ କରୁଥିବା ପ୍ରକଳ୍ପ ସବୁର ବିକାଶ କରୁଛନ୍ତି । ଜଙ୍ଗଲ ସୁରକ୍ଷା, ପରିବେଶର ସୁରକ୍ଷା ହେଉଛି ଏହାର ମୂଳ ଲକ୍ଷ୍ୟ । ରୋଷେଇ ପାଇଁ ଜାଳେଣି କାଠ ବ୍ୟବହାର କରୁଥୀ ମହିଳାମାନେ କିଭଳି କମ ଜାଳେଣି କାଠ ବ୍ୟବହାର କରି ସେମାନଙ୍କ ରୋଷେଇ କରିପାରିବେ ଯାହାଦ୍ୱାରା ଜଙ୍ଗଲ ଅବକ୍ଷୟ ରକ୍ଷା ହୋଇପାରିବ, ଅମ୍ଳଜାନ ଓ ଅଙ୍ଗାରକାମ୍ଳ ଅଭାବ ରହିବ ନାହିଁ ସେଥିପାଇଁ ଏହି ସ୍ୱତନ୍ତ୍ର ଚୁଲି ବଣ୍ଟନ କରାଯାଇଛି । ମୀନସୌଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ଼ ପକ୍ଷରୁ ଏକ ସଭା କରାଯାଇ ଶତାଧିକ ମହିଳାମାନଙ୍କୁ ସଚେତନ କରିବା ପରେ ଏହି ସ୍ୱତନ୍ତ୍ର ଚୁଲି ବଣ୍ଟନ କରାଯାଇଥିଲା । ପଲ୍ଲିଶ୍ରୀ ନାମକ ଏକ ଅଣ ସରକାରୀ ଅର୍ଗାନାଇଜେସନ୍ ମାଧ୍ୟମରେ ଏହି ସ୍ୱତନ୍ତ୍ର ରୋଷେଇ ଚୁଲି ବଣ୍ଟନ କରାଯାଇଥିଲା । ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ମୀନସୌଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ଼ର ମୁଖ୍ୟ ସୌମ୍ୟଦର୍ଶନ ପ୍ରଧାନଙ୍କ ସମେତ ପଲ୍ଲିଶ୍ରୀର ସଂଗଠନର ଜିତେନ୍ଦ୍ର ନାୟକଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ । ପଲ୍ଲିଶ୍ରୀ ସଂଗଠନର ସହାୟତାରେ ମୀନସୌଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ଼ର ଏଭଳି କାର୍ଯ୍ୟକ୍ରମକୁ ଅନଗ୍ରସର ମହିଳାମାନେ ପ୍ରଶଂସା କରିଛନ୍ତି ।



# ଆମ କଳାହାଣ୍ଡି





## ଅନ୍ଧକାରରେ ବୁଣାକାରଙ୍କ ଭାଗ୍ୟ ଓ ଜୀବନ ଜୀବିକା



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ): ଏକଦା କଳାହାଣ୍ଡି ତଥା କଳାହାଣ୍ଡି ଜିଲ୍ଲା ବାହାର ଲୋକମାନଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟତା ଲାଭ କରିଥିବା ଜୁନାଗଡ ବ୍ଲକ ଅନ୍ତର୍ଗତ ଚିଚେଇଗୁଡା ଗ୍ରାମର ବୁଣାକାର ମାନଙ୍କ ଦ୍ୱାରା ତିଆରି କରାଯାଉଥିବା 'ହାବସପୁରୀ ପାଟ'। ଏବେ ସରକାରୀ ଉଦାସୀନତା, କଞ୍ଚାମାଲ ଅଭାବ ଓ ବଜାରୀ କରଣର ଅବ୍ୟବସ୍ଥା ଯୋଗୁଁ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି ହାବସପୁରୀ ପାଟର ଭବିଷ୍ୟତ। ପ୍ରତିଯୋଗିତାମୂଳକ ବଜାରରେ ସମ୍ମୁଖୀନ ହେବାକୁ ବୟନ ତଥା ହସ୍ତତନ୍ତ ଶିଳ୍ପ ତ୍ୱରାନ୍ୱିତ କରିବା ସମୟ ଆସିଛି। ଏପରି ଶିଳ୍ପକଳାର ସ୍ଥିତି କିପରି ମଜଭୁତ ହୋଇପାରିବ ତାହା ହିଁ ଆଜିର ମୁଖ୍ୟ ପ୍ରଶ୍ନ ରୂପେ ଠିଆ ହୋଇଛି। ହସ୍ତତନ୍ତ କଳାକୁ ବଳିଷ୍ଠ ଓ ସମ୍ବେଦନଶୀଳ ଓ ଲୋକାଭିମୁଖୀ କରିବା ସରକାରଙ୍କ ଦାୟିତ୍ୱ। ବୁଣାକାରମାନଙ୍କୁ ଆଧୁନିକ ବଜାରବ୍ୟବସ୍ଥା ସହିତ ସମ୍ମିଳିତ କରାଗଲେ ହସ୍ତତନ୍ତ କ୍ଷେତ୍ରରେ ଅନେକ ପ୍ରଗତି ହୋଇପାରିବ ବୋଲି ମତ ପ୍ରକାଶ ପାଇଛି। ଅବିଭକ୍ତ କଳାହାଣ୍ଡି ଜିଲ୍ଲାରେ ୧୯୫୪ ମସିହାରୁ ଏହି କଳା ଆରମ୍ଭ ହୋଇଥିବାବେଳେ ୧୯୮୦ ଓ ୮୨ ମସିହା ସମୟରେ କିଛି ତନ୍ତୁବାୟ ସମିତି ପଞ୍ଜିକରଣ ହୋଇଥିଲା। ବର୍ତ୍ତମାନ ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ। କଳାହାଣ୍ଡି ଜିଲ୍ଲାକୁ ଦେଖିଲେ ଆଜି ମାତ୍ର ହାତ ଗଣତି କିଛି ବୁଣାକାର ଏହି ଶିଳ୍ପକୁ ବଞ୍ଚାଇ ରଖି ଆସିଛନ୍ତି। ବିଭାଗୀୟ ନଥିପତ୍ରରେ ୭୦/୮୦ଟି ଲୁମ୍ ଥିବା ଦର୍ଶାଉଥିଲେ ମଧ୍ୟ ସମଗ୍ର ଜିଲ୍ଲାରେ ବହୁ କଷ୍ଟ ଓ ବାଧାବିଘ୍ନ ସତ୍ତ୍ୱେ କ୍ୱଚିତ କେତୋଟି ଲୁମ ଚଳମାନ ଅବସ୍ଥାରେ ଗତିକରୁଛି। କିନ୍ତୁ କଳାହାଣ୍ଡିର ହାବସପୁରୀ ବସ୍ତ୍ର ଆଜି ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ଗ୍ରାହକଙ୍କ ପସନ୍ଦ ଥିବା ସତ୍ତ୍ୱେ ବଜାରଧାରାକୁ ତାଳଦେଇ ଆଗେଇ ପାରୁନଥିବା କୁହାଯାଉଛି। ସୂଚନାମତେ ଗତବର୍ଷ ଏକ ୨୦ ଜଣିଆ ବୁଣାକାର ଦଳ ପାଇଁ ତାଲିମ ବ୍ୟବସ୍ଥା କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ୨୦୨୪ ମସିହା ନଭେମ୍ବର ଓ ଡିସେମ୍ବର ମାସରେ ମଧ୍ୟ ତାଲିମ ଦିଆଯାଇଛି। ଇତିମଧ୍ୟରେ ତାଲିମ ନେଉଥିବା ବୁଣାକାରମାନଙ୍କ ଷ୍ଟାଇପେଣ୍ଡ ରାଶି ବୃଦ୍ଧି ପାଇଛି ସତ କିନ୍ତୁ ଏଯାବତ କେହି ପାଇନାହାନ୍ତି। କାରଣ ସେ ବାବଦରେ ସ୍ପଷ୍ଟ ସୂଚନା ଆସିନଥିବା ସହକାରୀ ତନ୍ତବାୟ ଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରୁ ଜଣାପଡିଛି। ହାବସପୁରୀ ବସ୍ତ୍ର ତଥା ଶାଢ଼ୀ ପାଇଁ କଳାହାଣ୍ଡି ଜିଲ୍ଲାର ହସ୍ତତନ୍ତ କାରିଗରୀ କୌଶଳ ବେଶ ପ୍ରସିଦ୍ଧି ଲାଭ କରିଛି। ହାବସପୁର, ଚିଚେଇଗୁଡା ଗ୍ରାମ ଓ ନେହୁରୂପଡା ଏବେ ହାବସପୁର ବସ୍ତ୍ର ପ୍ରସ୍ତୁତିରେ ସୀମିତ ରହିଛି। କିନ୍ତୁ ଗତ କିଛି ବର୍ଷ ଧରି ବୁଣାକାରମାନେ ଏହି କୌଳିକ ବୃତ୍ତି ପ୍ରତି ମୁହଁ କାହିଁକି ଫେରାଇ ନେଇଛନ୍ତି ତାହା ସରକାର ଅନୁଧ୍ୟାନ କରିବା ଯଥେଷ୍ଟ ଆବଶ୍ୟକତା ରହିଛି। କଳାହାଣ୍ଡି ଜିଲ୍ଲାର ହାବସପୁର ଏକ ଚର୍ଚ୍ଚିତ ସ୍ଥାନ। ବହୁ ପ୍ରାଚୀନ ହାବସପୁରୀ ଶାଢ଼ୀ ପାଇଁ ଐତିହାସିକ ସ୍ମାରକୀ ବହନ କରିଛି। ହାବସପୁରୀ ଶାଢ଼ୀର ସ୍ୱତନ୍ତ୍ର ପ୍ରସ୍ତୁତି ଶୈଳୀ ଓ ଡିଜାଇନ ଗୁଡିକ ଏତେ ଆକର୍ଷଣୀୟ ଥିଲା ଯେ, ରାଜ୍ୟ କାହିଁକି ରାଜ୍ୟ ବାହାରେ ମଧ୍ୟ ଏହାର ଅନେକ ଚାହିଦା ରହିଛି। ହସ୍ତତନ୍ତ ତଥା ତନ୍ତୁବାୟ ଶାଢ଼ୀ ପ୍ରସ୍ତୁତି ପାଇଁ କଳାହାଣ୍ଡି ଜିଲ୍ଲାରେ ହାବସପୁର ଓ ଚିଚେଇଗୁଡା ଏହି ଦୁଇଟି ସ୍ଥାନ ଖୁବ ପ୍ରସିଦ୍ଧି ଲାଭ କରିଛି। ହାବସପୁରୀ ଶାଢ଼ୀ ଓ ଭଳିକି ଭଳି ଡିଜାଇନ କପଡା ପାଇଁ ଗତ ୨୦୧୨ ମସିହା ଜୁଲାଇ ୧୭ତାରିଖରେ ଜି ଆଇ ଟାଗ (ନମ୍ବର-୨୧୯/ ସାର୍ଟିଫିକେଟ ନମ୍ବର-୧୭୭) ମାନ୍ୟତା ପାଇବାର ସୁଯୋଗ ସୃଷ୍ଟି କରିବାରେ ସଫଳ ହୋଇଛି। ହେଲେ ଧୀରେ ଧୀରେ ଭିତ୍ତିଭୂମି ନଷ୍ଟ ହେବା ସହିତ କଞ୍ଚାମାଲ ସଂଗ୍ରହରେ ସଙ୍କଟ ଦେଖାଦେବା ବୁଣାକାରମାନଙ୍କ ଆର୍ଥିକ ସ୍ଥିତିକୁ ଦୋହଲାଇ ଦେଇଛି। ପ୍ରଥମେ ୧୧୪ ବୁଣାକାର ପରିବାର ଥିବାବେଳେ ଏବେ ମାତ୍ର ୧୦ ରୁ ୨୦ ବୁଣାକାର ପରିବାର କଷ୍ଟେ ମଷ୍ଟେ ନିଜ କୌଳିକ ବୃତ୍ତିକୁ ବଞ୍ଚେଇ ରଖିଛନ୍ତି। ଗତବର୍ଷ କଳାହାଣ୍ଡି ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ ହାବସପୁରୀ ପ୍ରକଳ୍ପର ପୁନରୁଦ୍ଧାର ପାଇଁ ପ୍ରତ୍ୟକ୍ଷ ଭାବେ ହାବସପୁର ଓ ଚିଚେଇଗୁଡା ଗସ୍ତ କରିଥିଲେ। ବୁଣାକାର ପରିବାର ସହିତ ସିଧାସଳଖ ସମ୍ପର୍କ ଯୋଡି ସେମାନଙ୍କର ଅଭାବ ଅସୁବିଧା ଓ ଭିତ୍ତିଭୂମି ସମ୍ପର୍କରେ ଟିକିନିଖି ଖବର ନେଇଥିଲେ। ପରବର୍ତ୍ତୀ ସମୟରେ ହସ୍ତତନ୍ତ ବିଭାଗକୁ ହାବସପୁରୀ ସୋସାଇଟୀ ଗୁଡିକର ତଥା ତନ୍ତୁବାୟ ସମିତି ଗୁଡିକର ଭିତ୍ତିଭୂମି ନିର୍ମାଣ, କଞ୍ଚାମାଲ ଯୋଗାଣ ଓ ପ୍ରଶିକ୍ଷଣ ବ୍ୟବସ୍ଥାକୁ ଲକ୍ଷ୍ୟ ରଖି ୨ କୋଟି ୨୬ ଲକ୍ଷ ଟଙ୍କାର ପ୍ରକଳ୍ପ ରିପୋର୍ଟ ପଠାଇଥିଲେ। ସେଥିମଧ୍ୟରୁ ୩୯ ଲକ୍ଷ ଟଙ୍କା ଆସି ପଡିରହିଛି। ଯଦିଓ ବର୍ତ୍ତମାନ ସେହି ପ୍ରକଳ୍ପ ଅର୍ଥ ବୃଦ୍ଧି ପାଇ ୨ କୋଟି ୯୧ ଲକ୍ଷରୁ ଊର୍ଦ୍ଧ୍ୱ ହୋଇଛି ସତ କିନ୍ତୁ କୌଣସି କାମ ଆଗେଇ ପାରୁନାହିଁ। କଳାହାଣ୍ଡିର ସାଂସ୍କୃତିକ ଓ ଐତିହ୍ୟର ସୁରକ୍ଷା ଦୃଷ୍ଟିରୁ ସରକାର ବୁଣାକାର ପରିବାର କିପରି ଦୀର୍ଘମିଆଦି ଲକ୍ଷହାସଲ କରିପାରିବେ ତାହା ବୁଝିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ସଂସ୍କୃତି ଭବନର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଗସ୍ତରେ ଆସି ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବସେବା ଓ ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଜିଲ୍ଲାରେ ନୂତନ ସଂସ୍କୃତି ଭବନ ନିର୍ମାଣ ନିମନ୍ତେ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି । ସରକାରଙ୍କ ଅନୁମୋଦନ କ୍ରମେ ଏହି ଭବନ ନିର୍ମାଣ ନିମନ୍ତେ ମୋଟ ୫.୪୯,୯୫,୨୦୦ ଟଙ୍କାର ବଜେଟ ଅନୁମୋଦିତ ହୋଇଥିବା ଜଣାପଡଛି । ସ୍ଥାନୀୟ ଆଇନ ମହାବିଦ୍ୟାଳୟ ନିକଟରେ ନିର୍ମାଣ ହେବାକୁଥିବା ନୂତନ ସଂସ୍କୃତିଭବନର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କଳାହାଣ୍ଡିର ଲୋପ ପାଇଯାଉଥିବା ନୃତ୍ୟ, କଳା, ସଙ୍ଗୀତ, ନାଟକ ଓ କଳାକାରଙ୍କର ବିକାଶ ଓ ଉନ୍ନତି ପାଇଁ ସରକାରଙ୍କ ପ୍ରଚେଷ୍ଟା ଜାରି ରହିଛି ଏବଂ ଏଥିପାଇଁ କଲଚର୍ ପଲିସିରେ ରଖାଯାଇଛି ବୋଲି ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଲୋକଙ୍କର ସୁବିଧା ପାଇଁ ନୂତନ ଭାବେ ନିର୍ମାଣ ହେବାକୁ ଥିବା ସଂସ୍କୃତି ଭବନରେ ଇ ଲାଇବ୍ରେରୀର ବ୍ୟବସ୍ଥା ରଖାଯାଇଛି ଏବଂ ଜିଲ୍ଲାର ଶିକ୍ଷା, ସାହିତ୍ୟ, ସଂସ୍କୃତି, କ୍ରୀଡା ଓ ଯୁବସେବାର ବିକାଶ ଓ ଉନ୍ନତି ପାଇଁ ସରକାର ଗୁରୁତ୍ୱ ଦେଇ ଆବଶ୍ୟକ ସହାୟତା ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, କଳାହାଣ୍ଡି ରାଜ୍ୟସଭା ସଦସ୍ୟ ସୁଜିତ କୁମାର, ବିଧାୟକ ଧର୍ମଗଡ଼ ସୁଧୀର ରଞ୍ଜନ ପାଟଯୋଷୀ, ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରଓ୍ୱାନ ଉପସ୍ଥିତ ଥିଲେ। କଳାହାଣ୍ଡି ଉତ୍ସବ ଘୁମୁରାର ଉଦ୍‌ଯାପନୀ ସାଂସ୍କୃତିକ ସନ୍ଧ୍ୟା କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମସ୍ତଙ୍କୁ ଉତ୍ସାହିତ କରିବା ସହିତ ସଂସ୍କୃତି ଭବନର ଶିଳାନ୍ୟାସ କରିଥିବାରୁ ମନ୍ତ୍ରୀ ଶ୍ରୀ ସୂରଜଙ୍କୁ ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ। କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମା ମାଣିକେଶ୍ୱରୀଙ୍କ ପ୍ରସିଦ୍ଧ ଛତର ଯାତ୍ରାକୁ ଅଧିକ ପ୍ରସାର ପ୍ରଚାର କରିବା ସହିତ ବିଶ୍ୱ ଦରବାରରେ କିପରି ପହଞ୍ଚିବ ସେଥିପାଇଁ ମନ୍ତ୍ରୀ ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ସାଂସଦ ମାଳବିକା ଦେବୀଙ୍କୁ ଅନୁରୋଧ କରିଥିଲେ। ଏଥିରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରେ ମନ୍ତ୍ରୀ ଶ୍ରୀ ସୂରଜ ଜିଲ୍ଲାପରିଷଦ କାର୍ଯ୍ୟାଳୟ ସଭା ଗୃହରେ ଅନୁଷ୍ଠିତ ପ୍ରମୁଖ କ୍ରୀଡାବିତ୍, କଳାକାର, କଳାକାର ସଂଘର କର୍ମକର୍ତ୍ତା ମାନଙ୍କ ସହିତ ଆଲୋଚନା କରିଥିଲେ ଏଥିରେ କଳା, ସଂସ୍କୃତି ଓ କ୍ରୀଡ଼ାର ବିକାଶ ଓ ଉନ୍ନତି ନିମନ୍ତେ ଆବଶ୍ୟକ ଭିତ୍ତିଭୂମି, ସହାୟତା ପ୍ରଦାନ ନିମନ୍ତେ ମନ୍ତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରାଯାଇଥିଲା।

## ବ୍ଲକ ସ୍ଥାପନା ଦାବିକୁ ନେଇ ମନ୍ତ୍ରୀଙ୍କ ଦ୍ୱାରସ୍ଥ ଅଞ୍ଚଳବାସୀ



ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ) : ରାଜ୍ୟ ସରକାର ଓଡିଶାରେ ବ୍ଲକ ପୁନଃଗଠନ କରାଯିବ ବୋଲି ପ୍ରକ୍ରିୟା ଆରମ୍ଭ ହେବ ବୋଲି ଘୋଷଣା କରିଛନ୍ତି। ଏଥିପାଇଁ ୧୯୯୩ ମସିହାରୁ କଳହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର କେଗାଁଠାରେ ବ୍ଲକ ସ୍ଥାପନା ପାଇଁ ଦାବି କରିଆସୁଥିବା ଅଞ୍ଚଳବାସୀ ଭବାନୀପାଟଣାଠାରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୁଝାରୀଙ୍କୁ ଭେଟି ଏକ ଦାବୀପତ୍ର ପ୍ରଦାନ କରିଛନ୍ତି । ଗୋଲାମୁଣ୍ଡା ବ୍ଲକର କେଗାଁ ଅଞ୍ଚଳ ଏକ ହରିଜନ ଓ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବା ବେଳେ ଏହି ଅଞ୍ଚଳର ଅନେକ ଗ୍ରାମପଞ୍ଚାୟତର ଲୋକେ ବର୍ତ୍ତମାନ ଗୋଲାମୁଣ୍ଡା ବ୍ଲକକୁ ଯିବାକୁ ହେଲେ ୪୦ ରୁ ୬୦ କିଲୋମିଟର ପଡୁଛି । କେଗାଁଠାରେ ବ୍ଲକ ସ୍ଥାପନ ପାଇଁ ଭୌଗୋଳିକ ସ୍ଥିତି ଠିକ୍ ଥିବାବେଳେ ଏଠାରେ ରାଜା ରାଜୁଡା ଅମଳରୁ ଥାନା, ଫରେଷ୍ଟ ରେଞ୍ଜ ଅଫିସ, କେନ୍ଦୁଲିଫ ଅଫିସ, ରାଜସ୍ୱ ବିଭାଗ ଅଫିସ, କୃଷି ବିଭାଗ ଅଫିସ ଓ ବର୍ତ୍ତମାନ ସିଆରପିଏଫ କ୍ୟାମ୍ପ, ଅନେକ ବେସରକାରୀ ଅଫିସ, ଉଚ୍ଚ ବିଦ୍ୟାଳୟ, +୨ ଓ +୩ ମହାବିଦ୍ୟାଳୟ ଅଛି । କେଗାଁ ଜିଲ୍ଲା ପରିଷଦ ଯୋନରେ ୧୦ ଗୋଟି ଗ୍ରାମପଞ୍ଚାୟତ କେଗାଁ, ସିନାପାଲି, ବୋର୍ଡି, କୁହୁରା, ମହାଲିଙ୍ଗ, ଲେଡେର, ନୂଆଗାଁ, ଚହକା, ଉଛୁଲା, ବଡଚେରଗାଁ ଥିବା ବେଳେ ଚପ୍ରିଆ, ଖଲିଆପାଲି ଓ ଉଦେଶୃଙ୍ଗ ଗ୍ରାମପଞ୍ଚାୟତ ତଥା ସଦର ବ୍ଲକର ବୋର୍ଡା ଅଞ୍ଚଳର ୪ ଗୋଟି ଗ୍ରାମପଞ୍ଚାୟତ କେଗାଁ ଅତି ନିକଟରେ ଅବସ୍ଥିତ । ଅପରପକ୍ଷରେ ବିଗତ ବର୍ଷମାନଙ୍କରେ ସଦର ବ୍ଲକର କେତେକ ଗ୍ରାମପଞ୍ଚାୟତ ଓ ଦଶପୁର ଜିଲ୍ଲା ପରିଷଦ ଯୋନର କେତେକ ଗ୍ରାମପଞ୍ଚାୟତର ଲୋକେ କେଗାଁଠାରେ ବ୍ଲକ ସ୍ଥାପନ ପାଇଁ ଦାବୀ କରିଥିବା ବେଳେ ବର୍ତ୍ତମାନ ମଧ୍ୟ କେଗାଁଠାରେ ବ୍ଲକ ସ୍ଥାପନ ହେଲେ ଲକ୍ଷାଧିକ ଲୋକେ ଅନେକ ସୁବିଧା ପାଇ ପାରିବେ । ସୂଚନାଯୋଗ୍ୟ ଯେ କେଗାଁଠାରେ ବ୍ଲକ ସ୍ଥାପନା ପାଇଁ ଅଞ୍ଚଳବାସୀ ୧୯୯୩ ମସିହାରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କୁ ଭେଟି ଏକ ଦାବୀ ପତ୍ର ପ୍ରଦାନ କରିଥିବା ବେଳେ ୨୦୦୦, ୨୦୧୧ ଓ ୨୦୧୬ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପ୍ରଶାସନଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ । ଆଗାମୀ ଦିନରେ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀ ଓ ପଞ୍ଚାୟତରାଜ ମନ୍ତ୍ରୀଙ୍କୁ ଭେଟି ବ୍ଲକ ସ୍ଥାପନ ପାଇଁ ଦାବିପତ୍ର ପ୍ରଦାନ କରିବେ ବୋଲି ଜଣାପଡିଛି । ବିଗତ ବର୍ଷରେ ବ୍ଲକ ସଂପ୍ରସାରଣ ହୋଇ ପାରିନଥିବା ବେଳେ ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟ ସରକାର ବ୍ଲକ ସଂପ୍ରସାରଣ ପାଇଁ ପ୍ରକ୍ରିୟା ଆରମ୍ଭ କରିଥିବା ବେଳେ ହରିଜନ ଓ ଆଦିବାସୀ ବହୁଳ କେଗାଁ ଅଞ୍ଚଳର ଲୋକେ କେଗାଁଠାରେ ବ୍ଲକ ସ୍ଥାପନ ହେଲେ ଅଞ୍ଚଳର ଲୋକେ ଉପକୃତ ହେବେ ବୋଲି ଅଞ୍ଚଳର ଚର୍ଚ୍ଚା ଯୋର ଧରିଛି ।

## ଜନବସତି ମୁହାଁ ଭାଲୁ : ଭୟଭୀତ ଲୋକେ

କୋକସରା, (ଭାସ୍କର ନ୍ୟୁଜ୍ ) : କୋକସରା ବ୍ଲକ ଆମପାଣି ଫରେଷ୍ଟ ସେକ୍ସନ ଅଧିନ ସିଉନୀ ଗ୍ରାମ ଓ ଆଖପାଖ ଅଞ୍ଚଳରେ ଗତ କିଛିଦିନ ହେଲା ଦିନ ଦ୍ୱିପହରରେ ଭାଲୁ ବୁଲାବୁଲି କରୁଥିବା ଦେଖିବାକୁ ମିଳିଛି। ଯାହା ଫଳରେ ଲୋକେ ଭୟଭୀତ ହୋଇପଡିଛନ୍ତି। ବାରମ୍ବାର ଜନବସତି ଆଡ଼କୁ ଚାଲି ଆସୁଥିଲେ ହେଁ ଭାଲୁକୁ ଘଉଡେଇବା ପାଇଁ ବନ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଲୋକେ ଘରୁ ବାହାରକୁ ଆସିବା ପାଇଁ ଭୟ କରୁଥିବା ବେଳେ ସନ୍ଧ୍ୟା ହେଲେ ଲୋକେ ପଦାକୁ ଗୋଡ଼ କାଢ଼ିବା ପାଇଁ ସାହାସ ଜୁଟାଇ ପାରୁ ନାହାଁନ୍ତି। ସୂଚନା ଯେ' ବିଗତ ଦିନରେ ଭାଲୁ ଆକ୍ରମଣର ଶିକାର ହୋଇ ଏହି ଅଞ୍ଚଳର ଜଣେ ମହିଳା ଓ ଜଣେ ଯୁବକଙ୍କ ମୃତ୍ୟୁ ମଧ୍ୟ ଘଟି ସାରିଛି। ତଥାପି ବନ ବିଭାଗର ନିଦ ଭାଙ୍ଗୁନାହିଁ। ତେଣୁ ଭାଲୁକୁ ଘଉଡେଇବା ପାଇଁ ବନ ବିଭାଗ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହୋଇଛି। ଏ ବିଷୟର ଆମପାଣି ଫରେଷ୍ଟରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।



## ବସୁଧା ଯୋଜନାର ଶୁଭାରମ୍ଭ
## ଲୋକଙ୍କ ମଧ୍ୟରେ ଖୁସିର ମାହୋଲ



ଧର୍ମଗଡ଼ (ଭାସ୍କର ନ୍ୟୁଜ୍) : ଧର୍ମଗଡ଼ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ପର୍ଲାଠାରେ ବସୁଧା ଯୋଜନାର ଶୁଭାରମ୍ଭ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ବ୍ରିଜଲାଲ ନାଏକ ପୂଜାର୍ଚ୍ଚନା କରି ଶୁଭାରମ୍ଭ କରିଛନ୍ତି। ପର୍ଲା ପଞ୍ଚାୟତ ଅନ୍ତର୍ଗତ ସିନାପଡା ଠାରେ ଖନନ କାମ ଆରମ୍ଭ ହୋଇଛି। ସୂଚନା ଯେ ବହୁଦିନ ଧରି ପର୍ଲା ପଞ୍ଚାୟତ ଅନ୍ତର୍ଗତ ପର୍ଲା ରାଜିବ ନଗର, ସିନାପଡା ନୂଆପଡା, ବସ୍ତିପଡା, ହରିଜନ ପଡା, ତଳପଡା, ଦାସ ପଡା, ମେହେରପଡା, ମାଳିପଡାରେ ଜଳ ସଙ୍କଟ ଲାଗିରହିଥିଲା। ଏନେଇ ସ୍ଥାନୀୟ ସରପଞ୍ଚ ବାରମ୍ବାର ପ୍ରଶାସନକୁ ଜଣାଇ ଆସୁଥିଲେ। ଶେଷରେ ସରପଞ୍ଚଙ୍କ ଦାବୀକୁ ପ୍ରଶାସନ ଗ୍ରହଣ କରିଛନ୍ତି। ୩କୋଟି ୯୯ଲକ୍ଷ ବ୍ୟୟ ବରାଦରେ ନୂତନ ବସୁଧା ଯୋଜନାରେ ସାମିଲ କରି କାମ ଆରମ୍ଭ କରିଛନ୍ତି। ଜଣେ ଲାଇସେନ୍ସ ପ୍ରାପ୍ତ ଠିକାଦାରକୁ କାର୍ଯ୍ୟ ଦାୟିତ୍ୱ ଦିଆଯାଇଛି। ଇତି ପୂର୍ବରେ ହାଇସ୍କୁଲ ସାମ୍ନାରେ ବସୁଧା ଯୋଜନା ନିର୍ମାଣ ହୋଇଥିଲେ ମଧ୍ୟ ଗାଁରେ ଜଳ ଯୋଗାଣ ହୋଇପାରୁ ନ ଥିଲା। କିଛି ପଡା ମଧ୍ୟରେ ଜଳ ଯୋଗାଣ ସୀମିତ ରହିଥିବା ବେଳେ ଅନ୍ୟପଡା ଲୋକେ ନାହିଁ ନ ଥିବା ଜଳ ସମସ୍ୟାରେ ରହୁଥିଲେ। ହରିଜନ ପଡାରେ ଅତି ସଙ୍କଟ ଭିତରେ ରହୁଥିବା ବେଳେ ସରପଞ୍ଚ ତାର ବିକଳ୍ପ ଭାବେ ଜଳ ଯୋଗାଣ କରିବାକୁ ଜଳଯୋଗାଣ ଅଧିକାରୀଙ୍କ ନିକଟରେ ଦାବୀ ରଖିଥିଲେ। ଯୁଦ୍ଧ କାଳୀନ ଭିତ୍ତିରେ ଅଧିକାରୀ -ଏକ ବୋରୱେଲ ଖୋଲି ପାଇପ ସାହାଯ୍ୟରେ ଜଳ ଯୋଗାଣ କରିଥିଲେ। ତେବେ ତାର ସ୍ଥାୟୀ ପ୍ରତିକାର ଦୃଷ୍ଟିରେ ରଖି ବର୍ତ୍ତମାନ ସରକାର ୩କୋଟି ୯୯ଲକ୍ଷ ଟଙ୍କା ଅନୁମୋଦନ କରିବା ସହ କାମ ଆରମ୍ଭ ହୋଇଛି। ଯାହା ଲୋକଙ୍କ ମଧ୍ୟରେ ଖୁସି ଦେଖା ଦେଇଛି।

## ସୂଚନା ଅଧିକାର ଅଭିଯାନ ପକ୍ଷରୁ ଜିଲ୍ଲାସ୍ତରୀୟ ସମ୍ମିଳନୀ ଓ ପ୍ରଶିକ୍ଷଣ ଶିବିର



ଜୁନାଗଡ (ଭାସ୍କର ନ୍ୟୁଜ) : ଦୁର୍ନୀତି ଓ ଭ୍ରଷ୍ଟାଚାରମୁକ୍ତ ନୂତନ ଓଡିଶା ଗଠନ ପାଇଁ ଓଡିଶା ସୂଚନା ଅଧିକାର ଅଭିଯାନର କଳାହାଣ୍ଡି ଜିଲ୍ଲାସ୍ତରୀୟ ସମ୍ମିଳନୀ ଓ ଦିନିକିଆ ପ୍ରଶିକ୍ଷଣ ଶିବିର ଜୁନାଗଡ଼ ସ୍ଥିତ ମୋନାର୍କ ପ୍ଲେସ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ଓଡିଶା ସୂଚନା ଅଧିକାର ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ କୁମାର ପ୍ରଧାନ ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବରେ ଯୁଗ୍ମ ଆବାହକ ଶ୍ରୀକାନ୍ତ ପାକଲ, ଥୁଆମୁଲ ରାମପୁର କଲେଜ ଅଧ୍ୟକ୍ଷ ତଥା ଶିକ୍ଷାବିତ ସତ୍ୟନାରାୟଣ ମୁଣ୍ଡଚିନ୍ନା ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିବାବେଳେ ସମ୍ମାନୀତ ଅତିଥି ଭାବେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଧୁ ମହାନନ୍ଦ, ଆଇନ ଯିବି ଓ ସମାଜ ସେବୀ ଦୁର୍ଗା ପ୍ରସାଦ ନାୟକ, ଆଇନଜୀବୀ ଓ ଯୁବସେବୀ ଚିତ୍ତରଞ୍ଜନ ନିଆଲ, ସାମ୍ବାଦିକ ଆଦିତ୍ୟ ମହାନ୍ତି ଯୋଗଦାନ କରିଥିଲେ। କେମିତି ସାଧାରଣ ଜନତା ଲୁକ୍କାୟିତ ତଥ୍ୟ ଜାଣିପାରିବେ, ସୂଚନା ଅଧିକାର ଆଇନର କିଭଳି ସତ୍‌ବିନିଯୋଗ କରିବେ. ଧାରା ୬ ଧାରା ୮ ଧାରା ୧୯ କ'ଣ ଏ ଦିଗରେ ଓସା ର ଆବାହକ ତାଲିମ ପ୍ରଦାନ କରିଥିଲେ। ଉକ୍ତ ମହା ସମ୍ମିଳନୀରେ କଳାହାଣ୍ଡି ଜିଲ୍ଲାର ଅନେକ ପ୍ରାନ୍ତରୁ ବହୁ ସମାଜିକ କର୍ମୀ, ଆଇନଜୀବୀ, ସାମ୍ବାଦିକ, ଅଧିବକ୍ତା, ଶିକ୍ଷାବିତ, ରାଜନୀତିଜ୍ଞ ଉପସ୍ଥିତ ରହି ଅନେକ ବିଷୟ ଉପରେ ଆଲୋଚନା କରିଥିଲେ । ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ସୂଚନା ଅଧିକାର କର୍ମୀ ତୁଳସୀରାମ ଛତ୍ରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରମାନନ୍ଦ ଠାକୁର ମଞ୍ଚ ପରିଚାଳନା କରିଥିଲେ। ନିକୁଞ୍ଜ ବିହାରୀ ଚଲାନ, ସୁବୋଧ କୁମାର ରଣା, ନରେନ୍ଦ୍ର କ୍ଷିତି, ହେମନ୍ତ ନାୟକ, କ୍ଷୀର ସିନ୍ଧୁ ଗହୀର ପ୍ରମୁଖ ସହଯୋଗ କରିଥିଲେ।

## ଗାୟତ୍ରୀ ମହାଯଜ୍ଞ ଆୟୋଜିତ




ନର୍ଲା, (ଭାସ୍କର ନ୍ୟୁଜ) : ପୃଥିବୀ ପୃଷ୍ଠରେ ସମସ୍ତଙ୍କ ଠାରୁ ମଣିଷ ହେଉଛି ଶ୍ରେଷ୍ଠ ପ୍ରାଣୀ। କିନ୍ତୁ ଆଧୁନିକତାର ଆଳରେ ବିପଥ ଗାମୀ ହୋଇ ନିଶା ସେବନ ସହିତ ଅଖାଦ୍ୟ ଖାଇ ଅକାଳରେ ମୃତ୍ୟୁମୁଖରେ ପଡୁଛି ମଣିଷ। ସେଥିପାଇଁ ଗୃହସ୍ଥ ଜୀବନ ସହିତ ନିଜ ଜୀବନଶୈଳୀକୁ ଆଧ୍ୟାତ୍ମିକତା ପଥରେ ଯୋଡ଼ି ଆତ୍ମ ସନ୍ତୋଷ ଅନୁଭବ କରିବା ପାଇଁ ମଠ, ମନ୍ଦିର ନିର୍ମାଣ କରି ପୂଜା, ଅର୍ଚ୍ଚନା, ଯଜ୍ଞ ଭଳି କାର୍ଯ୍ୟକ୍ରମ ମାନ କରିଥାଏ। ଠିକ୍ ସେହିଭଳି କଳାହାଣ୍ଡି ଜିଲ୍ଲାର ନର୍ଲା ରୋଡ୍ ଠାରେ ଏକ ଗାୟତ୍ରୀ ପ୍ରଜ୍ଞା ପୀଠ ପ୍ରତିଷ୍ଠା ସହିତ ପଞ୍ଚ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ନର୍ଲା ଗାୟତ୍ରୀ ପରିବାର ତରଫରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଶହ ଶହ ମହିଳା ସର୍ଗଗୁଡ଼ା ପୁଷ୍କରିଣୀରୁ କଳସରେ ପାଣି ଧରି ଶୋଭାଯାତ୍ରାରେ ଯାଇ ନର୍ଲା ରୋଡ୍ ଶିବ ମନ୍ଦିର ପାଖରେ ନିର୍ମାଣ ହୋଇଥିବା ନୂତନ ଗାୟତ୍ରୀ ପ୍ରଜ୍ଞା ପୀଠରେ କଳସ ସ୍ଥାପନ କରି ଥିଲେ। ବ୍ରାହ୍ମଣଙ୍କ ମନ୍ତ୍ର ପାଠ ସହ ଶଙ୍ଖ ହୁଳହୁଳୀ ଧ୍ୱନିରେ ମନ୍ଦିର ପ୍ରତିଷ୍ଠା ହୋଇଥିଲା। ପରେ ପଞ୍ଚ କୁଣ୍ଡୀୟ ମହା ଯଜ୍ଞ ଦ୍ୱାରା ଉକ୍ତ ଅଂଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ବରିଷ୍ଠ ଶିକ୍ଷକ ରଞ୍ଜନ କୁମାର୍ ତ୍ରିପାଠୀ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ପୁରୋହିତ ସହ କଥା ବାଚକ ଥିବାବେଳେ କର୍ତ୍ତା ଭାବରେ କମଲ୍ ଲାଲ୍ ଜୈନ୍ ଓ ତାଙ୍କ ସହଧର୍ମିଣୀ ମଞ୍ଜୁଲତା ଜୈନ୍ କାର୍ଯ୍ୟଭାର ତୁଲାଇ ଥିଲେ। ଚକ୍ରଧର ସା, ଦାମୋଦର ମହାରଣା, ଜହର୍ ଲାଲ୍ ବିଶ୍ୱାଲ୍, ତପନ୍ କୁମାର୍ ସାହୁ, ଫକୀର ପୁଟେଲ୍, ମାନସ୍ ବେହେରା, ଟୁନୁ ଗର୍ଡିଆ, ଦିଗ ପଧାନ୍, ବୈଦେହି ସାହୁ, ସୁଷମା ପଟେଲ୍, ଦୁର୍ମ ମାଝୀ, ପ୍ରମୁଖ ସହଯୋଗ କରିଥିଲେ। ଯଜ୍ଞ ଦେଖିବାକୁ ଆଖପାଖ ଅଞ୍ଚଳର ଶହ ଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## ରାଶିଫଳ

ମଙ୍ଗଳବାର, ୨୧ ଜାନୁଆରୀ ୨୦୨୫



**ମେଷ:** ଜୀବନସାଥୀ ସହିତ ଭଲ ସମୟ ଅତିବାହିତ ହେବ। ବ୍ୟବସାୟ ବୃଦ୍ଧି ପାଇବ। ଚାକିରିରେ ଶାନ୍ତି ରହିବ। ବିନିଯୋଗ ଲାଭଦାୟକ ହେବ। ବାକି କାମ ସରିଯିବ। ଘର ବାହାରେ ସୁଖ ଏବଂ ଶାନ୍ତି ରହିବ। ଆଇନଗତ ପ୍ରତିବନ୍ଧକ ହଟାଇବା ପରେ ପରିସ୍ଥିତି ଅନୁକୂଳ ହେବ। ଶୀଘ୍ର ଟଙ୍କା ଖର୍ଚ୍ଚ ହୋଇପାରେ।



**ବୃଷ:** ଅଂଶୀଦାରମାନଙ୍କ ସହଯୋଗକୁ ଠିକ୍ ସମୟରେ ପାଇ ଖୁସି ହେବେ। ଚାକିରିରେ ଆପଣ ଅଧସ୍ତନଙ୍କ ସମର୍ଥନ ପାଇବେ। ବ୍ୟବସାୟ ଭଲ ହେବ। ଅନ୍ୟମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ। ସ୍ଥିର ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ଏକ ବଡ଼ ଲାଭ ଦେଇପାରେ।



**ମିଥୁନ:** ସାଙ୍ଗମାନଙ୍କ ସହିତ ସମୟ ଭଲ ରହିବ। ସ୍ୱାଦିଷ୍ଟ ଖାଦ୍ୟ ଉପଭୋଗ କରନ୍ତୁ। ବୌଦ୍ଧିକ କାର୍ଯ୍ୟ ସଫଳ ହେବ । ଆପଣ ଜଣେ ଜ୍ଞାନୀ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ। ପାର୍ଟି ଏବଂ ପିକନିକ୍ ଯୋଜନା କରାଯିବ। ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର। ଶତ୍ରୁମାନେ ସକ୍ରିୟ ରହିବେ। ପତିପତ୍ନୀଙ୍କ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ।



**କର୍କଟ:** ବିପଦ ଏବଂ ସୁରକ୍ଷା କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ତତ୍ପରତା ନାହିଁ। ଘର ବାହାରେ ଅଶାନ୍ତି ଦେଖାଯିବ। କାର୍ଯ୍ୟ ବାଧାପ୍ରାପ୍ତ ହେବ। ଚାକିରିରେ ଆୟ ଏବଂ କାର୍ଯ୍ୟଭାର ହ୍ରାସ ହେବ। ଦୁଃଖଦ ଖବର ପାଇ ନକାରାତ୍ମକତା ବୃଦ୍ଧି ପାଇବ। ବ୍ୟବସାୟରେ କୌଣସି ସନ୍ତୋଷ ରହିବ ନାହିଁ । ଅଂଶୀଦାରମାନଙ୍କ ସହିତ ପାର୍ଥକ୍ୟ ହୋଇପାରେ।



**ସିଂହ:** ଆପଣ ସାଙ୍ଗମାନଙ୍କ ସହିତ ସହଯୋଗ କରିବାକୁ ସମର୍ଥ ହେବେ। ଋଣରେ ହ୍ରାସ ଘଟିବ। ତୃପ୍ତି ହେବ। ବ୍ୟବସାୟ ସୁରୁଖୁରୁରେ ଚାଲିବ। ଆପଣ ଆପଣଙ୍କର ପ୍ରଭାବ ବୃଦ୍ଧି କରିପାରିବେ। ଚାକିରିରେ ସୁସଙ୍ଗତତା ରହିବ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟ କରନ୍ତୁ ନାହିଁ।



**କନ୍ୟା:** ଘର ବାହାରେ ପରିସ୍ଥିତି ଅନୁକୂଳ ହେବ। ସେଠାରେ ଖୁସିର ପରିବେଶ ରହିବ। ଦୂରରୁ ସୁସମାଚାର ଗ୍ରହଣ କରାଯିବ। ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ। ବ୍ୟବସାୟରେ ତତ୍ପର ହୁଅନ୍ତୁ ନାହିଁ । ଆଘାତ ଏବଂ ଦୁର୍ଘଟଣାରୁ ଦୂରେଇ ରୁହନ୍ତୁ।



**ତୁଳା:** ବ୍ୟବସାୟ ଯାତ୍ରା ସଫଳ ହେବ। ଅପ୍ରତ୍ୟାଶିତ ଲାଭର ସମ୍ଭାବନା ଅଛି । ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ବ୍ୟବସାୟ ଭଲ ହେବ। ଚାକିରିରେ ଅଧିକାର ବୃଦ୍ଧି ପାଇପାରେ। ଜୁଆ ଖେଳ, ବେଟିଂ ଏବଂ ଲଟେରୀର ଜାଲରେ ପଡ଼ନ୍ତୁ ନାହିଁ। ଉତ୍ତେଜନାକୁ ନିୟନ୍ତ୍ରଣ କରନ୍ତୁ। ତୁମେ ତୁମର ଜୀବନସାଥୀଙ୍କଠାରୁ ସମର୍ଥନ ପାଇବ।



**ବିଛା:** ଆୟରେ ନିଶ୍ଚିତତା ରହିବ। ଅପ୍ରତ୍ୟାଶିତ ଖର୍ଚ୍ଚ ଆସିବ। ଯଦି କୌଣସି ବ୍ୟବସ୍ଥା ନାହିଁ, ତେବେ ଅସୁବିଧା ହେବ। ବ୍ୟବସାୟ ହ୍ରାସ ପାଇବ। ଚାକିରିରେ ବିବାଦ ହୋଇପାରେ। ଅଂଶୀଦାରମାନଙ୍କ ସହିତ ପାର୍ଥକ୍ୟ ହୋଇପାରେ। ତୁମେ କ୍ଲାନ୍ତ ଅନୁଭବ କରିବ । ଆଶା କରାଯାଉଥିବା କାର୍ଯ୍ୟରେ ବାଧା ଆସିବ।



**ଧନୁ:** ବ୍ୟବସାୟ ଯାତ୍ରା ଅନୁକୂଳ ହେବ। ସେଠାରେ ଟଙ୍କା ରହିବ। ରିସ୍କ ନେବାକୁ ସାହସ କର। ଅଜ୍ଞାତ ଭୟ ଏବଂ ଚିନ୍ତା ହେବ। ଯାତ୍ରା ସଫଳ ହେବ। ଆଖି ଯନ୍ତ୍ରଣା ହୋଇପାରେ। କାରବାରରେ ସାବଧାନ ରୁହନ୍ତୁ। ବିନା ପ୍ରଶ୍ନରେ କାହାକୁ ପରାମର୍ଶ ଦିଅନ୍ତୁ ନାହିଁ । ଦେୟ ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ।



**ମକର:** ପ୍ରତିଷ୍ଠା ବୃଦ୍ଧି ପାଇବ। ସୁଖର ମାଧ୍ୟମ ସଂଗ୍ରହ ହେବ। ଚାକିରିରେ ପ୍ରାଧାନ୍ୟ ରହିବ। ଆୟର ଉତ୍ସ ବୃଦ୍ଧି ପାଇପାରେ। ବ୍ୟବସାୟ ଲାଭଦାୟକ ହେବ। ବିନିଯୋଗ ଭଲ ହେବ। ଘର ବାହାରେ ସହଯୋଗ ଏବଂ ସୁଖରେ ବୃଦ୍ଧି ଘଟିବ। ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। ସାମାଜିକ କାର୍ଯ୍ୟ କରିବାକୁ ଇଚ୍ଛା ଜାଗ୍ରତ ହେବ ।



**କୁମ୍ଭ:** ଲାଭ ପାଇଁ ସୁଯୋଗ ଆସିବ। ସେଠାରେ ଖୁସିର ପରିବେଶ ରହିବ । ଆପଣ ଅଧସ୍ତନମାନଙ୍କ ସମର୍ଥନ ପାଇବେ। ଏକ ସାମାଜିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ସୁଯୋଗ ଥାଇପାରେ।ଅନ୍ୟର କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ। ପୂଜାପାଠ ଏବଂ ସତସଙ୍ଗରେ ଆଗ୍ରହ ରହିବ। କୋର୍ଟ ଏବଂ କୋର୍ଟର କାର୍ଯ୍ୟ ଅନୁକୂଳ ହେବ।



**ମୀନ:** ବ୍ୟବସାୟ ଭଲ କରିବ। ବନ୍ଧୁ ଏବଂ ସମ୍ପର୍କୀୟମାନେ ସାହାଯ୍ୟ କରିବେ । ଆୟ ଜାରି ରହିବ। ରିସ୍କ ନିଅ ନାହିଁ। କ୍ରୋଧ ଏବଂ ଉତ୍ତେଜନାକୁ ନିୟନ୍ତ୍ରଣ କରନ୍ତୁ । ପୁରୁଣା ରୋଗ ଅବରୋଧର କାରଣ ହେବ । ସ୍ୱାସ୍ଥ୍ୟ ଖର୍ଚ୍ଚ ହେବ। ଯାନ ଏବଂ ଯନ୍ତ୍ରର ବ୍ୟବହାରରେ ଅସାବଧାନ ହୁଅନ୍ତୁ ନାହିଁ । ଏକ ଛୋଟ ଭୁଲ ସମସ୍ୟାକୁ ବଢାଇପାରେ।



ପ୍ରସ୍ତୁତି
ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରିବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯